

କାର୍ଗୋ ଟର୍ମିନାଲ ଉଦ୍‌ଘାଟନ କଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ହୀରାମଣ୍ଡି ଅଭିନେତ୍ରୀଙ୍କୁ ମିଳୁନି କାମ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୮ | Vol. 22 No-78 | 18 JUNE 2025 WEDNESDAY, BHUBANESWAR | ବୁଧବାର, ୧୮ ଜୁନ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦



DADLS - 32

ବର୍ଷ ଏକ ଉପଲବ୍ଧି ଅନେକ

ସୁଶାସନ ଓ ସାମାଜିକ ସୁରକ୍ଷା

• ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ୮୦%ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ମାନଙ୍କୁ ବର୍ଦ୍ଧିତ ହାରରେ ୩୫୦୦ ଟଙ୍କା ଭତ୍ତା ପ୍ରଦାନ

• ପ୍ରାୟ ୭ ଲକ୍ଷରୁ ଅଧିକ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ଼ ପ୍ରଦାନ



OIPR 15001/13/0708/2526


## ସଂକ୍ଷେପରେ...

### ଭାରତୀୟଙ୍କୁ ତେହେରାନ ଛାଡିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୭।୬: ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧକୁ ନେଇ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଇରାନରେ ରହୁଥିବା ଭାରତୀୟମାନଙ୍କୁ ତେହେରାନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେହେରାନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଜରୁରିକାଳୀନ ଭିତ୍ତିରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ତେହେରାନରୁ ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ସୋମବାର ରାତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଇରାନରେ ରହୁଥିବା ଆମେରିକୀୟଙ୍କୁ ଫେରି ଆସିବାକୁ ନିର୍ଦ୍ଦେଶ ଦେଇଥିଲେ।


### ପୁଣି ବିମାନରେ ଯାନ୍ତ୍ରିକ ତ୍ରୁଟି

ନୂଆଦିଲ୍ଲୀ, ୧୭।୬: ସାନଫ୍ରାନସିସ୍‌କୋରୁ ମୁମ୍ବାଇ ଅଭିମୁଖେ ଆସୁଥିବା ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଏହାକୁ କୋଲକାତା ବିମାନବନ୍ଦରରେ ଅବତରଣ କରାଯାଇଥିଲା। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ଦିଆଯାଇଛି। ବାରମ୍ବାର ଏଭଳି ଅଘଟଣ ଘଟୁଥିବାରୁ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଛନ୍ତି।

ସେନ୍‌ସେକ୍ସ: ୮୧,୫୮୩.୩୦
ସର୍ବାଧିକ: ୨୮.୪ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

**୧୭।୬।୨୦୨୫ ର ମତାମତ**

ରାଜ୍ୟରେ ଘଟୁଥିବା ଗଣଦୁଷ୍କର୍ମ ଘଟଣାରେ ପୋଲିସ ଠୋସ୍ ପଦକ୍ଷେପ ନେବା ଉଚିତ ନୁହେଁ କି?




**ଆଜିର ପ୍ରସଙ୍ଗ**

ବାରମ୍ବାର ବିମାନ ଦୁର୍ଘଟଣାକୁ ନେଇ ସରକାର ସଚେତନ ହେବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କରୋନା ଛିଡୁଛି, ହଇଜା ମାଡୁଛି
ବରଷା ଦେଖାଏ ତୋଡ଼
ଯେତେ ଯାହାକଲେ ହାଟ ବଜାରରୁ
କମୁନାହିଁ ଜମା ଭିଡ଼
ଜୀବନ ପାଲଟେ ଜଡ଼
ହାଉଜାଉ ହୋଇ ରୋଗ ବଢ଼ାଅନି
ନହେଲେ ଭାଙ୍ଗିବ ହାଡ଼...।

## ହଇଜା ସ୍ଥିତି ଗମ୍ଭୀର

# କୋକୁଆ ଭୟ





- ୫ ଜିଲ୍ଲାରୁ ୩୦୦ ନୂଆ ଆକ୍ରାନ୍ତ ଚିହ୍ନଟ
- ୨୫ ଜିଲ୍ଲାରେ ଆଗୁଆ ପଦକ୍ଷେପ ନିର୍ଦ୍ଦେଶ
- ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ସଚିବ, ସ୍ୱାସ୍ଥ୍ୟସଚିବ
- ୨୪ ଘଣ୍ଟିଆ ସ୍ଥିତି ଉପରେ ନଜର ନିର୍ଦ୍ଦେଶ
- ଗାଁ ଗାଁରେ ସଚେତନତା ସୃଷ୍ଟି
- ଜାରି ରହିବ ବିଶୋଧନ ପ୍ରକ୍ରିୟା
- ୭ ଦିନ ପର୍ଯ୍ୟନ୍ତ ଚାଲିବ ସଚେତନତା

ଭୁବନେଶ୍ୱର/ଯାଜପୁର, ୧୭।୬ (ଭାସ୍କର ନ୍ୟୁଜ): ରାଜ୍ୟର ୫ ଜିଲ୍ଲାରେ ଝାଡ଼ାବାନ୍ତି ଓ ହଇଜା ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ପ୍ରତିଦିନ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଏହା ମାଡୁଥିବାରୁ ସବୁଆଡ଼େ ଏକରକମ କୋକୁଆ ଭୟ ସୃଷ୍ଟି ହୋଇଛି। ଯାଜପୁର ସମେତ ପ୍ରଭାବିତ ୫ ଜିଲ୍ଲାରେ ମଙ୍ଗଳବାର ଆଉ ୩୦୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭିବ୍ରିଓ କଲେରା ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ବ୍ୟାପୁଥିବାବେଳେ ଏ ନେଇ ସ୍ୱାସ୍ଥ୍ୟସଚିବ ଅଶ୍ୱସ୍ତି ଏସ୍ ସତର୍କ କରାଇ ଦେଇଛନ୍ତି। ସେ କହିଛନ୍ତି, କେବଳ ୫ ଜିଲ୍ଲା ନୁହେଁ, ରାଜ୍ୟର ସବୁ ଜିଲ୍ଲାକୁ ଆଲର୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ମୁଖ୍ୟ ଶାସନସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବସି ଡାଇରିଆ ଓ ହଇଜା ସ୍ଥିତି ଉପରେ ବିଶଦଭାବେ ଆଲୋଚନା ହୋଇଥିଲା। ବୈଠକ ପରେ ସ୍ୱାସ୍ଥ୍ୟସଚିବ ଗଣମାଧ୍ୟମକୁ କହିଥିଲେ ଯେ ଯେଉଁ ରୋଗୀମାନେ ହସ୍ପିଟାଲରେ ଆଡମିଟ୍ ହେଉଛନ୍ତି ସେମାନଙ୍କୁ ୨୪ ଘଣ୍ଟିଆ ନିରୀକ୍ଷଣରେ ରଖିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗାଁ ଗାଁରେ ସଚେତନତା ସୃଷ୍ଟି କରାଯାଉଛି। ଆଶା, ଅଙ୍ଗନୱାଡ଼ି ଦିଦିମାନେ ସଚେତନ କରିବା ସହ ମାଇକ୍‌ରେ ପ୍ରଚାର କରାଯାଉଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ପଦକ୍ଷେପ ଜାରି ରହିବ ବୋଲି ସେ କହିଛନ୍ତି। • ପୃଷ୍ଠା ୫ ଦେଖନ୍ତୁ

## କାନାଡ଼ାରେ ମୋଦୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

# ଜି-୭ ସମ୍ମିଳନୀରେ ସାମିଲ



ନୂଆଦିଲ୍ଲୀ, ୧୭।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସାଇପ୍ରସ ଗସ୍ତ ପରେ ମଙ୍ଗଳବାର ସକାଳେ କାନାଡ଼ାରେ ପହଞ୍ଚିଛନ୍ତି। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଲବର୍ଟାରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ ସେ ଯୋଗ ଦେବାପାଇଁ କାନାଡ଼ା ଗସ୍ତରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ତିନି ଦେଶ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ କାନାଡ଼ାରେ ପହଞ୍ଚିଛନ୍ତି, ଯେଉଁଠାରେ ସେ କାନାଡ଼ା ପ୍ରଧାନମନ୍ତ୍ରୀ କାର୍ଣ୍ଣିଙ୍କ ନିମନ୍ତ୍ରଣକ୍ରମେ ଜି-୭ ସମ୍ମିଳନୀରେ ଯୋଗ ଦେଉଛନ୍ତି। ଏହି ଗସ୍ତ ଭାରତ ଓ କାନାଡ଼ା ମଧ୍ୟରେ ସଂପର୍କ ସୁଧାରିବାର ଏକ ସୁଯୋଗ ବୋଲି କୁହାଯାଉଛି। ମୋଦୀ କାର୍ଣ୍ଣି ଓ ଅନ୍ୟ ଜି-୭ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରି ଶକ୍ତି ସୁରକ୍ଷା, ପ୍ରଯୁକ୍ତି ଓ ଅନ୍ତର୍ଜାତୀୟ ସମସ୍ୟା ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀ ଇସ୍ରାଏଲ-ଇରାନ ଓ ରୁଷିଆ-ୟୁକ୍ରେନ ମଧ୍ୟରେ ସଂଘର୍ଷ ଭଳି ବିଶ୍ୱବ୍ୟାପୀ ଉତ୍ତେଜନା ମଧ୍ୟରେ ଅନୁଷ୍ଠିତ ହେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ସଭାରେ ଉପସ୍ଥିତ ରହିଛନ୍ତି। କାର୍ଣ୍ଣିଙ୍କ ନିମନ୍ତ୍ରଣକୁ ଭାରତ-କାନାଡ଼ା ସଂପର୍କରେ ନୂଆ ଅଧ୍ୟାୟର ଆରମ୍ଭ ଭାବେ ଦେଖାଯାଉଛି। ମୋଦୀଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କ ସୁଧାର ପାଇଁ ସକାରାତ୍ମକ ପଦକ୍ଷେପ ବୋଲି • ପୃଷ୍ଠା ୫ ଦେଖନ୍ତୁ

## ଗୋପାଳପୁର ଗଣଦୁଷ୍କର୍ମ ମାମଲା

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

- ତଦନ୍ତ ନିର୍ଦ୍ଦେଶ ଦେଲେ ପୋଲିସ ମହାନିର୍ଦ୍ଦେଶକ
- ନିଜଆଡ଼ୁ ମାମଲା ରୁଜୁକଲେ ଏନସିଡବ୍ଲୁ
- ପୀଡ଼ିତାଙ୍କୁ ମାଗଣା ଚିକିତ୍ସା, ମାନସିକ ସହଯୋଗ ଯୋଗାଅ
- ଆଇନ ଅନୁଯାୟୀ କ୍ଷତିପୂରଣ ସୁନିଶ୍ଚିତ କର
- ୧୦ ଅଭିଯୁକ୍ତଙ୍କୁ ଗିରଫ କଲା ଗୋପାଳପୁର ପୋଲିସ
- କଠୋର ଦଣ୍ଡପାଇଁ ବ୍ୟବସ୍ଥା କରାଯିବ: ଏସ୍‌ପି
- ମୁଖ୍ୟମନ୍ତ୍ରୀଙ୍କ ନିନ୍ଦା, କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବ୍ରହ୍ମପୁର/ଗୋପାଳପୁର, ୧୭।୬(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପକଣ୍ଠ ଗୋପାଳପୁର ବେଳାଭୂମିରେ ଗତ ରବିବାର ବିଳମ୍ବିତ ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ଏ ନେଇ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ରେଡ୍ ଫ୍ଲାଗ୍ ଶ୍ରେଣୀଭୁକ୍ତ କରାଯାଇଛି। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ଶାଖା ଏହାର ତଦନ୍ତ କରିବ। ଅନ୍ୟପକ୍ଷରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି। ଏହି ଘଟଣା ନେଇ କମିଶନ ନିଜ ଆଡ଼ୁ ମାମଲା ରୁଜୁ କରିବା ସହ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ଠିକ୍ ସମୟରେ ନ୍ୟାୟ ଦେବା ସହ ମାଗଣା ଚିକିତ୍ସା ଓ ମାନସିକ ସହଯୋଗ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ଅନ୍ୟ ରାଜ୍ୟକୁ ଫେରାର ପାଇଁ ଉଦ୍ୟମ କରୁଥିବାବେଳେ ମଙ୍ଗଳବାର ସକାଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ପୀଡ଼ିତା ଜଣକ ବ୍ରହ୍ମପୁରର ଏକ ଶିକ୍ଷାନୁଷ୍ଠାନରେ ଯୁକ୍ତ ୩ରେ ଅଧ୍ୟୟନ • ପୃଷ୍ଠା ୫ ଦେଖନ୍ତୁ

## କୃଷକ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ

# କୃଷି ମାନବ ସଭ୍ୟତାର ପ୍ରଥମ ବୃତ୍ତି



- ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛୁ
- କୃଷକଙ୍କୁ ସଶକ୍ତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ
- ବଲାଙ୍ଗୀରରେ ଡବଲ ନୁହେଁ, ଟ୍ରିପଲ ଇଞ୍ଜିନ ସରକାର ଚାଲିଛି
- ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ କରିବ କୃଷକଙ୍କ ବିକାଶ

ବଲାଙ୍ଗୀର/ଭୁବନେଶ୍ୱର, ୧୭।୬ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ବଲାଙ୍ଗୀର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ରାଜ୍ୟରେ କୃଷକ ମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ସମୟରେ ଆମର ଏକ ମୁଖ୍ୟ ପ୍ରତିଶ୍ରୁତି ଥିଲା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭାଇ ଭଉଣୀମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା। ଆଉ ଆଜି ଆମେ ସେହି ଲକ୍ଷ୍ୟ ପୂରଣ କରିଛୁ । ବଲାଙ୍ଗୀର ଜିଲ୍ଲାରୁ ଦୁଇଜଣ ମନ୍ତ୍ରୀ ଓଡିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଏବେ ଏଠାରେ ଡବଲ ଇଞ୍ଜିନ ନୁହେଁ, ଟ୍ରିପଲ ଇଞ୍ଜିନ ସରକାର ଚାଲିଛି ଏବଂ ଜିଲ୍ଲାର ବିକାଶ ବି ତିନିଗୁଣ ବେଗରେ ଚାଲୁଛି ଓ ଏହି ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ। ନିଜ • ପୃଷ୍ଠା ୫ ଦେଖନ୍ତୁ

## ଭୟଙ୍କର ରୂପ ନେଉଛି ଇସ୍ରାଏଲ-ଇରାନ ଯୁଦ୍ଧ

# ଇରାନ୍ ସିଡିଏସ୍ ନିହତ

ନୂଆଦିଲ୍ଲୀ, ୧୭।୬: ଇସ୍ରାଏଲ-ଇରାନ ଯୁଦ୍ଧ ଭିତରେ ଏକ ବଡ଼ ଖବର ଆସିଛି। ବରିଷ୍ଠ ଇରାନୀ କମାଣ୍ଡର ଅଲ୍ଲୀ ସାଦମାନିଙ୍କୁ ହତ୍ୟା କରାଯାଇଛି। ମଙ୍ଗଳବାର ଏ ନେଇ ଇସ୍ରାଏଲ ଡିଫେନ୍ସ ଫୋର୍ସ ଦାବି କରିଛି। ଇସ୍ରାଏଲ-ଇରାନ ଯୁଦ୍ଧ ଭିତରେ ତାଙ୍କୁ ସେନା ମୁଖ୍ୟଭାବେ ନିଯୁକ୍ତି ଦିଆଯାଇଥିଲା। ଇସ୍ରାଏଲ ଅପରେସନ ରାଇଜିଂ ଲାୟନ ଅଧୀନରେ ଇରାନର ମେଜର ଜେନେରାଲ ଗୁଲାମନବୀ ରସିଦଙ୍କୁ ହତ୍ୟା କରିଥିବା ନେଇ ଇସ୍ରାଏଲ ଦାବି କରିଥିଲା। ଇରାନର ସମାଚାର ଏଜେନ୍ସି ଅନୁଯାୟୀ ରସିଦଙ୍କ ମୃତ୍ୟୁ ପରେ ଅଲ୍ଲୀ ସାଦମାନିଙ୍କୁ ନୂତନ ସାମରିକ କମାଣ୍ଡର ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କୁ ଖାତାମ-ଅଲ-ଅମ୍ବିୟା କେନ୍ଦ୍ରୀୟ ମୁଖ୍ୟାଳୟର କମାଣ୍ଡ ଦାୟିତ୍ୱ ଦିଆଯାଇଥିଲା। ଖାଦମାନି ଥିଲେ ଇରାନର ସର୍ବୋଚ୍ଚ ନେତା ଆୟୋତଲ୍ଲା ଅଲ୍ଲୀ ଖୋମିନିଙ୍କ ନିକଟତମ ସାମରିକ ପରାମର୍ଶଦାତା। ସାଦମାନିଙ୍କ ମୃତ୍ୟୁ ନେଇ ଆଇଡିଏଫ କହିଛି ଯେ ସୋମବାର ଓ ମଙ୍ଗଳବାର ମଧ୍ୟରାତ୍ରିରେ ତେହେରାନର କେନ୍ଦ୍ରୀୟ ଅଞ୍ଚଳରେ ଇସ୍ରାଏଲ ବାୟୁସେନା ପକ୍ଷରୁ କରାଯାଇଥିବା ଆକ୍ରମଣରେ ସାଦମାନିଙ୍କ ମୃତ୍ୟୁ ହୋଇଥିଲା। ଆଇଡିଏଫର ଗୁଇନ୍ଦା ଶାଖା ସୂଚନା ଆଧାରରେ ଏହି ଆକ୍ରମଣ କରାଯାଇଥିଲା। ଆଇଡିଏଫ ଅନୁଯାୟୀ • ପୃଷ୍ଠା ୫ ଦେଖନ୍ତୁ

## ଅବପାତ ରୂପ ନେଲା ଲଘୁଚାପ

# ୩ ଦିନ ପ୍ରବଳ ବର୍ଷିବ

- ସାରା ରାଜ୍ୟକୁ ଛୁଇଁଲା ମୌସୁମୀ
- ଅଶାନ୍ତ ରହିବ ସମୁଦ୍ର
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ସତର୍କ ରହିବାକୁ ପରାମର୍ଶ



ଭୁବନେଶ୍ୱର, ୧୭।୬(ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଦୁଇଟି ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି। ପଶ୍ଚିମ ଓ ପୂର୍ବଭାଗରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଅବପାତରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା • ପୃଷ୍ଠା ୫ ଦେଖନ୍ତୁ

## ରାଜଧାନୀରେ ଅଘଟଣ

# ଅପମିଶ୍ରିତ ମଦ ପିଇ ୨ ମୃତ

ଭୁବନେଶ୍ୱର, ୧୭।୬(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ଏକ ଅଭାବନୀୟ ଘଟଣା ଘଟିଛି। ଅପମିଶ୍ରିତ ମଦ ପିଇ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏହି ଅଘଟଣ ଘଟିଛି। ଅପମିଶ୍ରିତ ମଦ ପିଇ ୪ ଦିନ ପୂର୍ବରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ଆଉ ଜଣକର ମୃତ୍ୟୁ ହୋଇଛି। ଉଭୟଙ୍କ ମୃତ୍ୟୁର କାରଣ ବିଷାକ୍ତ ମଦ ବୋଲି କୁହାଯାଉଛି। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କଟକ-ପୁରୀ ରୋଡର ଷ୍ଟେସନବଜାର ନିକଟରେ ଥିବା ସଂପୃକ୍ତ ବିଦେଶୀ ମଦ ଦୋକାନକୁ ସିଲ କରି ଦିଆଯାଇଛି। ମଦର ନମୁନା ପରୀକ୍ଷାପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ସବିଶେଷ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି। ତେବେ ପ୍ରଶ୍ନ ଉଠୁଛି, ବିଷାକ୍ତ ମଦ ହେଉ ବା ଅପମିଶ୍ରିତ ମଦ ପିଇ ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଅଞ୍ଚଳରେ ମୃତ୍ୟୁ ଘଟିବା ଏକ ସାଧାରଣ • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ମଣ୍ଡେଇ ପଡିଆରେ ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କୃଷି ବିଭାଗ, ମତ୍ସ୍ୟ ବିଭାଗ, ପଶୁସମ୍ପଦ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ ତରଫରୁ ଅଧିକାରୀ ଯୋଗଦେଇ ନିଜସ୍ୱ ବିଭାଗର ବିଭିନ୍ନ ଯୋଜନାରେ କିଭଳି ଚାଷୀ ଭାଇ ଲାଭ ପାଇପାରିବେ ତା ଉପରେ ଏକ କର୍ମଶାଳାରେ ଭାଗ ନେଇଥିଲେ । କୃଷି ବିଭାଗ ତରଫରୁ ୫୦୦ ଜଣ ଚାଷୀ ଯୋଗଦାନ କରିଥିଲେ । ଏହି ମେଳାରେ ବିଭିନ୍ନ ଯୋଜନା ଯେପରିକି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନା, ମୁଖ୍ୟମନ୍ତ୍ରୀ କିଷାନ ଯୋଜନା, ସିଏମ କୃଷକ ଛାତ୍ରବୃତ୍ତି, ପ୍ରାକୃତିକ ଚାଷ, ଶ୍ରୀଅନ୍ନ ଅଭିଯାନ, ମୁଖ୍ୟମନ୍ତ୍ରୀ ମକା ମିଶନ, ବୃହତ ଉଠାଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନା, ମୁଖ୍ୟମନ୍ତ୍ରୀ ଫସଲ ବୀମା ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ,ଫାର୍ମର ରେଜିଷ୍ଟ୍ରି, ଡିଜିଟାଲ କ୍ରପ ସର୍ଭେ ଇତ୍ୟାଦି ଯୋଜନାର ପ୍ରଚାର ପ୍ରସାର କରାଯାଇଥିଲା ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା । ପ୍ରଣୟ କୁମାର ମନ୍ତ୍ରୀ କୃଷି ବିଭାଗର ଯୋଜନା ଗୁଡିକ ବିଷୟରେ ସଂକ୍ଷିପ୍ତରେ ଆଲୋଚନା କରିଥିଲେ । ମେଳାରେ ମୁଖ୍ୟ ଅତିଥି ଭାବେ ଯଦୁମଣି ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଯୋଗଦାନ କରିଥିଲେ । ତାଙ୍କ ସହିତ ଶୁଭେନ୍ଦୁ କୁମାର ବିଶ୍ୱାଳ, ଅତିରିକ୍ତ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଡ଼. ଦିଲୀପ କୁମାର କବିରାଥୀ, ଅତିରିକ୍ତ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ, ସନ୍ତୋଷ କୁମାର ବିଶ୍ୱାଳ, ଏପିଡି ମୃତ୍ତିକା ସଂରକ୍ଷଣ ବିଭାଗ ଓ ଟିକିଓ ପ୍ରକଳ୍ପ, ବିଶ୍ୱଜିତ୍ ସାହୁ, ଜିଲ୍ଲା କୃଷି ଅଧିକାରୀ(ପାପଡ ।ହାଣ୍ଡି), ଓ ବିଷ୍ଣୁ କିସାନ, ଡିଏଫଓ ମଧ୍ୟ ଯୋଗଦାନ କରିଥିଲେ ।

# ହିନ୍ଦୁଙ୍କୁ ଅପମାନଜନକ ମନ୍ତବ୍ୟ ବିରୁଦ୍ଧରେ ଏତଲା



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା କାଲିମେଲା ବ୍ଲକ ପୋଟେରୁ ଠାରେ ଗତ ୭ ତାରିଖ ଦିନ ମତୁଆ ସମାଜର ଏକ ବୈଠକ ହୋଇଥିଲା । ଏଥିରେ ଜଣେ ବ୍ୟକ୍ତି ତାଙ୍କ ଭାଷଣରେ ହିନ୍ଦୁଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେଇଥିଲେ । ସରଳ, ନିରୀହ ଅଳ୍ପ ଶିକ୍ଷିତ ଲୋକଙ୍କୁ ସୁପ୍ରିମକୋର୍ଟ ତଥା ଅକ୍ସଫୋର୍ଡ୍ ଡିକ୍ସିନାରି ପରି ଅନେକ ତଥ୍ୟ ଦେବା ସହ ହିନ୍ଦୁ ଚୋର, ତସ୍କର ଓ ଚାକର ବୋଲି ମତବ୍ୟକ୍ତ କରିଥିଲେ । ମୋଗଲ ସାମ୍ରାଜ୍ୟର ଇତିହାସ କଥା କହି ଲୋକଙ୍କ ମଧ୍ୟରେ ଜାତିଭେଦ ସୃଷ୍ଟି କରିବା, କଥାକଥିତ ବୁଦ୍ଧିଜୀବୀ, ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପୋଷାକରେ ହିନ୍ଦୁ ସମାଜରେ ଅନ୍ତର୍ଭୁହ ସୃଷ୍ଟି କରିବା ଆଦିକୁ ନେଇ ଆଦର୍ଶ ଥାନାରେ ହିନ୍ଦୁ ଜାଗରଣ ମଞ୍ଚ ତରଫରୁ ଗତକାଲି ତାଙ୍କ ନାମରେ ଅଭିଯୋଗ କରାଯାଇଛି । ଏଥିସହ ହିନ୍ଦୁ ଓ ବ୍ରାହ୍ମଣ ସମାଜକୁ ଚୋର ଡକାୟତ ବୋଲି ଗାଳି ଦେଇଥିବା ନେଇ ଏକ ଭିଡିଓରେ ଭାଇରାଲ୍ ହୋଇଛି । ହିନ୍ଦୁ ବ୍ରାହ୍ମଣ ସମାଜ ବିରୁଦ୍ଧରେ ଏପରି ଅଶାଳୀନ ମନ୍ତବ୍ୟ ଦେବା କେତେ ଯଥାର୍ଥ ତାହାର ତଦନ୍ତ ହେବା ନିହାତି ଆବଶ୍ୟକ । ସେ ସଭାର ଆୟୋଜକ ହରିଚାନ୍ଦ ମନ୍ଦିର ପରିସର ଅନୁମତି ପ୍ରଦାନକାରୀ ସମୂହଙ୍କୁ ଚିହ୍ନଟକରି ଓ ଭାଷଣ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିବେଦନ କରିଛନ୍ତି । କାହାର ଧର୍ମକୁ ଆକ୍ଷେପକରି କେହି ଭାଷଣ ଦେଇପାରିବେ ନାହିଁ । ଏହା ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅଛି । ଏହି ବ୍ୟକ୍ତି ଜଣଙ୍କ ବାରମ୍ବାର ଏଭଳି ଭାଷଣ ଦେବା ଦ୍ୱାରା ଅପ୍ରୀତିକର ସମସ୍ୟା ସୃଷ୍ଟିହେବା ସହ ସମାଜ ପାଇଁ ଏକ ଖରାପ ବାର୍ତ୍ତା ଯାଉଛି । ଭବିଷ୍ୟତରେ ଏହା ସାମ୍ପ୍ରଦାୟିକ ହିଂସାରୁ ଏଡ଼ାଇ ହେବନାହିଁ ଓ ଏଥିପ୍ରତି ଦୃଷ୍ଟିଦେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି । କିନ୍ତୁ ଯା ଉପରେ ଥାନାରେ ଅଭିଯୋଗ କରାଯାଇ ଥିଲେ ମଧ୍ୟ ହିନ୍ଦୁ ବିରୋଧୀ ଭାଷଣ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବାର କାରଣ ସ୍ପଷ୍ଟ ବାରୀ ହେଉନି ।

# ଡାଇରିଆ ଆକ୍ରାନ୍ତ ଶ୍ୟାମସୁନ୍ଦରପୁର ଗ୍ରାମ ଗସ୍ତ କଲେ ତେଜେଶ୍ୱର

ଡେରାବିଶ(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାରେ ଡାଇରିଆ ତାର କରାଳ କାୟା ବିସ୍ତାର କରିଥିବା ବେଳେ ଏହାର ପଡ଼ୋଶୀ ଜିଲ୍ଲା କେନ୍ଦ୍ରାପଡ଼ାର ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପଂଚାୟତକୁ ତାର କାୟା ବିସ୍ତାର କରି ଜଣଙ୍କର ମୁଣ୍ଡ ନେଇଛି । ଗ୍ରାମର ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି । ଏ ସମ୍ପର୍କରେ ଖବର ପାଇ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଗତକାଲି ଶ୍ୟାମସୁନ୍ଦରପୁର ଗ୍ରାମରେ ପହଂଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ଆକ୍ରାନ୍ତଙ୍କ ପରିବାରକୁ ଭେଟିଥିଲେ । ଏଥିସହିତ ଗ୍ରାମର କିଛି ଝାଡ଼ାବାନ୍ତି



ଆକ୍ରାନ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡ଼ିକାଲକୁ ମଧ୍ୟ ପଠାଇଥିଲେ । ପରେ ବିଳମ୍ବିତ ରାତିରେ ଶ୍ରୀ ପରିଡ଼ା କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହେଉଥିବା ଡାଇରିଆ ଆକ୍ରାନ୍ତଙ୍କୁ ଭେଟି ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଶ୍ରୀ ପରିଡ଼ା ଗତାକଲି ଠାରୁ ଏଣ୍ଡର ପଂଚାୟତର ଶ୍ୟାମସୁନ୍ଦରପୁର ଓ ନଳୀକଣ୍ଠପୁର ଦୁଇଟି ଗ୍ରାମରେ ଘରକୁ ଘର ବୁଲି ହାଲୋଜେନ୍ ଟ୍ୟାବଲେଟ୍, ବ୍ଲିଚିଂ ପାଉଡ଼ର ଇତ୍ୟାଦି ବଂଟନ କରିଥିଲେ । ଏଥିସହିତ ଡାଇରିଆର ହଟ୍‌ସ୍ପଟ୍ ଯାଜପୁର ଜିଲ୍ଲାର ସୀମାନ୍ତରେ ଥିବା ଡେରାବିଶ ବ୍ଲକର ବେଣିପୁର, ଛୋଟି ଓ ମଙ୍ଗଳପୁରର ବିଭିନ୍ନ ଗ୍ରାମକୁ ଯାଇ ଲୋକମାନଙ୍କୁ ସଚେତନ କରାଇବା ସହିତ ପାଣିକୁ ଫୁଟାଇ ପିଇବା, ପାନୀୟ ଜଳର ଉତ୍ସ ନିକଟରେ ପରିଷ୍କାର ପରିଚ୍ଛନ୍ନ ଇତ୍ୟାଦି କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ ।

# କଳପଡ଼ା ରଜ ମହୋତ୍ସବ ଉଦ୍‌ଯାପିତ

ଫୁଲନଖରା(ଭାସ୍କର ନ୍ୟୁଜ୍): ବୟାଳିଶ ମୌଜା ଅନ୍ତର୍ଗତ କଳପଡ଼ାସ୍ଥିତ କଦମ୍ବେଶ୍ୱର୍ ଯାତ୍ରା ପଡ଼ିଆରେ ୟୁନିୟନ୍ ଫର୍ କଟକ ସଦରଡେଭଲପମେଣ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍ ?ଯାପନୀ ଉତ୍ସବରେ ପୂର୍ବତନ ବିଧାୟକଚନ୍ଦ୍ର ସାରଥୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ । କୁଇଜ୍‌ରେ ଅଂଶ ଗ୍ରହଣ କରିଥିବା ୩୦ଜଣ ମହିଳାଙ୍କୁ ୟୁନିୟନ୍‌ର ସଭାପତି ପ୍ରଫେସର୍ ମନୋଜକୁମାର ନାୟକ ଶାଢ଼ୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ କଟକ ସଦର ନିର୍ବାଚନ ମଣ୍ଡଳୀର ଚାଷୀ, କଳାକାର,ନାଟ୍ୟକାର, ସମାଜସେବୀ, ସଙ୍ଗୀତଜ୍ଞମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଜୟ ନାୟକ, ସୁନୀଲ ମୁଦୁଲି, ସୁଶାନ୍ତ ପରିଡ଼ା, ଶେଷଦେବ ଦାସ,




ଆନନ୍ଦ ଦେବତା, ବିଘେଶ୍ୱର ମାଝୀ, ଆନନ୍ଦ ବେହେରା, ଦିଲ୍ଲୀପ ନାୟକ, ପ୍ରସନ୍ନ ବେହେରା, ପ୍ରକାଶ ମାଝୀ, ଈଶାନ ରାୟ,ପିକେସ ମହାନ୍ତି, ଆଶିଷ ମହାନ୍ତି, ଉଦୟ ସାସ୍‌ମଲ, ଦେବାଶିଷ ପରିଡ଼ା, ପିଙ୍କି ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଆଜିର ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଭାବେ ଦୀପାଞ୍ଜଳି ସାହୁ, ମନ୍ଦାକିନୀ ଜେନା ଯୋଗ ଦେଇଥିଲେ । ମଞ୍ଚ ପରିଚାଳନାରେ ସମରେନ୍ଦ୍ର ମହାପାତ୍ର, ସୂର୍ଯ୍ୟ ନାରାୟଣ ଭୂୟାଁ, ସୁରଜ ବେହେରା, ପ୍ରଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଅବ୍ୟବସ୍ଥା ଭିତରେ ଉଚ୍ଚଶିକ୍ଷା ବିଭାଗର ନାମଲେଖା ପ୍ରକ୍ରିୟା

ରଘୁନାଥପୁର(ଭାସ୍କର ନ୍ୟୁଜ୍): ଚଳିତବର୍ଷ +୩ପ୍ରଥମ ଚୟନର ନାମଲେଖା ପ୍ରକ୍ରିୟା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜୁନ୧୭ତାରିଖ ଶେଷତାରିଖ ରଖାଯାଇଛି । ମାତ୍ର ଏହିପ୍ରକ୍ରିୟାରେ ଅନେକ ତୃଟିଯୋଗୁ ହଜାର ହଜାର ଛାତ୍ରଛାତ୍ରୀ ନାମଲେଖାରୁ ବଞ୍ଚିତ ହୋଇଥିବାର ଅଭିଯୋଗ ଉଠିଛି । ନାମଲେଖା ପାଇଁ ଯୁକ୍ତ୨ ମହାବିଦ୍ୟାଳୟରୁ ଏପର୍ଯ୍ୟନ୍ତ ମାର୍କସିଟ ଓ ସିଏଲସି ସାଟିଫିକେଟ ମିଳିପାରିନାହିଁ ଓ ଶ୍ୟାମସ ପୋର୍ଟାଲରୁ ଛାତ୍ରଛାତ୍ରୀ ମାନଙ୍କୁ ସଠିକ ଇନଫରମେସନ ମିଳୁନାହିଁ । ଛାତ୍ରଛାତ୍ରୀ ମାନେ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ସେମାନଙ୍କର ପ୍ରଥମ ପସନ୍ଦ ଦେଇଥିଲେ ବି ସେହି ଅନୁଷ୍ଠାନରେ ତାଙ୍କର ପ୍ରଥମ ଚୟନ କରାନଯାଇ ତୃତୀୟ ପସନ୍ଦକୁ ନାମଲେଖାପାଇଁ ନିର୍ଦ୍ଦେଶ ଆସିଥିବାବେଳେ ପ୍ରଥମ ପସନ୍ଦ ଅନୁଷ୍ଠାନ ଗୁଡିକରେ ସିଟ ଫାଙ୍କାପଡିବା ଏବଂ ନାମଲେଖା ପ୍ରକ୍ରିୟା ଛୁଟିମଧ୍ୟରେ ହେଉଥିବାରୁ ଛାତ୍ରଛାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାଫଳରେ ଅତି କମସଂଖ୍ୟକ ଛାତ୍ରଛାତ୍ରୀ ନାମଲେଖାଇଥିବା ଅଭିଭାବକମାନେ ଅଭିଯୋଗ ଉଠାଇବା ସହିତ ସରକାର, ଉଚ୍ଚଶିକ୍ଷା ବିଭାଗ ଓ ଶ୍ୟାମସ ପୋର୍ଟାଲ ମଧ୍ୟରେ ତାଳମେଳ ରହୁନଥିବାରୁ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲିହୋଇଯାଉଛି ବୋଲି ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ନଜରରେ ରଖି ନାମଲେଖା ପ୍ରକ୍ରିୟା ଶେଷତାରିଖକୁ ଘୁଞ୍ଚାଇବା ପାଇଁ ଅଭିଭାବକ ମାନେ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।

# ଡାଇରିଆରୁ ବର୍ତ୍ତିବା ପାଇଁ ମନ୍ଦିରରେ ପୂଜାର୍ଚ୍ଚନା

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଏଣ୍ଡର ପଂଚାୟତ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମରେ ଡାଇରିଆରେ ଜଣେ ମହିଳାଙ୍କ ମୃତ୍ୟୁ ଅନ୍ୟ ୭ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଆକ୍ରାନ୍ତ ପରେ ଗ୍ରାମ ସମେତ ପଂଚାୟତରେ ଭୟର ବାତାବରଣ ଖେଳିଯାଇଛି । ଏହି ଘଟଣାରେ ସ୍ଥାନୀୟ ଲୋକମାନେ ଡାଇରିଆରୁ ରକ୍ଷା ପାଇବା ପାଇଁ ଗ୍ରାମର ମା'ସାତଭଉଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି ।



# ଦୁଇଦିନିଆ ସର୍ବୋଦୟ ସଂକଳ୍ପ ଶିବିର



ବୌଦ୍ଧ(ଭାସ୍କର ନ୍ୟୁଜ୍): ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନ ବୌଦ୍ଧ ଜିଲ୍ଲା ଶାଖା ତରଫରୁ ଦୁଇଦିନିଆ ସର୍ବୋଦୟ ସଂକଳ୍ପ ଶିବିରକୁ ପୂର୍ବାହ୍ନ ୧୧ ଟା ସମୟରେ ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ ଏବଂ ବୌଦ୍ଧ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ । ସଭା କାର୍ଯ୍ୟ ପୂର୍ବରୁ ଆରାଧ ଦେବୀ ମା ଭୈରବୀଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ସମ୍ପାଦକ ବିଜୟ କୁମାର ପ୍ରଧାନ, ଲବ କୁମାର ସାହୁ, ପାଣ୍ଡବ କର୍ଣ୍ଣ, ଉଦୟନାଥ ଶର୍ମା , ଜିଲ୍ଲା ସଂଯୋଜକ ସମରେନ୍ଦ୍ର ମହାକୁଲ, ଜିଲ୍ଲା କଂଗ୍ରେସ ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ଆଡଭୋକେଟ ତାରିଣୀ ଜେନା, ବିଶ୍ୱଜିତ୍ ମିଶ୍ର,ଦେବେନ୍ଦ୍ର ନାଏକ, ଏସଟି ସେଲ ସଭାପତି ପ୍ରଦୀପ ମଲ୍ଲିକ, ସୁନୀଲ ପ୍ରଧାନ,ରମାକାନ୍ତ ଭୁକ୍ତା, ଗଣେଶ ଲୌରିଆ, କିଶାନସେଲ୍‌ର ସଂଯୋଜକ ରୋହିତାଶ୍ୱ ବେହେରା, କନ୍ଧମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କହଁର, ବିଶ୍ୱାମିତ୍ର ପାଢ଼ୀ, ନିତ୍ୟାନନ୍ଦ କର୍ମୀ , ଛାତ୍ର କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରତ୍ୟୁଷ ମହାନନ୍ଦ, ଆଶିଷ ଜେନା, ସ୍ମୃତି ରଞ୍ଜନ ପାତ୍ର, ଆଶୁତୋଷ ସେଠୀ,ବିଶ୍ୱାମିତ୍ର ପାଢ଼ୀ, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ ବୁଦ୍ଧଦେବ ପ୍ରଧାନ, ସୁଦାମ ସାହୁ, ଅଭିଳାଷ ସ୍ୱାଇଁ, ମହିଳା କଂଗ୍ରେସର ସନ୍ଧ୍ୟାରାଣୀ ସିଂହ , ଅମୃତି ମହାନନ୍ଦିଆ, ଗୀତାଞ୍ଜଳି ବେହେରା, ବାସନ୍ତୀ ଦେହୁରୀ, ଜାହ୍ନବୀ ମହାନନ୍ଦିଆ, ଦେବକୀ ମହାନନ୍ଦିଆ, ଅଶେଷ ଦେହୁରୀ, ରିଙ୍କୁ ପ୍ରଧାନ, ବିଭୁ ବେହେରା, ଜିତେନ୍ଦ୍ର ଦେହୁରୀ, ବିଷ୍ଣୁ ବେହେରା ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସକ୍ରିୟ ଭାବେ ସହଯୋଗ କରିଥିଲେ । ପୂର୍ବାହ୍ନ ଅଧିବେଶନରେ ସୁପ୍ରିମ କୋର୍ଟ ଆଡଭୋକେଟ ବିରଜା ମହାପାତ୍ର ଶିବିରରେ ଯୋଗ ଦେଇ – ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସର ଭୂମିକା ଉପରେ ଉପସ୍ଥିତ ଶିବିରାର୍ଥୀଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ଅପରାହ୍ନ ଅଧିବେଶନରେ 'ଭାରତ ନିର୍ମାଣରେ କଂଗ୍ରେସର ଭୂମିକା' ସମ୍ପର୍କରେ ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ ଏବଂ ଦେଶର ସମ୍ବିଧାନର ସୁରକ୍ଷା ଓ ଆମ ଦାୟିତ୍ୱ' ଉପରେ ଡାକ୍ତର ମନିଷା ଦାସ ପଟ୍ଟନାୟକ ଆଲୋଚନା କରିଥିଲେ । ଶେଷରେ ଶିବିରରେ ରାତ୍ରି ଯାପନ କରୁଥିବା ଶିବିରାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା

# ରାମଜୀପୁଟ ଓ ଘୁମୁରାରେ ଜଙ୍ଗଲ ଜମିପଟ୍ଟା ବଣ୍ଟନ

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ରେ ବିକାଶ ବାହନ ମାଧ୍ୟମରେ ଓଡ଼ିଶାର ବିଜେପି ପାର୍ଟିର ଏକ ବର୍ଷ ପୂର୍ତ୍ତି ଅବସରରେ 'ବର୍ଷ ଏକ ଉପଲବ୍ଧି ଅନେକ' କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ରାମଜୀପୁଟ ଓ ଘୁମୁରା ଗାଁରେ ବ୍ଲକ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଦ୍ୱାରା ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଜଙ୍ଗଲ ଜମି ଅଧିକାର ଆଇନ ଉପରେ ସଚେତନତା ସୃଷ୍ଟି କରିବା ସହ ବ୍ୟକ୍ତି ଗତ ଓ ଗୋଷ୍ଠିଗତ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି । ସୂଚନା ଅନୁଯାୟୀ



ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ ବ୍ଲକର ସମସ୍ତ ଗାଁ କୁ ଯାଇ ଲୋକଙ୍କୁ ଜଙ୍ଗଲ ଜମି ଅଧିକାର ଉପରେ ସଚେତନ କରୁଛନ୍ତି । ଏହି ଅବସରରେ ବହୁ ବର୍ଷ ପରେ କାନାଗାଁ ପଞ୍ଚାୟତ ରାମଜୀପୁଟ ଗାଁ କୁ ୪୩ ଏକର ଓ ନିଳାବାଡି ପଞ୍ଚାୟତ ଘୁମୁରା ଗାଁକୁ ୬୬ ଏକର ଗୋଷ୍ଠିଗତ ଜଙ୍ଗଲ ଜମି ପଟ୍ଟା ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଛି । ଏହା ସହିତ କିଛି ଗାଁରେ ଲୋକେ ଜମି ହୀନ ନ ରହିବା ପାଇଁ ଲୋକଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ମଧ୍ୟ ବଣ୍ଟନ କରାଯାଇଛି । ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ ଆସିବା ପରେ ଦୀର୍ଘ ବର୍ଷ ଧରି ଆଜି ପର୍ଯ୍ୟନ୍ତ ଲୋକେ ଜଙ୍ଗଲ ଜମି ପଟ୍ଟା ବ୍ୟକ୍ତିଗତ ସହିତ ଗୋଷ୍ଠିଗତ ଜଙ୍ଗଲ ଜମିପଟ୍ଟା ପାଇ ନ ଥିଲେ । ଆଜି ରାଜ୍ୟ ବିଜେପି ସରକାର ନିଜର ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ଦେଇ ପଟ୍ଟା ବଣ୍ଟନ କରୁଥିବାରୁ ବ୍ଲକର ଆଦିବାସୀ ଗୋଷ୍ଠୀ ବହୁତ ଖୁସି ଥିବା ଦେଖିବାକୁ ମିଳିଛି । କିନ୍ତୁ ଆଗାମୀ ଦିନରେ ଯେଉଁ ସବୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି ସେହି ଜମିକୁ ଯେପରି ଚିହ୍ନଟ କରି ଲୋକଙ୍କୁ ସଠିକ ଭାବେ ହସ୍ତାନ୍ତର କରାଯିବ ସରକାର ସେଥି ପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି ।

# ନାହିଁ ନାହିଁରେ ଚାଲିଛି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

କଣାସ (ଭାସ୍କର ନ୍ୟୁଜ୍): ନୂଆ ସରକାର ଯେତେବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ଉପରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମି ସୁଦୃଢ କରିବାକୁ ଚେଷ୍ଟା କରୁଛନ୍ତି ସେହି ସମୟରେ ପୁରୀ ଜିଲ୍ଲାରେ ଏହାର ନଗ୍ନ ଚିତ୍ର ବାରମ୍ବାର ସାମ୍ନାକୁ ଆସୁଛି । କେତେବେଳେ ଡାକ୍ତରଖାନାରେ ଡାକ୍ତର ଅଭାବ ତ ଆଉ କେତେବେଳେ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଅଭାବ ।ଯେତେବେଳେ ଦୀର୍ଘ ବର୍ଷର ଅପେକ୍ଷା ପରେ କଣାସ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଇଥିଲା ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଆଉ ଏବେ ଦେଖିବାକୁ ମିଳିଛି ପୁଣି ସେହି କାର୍ଯ୍ୟାଳୟରେ କର୍ମଚାରୀ ଏବଂ ଅଧିକାରୀ ମାନଙ୍କର ଅଭାବ । ୩ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜାଗାରେ କାମ କରୁଛନ୍ତି ମାତ୍ର ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ । ୩ଜଣ କିରାଣୀଙ୍କ ଜାଗାରେ କାମ କରୁଛନ୍ତି ୨ଜଣ କିରାଣୀ, ଯାହାକି ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଯାଉଛି ।ସୂଚନା ନେବାରେ ଜଣାପଡିଥିଲା ଯେ, ଯେଉଁମାନେ ଅବସର ନେଇ ଚାଲିଯାଉଛନ୍ତି ସେମାନଙ୍କ ସ୍ଥାନ ପୁରଣ କରିବାକୁ ସରକାର କାହାକୁ ନିଯୁକ୍ତି କରୁନାହାନ୍ତି । ଯାହାର ଫଳ ଭୋଗୁଛନ୍ତି ଅନ୍ୟ ଅଧିକାରୀ ଓ କର୍ମଚାରୀ ମାନେ । ଏଠି ସରକାରଙ୍କ ପାରିବାପଣିଆ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ଏଠି ପ୍ରଶ୍ନ ଉଠୁଚି ଯଦି ରାଜଧାନୀର ଅତି ନିକଟରେ ଅବସ୍ଥିତ ଏହି କଣାସ ବ୍ଲକରେ ଏପରି ଅବସ୍ଥା ତ ତେବେ ଦୂରଦୂରାନ୍ତ ଅଞ୍ଚଳରେ କଣ ନ ହୋଇଥିବ । ଦେଖିବାକୁ ଅପେକ୍ଷା , କେବେ ସରକାର ଏହା ଉପରେ ଦୃଷ୍ଟି ଆକର୍ଷଣ କରି ନୂତନ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଉଛନ୍ତି ନା ନାହିଁ ନାହିଁରେ କାର୍ଯ୍ୟାଳୟ ଆହୁରି କେତେବର୍ଷ ଚଳାଉଛନ୍ତି ।



# ମୁନିଗୁଡା ବନ ବିଭାଗ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ମୁନିଗୁଡ଼ା (ଭାସ୍କର ନ୍ୟୁଜ୍): ରାୟଗଡା ବନଖଣ୍ଡ ଅନ୍ତର୍ଗତ ସାତ ଗୋଟି ରେଞ୍ଜ ପକ୍ଷରୁ ଉପ- ବନାଞ୍ଚଳ ଅଧିକାରୀ, ବନପାଳ ଏବଂ ବନରକ୍ଷୀ କର୍ମଚାରୀ ମାନେ ତିନି ଗୋଟି ନାଯ୍ୟ ଦାବି ନେଇ କଳାବ୍ୟାଜ୍ ପରିଧାନ କରିଛନ୍ତି । ଏହି ଅବସରରେ ମୁନିଗୁଡା ରେଞ୍ଜର ଅଣଗେଜେଟେଡ ବନ କର୍ମଚାରୀ ମାନେ ସୋମବାର ଠାରୁ କଳାବ୍ୟାଜ୍ ପରିଧାନ କରି ଅଛନ୍ତି ।ଏହି ଅବସରରେ ଓଡିଶା ଅଣ ଗେଜେଟେଡ଼ ବନ ସେବା ସଂଘ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ବସିଥିଲା । ଗତ ୨୪.୫.୨୦୨୪ ତାରିଖରେ ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ହିନ୍ଦୋଳ ରେଞ୍ଜର ପ୍ରହଲ୍ଲାଦ ପ୍ରଧାନ,ବନରକ୍ଷୀ ଜଙ୍ଗଲ ମଧ୍ୟରେ ପେଟ୍ରୋଲିଂ କରୁଥିବା ସମୟରେ ଶିକାରୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିଲେ । ଏହି ଘଟଣାକୁ ସଂଘ ତରଫରୁ ନିନ୍ଦା କରିବା ସହ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା । ଓଡିଶା ଅଣଗେଜେଟେଡ଼ ବନ ସେବା ସଂଘ ୩ ଗୋଟି ଦାବି ରଖିଛନ୍ତି । ସେ ଦାବୀଗୁଡ଼ିକ ହେଲା ଫାଷ୍ଟ ଟ୍ରାକ କୋର୍ଟରେ ସଂପୃକ୍ତ କେସକୁ ବିଚାର କରାଇ ମୃତକଙ୍କ ପରିବାରଙ୍କୁ ୧ କୋଟି ଟଙ୍କା ଅନୁକମ୍ପା ସହାୟତା ଯୋଗାଇ ଦେବାକୁ ସରକାର ନିକଟରେ ଦାବୀ କରାଯାଇଛି । ସେହିପରି ଫରେଷ୍ଟ କମିଶନ ଗଠନ କରି କେଡ଼ର ପରିମାର୍ଜନ, ତାଲିମ ଓ



ନିଯୁକ୍ତି ପ୍ରକ୍ରିୟା ଏବଂ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସହ ସମସ୍ତ ଉଇଙ୍ଗଙ୍କୁ ଇଣ୍ଟିଗ୍ରେଟ କରି ଜିଲ୍ଲା ବା ସର୍କଲ ସ୍ତରରେ ଗୋଟିଏ ଛତା ତଳେ ପରିଚାଳନା କରାଯାଉ , ପୁଣି ଭୌଗୋଳିକ ଅଞ୍ଚଳ ଓ ଜଙ୍ଗଲ ଘନତା ଅନୁସାରେ ରେଞ୍ଜ/ସେକ୍ସନ/ ବିଟର ପୁନର୍ଗଠନ କରାଯାଉ, ବନ୍ୟପ୍ରାଣୀ ଓ ଟେରିଟୋରୀଆଲ୍ ଡ଼ିଭିଜନ ମାନଙ୍କରେ ସ୍କୋଶାଲ ଷ୍ଟ୍ରାଇକିଂ ଫୋର୍ସ ଏବଂ ରାପିଡ୍ ରେସ୍ପଣ୍ଡ ଟିମ୍ ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିୟୋଜନ କରିବା ସହ ନୂତନ କେଡ଼ର ପୋଷ୍ଟ୍ ସୃଷ୍ଟି କରାଯାଉ ଏବଂ ପୋଲିସ ବିଭାଗ ଭଳି ଇନସ୍ୟୁରାନ୍ସ ପେକେଜ୍ କରାଯିବା ନିମନ୍ତେ ସରକାର ଙ୍କ ଠାରେ ଦାବୀ କରାଯାଇଛି । ସରକାର ଏହି ଦାବି ଗୁଡିକ ପ୍ରତି ଧ୍ୟାନ ନ ଦେବାରୁ ଗତ ଜୁନ ୯ ତାରିଖରେ ସର୍କଲ କାର୍ଯ୍ୟାଳୟ କୋରାପୁଟରୁ ବାହାରି ସମସ୍ତ କର୍ମଚାରୀ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଦିଆଯାଇଥିଲା । ଜୁନ ୧୪ ପର୍ଯ୍ୟନ୍ତ ସରକାରଙ୍କ ମତାମତକୁ ଅପେକ୍ଷା କରାଯାଇଥିଲା । କିନ୍ତୁ ସରକାରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ନ ମିଳିବାରୁ ଆଜି ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ବନଖଣ୍ଡ ର ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ । ଅତିଶୀଘ୍ର ଦାବି ପୂରଣ ନ ହେଲେ ଆସନ୍ତା ୨୨ ତାରିଖରୁ ସମସ୍ତ କର୍ମଚାରୀ ସାମୁହିକ ଛୁଟିରେ ରହି ଶାନ୍ତିପୂର୍ଣ୍ଣ ଭାବରେ ସର୍କଲ ଅଫିସ ସମ୍ମୁଖରେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ରାୟଗଡା ବନଖଣ୍ଡ ବନ ସେବା ସଂଘର ସଭାପତି ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି ।

## ଅର୍ତ୍ତାମୂଳ ରଜ ମହୋତ୍ସବ

# ନିଶା କବଳରୁ ଯୁବ ସମାଜକୁ ଦୂରେଇ ରହିବାକୁ ପରାମର୍ଶ



ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମର ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଥିବା ରଜ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିନ । ଏହି ଉପଲକ୍ଷେ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ସମାଜସେବୀ ସ୍ମାରକ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବରେ କେନ୍ଦ୍ରାପଡ଼ା ଜିଲ୍ଲା କୃଷକ ମୋର୍ଚ୍ଚାର ସମ୍ପାଦକ ଜିତେନ୍ଦ୍ର କୁମାର ପଣ୍ଡା, ୧୩ ନଂ ମଣ୍ଡଳର ବିଜେପି ସଭାପତି ଆଇନଜୀବୀ ବିଜୟ କୁମାର ଜେନା, ଯଅଁରାବାରିମୂଳ ପଂଚାୟତ ବିଜେପି ସଭାପତି କଳ୍ପତରୁ ଶତପଥି, ସମାଜସେବୀ ଦିପ୍ତିକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପରିଡ଼ା ଯୋଗଦେଇ କୃଷିଭିତ୍ତିକ ଏହି ପର୍ବରେ ଗ୍ରାମାଂଚଳର ଜନସାଧାରଣ, କିଶୋର କିଶୋରୀଙ୍କ ମଧ୍ୟରେ ପୂର୍ବରୁ ରହିଆସିଥିବା ପରମ୍ପରାକୁ ଉଜ୍ଜୀବିତ କରାଉଛି । ଏଥିସହିତ ଗ୍ରାମାଞ୍ଚଳର ଯୁବସମାଜକୁ ନିଶା କବଳରୁ ଦୂରେଇରହିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପ୍ରଥମ ରଜ ଓ ଦ୍ୱିତୀୟ ରଜରେ କୁନି କୁନି ପିଲା ଓ କିଶୋର କିଶୋରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରମୋଦ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ବେଣୁଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ବଳ, ଅନାଥ ବନ୍ଧୁ ଜେନା, ରଜତ ବଳ, ନୀର ଜେନାଙ୍କ ସମେତ ରଜ ମହୋତ୍ସବ କମିଟିର ସଭ୍ୟସଭ୍ୟାମାନେ ପରିଚାଳନା କରିଥିଲେ । ଦ୍ୱିତୀୟ ଦିନରେ ପାଗ ଅନୁକୂଳ ରହିଥିବା ଯୋଗୁ ନିକଟସ୍ଥ ୧୦ଟି ପଂଚାୟତର କୁନିକୁନି ପିଲା, କିଶୋର କିଶୋରୀ ଓ ବୃଦ୍ଧବୃଦ୍ଧାମାନେ ଏଠାରେ ଲଗାଯାଇଥିବା ବିଭିନ୍ନ ପାରମ୍ପରିକ ଦୋଳି ଖେଳିର ମଜା ନେଇଥିଲେ । ସନ୍ଧ୍ୟାରେ କୁନିକୁନି ପିଲାମାନଙ୍କ ନୃତ୍ୟ ଉପସ୍ଥିତ ଲୋକମାନଙ୍କୁ ବିଭୋର କରିଥିଲା ।



କଟକ(ଭାସ୍କର ନ୍ୟୁଜ): ମଙ୍ଗଳବାର ଅପରାହ୍ନ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ହଇଜା ରୋଗୀ ମାନଙ୍କୁ ଭେଟି ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ । ଏସ୍‌ସିବି ଅଧିକ୍ଷକ ଡାକ୍ତର ଗୌତମ ଶତପଥି ବିଧାୟିକାଙ୍କୁ ରୋଗୀଙ୍କର ସ୍ୱାସ୍ଥ୍ୟବସ୍ଥା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ବର୍ଷା ଆରମ୍ଭରୁ ରାଜ୍ୟରେ ଡାଇରିଆ ବ୍ୟାପିବାରେ ଲାଗିଲାଣି । ଜଣେ ରୋଗୀଙ୍କୁ ମେଡିକାଲରେ ଭର୍ତ୍ତି ହେଲାବେଳକୁ ଘରେ ଆଉ ଜଣେ ଅସୁସ୍ଥ ହୋଇ ପଡୁଛି । ଧୀରେ ଧୀରେ ଏହା ବଢିବାକୁ ଲାଗିଲାଣି। କଟକ ଏସସିବି ମେଡିକାଲରେ ୩୦ ରୁ ଉର୍ଦ୍ଧ୍ୱ ରୋଗୀ ଏବେ ଚିକିତ୍ସିତ ହେଉଛନ୍ତି । ଯାଜପୁରରେ ଏହା ଅତି ମାତ୍ରାରେ ବ୍ୟାପିଛି । କଟକରେ ଯେପରି ଏହି ଅବସ୍ଥା ନହେଉ ସ୍ୱାସ୍ଥ୍ୟ ବିଭାଗ ସେଥିପ୍ରତି ଧ୍ୟାନ ଦେବାକୁ ବିଧାୟିକା ସୋଫିଆ କହିଛନ୍ତି । ନଗର କଂଗ୍ରେସ ପୂରବତନ ସଭାପତି ଗିରିବାଳା ବେହେରା, ସ୍ଥାନୀୟ କର୍ପୋରେଟର ଜେ କାମେଶ୍ୱର ରାଓ, ସନ୍ତୋଷ ପାତ୍ର, ସୁରତି ରଞ୍ଜନ ରାଉତ, ସୁରଜିତ ସାହୁ, ଅବଦୁଲ ନସିମ, ଶୋନୁ ସ୍ୱାଇଁ, ମହେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂତନ ଅପରାଧିକ ଆଇନ ସମ୍ପର୍କିତ କର୍ମଶାଳା

# ୩ ନୂତନ ଆଇନର ମୌଳିକ ଉପାଦାନ ଉପରେ ଡିଜିପିଙ୍କ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କ ନିମନ୍ତେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀ ତରଫରୁ ଆୟୋଜିତ 'ନୂତନ ଅପରାଧିକ ଆଇନ' ସମ୍ପର୍କିତ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଆନୁଷ୍ଠାନିକ ଭାବେ ଉଦଘାଟନ କରି ତିନୋଟି ନୂତନ ଆଇନର ମୌଳିକ ଉପାଦାନ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ କେନ୍ଦ୍ରୀୟ ତଦନ୍ତ ସଂସ୍ଥାନ (ସିବିଆଇ) ର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ଧରମ ଚାନ୍ଦ ଜୈନ ଓ ସିବିଆଇର ପ୍ରସିକ୍ୟୁସନ ନିର୍ଦ୍ଦେଶିକା ପଦ୍ମିନୀ ସିଂହ ରିସୋର୍ସ ପର୍ସନ ଭାବେ ଯୋଗ ଦେଇ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଆଗାମୀ ଦିନରେ ପରିବର୍ତ୍ତିତ ନୂତନ ଆଇନର କାର୍ଯ୍ୟକାରିତା ଏବଂ ତୃଣ ମୂଳ ସ୍ତରରେ ଏହାର ସଠିକ ଉପଯୋଗ ହେବା କ୍ଷେତ୍ରରେ ବରିଷ୍ଠ ପୋଲିସ ଅଧିକାରୀମାନେ ଗୁରୁ ଦାୟିତ୍ୱ ତୁଲାଇବେ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି। ଆଇନ ବ୍ୟବସ୍ଥାକୁ ବଜାୟ ରଖିବା ସହ ପ୍ରତ୍ୟେକ ନାଗରିକଙ୍କ ଅଧିକାର ଏବଂ ମର୍ଯ୍ୟାଦାକୁ ସୁରକ୍ଷା ଦେବା ପାଇଁ ବଦ୍ଧପରିକର ହୋଇ କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଦୃଢ ଇଚ୍ଛାଶକ୍ତି ଏବଂ ବୃତିଗତ ଦକ୍ଷତାର ସହିତ ଏହି ଆଇନଗତ ସଂସ୍କାର ଭାରତର ନ୍ୟାୟିକ ବ୍ୟବସ୍ଥାରେ ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ ଏବଂ ନ୍ୟାୟ ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ମଜବୁତ କରି ଗଢି ତୋଳିବାକୁ ଡିଜିପି ଆହ୍ୱାନ ଦେଇଛନ୍ତି। ଏହି ନୂତନ ଅପରାଧିକ ଆଇନ ଗୁଡ଼ିକ ଦଣ୍ଡ କେନ୍ଦ୍ରିକ ହେବା ପରିବର୍ତ୍ତେ ନ୍ୟାୟ କେନ୍ଦ୍ରିକ ହେବା ଦିଗରେ କାର୍ଯ୍ୟ କରିବାକୁ ଡିଜିପି କହିଛନ୍ତି। ଏହି ନୂତନ ଅପରାଧିକ ଆଇନ ଗୁଡିକ ନ୍ୟାୟ ବ୍ୟବସ୍ଥାରେ ଏକ ଐତିହାସିକ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରିବା ସହ ଆଧୁନିକ ଭାରତର ଗଣତନ୍ତ୍ର, ସାମ୍ବିଧାନିକ ଏବଂ ସାମାଜିକ- ସାଂସ୍କୃତିକ ମୂଲ୍ୟବୋଧରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଡିଜିପି ଆଶା ବ୍ୟକ୍ତ କରିଥିଲେ । ଏହି କର୍ମଶାଳା ରେ ଭୁବନେଶ୍ୱର ଓ କଟକରେ କାର୍ଯ୍ୟରତ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଯୋଗ ଦେଇଥିବା ବେଳେ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ, ସମସ୍ତ ବାଟାଲିୟନର କମାଣ୍ଡାଣ୍ଟ ଓ ସମସ୍ତ ପୋଲିସ ରେଞ୍ଜର ପୋଲିସ ଅଧିକାରୀ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ । ପୋଲିସ ଏକାଡ଼େମୀର ନିର୍ଦ୍ଦେଶକ ସଂଜୀବ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି ତାଲିମ ଅନୁପ ସାହୁ ଏହି କର୍ମଶାଳାକୁ ପରିଚାଳନା କରିଥିଲେ ।

## ରଥଯାତ୍ରା ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଯୋଗ ଦେବା ପାଇଁ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟିଙ୍କୁ ନିମନ୍ତ୍ରଣ କରିଛନ୍ତି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ କୁମାର ପାଢୀ । ମଙ୍ଗଳବାର ମୁଖ୍ୟ ପ୍ରଶାସକ ଶ୍ରୀ ପାଢୀ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ପୁରୀରେ ରଥଯାତ୍ରାରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ଶ୍ରୀ ପାଢୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସୁଗମ ଏବଂ ନିରାପଦ ପରିଚାଳନା ପାଇଁ ଚାଲିଥିବା ବିସ୍ତୃତ ପ୍ରସ୍ତୁତି ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ଦେଶ ଏବଂ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଆଗମନ ଦୃଷ୍ଟିରୁ ଏହାର ଯଥାଯଥ ପରିଚାଳନା କରିବା ପାଇଁ ଗ୍ରହଣ କରାଯାଉଥିବା ବ୍ୟାପକ ବ୍ୟବସ୍ଥା ଉପରେ ଶ୍ରୀ ପାଢ଼ୀ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏ ଦିଗରେ ଶ୍ରୀ ମନ୍ଦିର ପ୍ରଶାସନର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି ଏବଂ ରଥଯାତ୍ରାର ସଫଳ ଆୟୋଜନ ଏବଂ ଶାନ୍ତିପୂର୍ଣ୍ଣ ପାଳନ ପାଇଁ ଶୁଭକାମନା ଜଣାଇଛନ୍ତି।

## ୫୧ କେଜି ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରୁ ୫୧ କେଜି ଗଞ୍ଜେଇ ଜବତ ହୋଇଚଇ । ଷ୍ଟେସନର ଗଳା ବାଟେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ ମାଫିଆ । ଭୁବନେଶ୍ୱରରୁ ଦିଲ୍ଲୀ ନେଉଥିଲେ ଗଞ୍ଜେଇ। ଖବର ପାଇବା ପରେ ମାଡ଼ି ବସିଲା ଜିଆରପି। ସୁଟକେସ ଓ ଦେହରେ ଗୁଡ଼ାଇ ଥିଲେ ଗଞ୍ଜେଇ। ୫୧କେଜି ଗଞ୍ଜେଇ ସହ ତିନିଜଣଙ୍କୁ ଗିରଫ କଲା ଭୁବନେଶ୍ୱର ଜିଆରପି। ରଥଯାତ୍ରା ପୂର୍ବରୁ ଅପରାଧ ନିୟନ୍ତ୍ରଣ ପାଇଁ ଆରମ୍ଭ ହୋଇଛି ସ୍ପେଶାଲ୍ ଡ୍ରାଇଭ୍। ପୁରୀ, ବ୍ରହ୍ମପୁର, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଆରପି ପୋଲିସ ଥାନା ମାନଙ୍କୁ ସାଦା ପୋଷାକରେ ରହି ସ୍ପେଶାଲ୍ ଡ୍ରାଇଭ୍ କରିବାକୁ ପାଇଁ ଏସ.ଆର.ପି. ନିର୍ଦ୍ଦେଶ ଦେଇଛନ୍ତି । ସାଧା ପୋଷାକରେ ଅଫିସର ଓ କର୍ମଚାରୀ ମାନେ ରହି କରିବେ ଡ୍ରାଇଭ୍।

## ବିରୋଧୀ ଦଳ ନେତାଙ୍କୁ ରଥଯାତ୍ରା ପାଇଁ ନିମନ୍ତ୍ରଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀ ଛତିଶା ନିଯୋଗ ସେବାୟତ ମାନଙ୍କର ଏକ ପ୍ରତିନିଧି ଦଳ ମଙ୍ଗଳବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସଭବନ ନବୀନ ନିବାସରେ ଭେଟିଥିଲେ । ରଥଯାତ୍ରାକୁ ନିଶ୍ଚୟ ଆସିବେ ବୋଲି ସେବାୟତମାନେ ଶ୍ରୀ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରିଥିଲେ । ଜୁନ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଶ୍ରୀ ପଟ୍ଟନାୟକ ସେବାୟତ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସାକ୍ଷାତ ସମୟରେ ସାଂସଦ ଶୁଭାଶୀଷ ଖୁଣ୍ଟିଆ ଉପସ୍ଥିତ ଥିଲେ । ଅନମାନଙ୍କ ମଧ୍ୟରେ ସର୍ବଶ୍ରୀ ସାଇନା ଖୁଣ୍ଟିଆ, ଗୌରହରି ପ୍ରଧାନ, ଲୋକନାଥ ମହାସୁଆର, ରବିଶଙ୍କର ପଢିଆରୀ, କାଶୀନାଥ ମହାସୁଆର, ଦାମୋଦର ପ୍ରତିହାରୀ, ହରିଆ ସୁଆର, ଅସିତ୍ ମେକାପ, କୃଷ୍ଣଚନ୍ଦ୍ର ଗୋଚ୍ଛିକାର ଓ ଜମେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୟୁନିଟ ୮ ଅଞ୍ଚଳରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । କାଫେ ଏରିଆ ୮ ଭିତରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିବାକୁ ପାଇଥିଲେ କାଫେ କର୍ମଚାରୀ । ମୃତକଙ୍କ ନାଁ ଅବକାଶ ମହାନ୍ତି । ଘର ଜଗତସିଂହପୁର ଏରସମା ଅଞ୍ଚଳରେ ହୋଇଥିବା ସୂଚନା ମିଳିଛି । ଘଟଣା ସ୍ଥଳରେ ନୟାପଲି ଥାନା ପୋଲିସ ପହଁଞ୍ଚି ଛାନଭିନ କରିଛି । ମୃତ୍ୟୁର କାରଣ ଏଯାଏ ଅସ୍ପଷ୍ଟ ରହିଛି ।

## ବସ୍ ଚକତଳେ ଗଲା ସ୍କୁଟି ଚାଳକଙ୍କ ଜୀବନ

କଟକ(ଭାସ୍କର ନ୍ୟୁଜ୍): ବାଦାମବାଡ଼ିରେ ଏକ ସଡକ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ଦେହାନ୍ତ ହୋଇଛି। ମଙ୍ଗଳବାର ଦିନ ୧ଟା ବେଳେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ମୃତଦେହକୁ ଏସସିବିରେ ରଖାଯାଇଛି। ଦିନ ପ୍ରାୟ ୧ଟା ବେଳେ ଉମା ନାମକ ଏକ ବସ୍ ନେତାଜୀ ଟର୍ମିନାଲ୍‌ରୁ ଯାତ୍ରୀ ନେଇ ନୟାଗଡ଼ ଯାଉଥିଲା। ଗାଡିଟି ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ପାଖରେ ଅତିକ୍ରମ କଲା ବେଳେ ହଠାତ୍ ଜଣେ ସ୍କୁଟି ଚାଳକ ସାମ୍ନାକୁ ପଳାଇ ଆସିଥିଲେ। ଫଳରେ ସ୍କୁଟି ଚାଳକ ବସ୍ ତଳେ ଚାପି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଏସସିବିରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ଗଣଦୁଷ୍କର୍ମ ଘଟଣାକୁ ନିନ୍ଦା କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏକ୍ସରେ ନବୀନ ଲେଖିଛନ୍ତି ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ପର୍ଶକାତର, ସଭିଙ୍କୁ ବିଚଳିତ କରିଛି। ଏହାକୁ ଦୃଢ଼ ନିନ୍ଦା କରୁଛି। ପର୍ଯ୍ୟଟନ ସ୍ଥଳୀରେ ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନାକୁ ରୋକିବା ଦିଗରେ ସରକାର ସଜାଗ ହୁଅନ୍ତୁ।


## ପ୍ରଧାନମନ୍ତ୍ରୀଙ୍କ ରୋଡ଼ ଶୋ' ପାଇଁ ସୁରକ୍ଷା ସମୀକ୍ଷା


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ଷକ ଭିତରେ ଷଷ୍ଠଥର ପାଇଁ ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ମୋଦିଙ୍କ ରୋଡ଼ ସୋ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ଏସପିଜିର ଉପସ୍ଥିତରେ ବୈଠକ ବସିଥିଲା। ଭୁବନେଶ୍ୱର ବିମାନବନ୍ଦର ଠାରୁ ଆରମ୍ଭ କରି ସଂଯୋଗ କରିଥିବା ରାସ୍ତା ଓ ଜନତା ମୈଦାନ ପର୍ଯ୍ୟନ୍ତ ସମସ୍ତ ସୁରକ୍ଷାର ଫିଲଡ଼ ଭିଜିଟ କରି ସମୀକ୍ଷା କରାଯିବ। ସିକ୍ୟୁରିଟି ପାଇଁ ଯାହା ଆବଶ୍ୟକ ତାହା କରାଯିବ। ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି । ଏହି ବୈଠକରେ ଏସପିଜି, କମିଶନରେଟ ପୋଲିସ, ଅଗ୍ନିଶମ ବିଭାଗ,ଏକାମ୍ର ବିଧାୟକ ବାବୁ ସିଂ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ । ଆସନ୍ତା ୨୦ ତାରିଖରେ ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ପିଏମ ମୋଦି ।

## ଶାନ୍ତି ଓ ଚେତନାର ବିଶ୍ୱ-ନାୟକଙ୍କୁ ଜ୍ୟାକ୍ସନ୍‌ଭିଲର ଐତିହାସିକ ଶ୍ରଦ୍ଧାଞ୍ଜଳି




କଟକ(ଭାସ୍କର ନ୍ୟୁଜ): ଫ୍ଲୋରିଡାର ଜ୍ୟାକ୍ସନଭିଲ୍ ସହର ୧୬ ଜୁନକୁ ଆଧିକାରିକ ଭାବରେ ଶ୍ରୀ ଶ୍ରୀ ରବିଶଙ୍କର ଶାନ୍ତି ଓ ସ୍ୱାସ୍ଥ୍ୟ ଦିବସ ରୂପେ ଘୋଷଣା କରିଛି। ଏହାକୁ ସେଠାକାର ମେୟର ମିସ୍ ଡୋନା ଡିଗାନ୍ ୟୁନିଭର୍ସିଟି ଅଫ୍ ନର୍ଥ ଫ୍ଲୋରିଡାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଧିବଦ୍ଧ ଭାବରେ ଘୋଷଣା କରିଛନ୍ତି । ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇ ଏହା କେବଳ ଏକ ସମ୍ମାନ ନୁହେଁ, ଭାରତୀୟ ଆଧ୍ୟାତ୍ମିକ ଧାରା ପ୍ରତି ବିଶ୍ୱର ମାନ୍ୟତା ବୋଲି କହିଛନ୍ତି । ଏହି ସମ୍ମାନ ଦଶନ୍ଧି ଦଶନ୍ଧି ଧରି ଆଧ୍ୟାତ୍ମିକ ମୂଲ୍ୟବୋଧ, ବିଶ୍ୱଭ୍ରାତୃତ୍ୱ ଓ ମନୁଷ୍ୟର ଆଭ୍ୟନ୍ତରୀଣ ଶାନ୍ତି ପାଇଁ କାର୍ଯ୍ୟକରି ଆସୁଥିବା ଏବଂ ସାରା ବିଶ୍ୱ ଭ୍ରମଣ କରି ଏ ସମ୍ପର୍କରେ ପ୍ରଚାର କରୁଥିବା ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ବୋଲି ଜ୍ୟାକ୍ସନଭିଲ୍ଲେୟର ମିସ୍ ଡିଗାନ୍ କହିଛନ୍ତି । ଏଥିସହ ସରକାରୀ ଭାବରେ ଶ୍ରୀ ଶ୍ରୀ ରବିଶଙ୍କର ଶାନ୍ତି ଦିବସ ଘୋଷଣା କରିବାରେ ଜ୍ୟାକ୍ସନଭିଲ୍ ବିଶ୍ୱର ୩୨ତମ ସହର ପାଲଟିଛି । ଏହା ଶାନ୍ତିଦୂତ ତଥା ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ବାଣୀ ଯେ ଦେଶର ସୀମା ଡେଇଁ ସମଗ୍ର ମାନବ ସମାଜକୁ ଉଦବୁଦ୍ଧ କରିବା ଦିଗରେ ଆଗେଇ ଚାଲିଛି ତାହା ପ୍ରମାଣିତ କରିଛି ।





"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"

-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"

- ଉତ୍କଳମଣି ଗୋପବନ୍ଧୁ ଦାସ



## ବାଜିଲା ଜନଗଣନାର ବିଗୁଲ

# ଦୀର୍ଘ ପ୍ରତୀକ୍ଷାର ପରିସମାପ୍ତି

ଆମ ଦେଶରେ ବହୁ ପ୍ରତୀକ୍ଷିତ ଜନଗଣନାର ବିଗୁଲ ବାଜି ଉଠିବା ସହିତ ସୋମବାର ଏଥିନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ଦୁଇଟି ପର୍ଯ୍ୟାୟରେ ସାରା ଦେଶରେ ଜନଗଣନା କରାଯିବା ସହିତ ପ୍ରଥମ ଥର ପାଇଁ ଜାତିଭିତ୍ତିକ ଜନଗଣନା କରାଯାଇ ସବିଶେଷ ତଥ୍ୟ ସଂଗୃହୀତ ହେବ। ଭାରତରେ ବ୍ରିଟିଶ୍ ଶାସନ ସମୟରୁ ପ୍ରତି ଦଶ ବର୍ଷରେ ଥରେ ଜନଗଣନା କରାଯିବାର ବ୍ୟବସ୍ଥା ରହିଆସିଛି। ଲର୍ଡ ରିପନ ଗଭର୍ଣ୍ଣର ଜେନେରାଲ ବା ଭାଇସ୍ ରାୟ ଥିବା ସମୟରେ ୧୮୮୧ ମସିହାରେ ପ୍ରଥମ ଜନଗଣନା ହୋଇଥିବାବେଳେ ୨୦୧୧ରେ ଶେଷ ଥର ପାଇଁ ଜନଗଣନା ହୋଇଥିଲା। ନିୟମ ଓ ପରମ୍ପରା ଅନୁଯାୟୀ ଗତ ୨୦୨୧ ମସିହାରେ ପରବର୍ତ୍ତୀ ଜନଗଣନା ହେବାର କଥା, ମାତ୍ର ଦେଶବ୍ୟାପୀ ମହାମାରୀ କରୋନାର ଭୟାବହତା ଯୋଗୁଁ ଏହା ସମ୍ଭବପର ହୋଇନଥିଲା। ଏହା ପରେ ପରେ ବିଭିନ୍ନ ରାଜ୍ୟରେ ନିର୍ବାଚନ ଓ ଶେଷରେ ସାଧାରଣ ନିର୍ବାଚନ ଆସିଯିବାରୁ ଜନଗଣନା ବିଷୟ କେହି ଚିନ୍ତା କରିନଥିଲେ। ଇତିମଧ୍ୟରେ ୪ ବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ଜନଗଣନା ପାଇଁ ସେଭଳି କୌଣସି ତତ୍ପରତା ପ୍ରକାଶ ପାଇନଥିଲା। ଫଳରେ ବର୍ତ୍ତମାନ ଦେଶର ପ୍ରକୃତ ଲୋକ ସଂଖ୍ୟା କେତେ, ସେମାନଙ୍କ ମଧ୍ୟରେ ମହିଳା, ପୁରୁଷ, ଛାତ୍ର, ଯୁବକ ଓ ବରିଷ୍ଠ ନାଗରିକଙ୍କ ସଂଖ୍ୟା କେତେ ସେଥିନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଜାଣିବା ସମ୍ଭବପର ହେଉନାହିଁ। ଏବେ ବି ଦେଶର ସମସ୍ତ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ୨୦୧୧ ମସିହା ଲୋକସଂଖ୍ୟାର ତଥ୍ୟ ଆଧାରରେ କାର୍ଯ୍ୟକାରୀ ହେଉଛି। ସୁଖର କଥା ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ କେନ୍ଦ୍ର ସରକାର ଆସନ୍ତା ବର୍ଷ ସମଗ୍ର ଦେଶରେ ଜନଗଣନା କାର୍ଯ୍ୟ ଆରମ୍ଭ କରିବାକୁ ଅଣ୍ଟା ଭିଡିବା ସହିତ ସୋମବାର ଏଥିନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ଅକ୍ଟୋବର ପହିଲାରୁ ଦୁଇଟି ପର୍ଯ୍ୟାୟରେ ଜନଗଣନା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଲଦାଖ ଭଳି ପାର୍ବତ୍ୟ ଅଞ୍ଚଳରେ ଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ପହିଲାରୁ ଜନଗଣନା କାର୍ଯ୍ୟ ଆରମ୍ଭ ହେବ। ଦେଶର ଏହି ସର୍ବବୃହତ ଅଭିଯାନ ୩ ବର୍ଷ ଧରି ଚାଲିବାକୁ ଥିବାବେଳେ ଏ ବାବଦରେ କେନ୍ଦ୍ର ସରକାରଙ୍କୁ ୩ ହଜାର ୭୬୮ କୋଟି ଟଙ୍କା ବ୍ୟୟ କରିବାକୁ ପଡିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ସ୍ୱାଧୀନତାପ୍ରାପ୍ତି ପରେ ଆମ ଦେଶରେ ପ୍ରଥମ ଥର ପାଇଁ ଜାତି ଭିତ୍ତିକ ଜନଗଣନା କରାଯିବାର ବ୍ୟବସ୍ଥା ହୋଇଛି। ଅର୍ଥାତ୍ ଜନଗଣନା ସହିତ ଜାତି ଭିତ୍ତିକ ଜନଗଣନା ଏକତ୍ର କରାଯିବ। ଜାତି ଭିତ୍ତିକ ଜନଗଣନା କରାଯିବାକୁ କଂଗ୍ରେସ ସମେତ ଅନେକ ବିରୋଧୀ ଦଳ ଦୀର୍ଘଦିନ ଧରି ଦାବି କରିଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ସେତେଟା ଗୁରୁତ୍ୱ ଦେଇନଥିଲେ। ମାତ୍ର ଗତ ଏପ୍ରିଲ୍ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରୀମଣ୍ଡଳ ବୈଠକରେ ଜାତିଭିତ୍ତିକ ଜନଗଣନା କରାଯିବା ଲାଗି ନିଷ୍ପତ୍ତି ନିଆଗଲା, ଯାହା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ୧୯୪୮ ମସିହାର ଜନଗଣନା ଆଇନରେ ତଫସିଲଭୁକ୍ତ ଜାତି(ଏସ୍‌ସି) ଏବଂ ତଫସିଲଭୁକ୍ତ ଉପଜାତି (ଏସ୍‌ଟି) ଗଣନାର ବ୍ୟବସ୍ଥା ରହିଛି। ବର୍ତ୍ତମାନର ନିଷ୍ପତ୍ତି ଅନୁଯାୟୀ ଅନ୍ୟାନ୍ୟ ପଛୁଆ ବର୍ଗ ବା ଓବିସି ଗଣନା କାର୍ଯ୍ୟ ହାତକୁ ନେବା ଲାଗି ଆଇନରେ ସଂଶୋଧନ ଆଣିବାକୁ ପଡିବ। ଓବିସିରେ ସମୁଦାୟ ୨୬୫୦ ଜାତି ସାମିଲ ଥିବାବେଳେ ସେହି ଜାତିଗୁଡିକର ଲୋକସଂଖ୍ୟା ପ୍ରକୃତରେ କେତେ, ତାହା ନିର୍ଭୁଲ ତଥ୍ୟ ଏଥର ହସ୍ତଗତ ହେବ ବୋଲି ଆଶା କରାଯାଉଛି। କେନ୍ଦ୍ର ସରକାରଙ୍କ ଜନଗଣନା କାର୍ଯ୍ୟ ଯେପରି ଶୃଙ୍ଖଳିତ ଭାବରେ ସୁରୁଖୁରୁରେ ସମାହିତ ହୁଏ, ସେ ଦିଗରେ ସମସ୍ତେ ସହଯୋଗ କରିବା ଉଚିତ୍।

# ପରମ ଆଧ୍ୟାତ୍ମିକ ଗ୍ରନ୍ଥ ଗୀତଗୋବିନ୍ଦ ଏବଂ ଭକ୍ତ ଜୟଦେବ : ଏକ ତାତ୍ତ୍ୱିକ ଅନୁଶୀଳନ



ଡ଼କ୍ଟର ରାମଚନ୍ଦ୍ର ଦାଶ
ଅକରପଡା, ନଳୀପୁର, ବାଲିଚନ୍ଦ୍ରପୁର, କଟକ
ମୋ-୭୬୮୯୮୩୨୫୭୭

ଉତ୍କଳ ପ୍ରଦେଶରେ ଜନ୍ମଗ୍ରହଣ କରିଥିବା ମହାକବି ଶ୍ରୀ ଜୟଦେବ ଭକ୍ତି ରସାମୃତ 'ଗୀତଗୋବିନ୍ଦ ' ସର୍ଜନା କରି କାଳଜୟୀ ସ୍ରଷ୍ଟା ହୋଇପାରିଛନ୍ତି । ସମଗ୍ର ଭାରତ ବର୍ଷରେ କାହିଁକି ବିଶ୍ୱ ଦରବାରରେ ମଧ ଚମକ୍ ସୃଷ୍ଟି କରିପାରିଛି ଶ୍ରୀ ଜୟଦେବଙ୍କର ସାରସ୍ୱତ ସୃଷ୍ଟି ସମ୍ଭାର 'ଗୀତଗୋବିନ୍ଦ', ବିଶ୍ୱ କାବ୍ୟ ଜଗତରେ ଶ୍ରୀ ଜୟଦେବ ହେଉଛନ୍ତି ଜଣେ ଅନନ୍ୟ ଓ ଅବିସ୍ମରଣୀୟ ପ୍ରତିଭା । ବିଶେଷ କରି ଅତୁଳନୀୟ ଭାବଭକ୍ତି ର ସ୍ୱରୂପ ପରିପ୍ରକାଶ ହୋଇଛି ତାଙ୍କର 'ଗୀତଗୋବିନ୍ଦ ' କାବ୍ୟରେ ।

ବାଲ୍ୟକାଳରୁ ଶ୍ରୀ ଜୟଦେବ ଥିଲେ ରାଧାମାଧବଙ୍କର ପରମ ଭକ୍ତ । ପିତାମାତାଙ୍କ ମୃତ୍ୟୁପରେ ସେ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମ ପୁରୀକୁ ଆସିଥିଲେ ଏବଂ ଶ୍ରୀ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ଅଭିପ୍ରାୟ ରଖି ଦର୍ଶନ କରିବାକୁ ଯାଇ ସେ ରାଧାମାଧବଙ୍କର ଦର୍ଶନ ଲାଭ କରିଥିଲେ । ଜୟଦେବ ରାଧାମାଧବଙ୍କର ପରମ ଉପାସକ ଥିଲେ । ତେଣୁ ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାମାଧବଙ୍କ ରୂପରେ ଜୟଦେବଙ୍କୁ ଦର୍ଶନ ଦେଇ ତାଙ୍କ ମନ ତୋଷ କରିଥିଲେ । ଫଳରେ ଜୟଦେବ ମନରେ ଧାରଣା ସୃଷ୍ଟି ହେଲା ଯେ, ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାକ୍ଷାତ୍ ରାଧାମାଧବ । ତେଣୁ ତାଙ୍କର ସମସ୍ତ ଭକ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅଜାଡ଼ି ହୋଇ ପଡ଼ିଥିଲା । ପ୍ରଭୁଙ୍କ କୃପାରୁ ଜୟଦେବ ସଂସ୍କୃତି କାବ୍ୟ, ବ୍ୟାକରଣ, ଜ୍ୟୋତିଷ ଶାସ୍ତ୍ରର ଇତ୍ୟାଦି ରେ ପାଣ୍ଡିତ୍ୟ ଲାଭ କରିଥିଲେ ।

ପ୍ରଭୁ ରାଧାମାଧବଙ୍କ କୃପାରୁ ଭକ୍ତ ପ୍ରବର ଶ୍ରୀ ଜୟଦେବ ଯେଉଁ 'ଗୀତଗୋବିନ୍ଦ ' ରଚନା କରିଛନ୍ତି, ସେଥିରେ କବିତ୍ୱ ସହିତ ଭକ୍ତି ରସ ବିଶେଷ ଭାବରେ ପରିପ୍ରକାଶ ହୋଇ ଅଛି । ବିଭୁ ପାଦପଦ୍ମ ରେ ନିଜକୁ ସମର୍ପିତ କରି, ରାଧାମାଧବଙ୍କ ପ୍ରେମ ରେ ନିଜକୁ ନିମଜ୍ଜିତ କରି ଏବଂ ଭକ୍ତି ସାଗରରେ ନିଜକୁ ହଜାଇ ଦେଇ ଶ୍ରୀ ଜୟଦେବ 'ଗୀତଗୋବିନ୍ଦ' ରଚନା କରିଥିଲେ । 'ଗୀତଗୋବିନ୍ଦ ' ଲେଖୁଥିଲା ବେଳେ ଗୋଟିଏ ସ୍ଥାନରେ କବି ଜୟଦେବ ପଦ ନପାଇ ଅଟକି ଯାଇଥିଲେ ଏବଂ ସେ ଲେଖା ବନ୍ଦ କରି ସ୍ନାନ ପର୍ବ ସମାପନ କରିବାକୁ ନିକଟସ୍ଥ ପୁଷ୍କରିଣୀକୁ ଚାଲିଯାଇ ଥିଲେ । ଇତ୍ୟବସରରେ ସ୍ୱୟଂ ପ୍ରଭୁ ଶ୍ରୀ ଜୟଦେବଙ୍କ ବେଶ ରେ ଆସି ବାକି ଥିବା ପଦକୁ ସ୍ୱହସ୍ତରେ ଯୋଡ଼ି ଦେଇ କବି ପତ୍ନୀ ପଦ୍ମାବତୀଙ୍କ ହସ୍ତ ପ୍ରସ୍ତୁତ ଖାଦ୍ୟ ଖାଇ ଚାଲିଯାଇ ଥିଲେ। ଜୟଦେବ ତା'ପରେ ସ୍ନାନ ସାରି ଗୃହକୁ ଫେରିବା ଦେଖି ପଦ୍ମାବତୀ ବିସ୍ମିତ ହୋଇଯାଇଥିଲେ ଏବଂ କେହି ଆସି ଲେଖନୀ ଚାଳନା କରି ତାଙ୍କ ରନ୍ଧା ଖାଦ୍ୟ ଖାଇ ଚାଲିଯାଇଥିବା କଥା କହିଥିଲେ । ଜୟଦେବ ପୋଥି ଦେଖିଲା ବେଳକୁ ସେ ଛାଡ଼ି ଯାଇଥିବା ପଦଟି ପୂରଣ ହୋଇଥିବା ଜାଣି ପାରିଥିଲେ। ସେ ପଦଟି ହେଉଛି 'ସ୍ମର ଗରଳ ଖଣ୍ଡନଂ ମମ ଶିରସି ମଣ୍ଡନଂ, ଦେହି ମେ ପଦ ପଲ୍ଲବ ମୁଦାରଂ ।' ଏକଥା ଜାଣିପାରି କବି ଜୟଦେବ ଓ ପତ୍ନୀ ପଦ୍ମାବତୀ ଅପାର ଆନନ୍ଦ ଲାଭ କରିଥିଲେ ଏବଂ ନିଜକୁ ଧନ୍ୟ ମନେ କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା ଯେ, ଜୟଦେବଙ୍କର ନିଷ୍କାମ ଭକ୍ତି ଭାବ ହିଁ ପ୍ରଭୁଙ୍କ ସହିତ ଯୋଡି ହୋଇଯାଇଥିଲା। ମହା ପ୍ରଭୁ ଶ୍ରୀ ଜଗନ୍ନାଥ କୃପା ରୁ 'ଗୀତଗୋବିନ୍ଦ'ର ସୃଷ୍ଟି ଏବଂ ଏହାର ପ୍ରେରଣାଦାତ୍ରୀ ହେଉଛନ୍ତି ପଦ୍ମାବତୀ। ପ୍ରେମର ପ୍ରଜ୍ଞାର କବି ଜୟଦେବ ।

କବି ଜୟଦେବଙ୍କର ଦଶ ଅବତାର ସ୍ତୋତ୍ରରେ ପ୍ରଭୁଙ୍କର ଦଶ ଅବତାରର ବର୍ଣ୍ଣନା କରାଯାଇଛି ଯାହାକି ଭକ୍ତ ମାନଙ୍କୁ ଆତ୍ମହରା କରିଥାଏ । ଏହି ସ୍ତୋତ୍ରର ମୂର୍ଚ୍ଛନା ଓ ମାଧୁରିମା ସମଗ୍ର । ସଂସାରରେ ପ୍ରତ୍ୟେକ ଭକ୍ତଙ୍କ ପ୍ରାଣରେ ଗୋବିନ୍ଦ ପ୍ରେମ ସୃଷ୍ଟି କରିଛି। ସେଥିପାଇଁ ଏହାକୁ 'ଗୀତଗୋବିନ୍ଦ ' କୁହାଯାଏ । ଏହି ସାରସ୍ୱତ ସୃଷ୍ଟି ନିଖିଳଜନର ବ୍ୟଥା ଓ ବେଦନା କୁ ବିନାଶ କରି ହୃଦୟ ରେ ଜୀବନାମୃତର ଅପୂର୍ବ ଲହରୀ ସୃଷ୍ଟି କରିପାରେ । କେବଳ 'ଗୀତଗୋବିନ୍ଦ' ନୁହେଁ ଶ୍ରୀ ଜୟଦେବ ଙ୍କର ଶ୍ରୀରାଧା- ଶ୍ରୀ କୃଷ୍ଣଙ୍କର ରାସ ଲୀଳା ସମଗ୍ର ଜଗତରେ ଭଗବତ୍ ପ୍ରେମ ତଥା ଶ୍ରୀ ରାଧା କୃଷ୍ଣଙ୍କର ଅତୁଳନୀୟ ଶାଶ୍ୱତ ପ୍ରେମର କାଉଁରୀ ସ୍ପର୍ଶ ଦେଇପାରଛି । ପ୍ରେମ -ପ୍ରୀତି – ପ୍ରଣୟର ଚିତ୍ର ସହିତ ଭକ୍ତି ମନ୍ଦାକିନୀର ପବିତ୍ର ଧାରା ସୃଷ୍ଟି କରିଛି ଏହି ରାସଲୀଳା । କାବ୍ୟର ନାମକରଣ ଦେବାଳୟର ମୁଖଶାଳା ସଦୃଶ । ଦେବାଳୟକୁ ଗଲାବେଳେ ମୁଖଶାଳାର ଦର୍ଶନ ମାତ୍ରେ ଯେପରି ଭକ୍ତି ମନରେ ପ୍ରଭୁଙ୍କ ଚିତ୍ରପଟ ଉଦ୍ରେକ ହୋଇଯାଏ ସେହିପରି ' ଗୀତଗୋବିନ୍ଦ' କାବ୍ୟ ପଠନ ପାଇଁ ଦର୍ଶନ ମାତ୍ରେ ପ୍ରେମ ରସ ମନ ମଧ୍ୟରେ ସୃଷ୍ଟି ହେବା ସହ ତାହା ଆସ୍ୱାଦନ କରିବାପାଇଁ ପ୍ରାଣ ବିହ୍ୱଳିତ ହୋଇଯାଏ । ଏହା ଗାୟନ ବା ଶ୍ରବଣ ମାତ୍ରେ ମନପ୍ରାଣ ଆଧ୍ୟାତ୍ମିକ ମୟ ହୋଇଯାଏ । ତେଣୁ 'ଗୀତଗୋବିନ୍ଦ' ଭକ୍ତି ତତ୍ତ୍ୱର ଶ୍ରେଷ୍ଠ ମହାକାବ୍ୟ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ମୁଖରେ ' ଗୀତଗୋବିନ୍ଦ' ବହୁବାର ଗାନ କରାଯିବା ବିଧି ରହିଛି । ପ୍ରଭୁଙ୍କର ପ୍ରୀତ୍ୟର୍ଥେ ଏହି 'ଗୀତଗୋବିନ୍ଦ' ଗାନ କରାଯାଇଥାଏ । ପ୍ରଭୁଙ୍କର ଦୈନନ୍ଦିନ ସେବା ନୀତିରେ 'ଗୀତଗୋବିନ୍ଦ ' ଗାନ ଅପରିହାର୍ଯ୍ୟ । ପ୍ରାତଃ ପହଡ଼ ଠାରୁ ଆରମ୍ଭ କରି ରାତ୍ର ପହଡ଼ ପର୍ଯ୍ୟନ୍ତ ବିଭିନ୍ନ ନୀତି ସମୟରେ ପ୍ରଭୁ ଙ୍କ ନିକଟରେ 'ଗୀତଗୋବିନ୍ଦ ' ଗାନ କରାଯାଏ । ପ୍ରଭୁ ଅପେକ୍ଷା କରିଥାନ୍ତି ଶୟନ ସମୟରେ 'ଗୀତଗୋବିନ୍ଦ' ଗାନ ଓ ଦେବଦାସୀ ନୃତ୍ୟ କୁ । ପ୍ରଭୁଙ୍କର ମୁଖ୍ୟ ଅବତାର ଲୀଳାର ସଂକ୍ଷିପ୍ତ ନିର୍ଯ୍ୟାସ ହିଁ ଦଶ ଅବତାର ସ୍ତବ ( ଗୀତଗୋବିନ୍ଦ ) । ଦଶ ଅବତାର ଚିନ୍ତନ ମଧ୍ୟରେ ଶ୍ରୀ ଜୟଦେବ ବିସ୍ତୃତ ବିଷ୍ଣୁ ଲୀଳା କୁ ସଂକ୍ଷିପ୍ତ କରି ଏକ ଅପୂର୍ବ ଯୁଗାନ୍ତକାରୀ ଭକ୍ତି ଅର୍ଘ୍ୟ ପ୍ରଦାନ କରିଛନ୍ତି । ଧନ୍ୟ ଭକ୍ତ ଶ୍ରୀ ଜୟଦେବ। ତୁମ ଯୋଗୁଁ ଉତ୍କଳ ପ୍ରଦେଶ ଧନ୍ୟ ହୋଇଛି । ତୁମେ ଉତ୍କଳ ବାସୀଙ୍କର ଚିର ସ୍ମରଣୀୟ ,ଚିର ନମସ୍ୟ ଓ ଚିର ବନ୍ଦନୀୟ ହୋଇ ରହିଥିବ ଏବଂ ତୁମର ଅମ୍ଳାନ କାଳଜୟୀ କୃତ ଉତ୍କଳର ପ୍ରାଚୀନ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରି ରଖିଥିବ ।

# ମନର କୋହ: ଏକ ପ୍ରତିବେଦନ




ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଆମ ଦେଶର ଗଣତନ୍ତ୍ର ଆଜି ବିକଳାଙ୍ଗ। ଠାକୁର ଅନୁକୂଳ ଚନ୍ଦ୍ର ଆଜିର ଗଣତନ୍ତ୍ର ବିଷୟରେ ନିଜର ମତଦେଇ କହିଲେ "Today's Democracy is the syrenic display of autocracy in the name of the people"ଅର୍ଥାତ ଯିଏ ଶାସନ କଲା ସେ ନିଜର ଆଧିପତ୍ୟ ଲୋକଙ୍କ ନାମରେ ଚଳାଇଲା। ମାତ୍ର ଗଣତନ୍ତ୍ର କହିଲେ ଯେଉଁ ସମ୍ଭାବନା ଓ କ୍ରିୟାଶୀଳତାମାନ ଏକ ପ୍ରତ୍ୟୟ ଯାତ କରାଏ ତାଠାରୁ ଏହା ଯୋଜନ ଯୋଜନ ଦୂରରେ ରହିଛି ବୋଲି ଅତି ସହଜରେ ଆଖିକୁ ଜଣାପଡିଯାଏ। ସମାଜର ତୃଣ ମୂଳସ୍ତର କିମ୍ବା ଅନ୍ୟସ୍ତରକୁ ଏହା ନିଜର ମୂଳସ୍ୱରୂପରେ ଅଦ୍ୟାବଧି ବ୍ୟାପିନଥିବାର କେତେ କେତେ ପ୍ରମାଣ ମିଳିଥାଏ। ଅନ୍ୟ ପକ୍ଷରେ କହିବାକୁ ଗଲେ ଭାରତୀୟ ସମାଜରେ ଗଣତନ୍ତ୍ରକୁ ଜୀବନ ବଞ୍ଚିବାର ଏକ ଶୈଳୀ ରୂପେ ଅନୁମୋଦନ ଜଣାଇବା ପାଇଁ ମାଟି ଆଞ୍ଜୁଳାଏ ସୁଦ୍ଧା ପଡିନାହିଁ ବୋଲି ଅନୁମିତ ହୁଏ। ସେଥିପାଇଁ ଜନସାଧାରଣଙ୍କ ଜୀବନ ଦେଶ ସ୍ୱାଧୀନତା ପାଇବାର ୭୮ ବର୍ଷ ପରେ ମଧ ଜୀବନ ନଥିବା ମେସିନ ପରି ମାଟି ଖାତ ପରି ବ୍ୟବହୃତ ହେଉଛି। ବର୍ତ୍ତମାନ ଭାରତବର୍ଷରେ ୨୭୬୩ ଟି ରାଜନୈତିକ ଦଳ ! ମାତ୍ର ଦୁଃଖ ଓ ପରିତାପର ବିଷୟ ତନ୍ମଧ୍ୟରୁ ଅଧିକାଂଶ ଦଳର ଭିତ୍ତି ଜାତି, ଉପଜାତି ଏବଂ ନେତାର ବ୍ୟକ୍ତିଗତ ଉଚ୍ଚାଭିଳାଷ ଏବଂ ଅହଂ, ଔପଚାରିକତା ଦୃଷ୍ଟିରୁ ଆଦର୍ଶ ନେତାର ତାଲିକାଟିଏ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇପାରିନାହିଁ। ଏ କଥା ଏଠାରେ ଅବତାରଣା କରିବାର ଅର୍ଥ ଆଜକୁ ୧୫ ବର୍ଷ ତଳକୁ ଫେରିଗଲେ ଜଣାଯାଏ ଅତିତ ନିର୍ବାଚନରେ ବିପୁଳ ସଂଖ୍ୟକ ଦଳ ମଧ୍ୟରୁ ୧୬୫୨ଟି ଦଳର ଜଣେ ମଧ ପ୍ରାର୍ଥୀ ନିର୍ବାଚିତ ହୋଇପାରିନଥିଲେ। କିନ୍ତୁ ଏମାନେ ଭେଦ ଭାବ ସୃଜିବାରେ, ଲୋକଙ୍କୁ ବିଭ୍ରାନ୍ତ କରିବାରେ, ଯୋଗ୍ୟ ପ୍ରାର୍ଥୀଙ୍କୁ ପରାଜିତ କରିବା ଦିଗରେ ଏମାନଙ୍କ ଭୂମିକା ବିଭୀଷିକାମୟ ହୋଇଥାଏ।

ନିର୍ବାଚନ ପରମ୍ପରା ଆଜି ଏପରି ପର୍ଯ୍ୟାୟରେ ପହଞ୍ଚିଛି, ବିପୁଳ ଅର୍ଥ ନ ଥିଲେ, ଅସତ କାର୍ଯ୍ୟ କଳା ଭଳି ମାନସିକତା ନଥିଲେ, ଜଣେ ନିର୍ବାଚନ ଲଢି ପାରିବ ନାହିଁ। ଅତଏବ ଉଭୟ ବିଜୟୀ ଓ ପରାଜିତ ପ୍ରାର୍ଥୀମାନଙ୍କ ମଧ୍ୟରେ ବହୁ ବ୍ୟକ୍ତି ଯେ ପ୍ରଭୂତ ବିତ୍ତଶାଳୀ, ବହୁ ବ୍ୟକ୍ତି ଯେ ନାନାଦି ଅପରାଧରେ ଅଭିଯୁକ୍ତ ସେଥିରେ ଆଶ୍ଚର୍ଯ୍ୟ ହେବାର ଅବକାଶ ନାହିଁ। କେବଳ ଦୁଃଖ ଏବଂ ହତାଶ ଅନୁଭବ କରିବା ହିଁ ସାର। ଅତିତର ଗଣତନ୍ତ୍ରର ପଟ୍ଟଭୂମି କଥା ବିଚାର କଲେ ଜଣାପଡେ ବହିରାକ୍ରମଣର ପୂର୍ବବର୍ତ୍ତୀ ଭାରତବର୍ଷ ବିଭିନ୍ନ ରାଜା-ଶାସିତ ରାଜ୍ୟର ସମଷ୍ଟି ଥିଲା। ରାଜା-ପ୍ରଜା ସଂପର୍କ ମୁଖ୍ୟତଃ ଥିଲା ପ୍ରତୀକାତ୍ମକ। ଯୁଦ୍ଧ ବା ସେହିଭଳି ସଂକଟକାଳ ବ୍ୟତିରେକେ ରାଜ୍ୟବାସୀମାନେ ଏକ ବଳିଷ୍ଠ ସମାଜ ବ୍ୟବସ୍ଥା ଦ୍ୱାରା ସ୍ୱୟଂ-ଚାଳିତ ହେଉଥିଲେ। ଜୀବନ ପ୍ରତି ଦୃଷ୍ଟିକୋଣ ଆଜି ଭଳି ଉପାର୍ଜନ-ଭିତ୍ତିକ ଏବଂ ବିଳାସମୁଖୀ ନଥିଲା। ଦେଶବ୍ୟାପି ପ୍ରଚଳିତ ଥିଲା କେତେ ଧର୍ମ ଓ ଦାର୍ଶନିକ ମତବାଦ। ସେମାନଙ୍କ ଭିତରେ ବିବାଦ ବିସମ୍ବାଦ ଥିଲା, ସଂଘର୍ଷ ନଥିଲା। ପରବର୍ତ୍ତୀ ସମୟରେ ଆସିଲେ ପଶ୍ଚିମ ଜଗତର ବଣିକ ଦଳ। ଶାସନ, ଧର୍ମ ଓ ଶୋଷଣଧର୍ମୀ ବାଣିଜ୍ୟକୁ ଏକାକାର କରି ସେମାନେ ଭାରତବର୍ଷକୁ ଦୟନୀୟସ୍ତରକୁ ଅବନମିତ କଲେ। ନବାବ୍, ରାଜା ଅମାତ୍ୟ, ଇଂରେଜ ଶାସକ ଓ ବିଚାରକ-ଏମାନଙ୍କୁ କେନ୍ଦ୍ର କରି ଗଢି ଉଠିଲେ ଆତ୍ମ-ସମ୍ମାନ ବିବର୍ଜିତ ସୁବିଧାବାଦୀ ଓ ଚାଟୁକାର ଗୋଷ୍ଠି। କ୍ରମେ ଭାରତର ଆତ୍ମା ଚାଲିଗଲା ଆମ ସତ୍ତାର ଆଢୁଆଳକୁ। ଆଜିବି ସୁବିଧାବାଦୀ ଓ ଚାଟୁକାର ଗୋଷ୍ଠିଙ୍କ ଜାଲରେ ନେତୃବର୍ଗ ପରିଚାଳିତ।

ଆଜି ରାଜନୀତିରେ ଆନୁଗତ୍ୟର ପ୍ରହସନ ବଳବତ୍ତର ରହିଛି। ରାଜାଙ୍କ ପୁଅ ନାତି ଯେମିତି ସେହି ଆସନ ଓ କ୍ଷମତାର ଅଧିକାରୀ ହେବା ସ୍ୱାଭାବିକ, ଗଣତାନ୍ତ୍ରୀକ ଯୁଗରେ ସେହି ପ୍ରକ୍ରିୟା ବଳବତ୍ତର ବୋଲି ଆମ ସଂସ୍କାର ଆମକୁ ପ୍ରବର୍ତ୍ତାଇଥାଏ। କିନ୍ତୁ ଆଜି ସମୟର ଚକ୍ରରେ ଏହି ପରମ୍ପରା କିଛିଟା ବଦଳୁଛି। ସମୟ ଚକ୍ରରେ ଅତିତର ସେହି "ଆବ୍ରାହାମ ଲିଙ୍କନ୍‌ଙ୍କ ରାଷ୍ଟ୍ରପତି ଆସନ ଆରୋହଣକୁ କୁହାଯାଏ "From log cabin to white House". ଆଜି ଭାରତର ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ କୁହାଯାଇପାରେ ଗରିବ କୁଡିଆରୁ ଲୋକ କଲ୍ୟାଣ ମାର୍ଗ ରେ ଅଧିଷ୍ଠିତ କିନ୍ତୁ ଦିନକୁ ଦିନ ତାଙ୍କର ଅହଂ ସାଧାରଣ ମଣିଷଙ୍କ ପାଖରୁ ତାଙ୍କୁ ଦିନକୁ ଦିନ ଦୁରେଇବାରେ ଲାଗିଛି। ସାଧାରଣ ଜନତା ମନରେ ପ୍ରଥମେ ତାଙ୍କ ଅଭ୍ୟୁଦୟରେ ଯେଉଁ ଆଶା ଉଦ୍ଦୀପନା ଦେଖା ଦେଇଥିଲା ତାହା ଏବେ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଯାହାର ପ୍ରମାଣ ବିଗତ ନିର୍ବାଚନ, ଆଜିବି ତାଙ୍କ ସରକାର ବୈଶାଖୀର ସରକାର। ବିଗତ ଶତାବ୍ଦୀରେ ଦୁଇ ଦୁଇଟି ମହାଯୁଦ୍ଧ ଆଉ ଯେଉଁ ସବୁ ବୈପ୍ଳବିକ ଘଟଣା ଘଟିଛି, ସେ ସମସ୍ତ ମଣିଷକୁ ଅଧିକରୁ ଅଧିକ ସ୍ୱାଧୀନତାର ସୁଯୋଗ ଦେଇଛି। ଏହି ସ୍ୱାଧୀନତାର ଉପେଯାଗ କରି ଆମେ ଆମ ଚେତନାର କ୍ରମାଗତ ବିକାଶ ଦିଗରେ ପ୍ରୟାସ ମୁଲତବି ରଖି ଅହଂ ର ସେବା କରି ଚାଲିଛୁଁ। ପୁଣି ଜାତି, ଧର୍ମ, ଆଦର୍ଶ ଇତ୍ୟାଦିକୁ ଭିତ୍ତିକରି ବ୍ୟକ୍ତିଗତ ଅହଂ ଯେତେବେଳେ ସମବେତ ଅହଂ ରୂପେ ପ୍ରକଟିତ ହୁଏ, ସେତେବେଳେ ସମାଜର ତଥା କଷ୍ଟାର୍ଜିତ ସଂସ୍କୃତିର ସ୍ଥିତି ହୁଏ ବିପନ୍ନ। ସେତେବେଳେ ଗଣତନ୍ତ୍ରର ସୁଯୋଗ ନେଇଥାଏ ସ୍ୱାର୍ଥ ଓ ଚାତୁର୍ଯ୍ୟ। ଭାରତ ବର୍ଷରେ ଗଣତନ୍ତ୍ର ଆଜି ଏହିଭଳି ଦୁର୍ଭାଗ୍ୟଜନକ ପର୍ଯ୍ୟାୟରେ ପହଂଚିଛି। ଅପରିହାର୍ଯ୍ୟ-ଯେଉଁ ଜାତିଭେଦ ଗଣତନ୍ତ୍ରର ଶତ୍ରୁ, ସେହି ଜାତିଭେଦ ହିଁ ଅନେକ ନେତାଙ୍କ ପାଇଁ ଆଦର୍ଶ। କୌଣସି ବ୍ୟକ୍ତି 'ସମଗ୍ର ଜନସାଧାରଣ' ବା ସମଗ୍ର ଜନସାଧାରଣର ପ୍ରତିନିଧି କଦାଚ ହୋଇପାରିବେ ନାହିଁ। ଗଣତନ୍ତ୍ରର ଦର୍ଶନ ହେଲା ଜଣେ ବହୁମତରେ ଶାସନ କାଳର ପୁରୋଧା ଆସନକୁ ଗଲେ ଭିନ୍ନ ମତବାଦୀମାନେ ମଧ ତାକୁ ପ୍ରତିନିଧି ଭାବେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ସ୍ୱୀକାର କରିଥାନ୍ତି। ତାର ଶାସନ କାଳରେ ସେ କେତେ ଲୋକାଭୀମୁଖୀ ହୋଇଛି ମତଦାତା ତାକୁ ବିଚାର କରିଥାନ୍ତି କିନ୍ତୁ ଆଜି ସେ ବିଚାର ଆଉ ନାହିଁ । ମତ ଦାତା ନିଜର ବିଚାର ବିବେକକୁ ଜଳାଞ୍ଜିଳି ଦେଇ କିଛି ଅର୍ଥ ଲାଳସାରେ ଅଯୋଗ୍ୟ ବ୍ୟକ୍ତିଟିକୁ ନିଜର ନେତା ଭାବରେ ଚୟନ କରିବାରୁ ପ୍ରକୃତ ଗଣତନ୍ତ୍ର ଅଦ୍ୟାବଧି ଉପଲବ୍ଧି ହୋଇନାହିଁ। ଏକଦା ଭାରତବର୍ଷରେ ଗଣତନ୍ତ୍ର ନଥିଲା, ନିର୍ବାଚନ ନଥିଲା। କିନ୍ତୁ ତାହା ସତ୍ତ୍ୱେ ଭାରତବର୍ଷରୁ ଉଦ୍‌ଭୁତ ହୋଇଥିଲା ଜୀବନର ମହତ୍ତମ ଆଭିମୁଖ୍ୟ। ରାଜନୀତି ଆମ ଜୀବନର ଏକ ବହିର୍ଦିଗ ମାତ୍ର। ଆମ ବିବେକ ଓ ବୁଦ୍ଧିର ଯଥା ଯଥ ପ୍ରୟୋଗ ହିଁ ଗଣତାନ୍ତ୍ରିକ ରାଜନୀତିରେ ଆମେ ଆମ ଭୂମିକା ତୁଲାଇବା ନିମନ୍ତେ ଯଥେଷ୍ଟ। ଶେଷରେ ଏତିକି କହିବି ଯଦି ରାଜନୀତ ହେବ ଆମ ପ୍ରମତ୍ତ ଆବେଗ ପ୍ରବେଗ, ସର୍ବୋଚ ଆଶା ଅଭିଳାଷ, ସମ୍ମାନ ବା ଅସମ୍ମାନ, ଗ୍ଳାନି ବା ଉଲ୍ଲସବୋଧର ହେତୁ, ତେବେ ଆମେ ଆମ ଜୀବନର ତାତ୍ପର୍ଯ୍ୟ ଓ ଲକ୍ଷ୍ୟ ବିସ୍ମୃତ ବୋଲି ବୁଝିବାକୁ ପଡିବ।

# ସର୍ବୋତ୍ତମ ମୁକାବିଲା ଲୋଡ଼ା



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ:୯୪୩୭୯୯୪୩୭୯

ଦେଶରେ କୋରୋନା ଭୂତାଣୁ ସଂକ୍ରମଣ ଏବେ ୬ ହଜାର ଅତିକ୍ରମ କରିସାରିଲାଣି। ସେହିପରି ମୃତ୍ୟୁ ସଂଖ୍ୟା ମଧ ୪୦ ଟପି ଗଲାଣି। କେବଳ ଏତିକି ନୁହେଁ, ପ୍ରତିଦିନ ମୃତ ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ପ୍ରତିଦିନ ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏବେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନି ଅଙ୍କରେ ପହଁଚିଥିବାବେଳେ ଆଶ୍ୱସ୍ତିକର ଏହା ଯେ ଦୈନିକ ମୃତ୍ୟୁ ସଂଖ୍ୟା ଏକକ ଅଙ୍କରେ ସୀମିତ ରହିଛି। ତେବେ ଯେତେବେଳେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଚାରିଅଙ୍କର ପହଞ୍ଚିଥାଏ, ସେତେବେଳେ ଉଦ୍‌ବେଗଜନକ ବା ଚିନ୍ତାର କାରଣ ହୋଇଥାଏ। ୧୪୪କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶରେ ବର୍ତ୍ତମାନ ସଂକ୍ରମଣ ଏବେ ନଗଣ୍ୟ ସ୍ଥିତିରେ ରହିଛି। କିନ୍ତୁ କୋରୋନା ଭୂତାଣୁ ୨୦୨୦ ମସିହାରେ ସମସ୍ତ ସତର୍କତା ସତ୍ତ୍ୱେ ଯେପରି ସ୍ୱଳ୍ପ ସମୟ ମଧ୍ୟରେ ଶିଖରରେ ଅର୍ଥାତ ୫ଲକ୍ଷ ମୁହାଁ ହୋଇଥିଲା, ତାହାକୁ ଭୁଲିଯିବା ଉଚିତ୍ ନୁହେଁ। ଏହା ନିସନ୍ଦେହ ଯେ, ମହାମାରୀ କୋରୋନା ଆମକୁ ମହାନ ଶିକ୍ଷା ଦେଇଛି। ସେହି ଶିକ୍ଷା ଓ ଅଭିଜ୍ଞତାକୁ ଆଧାର କରି ଆମକୁ ଏହାର ମୁକାବିଲା କରିବାକୁ ହେବ। କହିବା ବାହୁଲ୍ୟ ଯେ, ୨୦୨୦ ମସିହାରେ କୋରୋନା ଭୂତାଣୁ ସମ୍ପର୍କରେ ଜନସାଧାରଣ ଅନଭିଜ୍ଞ ଥିଲେ। ଏହାର ମୁକାବିଲା ପାଇଁ ଯେଉଁଭଳି ତାଲାବନ୍ଦ ଠାରୁ ଆରମ୍ଭ କରି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା ଏବଂ ଏହା ସତ୍ତ୍ୱେ ଦୈନିକ ମୃତା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିଲା, ତାହା ଆତଙ୍କଜନିତ ସ୍ଥିତି ଉପଜାଇ ଥିଲା। ଜନସାଧାରଣ ଆତଙ୍କିତ ଅବସ୍ଥାରେ ଥିଲେ। ସେତେବେଳେ ସରକାରଙ୍କ ଠାରୁ ଆରମ୍ଭ କରି ଚିକିତ୍ସକ, ସେବିକା, ଜନସାଧାରଣ ସମସ୍ତେ ଆତଙ୍କ ମଧ୍ୟରେ ଥିଲେ। ଆହୁରି ମଧ ସେତେବେଳେ ୫କୋଟିରୁ ଅଧିକ ଲୋକ କୋରୋନାରେ ସଂକ୍ରମିତ ହୋଇଥିବାବେଳେ ସରକାରୀ ରିପୋର୍ଟ ଅନୁଯାୟୀ ଦେଶରେ ୫ଲକ୍ଷ ୩୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଏବଂ ଜାତିସଂଘର ରିପୋର୍ଟରେ ଦେଶର କୋରୋନା ମୃତ୍ୟୁ ସଂଖ୍ୟା ଏହାଠାରୁ ବହୁଗୁଣ ଅଧିକ ହୋଇଥିବା କୁହାଯାଇଛି। ତେବେ ମୃତ୍ୟୁ ସଂଖ୍ୟା ଏହାଠାରୁ ବହୁ ଗୁଣ ଅଧିକ ହୋଇଥିବା କୁହାଯାଇଛି। ତେବେ ମୃତ୍ୟୁ ସଂଖ୍ୟା, ଯାହା ହେଉ, ଏହା ନିଶ୍ଚିତ ଯେ, ମହାମାରୀ କୋରୋନା ବିଶ୍ୱରେ ଘାତକ ଥିଲା। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହାର ମୁକାବିଲା ପାଇଁ ଦେଶରେ ମୋଟ ଜନସଂଖ୍ୟାର ୭୦ପ୍ରତିଶତରୁ ଅଧିକ ପ୍ରତିଷେଧକ ମୂଳକ ତିନି ପର୍ଯ୍ୟାୟ ଟୀକା ନେଇସାରିଛନ୍ତି। ଏବେ କୋରୋନା ସଂକ୍ରମଣ ଋତୁଭିତିକ ସଂକ୍ରମଣ ତୁଳନାରେ ସାମାନ୍ୟ ଅଧିକ ରହିଛି। ତେଣୁ ଆତଙ୍କିତ ହେବାରେ କୌଣସି କାରଣ ନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ଏହା କୁହାଯାଇପାରିବ ନାହିଁ ଯେ, ଯୁଦ୍ଧକାଳୀନ ଭିତିରେ ଚୂଡାନ୍ତ ପ୍ରସ୍ତୁତି ଓ ମୁକାବିଲା ପାଇଁ ଏବେ ସମୟ ଆସିନାହିଁ। କିନ୍ତୁ ଏହା ସତ୍ୟ ଯେ, ଦେଶରେ ଏବେ ଦୈନିକ ସଂସ୍ପର୍କିତ ଏବଂ ମୃତ୍ୟୁ ସଂଖ୍ୟା ବଢିଚାଲିଛି। କୋରୋନା ଯୋଗୁଁ ମୃତ୍ୟୁ କିମ୍ବା ନୁହେଁ ତାହା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ପଷ୍ଟକରି ନାହିଁ, ବହୁମୁଖୀ ରୋଗରେ ପିଡିତ ବହୁ ଆକ୍ରାନ୍ତ ମୃତ୍ୟୁବରଣ କରିଥିବା କୁହାଯାଇଛି। ଉଚ୍ଚ ରକ୍ତଚାପ, ମଧୁମେହ, ହୃଦରୋଗୀ, ମୋଟାପଣ, କିଡନୀ ରୋଗୀ, କର୍କଟ ପିଡିତ ଏବଂ ୬୦ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ କୋରୋନା ଘାତକ ସାବିତ। ଏହା ନିଶ୍ଚିତ ଯେ, ଟିକିଏ ନିଆଁରୁ ଘର ପୋଡିବା ପରି ସାମାନ୍ୟ ଅବହେଳାରୁ କୋରୋନା ମହାମରୀ ରୂପ ନେଇପାରେ, ଯାହା ଆମକୁ ଅତୀତ ଶିକ୍ଷା ଦେଇଛି। ଅବଶ୍ୟ ଇତି ମଧ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କେତେକ ମାର୍ଗଦର୍ଶିକା ଜାରି କରିଛି। ଭିଡ ସ୍ଥାନରେ ମାସ୍କ ପିନ୍ଧିବା, ଭିଡକୁ ଏଡାଇବା, ବାରମ୍ବାର ହାତ ଧୋଇବା ଏବଂ ସାମାନ୍ୟ ଲକ୍ଷଣ ଥିଲେ, ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେଇଛି। କିନ୍ତୁ ଏହା ନିଶ୍ଚିତ ଯେ, କୋରୋନାର ଅନ୍ତ ଘଟିବ ପରାମର୍ଶ ଦେଇଛି। କିନ୍ତୁ ଏହା ନିଶ୍ଚିତ ଯେ, କୋରୋନାର ଅନ୍ତ ଘଟିବ ନାହିଁ, ଆମକୁ କୋରୋନା ସହ ବଂଚିବାକୁ ହେବ। ଏଥିଲାଗି ସଜାଗ, ସତର୍କତା ଓ ସଚେତନତା ଲୋଡା। ଉଲ୍ଲେଖଯୋଗ୍ୟ ଯେ, ମହାମାରୀ କୋରୋନା'ର ପ୍ରତ୍ୟକ ମୁକାବିଲା ପାଇଁ ନିକଟରେ ଜେନିଭାଠାରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ସଦସ୍ୟ ରାଷ୍ଟ୍ରମାନେ ଏକ ବ୍ୟାପକ ଟୀକା ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ଯାହାକୁ ଏକ ଐତିହାସିକ ରାଜିନାମା ବୋଲି କହିବାକୁ ହେବ। ଯେଉଁଥିରେ କି ପର୍ଯ୍ୟାୟ ଉପଲବ୍ଧ, ଜୀବନ ରକ୍ଷାକାରୀ ଚିକିତ୍ସା ବ୍ୟବସ୍ଥା ଏବଂ 'ହୁ' ସଦସ୍ୟମାନଙ୍କ ମଧ୍ୟରେ ତଥ୍ୟ ବିନିମୟ ସୁବିଧା ରହିଛି। କେବଳ କୋରୋନା ନୁହେଁ, ଅନ୍ୟ ମାରାତ୍ମକ ଭୂତାଣୁ ତଥା ଏଚ-୫ ଏନ-୧ ଏବଂ ମିଳିମିଳା, ନିପା, ଜିକା ଏବଂ ଆଂଟିବାଓଟିକ ପ୍ରତିରୋଧକାରୀ ଜୀବାଣୁର ସଂକ୍ରମଣକୁ ମିଳିତ ମୁକାବିଲା ପାଇଁ ରାଜିନାମାରେ ସହମତି ପ୍ରକାଶ ପାଇଛି। କହିବା ବାହୁଲ୍ୟ ଏହି ଭୂତାଣୁ ଗୁଡିକ ଏବେ ମାନ ସମାଜ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ଏବେ କେବଳ ଭାରତ ନୁହେଁ, ଆମେରିକା ସମେତ ବିଶ୍ୱର ବହୁ ରାଷ୍ଟ୍ରକୁ କୋରୋନା ଫେରିଛି ଏହାର ମୁକାବିଲା ପାଇଁ କୋଭିଡ-୧୯ ସର୍ବୋତମ ପ୍ରସ୍ତୁତି ଆହ୍ୱାନ କରେ।

# ନିରକ୍ଷରତା ବିକାଶର ପ୍ରଧାନ ଅନ୍ତରାୟ



ହିଂମାଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର
ମୋ: ୯୩୩୭୨୨୧୯୨୪

ଶିକ୍ଷା ଗୋଟିଏ ଜାତିର ସମ୍ପଦ,ପରିଚୟ ଓ ସ୍ୱୀକୃତି। ଯେଉଁ ଦେଶ ଯେତେ ଶିକ୍ଷିତ,ସେ ଦେଶ ସେତେ ଉନ୍ନତ। ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ। ବିଶେଷକରି କମ୍ପ୍ୟୁଟର,ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତାର ପରିସର ବ୍ୟାପକ ହେବା ଦରକାର। ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ। ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବିକ ବିକାଶର ମାଧ୍ୟମ ଅଟେ । ତେଣୁ କୌଣସି ଦେଶର ସାମଗ୍ରିକ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ। ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ। ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଯଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୁପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି ।

ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଗୋଟିଏ ଲୋକକଥା ଅଛି – "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ" । ଦିନେ କେବେ ବ୍ୟାସକବି ଫକିର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା ବୁଢୀ ମା କହିଥିଲା – ରେବତୀ ପାଠ ପଢିବ ! ଘର ଉଜୁଡି ଯିବ । ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢିଛି । ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି । ତଥାପି ସଂଗ୍ରାମ ସରିନାହିଁ। ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅଣ୍ଟାଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି । ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି । ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍ । କାରଣ ନାରୀ ଜାଗିଲେ, ପରିବାର ଜାଗିବ, ପରିବାର ଜାଗିଲେ, ଦେଶ ଜାଗିବ ଓ ଦେଶ ଜାଗିଲେ, ବିଶ୍ୱ ଜାଗିବ। ଏକଥା ଆମକୁ ମନେ ରଖିବାକୁ ହେବ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନମୌଜା ଶିବାନୀ ବଜାରଠାରେ ଓଡ଼ିଆ ଗଣପର୍ବ ରଜ ଉପଲକ୍ଷେ ରଜ ମହୋତ୍ସବ, ନମୌଜା-୨୦୨୫ ଉଦଯାପିତ ହୋଇଯାଇଛି । ଦେବାଂଶୀ ଏଣ୍ଟରପ୍ରାଇଜେସ ଆନୁକୂଲ୍ୟରେ ତଥା ବାଣଶ୍ରୀ ଭଜନ ସନ୍ଧ୍ୟା ତରଫରୁ ଆୟୋଜିତ ଏହି ଉତ୍ସବରେ ୧୦ବର୍ଷରୁ ୧୫ ବର୍ଷ ପର୍ଯ୍ୟନ୍ତ ଝିଅ ମାନେ ଯୋଗ ଦେଇ ଦିନ ତମାମ ପ୍ରତିକୂଳ ପାଗ ସତ୍ୱେ ପୁଚି ଖେଳ, ମେହେନ୍ଦି, ମ୍ୟୁଜିକ ଚେୟାର, ରଙ୍ଗୋଲି, ରଜ କୁଇନ ଓ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜନ ହୋଇଥିଲା । ସନ୍ଧ୍ୟାରେ ଆରମ୍ଭରୁ ୩୦ରୁ ଉର୍ଦ୍ଧ୍ୱ କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ସହ କୁଇଜ ପ୍ରତିଯୋଗିତା ମଧ୍ୟ ହୋଇଥିଲା । ପରିଶେଷରେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ପିଲାଙ୍କ ପାଇଁ ସୌଜନ୍ୟ ମୂଳକ ମାନପତ୍ର, ପୁରସ୍କାର ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଦ୍ୟାଭାରତୀ ଓ ସ୍ମିତିପ୍ରଜ୍ଞା ସଂଯୋଜନା କରିଥିବା ବେଳେ ବିରଜା ପ୍ରସାଦ ଦାସ, ମହେଶ୍ୱର ସାହୁ, ଧାରେନ୍ଦ୍ର ମହାନ୍ତି, ପ୍ରିୟ ରଞ୍ଜନ ଷଣ୍ଢ, ସନ୍ତୋଷ ନାୟକ, ବିଜୁ ପ୍ରସାଦ ମହାନ୍ତି ଓ ଅବିନାଶ ମହାନ୍ତିଙ୍କ ସମେତ ନୂଆଗାଁ ଯୁବକ ସଙ୍ଘର ସମସ୍ତ କର୍ମକର୍ତ୍ତା ଓ ବାଣିଶ୍ରୀ ଭଜନ ସନ୍ଧ୍ୟା କମିଟିର ସମସ୍ତ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଥମ କରି ଏପରି ଏକ ନିଆରା କାର୍ଯ୍ୟକ୍ରମ ନମୌଜା ଅଞ୍ଚଳ ରେ ଆୟୋଜନ କରିଥିବା ରୁ ଅଞ୍ଚଳବାସୀ ମାନେ ଆୟୋଜକଙ୍କୁ ପ୍ରଶଂସା କରିଥିଲେ ।



# ଶାରୀରିକ ଭିନ୍ନକ୍ଷମ ଶିଶୁ ଜନ୍ମକୁ ନେଇ ଉତ୍ତେଜନା



ପାରାଦୀପ(ଭାସ୍କର ନ୍ୟୁଜ): ମେଡିକାଲ ଚିକିତ୍ସା ଓ ପରୀକ୍ଷାରେ ଅବହେଳା ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର, ବେଡ଼ାରୀ ଗ୍ରାମର ସରିତା ଦାସ, ସ୍ୱାମୀ ସରୋଜ କୁମାର ଦାସଙ୍କ କ୍ଷେତ୍ରରେ । ସରିତା ଦାସ ଦ୍ୱିତୀୟ ଥର ଗର୍ଭ ଧାରଣ ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଟକୁରାରେ ନିୟମିତ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଆସୁଥିଲେ । ଗର୍ଭସ୍ଥ ଶିଶୁର ନିୟମିତ ଯାଞ୍ଚ୍ ନିମନ୍ତେ କଟକ ସ୍ଥିତ ଭାସ୍କର କ୍ଲିନିକ୍ ରେ ନିୟମିତ ବ୍ୟବଧାନରେ ୩ଥର ଅଲଟ୍ରାସାଉଣ୍ଡ କରିବା ପରେ ଗର୍ଭସ୍ଥ ଶିଶୁଟି ଶାରୀରିକ ଭିନ୍ନକ୍ଷମ ଜଣା ନପଡ଼ିବା ଚିକିତ୍ସା ବିଜ୍ଞାନକୁ ତଥା ଆଧୁନିକ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ଯନ୍ତ୍ରାଂଶକୁ ଉପହସିତ କରୁଛି । ଏଠାରେ ସ୍ମରଣ ଯୋଗ୍ୟ କୌଣସି କାରଣରୁ ଗର୍ଭସ୍ଥ ଶିଶୁଟି ଭିନ୍ନକ୍ଷମ ବର୍ଗର ଜଣାପଡିଲେ ତାକୁ ନଷ୍ଟ କରିବାର ସାମ୍ବିଧାନିକ ବିଧି ବ୍ୟବସ୍ଥା ରହିଛି । ଏ କ୍ଷେତ୍ରରେ ଅଭିଜ୍ଞ ଡାକ୍ତର ଓ ଅଲଟ୍ରାସାଉଣ୍ଡ ମେସିନ୍‌ର ବେପରୁଆ ତଥ୍ୟ ସରିତାଙ୍କ ଜୀବନକୁ ଅନ୍ଧକାରକୁ ଠେଲିଦେବା ସହ ଜୀବନ ସାରା ଏକ ଶାରୀରିକ ଭିନ୍ନକ୍ଷମ କନ୍ୟା ସନ୍ତାନର ବୋଝ କିପରି ମୁଣ୍ଡାଇବେ ତାହା ଏବେ ପ୍ରଶ୍ନ ବାଚୀ ହୋଇଛି । ସରିତାଙ୍କ ସମ୍ପର୍କରେ ଜଗତସିଂହପୁର ଜିଲ୍ଲା ର ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଜାଣିବା ପରେ ସରିତାଙ୍କୁ ଭେଟି ତାଙ୍କ ପରିବାର ବର୍ଗକୁ ସାନ୍ତ୍ୱନା ଦେବା ସହ କନ୍ୟା ସନ୍ତାନର ଭବିଷ୍ୟତ ପାଇଁ ଜିଲ୍ଲା ପ୍ରଶାସନ ସ୍ତରରେ ଯାହା ଯାହା ସୁବିଧା ସୁଯୋଗ ରହିଛି ସେ ସବୁକୁ ପୂରଣ କରିବା ପାଇଁ ଯଥା ସାଧ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଆଗାମୀ ଦିନରେ ପ୍ରାଶାସନିକ କ୍ଷେତ୍ରରେ ଭିନ୍ନକ୍ଷମ କନ୍ୟା ସନ୍ତାନର ଭିବିଷ୍ୟତ ପାଇଁ ସେପରି କିଛି ଉଦ୍ୟମ ଯଦି କରାନଯାଏ ତେବେ ଜିଲ୍ଲା ଖାଉଟି ଅଦାଲତ ଜରିଆରେ ସଂପୃକ୍ତ ଡାକ୍ତର ଓ ଅଲଟ୍ରାସାଉଣ୍ଡ କ୍ଲିନିକ୍ ବିପକ୍ଷରେ ମକଦ୍ଦମା ଦାୟର କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ପରି ଅନ୍ୟ ଏକ ଘଟଣାରେ ଜଇପୁର କୋଲର୍ ଅଞ୍ଚଳର ସମସ୍ୟା ସମ୍ପର୍କରେ ଶ୍ରୀମତୀ ଆଚାର୍ଯ୍ୟଙ୍କ ଦ୍ୱାରା ଜିଲ୍ଲା ଖାଉଟି ଅଦାଲତରେ ମକଦ୍ଦମା ଦାୟର କରାଯାଇ ଭିନ୍ନକ୍ଷମ ଶିଶୁପୁତ୍ରକୁ ଯଥେଷ୍ଟ କ୍ଷତି ପୂରଣ ଦେବାରେ ସଫଳ ହୋଇପାରିଥିଲେ, ଯାହା ସେତେବେଳେ ଜିଲ୍ଲାରେ ଆଲୋଡନ ସୃଷ୍ଟି କରିପାରିଥିଲା । ଶ୍ରୀମତୀ ଆଚାର୍ଯ୍ୟଙ୍କ ନିଃସ୍ୱାର୍ଥପର କାର୍ଯ୍ୟକୁ ବୁଦ୍ଧଜୀବୀମାନେ ଅନେକ ପ୍ରଶଂସା କରିଥିଲେ ।

# ସୁଗୋ ଓ ନେତୁଆ ପଞ୍ଚାୟତରେ ନାହିଁ ସମବାୟ ସମିତି



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ଓ ନେତୁଆ ପଞ୍ଚାୟତରେ ସେବା ସମବାୟ ସମିତି ନାହିଁ । ଏହି ଦୁଇ ପଞ୍ଚାୟତର ଚାଷୀ ଦୀର୍ଘ ୧୫ କି.ମି. ଦୂର ଜଳେଶ୍ୱର ପୌରାଞ୍ଚଳ ଅଲାଲପୁର ସେବା ସମବାୟ ସମିତି ଅଧୀନରେ ଥିବାରୁ ବହୁ ହଇରାଣ ହରକତ ହୋଇ ଆସୁଛନ୍ତି । ବିଶେଷ ଭାବେ ମଣ୍ଡି ଅଭାବରେ ଧାନ ବିକ୍ରି କରିବାକୁ ବେଶ ହଇରାଣ ହେଉଛନ୍ତି । ଦୁଇ ପଞ୍ଚାୟତ ବନ୍ୟାଞ୍ଚଳ ହୋଇ ନ ଥିବାରୁ ଓ ଜଳସେଚନ ସୁବିଧା ଥିବାରୁ ଉଭୟ ଖରିଫ ଏବଂ ରବି ଋତୁରେ ବ୍ୟାପକ ଜମିରେ ଧାନ ଚାଷ ହୋଇଥାଏ । ମଣ୍ଡି ଅଭାବରୁ ଦୁଇ ପଞ୍ଚାୟତର ଚାଷୀମାନଙ୍କୁ ଧାନ ବିକିବାକୁ ପଶ୍ଚିମବଙ୍ଗର ବ୍ୟବସାୟୀ ଓ ଦଲାଲମାନଙ୍କ ଉପରେ ନିର୍ଭର କରିବାକୁ ପଡେ । କିନ୍ତୁ ନିକଟରେ ରାଜ୍ୟ ସରକାର ଗୋଟିଏ ପଞ୍ଚାୟତରେ ଗୋଟିଏ ସେବା ସମବାୟ ସମିତି ଘୋଷଣା କରିଥିଲେ ହେଁ ଉପରୋକ୍ତ ଦୁଇ ପଞ୍ଚାୟତରେ ତାହା କାର୍ଯ୍ୟକାରୀ ହୋଇ ନାହିଁ । ସୁରେଶ ଜେନା ଓ ରବୀନ୍ଦ୍ର ଜେନାଙ୍କ ଆବାହକତ୍ୱରେ ଦୁଇ ପଞ୍ଚାୟତର ଚାଷୀମାନେ କମଗଣେଶ୍ୱରୀ ବାତ୍ୟା ଆଶ୍ରୟସ୍ଥଳୀ ରେ ଏକ ବୈଠକରେ ମିଳିତ ହୋଇ ଚାଷୀ ଆନ୍ଦୋଳନ କମିଟି ଗଠନ କରିଛନ୍ତି । ଆୟୋଜିତ ସଭାରେ ଚାଷୀ ବ୍ରଜକିଶୋର ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଏଥିରେ ସଞ୍ଜୀବ ସେନାପତି, ବରେନ୍ଦ୍ର ମହାନ୍ତି, ଉମାଶଂକର ମହାପାତ୍ର, କ୍ଷିତୀଶ ବେହେରା, ସୁରେଶ ଜେନା ପ୍ରମୁଖ ସେବା ସମବାୟ ସମିତି ପ୍ରତିଷ୍ଠା ଲାଗି ଦାବି ଉପସ୍ଥାପନ କରିଥିଲେ । ସରପଞ୍ଚ ବେଣୁଧର ଜେନାଙ୍କ ସହ ଅନ୍ୟ ଚାଷୀମାନେ ଆଗାମୀ ଦିନରେ ଦୁଇ ପଞ୍ଚାୟତ ମଧ୍ୟରେ ସେବା ସମବାୟ ସମିତି ପ୍ରତିଷ୍ଠା ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି କହିଛନ୍ତି ।

## ଧାନ ବିକ୍ରି ପାଇଁ ୧୫ କି.ମି ଯାତ୍ରା

## ପ୍ରତିଷ୍ଠା ନ ହେଲେ ଆନ୍ଦୋଳନ ଚେତାବନୀ

# ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ପାଇଁ ପଦ ହରାଇଲେ ୮ ୱାର୍ଡ ମେମ୍ବର

ଯାଜପୁର(ଭାସ୍କର ନ୍ୟୁଜ): ବରୀ ବ୍ଲକ୍ ଅନ୍ତର୍ଗତ ଅଙ୍ଗାଳ ପଞ୍ଚାୟତର ୮ୱାର୍ଡ ମେମ୍ବରଙ୍କ ସଭ୍ୟ ପଦ ଯାଜପୁର ଜିଲ୍ଲାପାଳ ରଦ୍ଦ କରିଦେଇଛନ୍ତି । ସଂପୃକ୍ତ ପଞ୍ଚାୟତର ୱାର୍ଡ ନମ୍ବର ୩, ୪, ୮, ୯, ୧୦, ୧୧, ୧୨ ଓ ୧୪ର ୱାର୍ଡ ମେମ୍ବର ଯଥା କ୍ରମେ ରାମନେନ୍ଦ୍ର ଧଳ, ସ୍ମିତା ରାଣୀ ସାମଲ, ସୁକାନ୍ତି ସାମଲ, ଦମୟନ୍ତୀ ସାମଲ, ମହେଶ୍ୱର ସେଠୀ, ଶ୍ରୀଧର ରାଉତ, ରମେଶ ବେହେରା ଓ ରଞ୍ଜନ କୁମାର ଜେନା, ନୋଟିସ ପାଇଥିବା ସତ୍ତ୍ୱେ ପଞ୍ଚାୟତର ଲଗାତର ଭାବରେ ତିନୋଟି ସଭା ଯଥା ତା ୨୩.୧୨.୨୪, ତା.୩୦.୦୧.୨୫ ଓ ୧୭.୦୨.୨୫ରେ ଯୋଗ ଦେଇନଥିଲେ । ସଭାରେ ଯୋଗ ନ ଦେଇ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ଦେଉଥିଲେ । ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଶକୁନ୍ତଳା ମଲ୍ଲିକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସହ ଜିଲ୍ଲାପାଳଙ୍କ କୋର୍ଟରେ ଗ୍ରାମ ପଞ୍ଚାୟତ ଆଇନର ଧାରା ୨୫(୨)ରେ ସଭ୍ୟ ପଦ ରଦ୍ଦ ପାଇଁ ଜିପି ମିସ୍ କେସ ୦୧/୨୦୨୫ ଦାଖଲ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପି. ଅନ୍ୱେଷା ରେଡ୍ଡୀ ସରପଞ୍ଚ ଶ୍ରୀମତୀ ମଲ୍ଲିକଙ୍କ ଆବେଦନକୁ ଗ୍ରହଣ କରି ସଭ୍ୟଙ୍କୁ ନୋଟିସ୍ ଜାରି କରିବା ସହିତ ଉଭୟ ପକ୍ଷଙ୍କ ଓକିଲଙ୍କ ଯୁକ୍ତିକୁ ଶୁଣାଣି କରି ଓ ସଂପୃକ୍ତ ସରକାରୀ ଅଧିକାରୀଙ୍କ ତଦନ୍ତ ରିପୋର୍ଟକୁ ତନଖି କରି ଉପର ଲିଖିତ ସମସ୍ତ ୮ ୱାର୍ଡ ମେମ୍ବରଙ୍କ ସଭ୍ୟ ପଦ ପଞ୍ଚାୟତ ଆଇନର ଧାରା ୨୬(୨) ଅନୁସାରେ ରଦ୍ଦ କରିଦେଇଛନ୍ତି। ରଦ୍ଦ ପରେ ସେହି ଅର୍ଡରକୁ ଉପଜିଲ୍ଲାପାଳ, ବରୀ ବ୍ଲକ ବିଡିଓ ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ସହ ଅଯୋଗ୍ୟ ଘୋଷିତ ୱାର୍ଡ ମେମ୍ବରଙ୍କୁ ପଠାଇ ଦେଇଛନ୍ତି। ଏହି ମୋକଦ୍ଦମାକୁ ସରପଞ୍ଚ ଙ୍କ ତରଫରୁ ଆଇନଜୀବି ବିରଜା ପ୍ରସାଦ ପରିଡ଼ା ଓ ବିଭୁପ୍ରସାଦ ପରିଡ଼ା ପରିଚାଳନା କରିଥିଲେ ।

## ଅସ୍ତରଙ୍ଗରେ ଝାଡାବାନ୍ତି ଆତଙ୍କ

# ଦ୍ୱିତୀୟ ଦିନରେ ବିଶେଷଜ୍ଞଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଝାଡାବାନ୍ତି ଆକ୍ରାନ୍ତ ସଂଖ୍ୟା ମଙ୍ଗଳବାର ଦିନ କ୍ରମଶଃ ହ୍ରାସ ପାଇଛି । ମଙ୍ଗଳବାର ନୂଆ ଆକ୍ରାନ୍ତ ମାତ୍ର ୫ଜଣ ଚିହ୍ନଟ ହୋଇଥିବା ବେଳେ ୩ଜଣ ଚିକିତ୍ସାଧିନ ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଗତ ୫ଦିନ ମଧ୍ୟରେ ଶୁକ୍ରବାର ୭ଜଣ, ଶନିବାର ୧୧ଜଣ, ରବିବାର ୮ଜଣ, ସୋମବାର ୭ଜଣ ଓ ମଙ୍ଗଳବାର ୫ଜଣ ଆକ୍ରାନ୍ତ ମୋଟ ୩୮ଜଣ ଚିକିତ୍ସା ହୋଇଛନ୍ତି । ଆକ୍ରାନ୍ତ ରୋଗୀଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ଅସ୍ତରଙ୍ଗରେ ଝାଡାବାନ୍ତି ଆକ୍ରାନ୍ତ ବୃଦ୍ଧି ପାଇବାରୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଦ୍ୱିତୀୟ ଦିନ ମହାମାରୀ ବିଶେଷଜ୍ଞ ଡ଼ଃ ଶିଳ୍ପୀ ଦାଶ ଓ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ନାରାୟଣ ପ୍ରସାଦ ନନ୍ଦ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ସହ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ବ୍ୟାପକ ସଚେତନ ସୃଷ୍ଟି ସମ୍ପର୍କରେ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଡ଼ଃ ନନ୍ଦ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ସୂଚନା ଦେଇଛନ୍ତି ଏକ ଜରୁରିକାଳୀନ ନମ୍ବର ଜାରି କରିବା ପାଇଁ । ଆକ୍ରାନ୍ତଙ୍କୁ ବାହାର ପାଣି ସିଧା ସଳଖ ଫୁଟାଇ ପିଇବାକୁ ଅନୁରୋଧ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁରେ ହାଲୋଜେନ ବଟିକା ବଣ୍ଟନ ସହ ଗ୍ରାମର କୂପ, ନଳକୂପ ନିକଟରେ ବ୍ଲିଚିଂ ପାଉଡର ସିଞ୍ଚନ କରାଯାଉଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି ।



# ମାହାଙ୍ଗାରେ ଝାଡାବାନ୍ତି, ୨୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି



ମାହାଙ୍ଗା(ଭାସ୍କର ନ୍ୟୁଜ): ରାଜ୍ୟରେ ଝାଡାବାନ୍ତି ଦିନକୁ ଦିନକୁ କାୟା ବିସ୍ତାର କରୁଥିବା ବେଳେ ମାହାଙ୍ଗାରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି । ମାହାଙ୍ଗାର ବିଭିନ୍ନ ଅଞ୍ଚଳରୁ ୨୦ରୁ ଉର୍ଦ୍ଧ ଆକ୍ରାନ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ଥିବା ଜଣାଯାଇଛି । ଜଳେଶ୍ୱରପୁରରୁ ରଶ୍ମିତା ପରିଡା, ପାର୍ବତୀ ଦାଶ, ସୋରଳର ନେତ୍ରମଣୀ ମାଲିକ, କୁହୁଣ୍ଡାର ନମିତା ବେହେରା, ଧର୍ମଦାସପୁର ମମତା ସାହୁ, ଅଲିଯୋଡ଼ାର ରଥ୍ୟାନନ୍ଦ ସ୍ୱାଇଁ, ପଣସପୁର ଆରୀ ପରମାଣିକ, ଚମ୍ପତିପୁରରୁ କୁସୁମାଲତା ରାଉତ, ଲକ୍ଷ୍ମୀନାରାୟଣପୁରର ରିଙ୍କି ମଲିକ, ସାହସପୁର ଯଶୋବନ୍ତ ସାହୁ, ସିପୁରାର ମମତା ସାହୁ, ଜାତିପାରିଲୋର ସୋମନାଥ କର, ଦୋବାନ୍ଧିଆର ସିଦ୍ଧି ସୋରଜ ଜେନା, ରାହାଣିଆର ପ୍ରମିଳା ମହାରଣା, ବୁଦୁକୁନିଆର ମାତାଜୀ ଲେଙ୍କା, ଡେରାବିଶ ବେଳରପାର ପୁଷ୍ପଲତା ମହାନ୍ତିଙ୍କ ସମେତ ପ୍ରାୟ ୨୦ରୁ ଉର୍ଦ୍ଧ ଚିକିତ୍ସିତ ହୋଇଥିବା ବେଳେ ମାହାଙ୍ଗାରେ ଅନେକ ଆକ୍ରାନ୍ତ ଥିବା ଜଣାପଡିଛି । ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ତନୁଶ୍ମିତା ବିନ୍ଧାଣିଙ୍କୁ ଯୋଗାଯୋଗ କରିବାରୁ ଆକ୍ରାନ୍ତଙ୍କ ମଧ୍ୟରୁ ୧୨ ଜଣ ଚିକିତ୍ସା ହେଉଥିବା ବେଳେ ଆଉ ସମସ୍ତ ରୋଗୀ ଘରକୁ ଫେରି ଗଲେଣି । ଯେପରି ହଇଜାରେ ଆକ୍ରାନ୍ତ ନ ହୁଅନ୍ତି ସେଥିପ୍ରତି ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ ।

# ସୂଚନା ଅଧିକାର ଅଭିଯାନ କର୍ମୀଙ୍କ ପକ୍ଷରୁ ଦାବିପତ୍ର



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ରାଜ୍ୟରେ ଝାଡ଼ାବନ୍ତି ରୋଗ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଚୌଦ୍ୱାର ପୌରପାଳିକା ଓ ଚୌଦ୍ୱାର ଜନସ୍ୱାସ୍ଥ୍ୟ ବିଭାଗ ଏହାକୁ ପ୍ରତିରୋଧ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିବାକୁ ଦାବିକରି କଟକ ଜିଲ୍ଲା ସୂଚନା ଅଧିକାର ଅଭିଯାନ ତରଫରୁ ପୌର କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପୌରପାଳିକା ତରଫରୁ ୧୯ ୱାର୍ଡରେ ଥିବା ଡ୍ରେନକୁ ତୁରନ୍ତ ସଫା ସହ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ଡ୍ରେନରୁ ପଙ୍କୋଦ୍ଧାର, ବର୍ଷା ଋତୁରେ ଜଳବନ୍ଦି ନହେବା ବ୍ୟବସ୍ଥା, ପ୍ରତିକାର ନିମନ୍ତେ ପ୍ରସ୍ତୁତ ରହିବା ଓ ନିୟମିତ ଭାବେ ସର୍ବସାଧାରଣଙ୍କୁ ସଚେତନ କରାଇବା ଆଦି ପ୍ରାଥମିକତା ସ୍ତରରେ କରିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ମଙ୍ଗଳବାରଦିନ ସୂଚନା ଅଧିକାର କର୍ମୀ ମାନେ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ଚୌଦ୍ୱାର ଜନସ୍ୱାସ୍ଥ୍ୟ ବିଭାଗକୁ ମଧ ୩ଦଫା ସମ୍ବଳିତ ଏକ ଦାବିପତ୍ର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଶମ୍ଭୁନାଥ ସେଠୀଙ୍କୁ ପ୍ରଦାନ କରାଯାଇଛି । ଦୀର୍ଘ ବର୍ଷ ହେବ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ବିଛାଯାଇଥିବା ପାଇପଲାଇନରୁ ଶିଉଳି, ମଇଳା ଏବଂ ଅନ୍ୟାନ୍ୟ ପ୍ରଦୁଷଣକାରୀ ପଦାର୍ଥ ସଫା, ନିରାପଦ ଏବଂ ସ୍ୱଚ୍ଛ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା, ଫଟା ପାଇପ୍ ବାହାର କରି ନୂତନ ପାଇପ ବସାଇବା, କୂପ ଓ ନଳକୂପରେ ବିଶୋଧକ ପକାଇବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏସବୁ କାର୍ଯ୍ୟ ତୁରନ୍ତ କରାଗଲେ ମହାମାରୀ ଭଳି ବ୍ୟାପୁଥିବା ହଇଜାକୁ ବନ୍ଦ କରାଯାଇ ପାରିବ ବୋଲି ଅଭିଯାନର ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ, ପ୍ରଭାନନ୍ଦ ସାହୁ, ସୁରେଶ କୁମାର ରାଉତରାୟ, ହରିହର ବେଉରା, ପ୍ରତାପ କୁମାର ଜେନା, ଜୟ ସିଂ, ରମେଶ ନାୟକ, ବିଶ୍ୱଜିତ ଭଞ୍ଜ, ଦେବେନ୍ଦ୍ର ପୃଷ୍ଟି, ବାବୁ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି ।

# ବିଞ୍ଝାରପୁର ବ୍ଲକ୍‌ରେ ମିଳିତ ଅଭିଯୋଗ ଶୁଣାଣି ଶିବିର



ଯାଜପୁର(ଭାସ୍କର ନ୍ୟୁଜ): ମଙ୍ଗଳବାର ଦିନ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଶିବିର ବିଂଝାରପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୪୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୭ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ସୁଧାଂଶୁ ଶେଖର ସାଓ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# କଂଗ୍ରେସ ସଜାଡୁଛି ଦଳ, ଫେରୁଛନ୍ତି ପୁରୁଖା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବଳ ଗୋଟାଉଛି କଂଗ୍ରେସ ଦଳ । ପୁଣି ଥରେ କ୍ଷମତାକୁ ଫେରିବା ପାଇଁ ଚଳାଇଛନ୍ତି ଜୋରଦାର ଲବି । ପୁରୁଖା କଂଗ୍ରେସ କର୍ମୀମାନଙ୍କୁ ଏକତ୍ରିତ କରି ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ କଂଗ୍ରେସ ରଣନୀତି ଆରମ୍ଭ କରିଛି । ଯାହାକୁ ନେଇ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖା ଦେଇଛି । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ହେବା ପରେ କଂଗ୍ରେସ କର୍ମୀମାନେ ଏବେ ସଂଗଠନକୁ ଦୃଢ଼ କରିବା ପାଇଁ ଦଳ ଛାଡ଼ିଥିବା କଂଗ୍ରେସ କର୍ମୀମାନଙ୍କୁ ଦଳକୁ ଫେରାଇବା ପାଇଁ ପ୍ରତି ୱାର୍ଡ଼ରେ ବୈଠକ କରି ୱାର୍ଡ଼ ସ୍ତରରୁ ସଂଗଠନକୁ ଜୋରଦାର କରିଛି । ଅନେକ ପୁରୁଖା କର୍ମୀ ମଧ କଂଗ୍ରେସ ଦଳକୁ ଫେରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଦୀର୍ଘବର୍ଷ ଧରି କଂଗ୍ରେସ ଶାସନରେ ରହିଥିଲା । ୨୫ ବର୍ଷ ବିଜେଡ଼ି ସରକାର ଶାସନରେ ରହିବା ପରେ ବିଜେପି ଦଳ ବର୍ତ୍ତମାନ ଶାସନରେ ରହିଛି । ପିସି ସଭାପତି ବଦଳିବା ପରେ ନୂତନ ସଭାପତିଙ୍କ ନିର୍ଦ୍ଦେଶରେ କଂଗ୍ରେସ ଦଳ ତା'ର ସଂଗଠନକୁ ଦୃଢ଼ କରୁଥିବା ବେଳେ ପୂର୍ବରୁ ଦଳ ଛାଡୁଥିବା କଂଗ୍ରେସ କର୍ମୀମାନଙ୍କୁ ଦଳକୁ ଫେରାଇବା ପାଇଁ ପ୍ରୟାସ ଜାରି ରଖିଛି । ବିଭିନ୍ନ ୱାର୍ଡ଼କୁ କଂଗ୍ରେସର ଛାମୁଆ ନେତା ଗସ୍ତ କରି ବୈଠକ କରିବା ସହ ୱାର୍ଡ଼ ସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ ପ୍ରୟାସ ଜାରି ରଖିଛି । ଆଗାମୀ ନିର୍ବାଚନରେ କଂଗ୍ରେସ ବ୍ଲକ୍ ଦଖଲ କରିବ ବୋଲି ମଧ ଅନେକ କର୍ମୀ ମତବ୍ୟକ୍ତ କରିଛନ୍ତି । ଏବେଠୁ ରାଜନୀତିକ ପାଣିପାଗ ଉଷ୍ମତା ଦେଖା ଦେଇଛି ।

# ଯୁବ ବିକାଶ ପରିଷଦ ପକ୍ଷରୁ ତୃତୀୟ ରଜ ମହୋତ୍ସବ



ନିମାପଡ଼ା(ଭାସ୍କର ନ୍ୟୁଜ): ହଜି ଯାଇଥିବା ଗାଁକୁ ଫେରାଇ ଆଣିବାକୁ ପ୍ରୟାସ । ପୁଣି ବର ଗଛରେ ଦୋଳି ଝୁଲୁଛି । ଗାଁରେ ଝିଅ ବୋହୂ, ପୁରୁଷ ଏକାଠି ରଜ ପାଳିଛନ୍ତି । ଝୋଟିରୁ ହୁଳହୁଳି, କବାଡ଼ିରୁ ପୁଚି, ଗୀତ, ନାଚ ପୁଣି ଶଙ୍ଖ ଫୁଙ୍କା ପ୍ରତିଯୋଗିତା । ମିଠା ଓ ପିଠାର ଆସର ଉତ୍ସବକୁ ରଙ୍ଗାୟିତ କରିଥିଲା । ଯୁବ ବିକାଶ ପରିଷଦ ତରଫରୁ ତୃତୀୟ ରଜମହୋତ୍ସବ ଛେନୁଅ (ଗୁଡୁସାହି)ରେ ଜାକ ଜମକରେ ପାଳନ କରାଯାଇଛି । ପାରମ୍ପରିକ ରଜ ପିଠା, ନାଚ, ଗୀତ, ବିଭିନ୍ନ ପ୍ରକାରର ଖେଳରେ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ । ମୁଖ୍ୟ ଅତିଥି ସମାଜସେବୀ ମହାସଙ୍ଗର ସଭାପତି ନାରାୟଣ ଚନ୍ଦ୍ର ଓଝା, ସମ୍ମାନୀତ ଅତିଥି ସିନେ ଅଭିନେତା ହାଡୁ ବାବୁ, ଅଭିନେତା କେଦାର ମିଶ୍ର, ଲୋକୋ ପାଇଲଟ ବାସୁଦେବ ପାତ୍ର, ସାମ୍ବାଦିକ ତଥା ସମାଜସେବୀ ବିନ୍ଦୁଜା ଉପାଧ୍ୟାୟ, ଶିକ୍ଷାବିତ୍ ପ୍ରସନ୍ନ କର, ଲିଟିଲ୍ ଷ୍ଟାର ଗ୍ରୁପ୍‌ର ସଂପାଦକ ସୁମନ୍ତ ମହାରଣା, ଅଧ୍ୟାପକ ସୁବ୍ରତ ମହାନ୍ତି, ଅଧ୍ୟାପକ ମାନସ ରଂଜନ ସ୍ୱାଇଁ, ଯୁବକବି ଜିତେନ୍ଦ୍ରିୟ ବେହେରା, ସଦାଶିବ ବେହେରା, ପୂର୍ବତନ ଶିକ୍ଷକ ଭଗବାନ ବେହେରା, ମନମୋହନ ସେଠି, ଯୁବ ବିକାଶ ପରିଷଦର ସଭାପତି ନିରଞ୍ଜନ ସାହୁ, ଚନ୍ଦ୍ରକାନ୍ତ ବରାଳ, ବ୍ରହ୍ମାନନ୍ଦ ସାହୁ, ଦର୍ପ ନାରାୟଣ ସାହୁ ଉପସ୍ଥିତ ଥିଲେ । ସଂଗଠନର ଉପ-ସଭାପତି ତଥା ଯୁବ ସାମ୍ବାଦିକ ବିକାଶ ଚନ୍ଦ୍ର ବାରିକ ପରିଚାଳନା କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିବା ବେଳେ ଓଡ଼ିଶାର ୫ ବିଶିଷ୍ଟ ବ୍ୟକ୍ତି ଯଥା-ସାମ୍ବାଦିକ, ସମାଜସେବୀ, ସ୍ୱାସ୍ଥ୍ୟ ସହାୟିକା ଏବଂ ଲୋକୋ ପାଇଲଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବୋପରି ପଲ୍ଲୀରେ ପୁଲକିତ ବାସ୍ନା ବରେଣ୍ୟ ଅତିଥି ଓ ଗ୍ରାମବାସୀଙ୍କୁ ବିମୋହିତ କରିଥିଲା ।

# ଗୋପାଳପୁର ପୋର୍ଟକୁ ପରିବହନ ସୁବିଧା ଦାବି କଲେ ୩ ଟ୍ରକ୍ ମାଲିକ ସଂଘ

ଛତ୍ରପୁର(ଭାସ୍କର ନ୍ୟୁଜ): ଗୋପାଳପୁର ପୋର୍ଟରେ ପରିବହନ ସୁବିଧା ସ୍ଥାନୀୟ ଟ୍ରକକୁ ମିଳୁନି । ଏନେଇ କିଛିବର୍ଷ ହେଲା ଗୋପାଳପୁର ପୋର୍ଟ, ଗଂଜାମ ଜିଲାପାଳ ଓ ଛତ୍ରପୁର ଉପଜିଲାପାଳଙ୍କୁ ଭେଟି ଜଣାଇଥିଲେ ମଧ୍ୟ ସ୍ଥାନୀୟ ଟ୍ରକଗୁଡିକୁ ମାଲ ପରିବହନ ପାଇଁ ଗୋପାଳପୁର ପୋର୍ଟରେ ସୁଯୋଗ ଦିଆଯାଉନି । ଏହାର ପ୍ରତିବାଦ କରିବା ସହ ୩ଟି ଟ୍ରକ ମାଲିକ ସଂଘ ଏକାଠି ହୋଇଛନ୍ତି । ବାହାର ରାଜ୍ୟ ତଥା ଜିଲାର ଟ୍ରକଗୁଡିକୁ ଗୋପାଳପୁର ପୋର୍ଟରେ ମାଲ ପରିବହନ ପାଇଁ ସୁବିଧା ଦିଆଯାଉଥିବାବେଳେ ସ୍ଥାନୀୟ ତଥା ଗଂଜାମ ଜିଲାର ଟ୍ରକଗୁଡିକୁ ମାଲ ପରବହନ ପାଇଁ ଅନୁମତି ଦିଆଯାଉନି । ଏନେଇ ଗଂଜାମ ଟ୍ରକ ମାଲିକ ସଂଘ, ଗୋପାଳପୁର ପୋର୍ଟ ଟ୍ରକ ମାଲିକ ସଂଘ ଓ ମା' ଦକ୍ଷଣକାଳୀ ପରିବହନ ମାଲିକ ସଂଘ ପକ୍ଷରୁ ମଙ୍ଗଳବାର ଛତ୍ରପୁରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି ।

# ବିକାଶ ବାହାନ ରଥ ପରିକ୍ରମାକୁ ବିରୋଧ ଅଭିଯୋଗରେ ବିଜେଡି ପାରିଷଦଙ୍କ ବିରୋଧରେ ମାମଲା



ପାରାଦୀପ(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡିଶାର ସମସ୍ତ ଜିଲ୍ଲା ଓ ଅଞ୍ଚଳରେ ବିକାଶ ବାହାନ ରଥ ପରିକ୍ରମା କରି ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରୁଛି । ପାରାଦୀପ ପୌରାଞ୍ଚଳର ସମସ୍ତ ୱାର୍ଡରେ ରଥ ପରିକ୍ରମା କରୁଥିବା ବେଳେ ଦଳମତ ନିର୍ବିଶେଷରେ ବହୁ ପାରିଷଦ ଓ ଜନସାଧାରଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦେଉଛନ୍ତି । ସରକାରୀ କାର୍ଯ୍ୟକ୍ରମ ହେତୁ ପାରାଦୀପ ପୌରପାଳିକା ପରିଚାଳନା କରୁଥିବା ବେଳେ ସୋମବାର ସିଟି ମିଶନ ମ୍ୟାନେଜର ସୁଲୋକ୍ୟ ନାଥ ମିଶ୍ରଙ୍କ ତତ୍ୱାବଧାନରେ ୧୬ ନଂ ୱାର୍ଡ ନୂଆବଜାର ଛକରେ ରଥ ପରିକ୍ରମା ଓ ସଭାର ଆୟୋଜନ କରାଯାଇଥିଲା । ସୌଜନ୍ୟ ଦୃଷ୍ଟିରୁ ଯୋଗଦେବା ପାଇଁ ସେହି ୱାର୍ଡର ବିଜେଡି ପାରିଷଦ ମନୋଜ କୁମାର ନାୟକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ତେବେ ସେ ନ ଆସି ଶିବମନ୍ଦିର ଛକରେ ରଥକୁ ଅଟକାଇ ସିଟି ମିଶନ ମ୍ୟାନେଜର ଓ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରି ବର୍ଷେ ଭିତରେ ସରକାର ଉନ୍ନତି ବଦଳରେ ରାଜ୍ୟକୁ ନଷ୍ଟ କରିଛନ୍ତି ବୋଲି ଦୋଷାରୋପ କରିଥିଲେ । ସରକାରୀ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ଅଭିଯୋଗରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡା ପାରାଦୀପ ଆଦର୍ଶ ଥାନାରେ ମନୋଜ ନାୟକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ନେଇ ସାଧାରଣରେ ଉତ୍ତେଜନା ସୃଷ୍ଟି ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ପାରାଦୀପ ବନ୍ଦରର ଅବସରପ୍ରାପ୍ତ ବରିଷ୍ଠ ଯନ୍ତ୍ରୀ, ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦରର ଅବସରପ୍ରାପ୍ତ ବରିଷ୍ଠ ଯନ୍ତ୍ରୀ ତଥା ବିଶିଷ୍ଟ ସମାଜସେବୀ ଇଂ. ଗଗନ ବିହାରୀ ପୃଷ୍ଟିଙ୍କ ମରଣୋତ୍ତର ଏକାଦଶାହ ସ୍ମୃତିଚାରଣ ଶ୍ରଦ୍ଧାଞ୍ଜଳି ସଭା ତାଙ୍କର ଜନ୍ମସ୍ଥାନ ସିରସ୍ତା ଗ୍ରାମରେ ତାଙ୍କର ସୁପୁତ୍ର, ପୁତ୍ରବଧୂ ତଥା ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ସାଗ୍ରହ ଭାବେ ସମାହିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ତାଙ୍କ ଇଷ୍ଟଦେବ ଭଗବାନ ସତ୍ୟସାଇ ବାବାଙ୍କ ଭଜନ ସମାରୋହ ତିର୍ତ୍ତୋଲ ମଣ୍ଡଳ ଦ୍ୱାରା ପରିବେଷିତ ହୋଇଥିଲା । ତତ୍ ପରେ ପଣ୍ଡିତ ଡ଼ଃ ସିଦ୍ଧେଶ୍ୱର ପଣ୍ଡାଙ୍କ ପରିଚାଳନାରେ ସ୍ମୃତିଚାରଣ ସଭା ଆୟୋଜିତ ହେବା ସହ ପାରାଦ୍ୱୀପ ପୌରପରିଷଦର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହି ସଭାରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ମହାନ୍ତି, ଅକ୍ଷୟ କୁମାର ଦାସ, ବିକ୍ରମ ମହାନ୍ତି, ସୁଢ଼ଳ ସ୍ୱାଇଁ, ଲିଲିମା ମହାପାତ୍ର, ରାମାୟଣୀ ପଣ୍ଡିତ ବୁଲୁନନା, ପଣ୍ଡିତ ବାସବାନନ୍ଦ, ଅଧ୍ୟାପକ ଚିତ୍ତରଞ୍ଜନ ଜେନା, ଉଦୟନାଥ ଚୌଧୁରୀ, ଗଙ୍ଗାଧର ପରିଡ଼ା, ଅନ୍ତେଇ ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ସେଵୀ, ବିଶିଷ୍ଟ ସମାଜସେବୀ ଡ଼ ସୁନାକର ବେହେରା, ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ବିଜୟ କୁମାର ଦାସ, ପୋତାନଇ ଗ୍ରାମପଞ୍ଚାୟତ ର ସମିତି ସଭ୍ୟ ସତ୍ୟବାନ୍ ମୁଦୁଲି, କୈଳାସ ଚନ୍ଦ୍ର ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଗଗନ ବିହାରୀ ପୃଷ୍ଟିଙ୍କ ବହୁମୁଖୀ ପ୍ରତିଭା ତଥା ସମାଜ କଲ୍ୟାଣ କାର୍ଯ୍ୟକ୍ରମ ସଂପର୍କରେ ସ୍ମୃତି ଚାରଣ କରିଥିଲେ । ଦିବଂଗତ ଆତ୍ମାଙ୍କ ଜ୍ୟେଷ୍ଠପୁତ୍ର ସ୍ମୃତିରଞ୍ଜନ ପୃଷ୍ଟି ଓ ପୁତ୍ରବଧୂ ଡ଼ଃ ଦୀପ୍ତି ସାହୁ ପ୍ରଥମେ ଶୋକାଭିଭୂତ ଭାବେ ବାପାଙ୍କର ସ୍ମୃତିଚାରଣ କରି ତାଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ କଥା ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାଙ୍କର ପୁତ୍ର ତୃପ୍ତିରଞ୍ଜନ ପୃଷ୍ଟି, ଚିତ୍ତରଞ୍ଜନ ପୃଷ୍ଟି, ପ୍ରଭାତ ରଂଜନ ପୃଷ୍ଟି, ପୁତ୍ରବଧୂ ନଳିନୀ ପ୍ରଭା ସାହୁ, ମିନାକ୍ଷୀ ପୃଷ୍ଟି, ନାତି ଓ ନାତୁଣୀ ଏବଂ ଜ୍ୱାଇଁ ଆଦିତ୍ୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ପଂକ୍ତି ଭୋଜନକୁ ପରିଚାଳନା କରିଥିଲେ । ପଣ୍ଡିତ ଡ଼ ପଣ୍ଡାଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରାଯାଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ସଭା ସାଙ୍ଗ କରାଯାଇଥିଲା ।

## ସୌଭାଗ୍ୟ ଯୋଜନା ଦିଗହରା

# ଭିନ୍ନକ୍ଷମଙ୍କ ଉପରେ ୧୮ ହଜାର ଟଙ୍କାର ବିଦ୍ୟୁତ୍ ବିଲ୍, ନଦେଲେ କଟିବ ଲାଇନ୍



ରଘୁନାଥପୁର(ଭାସ୍କର ନ୍ୟୁଜ): ପ୍ରତି ଘରେ ଆଲୁଅ ଜଳିବାର ଲକ୍ଷ ରଖି ଗତ ୬ ବର୍ଷ ତଳେ ତତ୍କାଳିନ ସରକାରଙ୍କ ପକ୍ଷରୁ ସୌଭାଗ୍ୟ ଯୋଜନାରେ ଲାଇନ ଯୋଗାଇ ଦିଆଯାଇଛି । ତେବେ ଉକ୍ତ ଯୋଜନା ଦିଗହରା ହୋଇପଡିଛି । ରଘୁନାଥପୁର ଟିପିସିଓଡ଼ିଏଲ ପକ୍ଷରୁ ତାରପୁର ଗ୍ରାମର ଭିନ୍ନକ୍ଷମ କାଳନ୍ଦୀ ବାରିକଙ୍କ ଘରକୁ ବିଦୁତ ସଂଯୋଗ କରାଯିବାର ୫ ବର୍ଷ ପରେ ୧୮ ହାଜର ଟଙ୍କା ବିଦୁତ ବିଲ ପୈଠ ପାଇଁ ନୋଟିସ ଆସିଛି । ୫୦ ପ୍ରତିଶତ ରିହାତି କରାଯାଇ ଧାର୍ଯ୍ୟ ସମୟ ଭିତରେ ୯ ହଜାର ଟଙ୍କା ପୈଠ ନକଲେ ଲାଇନ କାଟିଦିଆଯିବ ବୋଲି ତାଗିଦ ମଧ୍ୟ କରାଯାଇଛି । ଗରିବିର ତାଡନା ଭିତରେ ପେଶି ହୋଇ ଦିନକୁ ଦିଓଳି ଖାଇବାକୁ ପାଉନଥିବା କାଳନ୍ଦୀଙ୍କ ମୁଣ୍ଡରେ ବଜ୍ର ପଡିଛି । ଏତେଗୁଡିଏ ଟଙ୍କା ଏକକାଳୀନ ପରିଶୋଧ କରିବା କାଳନ୍ଦୀଙ୍କ ପକ୍ଷେ ଅସମ୍ଭବ ହୋଇପଡିଥିଲାବେଳେ ବିଦୁତ କାର୍ଯ୍ୟାଳୟକୁ ଜାଇ ଏସଡିଓଙ୍କୁ କାକୁତି ମିନତି ହୋଇ ନିଜର ଦୁଃଖ ଜଣାଇଛନ୍ତି । ହେଲେ କୌଣସି ସୁଫଳ ମିଳୁନି । ବିନା ପରିମିସନରେ ଲାଇନ ଜାଳୁଥିବା ଓ ତମେ ଜଣେ କଞ୍ଜୁମର ନୁହଁ ବୋଲି କହି ଏସଡିଓ କାଳନ୍ଦୀକୁ ଫେରାଇ ଦେଇଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠେଜେ ୫ ବର୍ଷ ତଳୁ କାଳନ୍ଦୀଙ୍କ ଘରେ କାହା ଆଦେଶରେ ବିଦୁତ ସଂଯୋଗ କରାଯାଇଥିଲା । ଯଦି ସଂଯୋଗ ଦିଆଗଲା ତାହାଲେ ତାଙ୍କୁ ମାସିକ ବିଲ ଦିଆଗଲା ନାହିଁ କାହିଁକି ? ଗଣମାଧ୍ୟମ ପ୍ରତିନିଧି ଏସଡିଓ ମାଝିଙ୍କୁ ଏ ସମ୍ପର୍କରେ ପଚରାଯିବାରେ ସେ ସିଧା ସଳଖ ଆମେ କନେକ୍ସନ୍ ଦେଇନୁ ବୋଲି ମନା କରିଥିଲେ । ଏହାଛଡା ଜଣେ ବ୍ୟକ୍ତି ୫ ବର୍ଷ ଧରି ବିଦୁତ ଜାଳି ଆସୁଥିବାବେଳେ ସଂପୃକ୍ତ ବିଭାଗ କିପରି ଜାଣି ପାରିଲା ନାହିଁ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷେ କାଳନ୍ଦୀ କଞ୍ଜୁମର ନଥିବା ଏବଂ ଅନ୍ ଅଥରାଇଜ ଲାଇନ ଜାଳୁଥିବା କହି ଏସଡିଓ ମାଝି କଥାକୁ ଏଡାଇ ଦେଇଥିଲେ । କାଳନ୍ଦୀଙ୍କ ଘରକୁ ମିଟର ତାର ସହ କିଏ କାନେକ୍ସନ ଦେଇଥିଲା ଓ ସେତେବେଳେ ବିଦୁତ ବିଭାଗ ଦାୟୀତ୍ୱରେ କେଉଁ କମ୍ପାନୀ ଥିଲା ଏବଂ ସର୍ବୋପରେ ଏହାର ତଦାରଖ କରାଗଲା ନାହିଁ କାହିଁକି, ଏ ସମ୍ପର୍କରେ ବିଧିବଦ୍ଧ ତଦନ୍ତ ହେବା ଜରୁରୀ ହୋଇପଡିଛି । ଅଞ୍ଚଳରେ ଏହିପରି ୨୦ ଟି କେସ ରହିଥିବା ବେଳେ ଜିଲ୍ଲାପାଳ, ବିଭାଗୀୟ ଏସ୍‌ଇ, ବିଦୁତ ବିଭାଗ ସଚିବ ଓ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ରଜ ପର୍ବ କେନ୍ଦୁଝର ଜିଲାର ଗଣ ପର୍ବ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଏହାକୁ ବିଭିନ୍ନ ଢ଼ଙ୍ଗରେ ପାଳନ କରାଯାଇଛି ।ପୁର ଠାରୁ ପଲ୍ଲୀ ରଜ ପାଇଁ ଉତ୍ସବ ମୁଖର ହୋଇ ଉଠିଛି । ତେଲକୋଇ ଅଞ୍ଚଳରେ ରଜରେ ଯୁବତୀ ମାନେ ଗାଁ ଗାଁରେ କଣ୍ଢେଇ ବାହାଘର କରି ନାଚ ଗୀତରେ ମଜି ଯାଇ ଥାଆନ୍ତି । ମାତ୍ର ତେଲକୋଇ ସଦର ମହକୁମା ହାଲପୁଡ଼ି ଗ୍ରାମରେ ଏହାକୁ ନିଆରା ଢଙ୍ଗରେ ପାଳନ କରାଯାଇଛି । ପୁରୁଣା ପରମ୍ପରା କୁ ଉଜ୍ଜୀବିତ କରିବାକୁ ଯାଇ ଗ୍ରାମର ମା ନାଗପାର୍ଟ ଯୁବକ ସଂଘ ପକ୍ଷରୁ ସବୁ ବର୍ଗକୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଯୁବକ ମାନଙ୍କ ପାଇଁ ତାସ ଖେଳ ଆୟୋଜନ ହୋଇଥିବା ବେଳେ ଯୁବତୀ ଓ କୁନି ପିଲା ମାନଙ୍କ ପାଇଁ ପୁଚି, ଲୁଡୁ, ସାଇକେଲ ସ୍ଲୋ, ଜିଲାପି ଖିଆ, ହାଣ୍ଡି ପିଟା ଓ ୧୦୦ ମିଟର ଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଶେଷରେ କୁନି କଳାକାର ମାନଙ୍କୁ ନେଇ ନାଚ ଓ ଗୀତର ପ୍ରତି ଯୋଗିତା କରାଯିବା ସହିତ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମର ବରିଷ୍ଠ ଶିକ୍ଷାବିତ୍ ତଥା ଚାରି ଗଡ ମହା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମାନ ଗୋବିନ୍ଦ ସାହୁ, ବରିଷ୍ଠ ନାଗରିକ ଅରକ୍ଷିତ ପ୍ରଧାନ, ଲୋକନାଥ ପ୍ରଧାନ, ବିଜୟ କୁମାର ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ଶୀର୍ଷ କୁମାର ମହାପାତ୍ର, କପିଳ ପ୍ରଧାନଙ୍କ ଉପସ୍ଥିତିରେ ବିଭିନ୍ନ ରକମର ପୁରସ୍କାର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଦେଖି ଗ୍ରାମବାସୀ ଭରପୁର ଆନନ୍ଦ ଉଲ୍ଲାସ ହେବା ସହିତ ମା ନାଗପାର୍ଟ ଯୁବକ ସଂଘର ଏହି ପ୍ରୟାସକୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନିଶାମୁକ୍ତ ଗାଁ ଗଠନ ଲକ୍ଷ୍ୟରେ ମହିଳାଙ୍କ ଧାରଣା

ନୂଆପଡ଼ା, (ଭାସ୍କର ନ୍ୟୁଜ୍ ) : ନୂଆପଡ଼ା ବ୍ଲକ ଭାନପୁର ରାଜସ୍ୱ ଗାଁରେ ବେଆଇନ ମଦ ବିକ୍ରିକୁ ବିରୋଧ ହୋଇଛି । ଗାଁର ଶତାଧିକ ମହିଳା ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି । ଭାନପୁର ରାଜସ୍ୱ ଗାଁର ସବୁ ପଡ଼ାରେ ବେଆଇନ ଭାବେ ମାଫିଆମାନେ ମଦ କୋଠି ଖୋଲିଛନ୍ତି । ଆଦିବାସୀ ବହୁଳ ଗାଁରେ ସବୁଠି ମଦ ବନ୍ୟା ହୋଇଛି । ପୁରୁଷମାନେ ମଦପାନ କରି ଘରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ବେଆଇନ ମଦ ବିକ୍ରିକୁ ବିରୋଧ କରି ଧାରଣାରେ ବସିଛନ୍ତି ଶତାଧିକ ମହିଳା । ବେଆଇନ ମଦ ବିକ୍ରିରେ ସମାଜ କଳୁଷିତ ହେବା ସହ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି । ପିଲାଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି । ଗାଁର ଅନେକ ଆଦିବାସୀ ପରିବାରର ଅଭାବ ଅନାଟନରେ ଦାଦନ ଖଟିବାକୁ ଦେଶାନ୍ତର ଯାଉଛନ୍ତି । ନାବାଳକ ନିଶାସକ୍ତ ହୋଇ ଚୋରୀ, ଦୁଷ୍କର୍ମ, ହତ୍ୟା ଭଳି ଜଘନ୍ୟ ଅପରାଧ ଘଟାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏବେ ଗାଁକୁ ନିଶାମୁକ୍ତ ଗାଁ ଗଠନ କରିବାକୁ ମହିଳାମାନେ ଅଣ୍ଟା ଭିଡିଛନ୍ତି । ପୂର୍ବାହ୍ନରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପସିଂ ମାଝିଙ୍କ ନେତୃତ୍ୱରେ ଗାଁର ଶତାଧିକ ମହିଳା ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି । ସେଠି ଅବକାରୀ ଅଫିସ ଭିତରେ ମହିଳାମାନେ ଧାରଣାରେ ବସିଛନ୍ତି । ଗାଁରେ ଅବକାରୀ ବିଭାଗ ଚଢ଼ାଉ କରି ଗାଁକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ଦାବି କରିଛନ୍ତି । ପରିବାର ଓ ସମାଜର ଆର୍ଥିକ ଉନ୍ନତି କରିବା ସହ ଶିକ୍ଷାର ବିକାଶ କରି ସୁସ୍ଥ ସମାଜ ଗଠନ କରିବାକୁ ଦାବି କରିଛନ୍ତି । ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ ହୀରାବତୀ ଥାଟି ଘଟଣା ସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିଛନ୍ତି ।

# ଜିଲ୍ଲାସ୍ତରୀୟ ବିକାଶ ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ

କୋରାପୁଟ, (ଭାସ୍କର ନ୍ୟୁଜ) ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ କୋରାପୁଟ ପୋଲିସ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ୨୦୩୬ ବେଳକୁ ଓଡିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ମନ୍ତ୍ରୀ ମଲ୍ଲିକ କହିଛନ୍ତି । ଜିଲ୍ଲା ବିକଶିତ ହେଲେ ଓଡିଶା ଏବଂ ଭାରତ ବିକଶିତ ହୋଇପାରିବ ବୋଲି ସେ କହିଥିଲେ । କୋରାପୁଟ ଜିଲ୍ଲାରେ ୧ବର୍ଷରେ ବିକାଶ କାର୍ଯ୍ୟ ଏକପ୍ରକାର ଉର୍ଦ୍ଧ୍ୱମୁଖୀ ହୋଇପାରିଛି ବୋଲି କହିଛନ୍ତି । ଜିଲ୍ଲାପାଳ ଭି.କୀର୍ତିଭାସନଙ୍କ ପରିଶ୍ରମ ଯୋଗୁଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଠିକ୍ ଭାବେ ଲୋକଙ୍କ ପାଖରେ ପଂହଚି ପାରିଛି ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲାରେ ପରାମର୍ଶ କର୍ମଶାଳା ଆୟୋଜନ ହୋଇଥିଲା । ସମାଜର ସବୁ ବର୍ଗର ଲୋକଙ୍କ ମତକୁ ନେଇ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ ମଲ୍ଲିକ କହିଛନ୍ତି । ଗୁଣାତ୍ମକ ଶିକ୍ଷା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବାକୁ ଯାଉଛି ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି । ୧ବର୍ଷରେ ଜିଲ୍ଲାର ୩ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ଜିଲ୍ଲାପାଳ ଭାସନ ସୂଚନା ଦେଇଥିଲେ । ପିଏମ୍ ଓ ସିଏମ୍ କିଷାନ ଯୋଜନାରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଛନ୍ତି । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଜିଲ୍ଲାରେ ୫ହଜାର ପରିବାରକୁ ଗୃହ ଯୋଗାଇ ଦିଆଯାଉଛି । ଜିଲ୍ଲାରେ ୪ହଜାର ହେକ୍ଟର ଜମିରେ କଫି ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ୧ଶହ ହେକ୍ଟର ଜମିରେ ଷ୍ଟବେରୀ ଚାଷ ହେଉଥିବା ସେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ବ୍ଲକ ଅଧ୍ୟକ୍ଷ ନମିତା ମାଝି, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, କୋରାପୁଟ ବିଜ୍ଞାପିତ ଅଚଂଳ ପରିଷଦ ଅଧ୍ୟକ୍ଷ ଏମ୍ ଶଙ୍କର ରାଓ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପାରମ୍ପରିକ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗୋଷ୍ଠୀ ଜଙ୍ଗଲ ଓ ସମ୍ବଳ ଅଧିକାରର ଶିରୋନାମା ବଣ୍ଟନ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୩ଶ୍ରମିକଙ୍କୁ ସହାୟତା ପ୍ରଦାନ, ପିଏମ୍ ବିଶ୍ୱକର୍ମା ଯୋଜନାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଦେଇଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ବିଡିଓ ଦେବାଶିଷ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମନ୍ତ୍ରୀ ପଲ୍ଲୀଶ୍ରୀ ମେଳା ଓ ପାରମ୍ପରିକ ସୁଭଦ୍ରା ଖାଦ୍ୟ ମେଳା ଉଦ୍‌ଘାଟନ କରି ଷ୍ଟଲ ପରିଦର୍ଶନ କରିଥିଲେ ।

# ବସ୍ତିବାସିନ୍ଦାଙ୍କ ଆମରଣ ଅନଶନ




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଓଡିଶାର ପୁରାତନ ପାରଳା ପୌରପରିଷଦ । ପୌରପରିଷଦ ଅଦିନରେ ୧୬ ଗୋଟି ୱାର୍ଡ଼ ଅଛି । ସୁଚନା ଯୋଗ୍ୟ ଯେ ୧୪ନଂ ୱାର୍ଡ଼ର ସଞ୍ଜୟ ଗାନ୍ଧି ବସ୍ତି ବାସିନ୍ଦା ମୌଳିକ ସମସ୍ୟାରୁ ବଞ୍ଚିତ ହୋଇଥିବା ଅଭିଯୋଗ ଆଣିଛନ୍ତି । ବସ୍ତିକୁ ବିଦ୍ୟୁତ ସଂଯୋଗୀକରଣ, ରାସ୍ତା ନିର୍ମାଣ, ଶୌଚାଳୟ ବ୍ୟବସ୍ଥା ସହ ଆବାସ ଯୋଜନାରେ ଗୃହ ଯୋଗାଇ ଦେଲେ ଆମେ ଏହି ଅଞ୍ଚଳରେ ସୁବିଧାରେ ବସବାସ କରିପାରିବୁ ବୋଲି ବସ୍ତିବାସିନ୍ଦା କହିଛନ୍ତି । ନଚେତ୍ ବେତଗୁଡା ଠାରେ ଥିବା ବିଜୁ ସ୍କାଟ କୋଲନୀ ପଛପଟେ ଜାଗା ଦେବା ସହ ଭୂମିହିନ ପ୍ରମାଣ ପତ୍ର ସହ ଆବାସ ଯୋଜନାରେ ସାମିଲ୍ କରିବାକୁ ଦାବି କରିଛନ୍ତି । ଜିଲ୍ଲାର ବସ୍ତିବାସିନ୍ଦା ଆବାହକ ସୁଜିତ ପ୍ରଧାନ, ଏଆଇଏଫବି ଜିଲ୍ଲା ସଭାପତି ପି.ମୁରଲୀ କିଷ୍ଟା , ସହଯୋଗରେ ଏମ୍ ସିମାଞ୍ଚଳ, ଏମ୍ କିଷ୍ଟା ଆମ୍ମା, ପି.ରାମୁଲୁ, ପି.ପଦ୍ମା ଭଳି ବସ୍ତିବାସିନ୍ଦା ଆମର ଅନଶନରେ ବସିଛନ୍ତି । ସରକାର ଏଥି ପ୍ରତି ଦୃଷ୍ଟି ନଦେଲେ ଅନଶନ ଜୋରଦାର୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ରଜ ମହୋତ୍ସବ

# ରକ୍ତ ଦାନ ଶିବିର ସହ ମୁକ୍ତ ମଞ୍ଚ ନାଟକ ମଞ୍ଚସ୍ଥ

ଟାଙ୍ଗୀ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ଗ୍ରାମର ମା' ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ଓ ଅନ୍ନପୂର୍ଣ୍ଣା ଫାଇନାନ୍ସର ମିଳିତ ସହଯୋଗରେ ଚତୁର୍ଥ ବାର୍ଷିକ ରଜ ମହୋତ୍ସବରେ ଅର୍ଣ୍ଣପୂର୍ଣ୍ଣା ଫାଇନାନ୍ସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮୩ ୟୁନିଟ ରକ୍ତ ସଂଗୃହିତ ହୋଇଛି । ଏହି ଶିବିରରେ ରଜ ମହୋତ୍ସବର ସଭାପତି ତଥା କୁହୁଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ସମ୍ପାଦକ ଶ୍ରୀମନ୍ତ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ବିପିନ ଉଦୟସିଂହ, କୃଷ୍ଣ ବେହେରା, ଅରୂପ ବେହେରା ଓ ରଞ୍ଜନ ସିଂହ ତଥା ମହୋତ୍ସବର ସଭ୍ୟମାନେ ସହଯୋଗ କରିଥିଲେ ।



ଅନ୍ୟ ପଟରେ ମହୋତ୍ସବର ତୃତୀୟ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ ନୃତ୍ୟ, ସମ୍ବଲପୁରୀ, ବେଙ୍ଗଲୀ ଓ ଆଧୁନିକ ଗୀତରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା । ତୃତୀୟ ରଜନୀରେ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପାରାଦ୍ୱୀପ ଅଦେଖା ଲୁହ ନାଟ୍ୟକଳା ପରିଷଦ ପକ୍ଷରୁ ନାଟକ ମଞ୍ଚସ୍ଥ ହୋଇଥିଲା । ମହୋତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ପଲିଥିନ ମୁକ୍ତ କରିବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆହ୍ୱାନ ଦେଇଛନ୍ତି । ଆସନ୍ତାକାଲି ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକରେ ମା' ମଙ୍ଗଳା ପପି ୟଙ୍ଗ୍ ଷ୍ଟାର ଗୋବିନ୍ଦପୁର ପକ୍ଷରୁ ' ଆଃ କୃଷ୍ଣ ବୋଲି ଯାଉ ଜୀବନ' ନାଟକ ମଞ୍ଚସ୍ଥ ହୋଇଥିଲା ।

# ଚିତ୍ରକୋଣ୍ଡା ତହସିଲ ପକ୍ଷରୁ ଜମିପଟ୍ଟା ବଣ୍ଟନ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ତହସିଲରେ ପଟ୍ଟା ବଣ୍ଟନ କରାଯାଇଛି । ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡର ବିଧାୟକ ମଙ୍ଗୁ ଖୀଲ ଶୁଭାରମ୍ଭ କରିଥିଲେ । ବସୁନ୍ଧରା ଯୋଜନା ଅଧୀନରେ ଭୂମିହୀନ ୩୩୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯିବ । ଚିତ୍ରକୋଣ୍ଡା ବ୍ଲକର ୧୮ ପଞ୍ଚାୟତରୁ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ପଟ୍ଟା ବଣ୍ଟନ ନିମନ୍ତେ ମନୋନୀତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୩୨ ଜଣ ହିତାଧିକାରୀଙ୍କୁ ପଟ୍ଟାବଣ୍ଟନ କରାଯାଇଛି । ବଳକା ପଟ୍ଟା ଗୁଡିକୁ ଚଳିତ ମାସ ୨୧ ତାରିଖ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯିବ ବୋଲି ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା ପ୍ରକାଶ କରିଛନ୍ତି ଓ ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରି ଖୀଲ, ଜିଲ୍ଲା ପରିଷଦ ସଦସ୍ୟା ବିନତି ଖୀଲ, ହରୀମୋହନ ଖୋଲ୍, ରାଜକମଲ ପୁରୋହିତ ଓ ହେମନ୍ତ ସଗରିଆଙ୍କ ସହ ବହୁ ହିତାଧିକାରୀ ଉପସ୍ଥିତ ଥିଲେ ।



# ନରସିଂହପୁର ପଞ୍ଚାୟତରେ ପହଞ୍ଚିଲା ବିକାଶରଥ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ଆଜି ବିକାଶ ରଥ ପହଂଚିଥିଲା । ଏହି ରଥ ପଞ୍ଚାୟତ କାର୍ଯ୍ୟାଳୟରେ ପହଂଚିବା ପରେ ପଂଚାୟତର ସରପଂଚ ସୁଧିର କୁମାର ଖଟୁଆ, ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟସଭ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସ୍ୱାଗତ କରିଥିଲେ । ଏହି ଅବସରରେ ପଂଚାୟତ ଅନ୍ତର୍ଗତ ୧୦ ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ, ୮ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା, ନୂତନ ରେଶନ କାର୍ଡ଼ ଓ ଜବକାର୍ଡ଼ ଆଦି ହିତାଧିକାରୀଙ୍କୁ ବଂଟନ କରାରଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପଂଚାୟତର ପିଇଓ ମନୋରଞ୍ଜନ ବେହେରା, ଏଡିଇଓ ସୁଭ୍ରାଂଶୁ ରାଉତ, ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ବିପିଏମ ଅମୀୟ ରାଉତ, ଭିଏଡବ୍ଲୁ ଅନୁପ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ



ଗୁଣୁପୁର, (ଭାସ୍କର ନ୍ୟୁଜ୍) :ରାୟଗଡା ଜିଲ୍ଲା ଗୁଡ଼ାରୀ ଥାନା ଅନ୍ତର୍ଗତ ଡୁପୁଲୁପାଡୁ ଗ୍ରାମରେ ସାପ କାମୁଡାରେ ଜଣେ ଯୁବକର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ବିରେନ୍ଦ୍ର ଶବର ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାତ୍ର ଶୋଇଥିବା ସମୟରେ ବିରେନ୍ଦ୍ରଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ସଙ୍ଗେ ସଙ୍ଗେ ପରିବାରବର୍ଗ ବିରେନ୍ଦ୍ରଙ୍କୁ ଉଦ୍ଧାର କରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ଆଜି ଗୁଣପୁର ଉପଖଣ୍ଡ ଚିକିଛାଳୟରେ ବିରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି । ଖବର ପାଇ ଗୁଡ଼ାରୀ ପୋଲିସ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଝାଡ଼ାବାନ୍ତିରେ ୧୫ ଆକ୍ରାନ୍ତ, ଜଣେ ମୃତ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ସଫା ପଂଚାୟତର ସୁଆଁରୀ ଗ୍ରାମରେ ଝାଡ଼ା ବାନ୍ତି ବ୍ୟାପିବା ସହ ଏଥିରେ ୧୫ଜଣ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବାବେଳେ ନିର୍ମଳ ଗଉଡ଼ (୬୨)ଙ୍କ ଅବସ୍ଥା ଗୁରୁତର ଥିବାବେଳେ ଉର୍ମିଳା ବଳଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ କିଛି ବଡ଼ ଡାକ୍ତରଖାନାରେ ଓ କିଛି ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଏ ସମ୍ପର୍କରେ ଖବର ପାଇ ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀଡା. ଭୀମାକ୍ଷଡ଼ଙ୍ଗୀ, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଟେଣ୍ଡେଣ୍ଟ ଡା. ମଧୁସ୍ମିତା ନାୟକ, ବ୍ଲକ୍ ସ୍ୱାସ୍ଥ୍ୟ



ଅଧିକାରୀ ଡା. ଜ୍ୟୋତି ପ୍ରକାଶ ସାହୁ, ଡା. ସୁଚରିତା ଦାସ, ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ସ୍ୱର୍ଣ୍ଣମୟୀ ସାହୁ, ସ୍ୱାସ୍ଥ୍ୟ ସୁପର ଭାଇଜର ବିଜୟ ସାହୁ ଓ ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନା ଗ୍ରାମରେ ପହଂଚି ପୋଖରୀ, ନଳକୂପ ଓ କୂଅର ଜଳକୁ ଯାଞ୍ଚ କରିବା ସହ ଗ୍ରାମବାସୀଙ୍କୁ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି । ସ୍ଥାନୀୟ ସରପଂଚ ନିବାସ ଚନ୍ଦ୍ର ପାଣ୍ଡବ ଓ ସମିତି ସଭ୍ୟ ଜିତେନ୍ଦ୍ର ବଦ୍ରାଙ୍କ ସମେତ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଘର ଘର ବୁଲି ବୁଲି ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ପ୍ରଦାନ କରିଥିବା ବେଳେ ବ୍ଲକ୍ ତରଫରୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ମିଳିଛି ।

# ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ଖପ୍ରାଖୋଲ ବ୍ଲକ୍ ମାଟିଆଭଟା ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳତାର ସଚେତନତା ବାର୍ତ୍ତା ବାଣ୍ଟୁଥିବା ବିକାଶ ବାହନ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସ୍ଥାନୀୟ ସରପଞ୍ଚ ସନ୍ତୋଷିନି ବରିହାଙ୍କ ଅଧ୍ୟକ୍ଷତାରେ ଏହି ଅବସରରେ ଏକ ବିଭିନ୍ନ ବିଭାଗର ବିକାଶ ପ୍ରଦର୍ଶନୀ ବିଭିନ୍ନ ବିଭାଗର ନୂତନ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ, ନିର୍ମାଣ ଶ୍ରମିକ ପରିଚୟ ପତ୍ର, ମାଟି ସ୍ୱାସ୍ଥ୍ୟ କାର୍ଡ, କିସାନ କ୍ରେଡିଟ କାର୍ଡ, ମାଣ୍ଡିଆ ବିହନ, ବାର୍ଦ୍ଧକ୍ୟ ଭତ୍ତା, ଚାରା ଆଦି ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ଜିପିଡି ଓ ପରମେଶ୍ୱର ନାଏକ, ଏପିଓ ପ୍ରଶାନ୍ତ କୁମାର ସାହୁ, ଭାଜପା ବ୍ଲକ୍ ସଭାପତି ଉମାକାନ୍ତ ପ୍ରଧାନ, ଗଣ ମାଧ୍ୟମ ପ୍ରତିନିଧି ଅଭୟ ତ୍ରିପାଠୀ, ଉଦ୍ୟମ କୃଷି ଅଧିଦର୍ଶକ ପି ପଟେଲ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ସେହିପରି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।

# ଜନ ଅଭିଯୋଗ ଶୁଣାଣି ଶିବିର

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): କୋଲାବିରା ବ୍ଲକ କାର୍ଯ୍ୟାଳୟସ୍ଥ ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଶିବିରରେ ଉପସ୍ଥିତ ରହି ଘରଡିହଶୂନ୍ୟ ହିତାଧିକାରୀମାନଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ବଣ୍ଟନ କରିଥିଲେ । ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ମାଝୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୪୮ଗୋଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୨୫ଗୋଟି ସାମୂହିକ ଓ ୨୩ଗୋଟି ବ୍ୟକ୍ତିଗତ । ଶିବିରରେ ପରମାଣପୁରରେ ଚାଷ ଉପଯୋଗୀ




ଗଭୀର ନଳକୂପ ଖନନ, ସାଲହେପାଲି ଗ୍ରାମ୍ୟ ଜଳଯୋଗାଣ ଅନ୍ତର୍ଗତ ଗଭୀର ନଳକୂପ ଖନନ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, କାତିକେଲାଠାରେ ପାର୍ବତୀଗିରି ଉଠା ଜଳ ସେଚନ ପ୍ରକଳ୍ପ(ମେଗା ଲିଫ୍ଟ) କାର୍ଯ୍ୟକ୍ଷମ କରାଯିବା, କୁଲିହାମାଲରେ ସାମୂହିକ ଉନ୍ନତି ପାଇଁ ଜାଗା ଯୋଗାଇଦେବା, ସୋଡ଼ାମାଲରୁ ଭୀମଜୋର ଗ୍ରାମକୁ 'ମୋ ବସ' ସେବା ଯୋଗାଇଦେବା, ଗୁଛାପାଲି ମୁଣ୍ଡାପଡ଼ା ଗ୍ରାମ ରାସ୍ତା ମରାମତି, ପନହାପାଲିରୁ ଯାମଛୁଆଁ ରାସ୍ତାରେ ଥିବା ନାଳର ତଳ ପାର୍ଶ୍ୱରେ କ୍ରସ ଡେମ ନିର୍ମାଣ ଜନିତ ଯାତାୟାତରେ ଅସୁବିଧା, ଜୋରାବନ୍ଧ ପୋଖରୀ ପରିଷ୍କାର, ପରମାଣପୁର ଛକ ଠାରୁ ମିଶନ ଆମ୍ବତୋଟା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ, ପତ୍ରାପାଲି ଛକରୁ ଅଇଁଲାମାଲ ଗ୍ରାମକୁ ଯାତାୟାତ ରେ ଅସୁବିଧା, ସୁନାରୀପଡା କଲ୍ୟାଣ ମଣ୍ଡପ କୁ ପଞ୍ଚାୟତ ଅଧୀନକୁ ଆଣିବା ସହ ନୂତନ କମିଟି କମିଟି ଗଠନ, ଭେଜିକୁଦ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଓ ଅଚଳ ନଳକୂପ ମରାମତି, ସମାସିଙ୍ଘା ଗ୍ରାମରେ ତିନି କିଲୋମିଟର ପରିସର ଭିତରେ ଦେଶୀ ମଦଭାଟି ବନ୍ଦ କରାଯିବା, ଗହ୍ମାପାଲିରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା, ଗୁଛାପାଲି ସମଲେଇଘାଟ କଲଭର୍ଟ ନିର୍ମାଣ, ରେଙ୍ଗାଲପାଲିରୁ ଆଶ୍ରମ ବିଦ୍ୟାଳୟ ମାଟିରାସ୍ତାର ଉନ୍ନତିକରଣ, ସୋଡ଼ାମାଲରେ ଘରଡ଼ିହ ପଟ୍ଟା ଯୋଗାଣ ଓ ଲରିଆପାଲିରେ ବିଦ୍ୟୁତ ସଂଯୋଗ ଜନିତ ସମସ୍ୟା ସମାଧାନ ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶିବିରରେ ଶୁଣାଣି କରାଯାଇଥିଲା । ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଶିବିରରେ ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଶ୍ୱାସ ଜନିତ ସମସ୍ୟା ସକାଶେ ଜଣଙ୍କୁ ନେବୁଲାଇଜର ପ୍ରଦାନ କରାଯାଇଥିଲା । ବିଧାୟକ ଶ୍ରୀ ତ୍ରିପାଠୀ ସମ୍ପୃକ୍ତ ଶିଶୁର ପିତାମାତାଙ୍କୁ ଏହା ପ୍ରଦାନ କରିଥଲେ । ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ମୋବାଇଲ ଲୁଟ୍, ଥାନାରେ ଅଭିଯୋଗ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ସହର ଜାମ୍ବୁ ଛକ ନିକଟବର୍ତ୍ତୀ ଓ ରାଜନ ପାଲି ଛକ ମଧ୍ୟରେ ଜଣେ ଯୁବତୀଙ୍କ ଠାରୁ ମୋବାଇଲ ଲୁଟ୍ ହୋଇଥିବା ଯୁବତୀ ଜଣକ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ନ ୪.୩୦ ମିନିଟ ସମୟରେ ରାଜନ ପାଲି ନିକଟ ପୁରୁଣା ଟାଉନ ଫାଣ୍ଡି ନିକଟରେ ଜଣେ ଯୁବତୀଙ୍କ ନିକଟରୁ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମୋବାଇଲ ଲୁଟ୍ କରିଥିଲେ । ସ୍ଥାନୀୟ ଲୋକେ ହୋ ହାଲ୍ଲା କରି ଆସିବାରୁ ଲୁଟେରା ମାନେ ବାଇକ ଛାଡି ଘଟଣା ସ୍ଥଳରୁ ଖସି ଯାଇଥିଲେ । ଖବର ପାଇ ବୌଦ୍ଧ ଥାନା ପୋଲିସ୍ ବାଇକକୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ମୋବାଇଲ୍ ଚୋରକୁ ସରସରା ଗ୍ରାମରେ ଲୋକେ ଅଟକ ରଖି ଥିବା ସୂଚନା ମିଳିଛି ।

# ଆଇନ ସଚେତନତା କାର୍ଯ୍ୟକ୍ରମ


ରାୟଗଡା (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିନ ସ୍ଥାନୀୟ ତାଡମା ପଞ୍ଚାୟତ ହଲରେ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର କାର୍ଯ୍ୟକ୍ରମ, ମଧ୍ୟସ୍ଥତା ସମାଧାନ, ଆଇନସେବା ପ୍ରାଧିକରଣର ଆକ୍ଟ ୧୯୮୭ ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏସନର ଆଇନଜୀବି କିଶୋର ସାହୁ, ଦେବରାଜ ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣର ଫ୍ରଣ୍ଟ ଅଫିସ ରିଟେନର ଭାରତୀ ତ୍ରିପାଠୀ, ତାଡମା ପଞ୍ଚାୟତର ସରପଞ୍ଚ ଆଲମେ ଜାକକା, ନାଏବ ସରପଞ୍ଚ କାନ୍ତାମା ମେଲାକା, ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର



ସଚିବ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ସେହିପରି ଉପସ୍ଥିତ ଥିବା ଦେବରାଜ ନାୟକ ନିଜର ବକ୍ତବ୍ୟରେ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଓ ପରିଶେଷରେ କିଶୋର ସାହୁ ନିଜର ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣର ଆଇନ ଓ ମଧ୍ୟସ୍ଥତା କେନ୍ଦ୍ରରେ ସମାଧାନ କରାଯାଉଥିବା ବିଭିନ୍ନ ବିବାଦ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଓ କାର୍ଯ୍ୟକ୍ରମ ପରିଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଓ ପରିଶେଷରେ ଜିଲ୍ଲା ଆଇନସେବା ପ୍ରାଧିକରଣର ଫ୍ରଣ୍ଟ ଅଫିସ ରିଟେନର ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ନିଜର ବକ୍ତବ୍ୟରେ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଦ୍ୱାରସ୍ଥ ହେବା ପାଇ ସମସ୍ତ ଜନସାଧାରଣ ମାନଙ୍କୁ ବୁଝାଇଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ତାଡମା ପଞ୍ଚାୟତର ସମସ୍ତ ଜନସାଧାରଣ ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

# ରାସ୍ତା କଡରେ ମାଳ ମାଳ ହୋଡିଂ: ସରକାରୀ ତହବିଲକୁ ଆସୁନାହିଁ ଟଙ୍କାଟିଏ ରାଜସ୍ୱ

ଫୁଲନଖରା, (ଭାସ୍କର ନ୍ୟୁଜ୍) : ବୟାଳିଶମୌଜା ଝିଙ୍କିରିଆ ଠାରୁ କଳପଡ଼ା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ମାଳ ମାଳ ବେଆଇନ ହୋଡିଂ ଲାଗିଥିବାର ଅଭିଯୋଗ ହେଉଛି । ବହୁ ବେସରକାରୀ ସଂସ୍ଥା ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅଧିକାଂଶ ସରକାରୀ ଯାଗାରେ ହୋଡିଂ ଲଗାଇ ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି । କଟକ ମହାନଗର ନିଗମ ଅଂଚଳରେ ଲାଗିଥିବା ହୋଡିଂରୁ ନିଗମ ବାର୍ଷିକ କୋଟି କୋଟି ଟଙ୍କା ଆଦାୟ କରୁଥିବା ବେଳେ ବୟାଳିଶମୌଜାରେ ଥିବା ଏହି ହୋଡିଂ ରୁ ପଂଚୟାତ ବା ବ୍ଲକ ପ୍ରଶାସନ ଟଙ୍କା ଟିଏ ବି ରାଜସ୍ୱ ପାଉନାହାନ୍ତି । ସଂପୃକ୍ତ ସଂସ୍ଥା ନିଜ ଇଚ୍ଛା ମୁତାବକ ଲୁହାଖୁଣ୍ଟ ପୋତି ଉଚ୍ଚ ଉଚ୍ଚ ହୋଡିଂ କରି ମାଲାମାଲ ହେଉଛି । ଗୋଟିଏ ପଟେ ସରକାରଙ୍କର ରାଜସ୍ୱ ହାନି ହେଉଥିବା ବେଳେ ଅନ୍ୟପଟେ ଏହି ହୋଡିଂର ସ୍ଥାୟିତ୍ୱ ମଧ୍ୟ ପଥଚାରୀଙ୍କ




ପାଇଁ ବିପଦ ସୃଷ୍ଟି କରୁଛି । ମୁଖ୍ୟ ରାସ୍ତା କଡରେ ଏହି ବଡ଼ ବଡ଼ ହୋଡିଂ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ । ତେବେ ସର୍ବାଧିକ ହୋଡିଂ ଲାଗିଥିବା ବ୍ରହ୍ମପୁର ପଞ୍ଚାୟତର ସରପଂଚ ରବି ନାରାୟଣ ପଧାନ ଏ ନେଇ କୁହନ୍ତି ହୋଡିଂ ଦୀର୍ଘଦୀନ ଧରି ପୋତାହେଲାଣି, ଏନେଇ କେହି ସରପଂଚଙ୍କ ଅନୁମତି ମାଗିନାହାନ୍ତି କି ପଂଚାୟତ ହୋଡିଂ ବାବଦରୁ କୌଣସି ଆୟ ପାଉନାହିଁ । ସବୁଠାରୁ ବଡ କଥା ଏହି ହୋଡିଂ କିଏ ଲଗାଇଛି,ଏବଂ କେତେବେଳେ ଲଗାଇଛି ତାହାର ମଧ୍ୟ ସୂଚନା ସରକାରୀ ସ୍ତରରେ ନାହିଁ । ତେବେ ମୁନାଫାଖୋର ବ୍ୟବସାୟୀ ମାନେ ଏଭଳି ବେଆଇନ ହୋଡିଂ ସରକାରୀ ଜାଗାରେ ପୋତି ଏଥିରୁ ଭଲ ମୁନଫା ପାଉଥିବା ବେଳେ ପଞ୍ଚାୟତ ତାର ନିଜସ୍ୱ ଆୟରେ ବିରାଟ କ୍ଷତି ସହୁଛି । ସରକାରୀ ସ୍ତରରେ ଯାଞ୍ଚ କରାଯାଇ ଏହି ହୋଡିଂର ସ୍ଥାୟିତ୍ୱକୁ ତଦାରଖ କରିବା ସହିତ ଉଚିତ ରାଜସ୍ୱ ପଞ୍ଚାୟତ ତହବିଲରେ ପଇଠ କିଭଳି ହୋଇପାରିବ ସେ ନେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ,ଏବଂ କଟକସଦର ବ୍ଲକ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁଙ୍କ ନିକଟରେ ଦୃଢ ଦାବି କରିଛନ୍ତି ।

# ଡାଇରିଆରେ ଜଣେ ମୃତ ଡେରାବିଶରେ ମେଡ଼ିକାଲ ଟିମ୍

ଡେରାବିଶ, (ଭାସ୍କର ନ୍ୟୁଜ୍): ଡାଇରିଆରେ ଗତକାଲି ଡେରାବିଶ ବ୍ଲକ ଏଣ୍ଡର ପଂଚାୟତ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ମହିଳା ସଜନୀ ମଲିକ (୬୧)ଙ୍କ ମୃତ୍ୟୁ ଓ ତାଙ୍କ ପୁଅ ସମେତ ଗ୍ରାମର ୭ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ କଟକ ଓ କେନ୍ଦ୍ରାପଡ଼ାରେ ଚିକିତ୍ସା ହେଉଥିବା ଖବର ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପୁରା ଆଲର୍ଟ ହୋଇ ରହିଛନ୍ତି । ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିବା ସହିତ ଡାଇରିଆ ବ୍ୟାପିବାର କାରଣ ସମ୍ବନ୍ଧରେ ଅନୁସନ୍ଧାନ ଜାରି ରଖିଛନ୍ତି । ଡିଏଚଓ ଡକ୍ଟର ନୃପେନ୍ଦ୍ର ଶତପଥି, ଏଫ୍‌ଏସ୍‌ଓ ପ୍ରିତିଶ ଦାସ, ମାଇକ୍ରୋ ବାୟୋଲୋଜିଷ୍ଟ ଅଶୋକ କୁମାର ସାହୁ, ସତ୍ୟନାରାୟଣ ସିଂ ପ୍ରମୁଖ ଉପସ୍ଥିତ ରହି ଗ୍ରାମରେ ଥିବା ଜଳର ଉତ୍ସ, ନିକଟସ୍ଥ ବଜାରରେ ରହିଥିବା ଜଳଖିଆ ଦୋକାନରେ ରହିଥିବା ଖାଦ୍ୟର ଗୁଣବତା ଇତ୍ୟାଦି ସମ୍ପର୍କରେ ବୁଲି ଦେଖିଥିଲେ । ତେବେ ନିକଟସ୍ଥ ଗ୍ରାମରେ କାଁ ଭାଁ ବ୍ୟକ୍ତି ଝାଡ଼ାବାନ୍ତି ହେଉଥିବା ବେଳେ ସ୍ୱାସ୍ଥ୍ୟ କର୍ମୀମାନଙ୍କର ସଜାଗ ଦୃଷ୍ଟି ଫଳରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଜଣାଯାଇଛି ।



ରାୟଗଡ଼ (ଭାସ୍କର ନ୍ୟୁଜ୍): ଯୋଜନା ସହ ବିକାଶର ବାହନ ଲୋକଙ୍କ ନିକଟରେ ପହଞ୍ଚିଲା। ରାୟଗଡ଼ ବ୍ଲକର କାମ୍ପ ମାଲିଗାଁ, କୁଲି ଓ ବଡ଼ ଆଲୁବାଡ଼ି ଗ୍ରାମ ପଞ୍ଚାୟତରେ ସୋମବାର ବିକାଶ ବାହନ ପହଁଞ୍ଚିଛି। ବାଜା, ତୁରୀ, ହୁଳହୁଳି ଓ ନାଚ ଗୀତରେ ରଥକୁ ଲୋକେ ସ୍ୱାଗତ କରିଥିଲେ। ସରପଞ୍ଚ, ୱାର୍ଡ ସଦସ୍ୟ ଓ ନିର୍ବାଚିତ ପ୍ରତିନିଧି ସମେତ ବିଭାଗୀୟ ଅଧିକାରୀ, ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ତେରଟି ଆବାସ କାର୍ଯ୍ୟାଦେଶ, ଏଗାରଟି ଜବକାର୍ଡ଼, ତିନୋଟି ନୂଆ ରେସନ କାର୍ଡ଼, ତିନୋଟି ସିଏମ୍ କିସାନ କାର୍ଡ, ଏକଶହ ବତିଶିଟି ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ, ତେର ଜଣଙ୍କୁ ଜଙ୍ଗଲ ଅଧିକାର ଆଇନ ଜମିପଟ୍ଟା, ନଅଗୋଟି ହିତାଧିକାରୀଙ୍କୁ ନୂତନ ପେନ୍‌ସନ୍, ତିନୋଟି ଜନଧନ ଯୋଜନାରେ ବ୍ୟାଙ୍କ ଆକାଉଣ୍ଟ, ପଚିଶି ଜଣଙ୍କର ଆଧାର ପଞ୍ଜିକରଣ ଓ ମାଙ୍କ ନାମରେ ଏକଶହ ଆଠୋଟି ଗଛ ରୋପଣ କରାଗଲା । ତିନୋଟି ପଞ୍ଚାୟତର ଏକ ହଜାର ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁଚରଣ ନାୟକ, ନିର୍ବାହୀ ଅଧିକାରୀ, ମଙ୍ଗଳ ଅଧିକାରୀ, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ, ଯୋଗାଣ, କୃଷି, ସମାଜ ମଙ୍ଗଳ, ଜୀବିକା ମିଶନ ଆଦି ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।



# ୩ ଦଫା ଦାବିରେ ବନ କର୍ମଚାରୀଙ୍କ ଆନ୍ଦୋଳନ

## ଦାବି ପୂରଣ ନ ହେଲେ ସାମୂହିକ ଛୁଟିରେ ଯିବାକୁ ଚେତାବନୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ୩ଦଫା ଦାବି ନେଇ ଅଣଗେଜେଟେଡ଼ ବନସେବା ସଙ୍ଘ ଆନ୍ଦୋଳନକୁ ଓହ୍ଲାଇଥିବା ସୂଚନା ମିଳିଛି। ସୋମବାର ଅପରାହ୍ନରେ ଅସ୍ତରଙ୍ଗ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି ବନ କର୍ମଚାରୀ। ମିଳିଥିବା ସୂଚନା ଅନୁଯାୟୀ, ଅଣଗେଜେଟେଡ ରାଜ୍ୟ ବନସେବା ସଙ୍ଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ୩ଦଫା ଦାବି ପୂରଣ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର କର୍ମଚାରୀଙ୍କ ଦାବି ପ୍ରତି ଧ୍ୟାନ ଦେଉ ନଥିବା ଅଭିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର ବନ କର୍ମଚାରୀଙ୍କ ସୁରକ୍ଷା ଓ ଫରେଷ୍ଟ କମିଶନ ଗଠନ ଦିଗରେ ବିଚାର କରିବାକୁ ଦାବି କରିଛନ୍ତି। ରାଜ୍ୟରେ ସ୍ପେସିଆଲ ଷ୍ଟ୍ରାଇକ ଫୋର୍ସ ଓ ରାପିଡ ରେସ୍ପନସ୍ ଟିମ୍ ଗଠନ କରିବା, ରାଜ୍ୟର ରେଞ୍ଜ, ବିଟ ହାଉସ ଅଞ୍ଚଳ ଓ ସେକ୍ସନ ଗୁଡିକ ପୁନଃଗଠନ କରି ମାଓ ଅଞ୍ଚଳ ସହ ମାଫିଆଙ୍କ ସହ ଲଢ଼ି ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ଯୋଗୁଁ ପୋଲିସ ବିଭାଗ ଭଳି ଅନୁଦାନ ଅର୍ଥ ପ୍ରଦାନ ଆଦି ଦାବି ରହିଛି। କିଛି ଦିନ ତଳେ ଢେଙ୍କାନାଳ ଡିଭିଜନରେ କାର୍ଯ୍ୟରତ ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କୁ ଗତ ମାସ ୨୫ତାରିଖରେ ନିର୍ମମ ଭାବେ ଶିକାରୀ ମାନେ ହତ୍ୟା କରିଥିବା ବେଳେ ମୃତକଙ୍କ ପରିବାରକୁ ୧କୋଟି ଟଙ୍କା ସହ ନାବାଳିକା ଝିଅର ପାଠ ପଢା ଓ ପରିବାରର ଜଣଙ୍କୁ ଚାକିରୀ ପ୍ରଦାନ ଆଦି ଦାବି କରିଛି ସଙ୍ଘ। ଯଦି ସରକାର ୭ଦିନ ମଧ୍ୟରେ ଦାବି ପୂରଣ ନ କରନ୍ତି ତେବେ କର୍ମଚାରୀ ମାନେ ସାମୂହିକ ଛୁଟିରେ ଯିବେ ବୋଲି ସୂଚନା ଦେଇଛନ୍ତି। ସେହିପରି ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିବା ନେଇ ସୂଚନା ମିଳିଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବନାଞ୍ଚଳର କର୍ମଚାରୀ ମାନେ ସାମିଲ ହୋଇଥିବା ସୂଚନା ମିଳିଛି।

# କାଠପୋଲ ଉପରେ ବିପଦସଂକୁଳ ଅବସ୍ଥାରେ ଯାତ୍ରା



କୋଷାଗୁମୁଡା (ଭାସ୍କର ନ୍ୟୁଜ): ବର୍ଷେ ନୁହେଁ କି ଦୁଇବର୍ଷ ନୁହଁ,ବର୍ଷ ବର୍ଷ ଧରି କାଠ ପୋଲ ଉପରେ ନିର୍ଭର କରି ଆସୁଛନ୍ତି ୧୫ଖଣ୍ଡ ଗ୍ରାମର ଗ୍ରାମବାସୀ। ଗୁରୁତର ରୋଗୀ, ଗର୍ଭବତୀ, ପ୍ରସୂତି ମହିଳା, ଛୋଟ ଛୋଟ ପିଲା ଏବଂ ଅଂଚଳର ଦାଦନ ଶ୍ରମିକ ମାନଙ୍କ ପାଇଁ ଏହି କାଠ ପୋଲ ହିଁ ପାଲଟିଛି ଏକ ମାତ୍ର ବିକଳ୍ପ। ଏଭଳି ଏକ ଦୟନୀୟ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଉକିଆପାଲି ପଂଚାୟତ ଅଧୀନରେ ଥିବା ଘାଟବସିଲି ଗ୍ରାମଟି ଭାସ୍କେଲ ନଦୀ ମୁହାଣରେ ଅବସ୍ଥିତ। ପ୍ରତିବର୍ଷ ଏହି ଗ୍ରାମର ଗ୍ରାମବାସୀ ଅଞ୍ଚଳର ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଜସ୍ୱ ଖର୍ଚ୍ଚ ଓ ଶ୍ରମଦାନରେ ନିର୍ମାଣ କରନ୍ତି କାଠପୋଲ। ଘାଟ ବସିଲି ଗ୍ରାମର ଗ୍ରାମବାସୀ ଓ ଆଖପାଖ ୧୫ଖଣ୍ଡ ଗ୍ରାମର ଜନସାଧାରଣ ବିପଦ ସଂକୁଳ ଅବସ୍ଥାରେ ଏହି ପୋଲ ଉପରେ ଯାତାୟାତ କରନ୍ତି। ଅଞ୍ଚଳବାସୀଙ୍କ କହିବା ପ୍ରକାରେ ପଡୋଶୀ ଜିଲ୍ଲାର ନଗରନାର ସହର ଘାଟବାସିଲି ଗ୍ରାମଠାରୁ ମାତ୍ର ୧କିଲୋମିଟର ଦୂର। ନଗରନାରରେ ଷ୍ଟିଲ ପ୍ଲାଣ୍ଟ ସ୍ଥାପିତ ହେବା ପରେ ଏହି ଅଞ୍ଚଳର ଶତାଧିକ ଶ୍ରମିକ ଷ୍ଟିଲ ପ୍ଲାଣ୍ଟରେ ଶ୍ରମିକ ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଛନ୍ତି। ତାଛଡ଼ା ନଗରନାରରେ ଡାକ୍ତରଖାନା ମଧ୍ୟ ରହିଥିବାରୁ ଏ ଅଂଚଳର ଜନସାଧାରଣ ନଗରନାର ଡାକ୍ତରଖାନା ଉପରେ ନିର୍ଭର କରି ଆସୁଛନ୍ତି। କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏହି ଅଂଚଳ ଠାରୁ ୨୨କିଲୋମିଟର ଦୂର ପଡୁଥିବା ବେଳେ ନଗରନାର ର ଡାକ୍ତରଖାନା ମାତ୍ର ୧କିଲୋମିଟର। ତେଣୁ ଏ ଅଞ୍ଚଳର ଜନସାଧାରଣ ବିଶେଷ କରି ନଗରନାର ସହର ଉପରେ ନିର୍ଭର କରୁଛନ୍ତି। ବର୍ଷାଦିନ ମାନଙ୍କରେ ଏହି ଅଞ୍ଚଳର ଜନସାଧାରଣ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ବର୍ଷା ଦିନରେ କାଠପୋଲ ପାଣି ସୁଅରେ ଭାସି ଯାଉଥିବାରୁ ୧୫ କିଲୋମିଟର ବାଟ ବୁଲିକି ଯିବାକୁ ପଡିଥାଏ। ଏହି ନଦୀ ଉପରେ ପୋଲଟିଏ ନିର୍ମାଣ ପାଇଁ ଅଂଚଳବାସୀ ବାରମ୍ବାର ବାରମ୍ବାର ପ୍ରଶାସନକୁ ଗୁହାରୀ କରି ଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି। ନଦୀରେ ପୋଲ ନିର୍ମାଣ ହେଲେ ଅଞ୍ଚଳର ଜନସାଧାରଣ ଉପକୃତ ହୁଅନ୍ତେ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଉଥିବା ବେଳେ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାରାଦୀପଗଡ଼ରେ ରଜ ମହୋତ୍ସବ



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଦ୍ୱାରା ଆୟୋଜିତ ହେଉଛି ୪ର୍ଥ ବାର୍ଷିକ ରଜ ମହୋତ୍ସବ। ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ସଭାପତି ସଞ୍ଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ମାନ୍ୟବର ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସାଂସଦ ଡାକ୍ତର କୁଳମଣି ସାମଲ, ସମ୍ମାନିତ ଅତିଥି ଭାବେ ସି. ପର୍ଲ ଗ୍ରୁପର ଅଧ୍ୟକ୍ଷ ଅମିୟ କୁମାର ଦାଶ, ସୁବାସ ଦାସ, ପାରାଦୀପ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ଭଗବାନ ପରିଡ଼ା, ଶୁଶାନ୍ତ କୁମାର ତାରେଣିଆ, ସଞ୍ଜୟ ପାଣି, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲ୍ଲିପ କୁମାର ବେହେରା, ବିଜେପି ମଣ୍ଡଳ ସଭାପତି ଗଗନ ବିହାରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ପୁରାଣ, କାବ୍ୟ, ପରମ୍ପରାରେ ରଜ ମହୋତ୍ସବ ସଂପର୍କରେ ଓଜସ୍ୱିନି ବକ୍ତବ୍ୟ ପ୍ରଦାନ କରି ଦର୍ଶକ ମାନଙ୍କୁ ମନମୁଗ୍ଧ କରିବା ସହିତ ବିଲୁପ୍ତ ପ୍ରାୟ ପାରଂପରିକ କୃଷି ଭିତ୍ତିକ ଗଣପର୍ବ ରଜ ପର୍ବକୁ ମହା ଆଡ଼ମ୍ବରରେ ପାଳନ କରିଥିବାରୁ ସ୍ଥାନୀୟ ସରପଞ୍ଚ ସସ୍ମିତ ବେହେରାଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ୍ ପ୍ରଦାନ କରିଥିଲେ। କଟକ, ବଲାଙ୍ଗୀର, କୋରାପୁଟ, ସମ୍ବଲପୁରରୁ ଆସିଥିବା ନୃତ୍ୟ ଅନୁଷ୍ଠାନ ଓ ତିଲକ ଚକ୍ରବର୍ତ୍ତୀଙ୍କ ମେଲୋଡିରେ ଯୁବ ଦର୍ଶକ ମାନେ ମତୁଆଲା ହୋଇ ମଞ୍ଚ ସମ୍ମୁଖରେ ନାଚି ଧୂଳି ଉଡ଼ାଇ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ଚୌଧୁରୀ, କମିଟି ସଂପାଦକ ଦେବ ଦୁର୍ଲ୍ଲଭ କର, ଜୟନ୍ତ ସେନାପତି, ମନୋଜ ରାଉତ, ସଂଗ୍ରାମ ବେହେରା, ନିରଞ୍ଜନ ପରିଡ଼ା, ରାଜେନ୍ଦ୍ର ବେହେରା, ସତ୍ୟନାରାୟଣ ମହାପାତ୍ର, ଅଲେଖ ମହାରଥା, ରମେଶ ବେହେରା, ଚନ୍ଦ୍ରକାନ୍ତ ସ୍ୱାଇଁ, ଅନନ୍ତ ବିଶ୍ୱାଳ, ବିଚିତ୍ର ପ୍ରଧାନ, ଶାରଦା ପ୍ରସନ୍ନ ସ୍ୱାଇଁ, ଧର୍ମେନ୍ଦ୍ର ସାହୁ, ପ୍ରକାଶ ଦଳାଇ, ରାକେଶ ମଙ୍ଗରାଜ, ପ୍ରଭାତ ସାହୁ, ବିଷ୍ଣୁ ଚରଣ ସାହୁ, କଳ୍ପନା ମହାପାତ୍ର, ଦୀପକ ପଣ୍ଡା, ଉଲ୍ଲାସ ମହାରଥା, ଶୁଭସ୍ମିତା ମଙ୍ଗରାଜ, ରଞ୍ଜନ ସାମଲ, ଜୀବନଧନ ବେହେରା, ପ୍ରମୁଖ ପରିଚାଳନା କରିଥିଲେ।

# ସରକାରଙ୍କ ଲକ୍ଷ୍ୟକୁ ସଫଳ କରିଛି ମୟୂରଭଞ୍ଜ ଜଳସେଚନ ବିଭାଜନ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜଳସେଚନ ବିଭାଜନ, ବାରିପଦା ଅଧୀନରେ ଥିବା ତିନି ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା ବାଲିଡ଼ିହା, କାଳ ଓ ସୁନେଇ ଜଳସେଚନ ପ୍ରକଳ୍ପ ଗୁଡିକର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ, ତତ୍‌ସହିତ ବାରିପଦା ଓ କପ୍ତିପଦା ଉପଖଣ୍ଡ ଅଧିନସ୍ଥ ନଦୀ ଗୁଡିକରେ ବନ୍ୟା ଦ୍ୱାରା ଅବକ୍ଷୟ ଘଟୁଥିବା ଆଡିବନ୍ଧର ମରାମତି କାର୍ଯ୍ୟ ହାତକୁ ନିଆଯାଇଥାଏ। କୃଷି କ୍ଷେତ୍ରରେ ଉକ୍ତ ବିଭାଜନ ଦ୍ୱାରା କାଳ ଓ ସୁନେଇ ପ୍ରକଳ୍ପ ମାଧ୍ୟମରେ କପ୍ତିପଦା ବ୍ଲକର ୬୬୩୮.୧୮ ହେକ୍ଟର, ଉଦଳା ବ୍ଲକର ୫୫୦୯.୫୧ ହେକ୍ଟର, ଗୋପବନ୍ଧୁନଗର ବ୍ଲକର ୫୭୫.୩୯ ହେକ୍ଟର ଏବଂ ବାଲେଶ୍ୱର ଜିଲ୍ଲା ଅନ୍ତର୍ଭୁକ୍ତ ନିଳଗିରି ବ୍ଲକର ୨୦୦୫.୧୫ ହେକ୍ଟର ଚାଷ ଜମିକୁ ପାଣି ଯୋଗାଇ ୪୩୯୮୯ ଜଣ ଚାଷୀଙ୍କର ମେରୁଦଣ୍ଡ ସୁଦୃଢ କରିବା ସହ ସରକାରଙ୍କର ଲକ୍ଷ୍ୟକୁ ସଫଳାୟନ କରାଯାଇଛି। ସେହିଭଳି ବାଲିଡ଼ିହା ଦିଗ ପରିବର୍ତ୍ତନକାରୀ ବନ୍ଧ ଶାମାଖୁଣ୍ଟା ବ୍ଲକ ଅଧୀନସ୍ଥ ୩୮୩୨ ହେକ୍ଟର ଜମିକୁ ପଓଣି ଯୋଗାଇ ୯୭୧୮ ଜଣ ଚାଷୀଙ୍କୁ ଉପକୃତ କରିପାରିଛି। ସରକାରଙ୍କ ଅଧିନିୟମ ଅନୁଯାଇ ତିନି ଗୋଟି ଜଳସେଚନ ପ୍ରକଳ୍ପ ଅଧୀନରେ ସମୁଦାୟ ୩୬ ଗୋଟି ପାଣି ପଞ୍ଚାୟତ ଗଠନ କରାଯାଇ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗରେ ଚାଷୀ ମାନଙ୍କୁ ସୁଚାରୁରୂପେ ଜଳ ଯୋଗାଇ ଦିଆଯାଉଛି ଓ ପୁରାତନ ବନ୍ଧ ଓ କେନାଲ ହୋଇଥିବାରୁ ଅବକ୍ଷୟ ହୋଇଥିବା ଷ୍ଟ୍ରକ୍‌ଚର ଏବଂ କେନାଲ ଗୁଡିକର ବାର୍ଷିକ ଅନୁଦାନକୁ ଧ୍ୟାନରେ ରଖି ପ୍ରାଥମିକତା ଦୃଷ୍ଟିରେ ୨୦୨୪-୨୫ ଆର୍ଥିକ ବର୍ଷରେ କେନାଲ ଗୁଡିକର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ପାଇଁ ୭୩ ଗୋଟି କାର୍ଯ୍ୟ, ଚାଷୀ ତଥା ଜନସାଧାରଣଙ୍କ ଗମନାଗମନ ନିମନ୍ତେ ୭ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯାଇ ସଫଳ ରୂପେ ସମ୍ପାଦନ କରାଯାଇଛି। ମୟୂରଭଞ୍ଜ ଜଳସେଚନ ବିଭାଜନ ଅଧୀନରେ ମୁଖ୍ୟତଃ ବୁଢାବଳଙ୍ଗ, ସୁବର୍ଣରେଖା, ଗଙ୍ଗାହାର, ନାଲୁହା ଏବଂ ସୋନ ନଦୀ ଗୁଡିକରେ ବନ୍ୟାଦ୍ୱାରା ଅବକ୍ଷୟ ଘଟୁଥିବା ଆଡିବନ୍ଧର ସୁରକ୍ଷ୍ଓ ନିମନ୍ତେ ପ୍ରାଥମିକତା ଦୃଷ୍ଟିରେ ପ୍ରତିବର୍ଷ ବାର୍ଷିକ ଅନୁଦାନକୁ ଲକ୍ଷ୍ୟକରି ପଥର ପେକିଂ କାର୍ଯ୍ୟ ସମ୍ପାଦନ କରାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋରଡା ନିର୍ବାଚନ ମଣ୍ଡଳୀରେ ୨୨ ଗୋଟି, ଉଦଳା ନିର୍ବାଚନ ମଣ୍ଡଳୀରେ ୮ ଗୋଟି, ବଡସାହି ନିର୍ବାଚନ ମଣ୍ଡଳୀରେ ୧୦ ଗୋଟି, ବାରିପଦା ନିର୍ବାଚନ ମଣ୍ଡଳୀରେ ୪ ଗୋଟି, ବାଙ୍ଗରୀପୋଷି ନିର୍ବାଚନ ମଣ୍ଡଳୀରେ ୫ ଗୋଟି, ସାରସକଣା ନିର୍ବାଚନ ମଣ୍ଡଳୀରେ ୫ ଗୋଟି କାର୍ଯ୍ୟ ହାତକୁ ନିଆଜାୟୀ ସଫଳ ରୂପେ ସମ୍ପାଦନ କରାଯାଇଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା




ନବରଙ୍ଗପୁର, (ଭାସ୍କର ନ୍ୟୁଜ): ସମସ୍ତ ପ୍ରକାର ବୃତ୍ତି ଓ କାର୍ଯ୍ୟରେ ଶିଶୁ ଶ୍ରମିକ ନିରାକରଣ କରିବାପାଇଁ ଏକ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ଆଜି ଏକ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ) ବିଶ୍ୱଜିତ ବର୍ମନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାଟି ନବରଙ୍ଗପୁର ସହରର ଆମ୍ବେଦକର ଛକରୁ ଆରମ୍ଭ ହୋଇ ଚାଉଁରିୟାଗୁଡା ଛକ ପର୍ଯ୍ୟନ୍ତ କୌଣସି କର୍ମ, ବ୍ୟବସାୟିକ, ବୃତ୍ତିରେ ୧୫ ବର୍ଷ ପୂର୍ଣ୍ଣ କରିନଥିବା ଶିଶୁଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନ କରିବାକୁ ଏବଂ ୧୫ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦ ସଂକୁଳ ବୃତ୍ତିରେ ନିୟୋଜନ ନ କରିବା ଉପରେ ବିଭିନ୍ନ ସ୍ଲୋଗାନ ପୋଷ୍ଟର ଓ ପ୍ରଚାର ପତ୍ରିକା ମାଧ୍ୟମରେ ସାଧାରଣ ଲୋକ ତଥା ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକ ମାନଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ୍ୟା ଅଜନ୍ତା ଶୁଭଦର୍ଶିନୀ, ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ବିଭିନ୍ନ ଶ୍ରମିକ ସଂଘର କର୍ମକର୍ତ୍ତା ପରମେଶ୍ୱର ବିଶୋଇ, ଖଗେଶ୍ୱର ବିଶୋଇ, ବେସରକାରୀ ସଂଘର ସଦସ୍ୟ ଉମା ସତାନାମୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଜେକ୍ଟ ଏସୋସିଏଟ, ପ୍ରଭାଶିନୀ ପଟ୍ଟନାୟକ ଓ ଅନ୍ୟ ଟ୍ରେଡ୍‌ୟୁନିଅନ କର୍ମକର୍ତା ମାନଙ୍କ ମଧ୍ୟରେ ସୁଜିତ ହିଆଲ, ସାହିଲ ଭତରା, ସଲମାନ ନାଗ, ବିପିନ ନାଗ, ଦେବରାଜ ଗୌଡ଼ ଓ ଟ୍ରେଡ ୟୁନିଅନ ସଭ୍ୟ/ସଭ୍ୟା ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# କାଇଠିରା ଗ୍ରାମରେ ସ୍ୱାମୀର ଆକ୍ରମଣରେ ସ୍ତ୍ରୀ ଗୁରୁତର



ଆସିକା, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ରାମଚନ୍ଦ୍ରପୁର କଇଠିରା ଗ୍ରାମରେ ଅଭାବନୀୟ ଘଟଣା। ପାରିବାରିକ କଳହକୁ କେନ୍ଦ୍ରକରି ପତ୍ନୀକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଲହୁ ଲୁହାଣ କରିଛି ସ୍ୱାମୀ। ଗୁରୁତର ମହିଳା କାଇଠିରା ଗ୍ରାମର ଏମ. ସୁବାଷ ରେଡ଼ୀଙ୍କ ପତ୍ନୀ ଏମ. ଯମୁନା ରେଡ଼ୀ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ କୌଣସି ଏକ ପାରିବାରିକ କାରଣକୁ ନେଇ ଯମୁନା ଏବଂ ତାଙ୍କ ସ୍ୱାମୀ ସୁବାଷଙ୍କ ମଧ୍ୟରେ କଥା କଟା କଟି ହୋଇଥିଲା। ପରେ ଏହା ଉଗ୍ର ରୂପ ନେବା ସହ ସୁବାଷ ଘରେ ରହିଥିବା ଗୋଟିଏ ଧାରୁଆ ଅସ୍ତ୍ରରେ ପତ୍ନୀଙ୍କ ଉପରକୁ ଆକ୍ରମଣ କରିଥିଲେ। ଯମୁନାଙ୍କ ବେକ, ମୁଣ୍ଡ, ମୁହଁ, ହାତରେ ଗଭୀର ଆଘାତ ଲାଗିଥିବା ବେଳେ ସେ ଗୁରୁତର ହୋଇ ଘରେ ପଡି ରହିଥିଲେ। ସାହି ପଡୋଶୀ ତାଙ୍କୁ ସେଠାରୁ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଧରାକୋଟ ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପାନୀୟ ଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ମହିଳାମାନେ। ମିଳିଥିବା ସୂଚନା ଅନୁଯାୟୀ ଏଲ ଏଣ୍ଡ ଟି ପରିଚାଳିତ ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ ପଡି ଷ୍ଟାଣ୍ଡପୋଷ୍ଟ ଲାଗିଥିଲେ ମଧ୍ୟ ୧୫ ଦିନ ହେଲା ଆଦୌ ପାଣି ଆସୁନାହିଁ। ଫଳରେ ଖୁଣ୍ଟବନ୍ଧ ପଞ୍ଚାୟତର ଶରଧାପୁର, ବେନ୍ଦିରିପାଲି ଓ ବାଲି ଦୋହଲି ଗ୍ରାମର ଜନସାଧାରଣ ପାନୀୟଜଳ ନପାଇ ହନ୍ତସନ୍ତ ହେଉଛନ୍ତି। ଉକ୍ତ ଗ୍ରାମ ମାନଙ୍କରେ ଥିବା ପୋଖରୀ ଶୁଖିଯାଇଥିବା ବେଳେ ଅନ୍ୟଜଳ ଉତ୍ସ ଗୁଡିକ ଅଚଳ ରହିଛି। ତେଣୁ ପାନୀୟ ଜଳଯୋଗାଣ କରିବାକୁ ଦାବି କରିଛନ୍ତି। ଜିଲ୍ଲାପାଳ କଣ୍ଟାମାଳ ବ୍ଲକ ଜନଶୁଣାଣୀ କାର୍ଯ୍ୟକ୍ରମରେ ଥିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ, ସମୟରେ କାମାକ୍ଷା ପ୍ରଧାନ, ଶ୍ରାବଣୀ ପ୍ରଧାନ, ସାବିତ୍ରୀ ପ୍ରଧାନ, ଚତୁରୀ ପ୍ରଧାନ, ବୃନ୍ଦାବତୀ ମହାକୁଡ, ନରେନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ମା’ ରାମଚଣ୍ଡୀ ରଜ ପରବ ପାଳିତ

## ■ଦର୍ଶକଙ୍କ ମନ ମୋହିଲା ସମ୍ବଲପୁରୀ ନୃତ୍ୟ





ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ଗ୍ରାମବାସୀ ମାନଙ୍କ ମିଳିତ ସହଯୋଗରେ ଓ ଆରାଧନା ପ୍ରିନସେସ ଡ୍ୟାନ୍ସ ଏକାଡେମୀ ଆବାହକତ୍ୱରେ ମା’ ରାମଚଣ୍ଡୀ ରଜ ପରବ ମହାଡ଼ମ୍ବର ସହକାରେ ୪ଦିନ ଧରି ପାଳିତ ହେଉଛି। ବରିଷ୍ଠ ନୃତ୍ୟ ଗୁରୁ ସତ୍ୟବାନ ପଣ୍ଡିମ କବାଟଙ୍କ ନିର୍ଦ୍ଦେଶନାରେ ବହୁ କଳାକାରମାନେ ସେମାନଙ୍କର ମନୋରଞ୍ଜନ ଧର୍ମୀ ନୃତ୍ୟ ପରିବେଷଣ କରିଥିଲେ। ରଣପୁର ମୋନାଲିସା ଡ୍ୟାନ୍ସ ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ଏହି ରଜ ପର୍ବ ଉପଲକ୍ଷେ ସ୍ଥାନୀୟ କଳାକାରମାନେ ନାମ ସଂକ୍ରିର୍ତ୍ତନ, ଭଜନ ସମାରୋହ, ଦାସ କାଠିଆ, ଲୋକକଳା, ଗୋଟିପୁଅ ନୃତ୍ୟ ଇତ୍ୟାଦି ପରିବେଷଣ କରାଯାଇଥିଲା। ଏହି ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏହି ରଜ ପର୍ବରେ ବିଭିନ୍ନ ପଟୁଆଳ ତଥା ନୃତ୍ୟ ମାଧ୍ୟମରେ ବହୁ ଠାକୁର ରଜ ପଡିଆକୁ ଆସି ଏକତ୍ରିତ ହୋଇ ପୂଜା ପାଇଥିଲେ କ୍ଷ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମନମୋହନ କହଲ ସିଂହ ସଂଯୋଜନା କରି ପରିଚାଳନା କରିଥିଲେ। ପରିଶେଷରେ ବରିଷ୍ଠ ସମାଜସେବୀ ରାମଚନ୍ଦ୍ର ମାର୍ଥା ସମସ୍ତଙ୍କର ନିରୋଗ ଜୀବନ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଶିଫଳ

ବୁଧବାର, ୧୮ ଜୁନ୍ ୨୦୨୫



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ଆପଣଙ୍କ ମନରେ କାର୍ଯ୍ୟର ଚାପ ସତ୍ତ୍ୱେ, ଆପଣଙ୍କର ପ୍ରିୟ ଖୁସିର ମୁହୂର୍ତ୍ତ ଆଣିଦେବେ।




**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ।



**ମିଥୁନ:** ଧୈର୍ଯ୍ୟବାନ ହୁଅ, କାରଣ ଆପଣଙ୍କର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ । ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ। କୌଣସି ପ୍ରକାରର ବିନିଯୋଗ କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରନ୍ତୁ ।




**କର୍କଟ:** ଆପଣ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତାର ଅଭାବ ଆପଣଙ୍କୁ ଚାପ ଦେଇପାରେ। ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ । ତାଙ୍କୁ ଆଶ୍ଚର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ତାଙ୍କ ପାଇଁ ଏକ ସୁନ୍ଦର ଦିନରେ ପରିଣତ କରିବାକୁ ଚିନ୍ତା କରନ୍ତୁ।



**ସିଂହ:** ଘରର ପରିବେଶ ସୁଖଦ ହେବ। ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣଙ୍କର ବ୍ୟକ୍ତିତ୍ୱର ଉନ୍ନତି ହୋଇପାରେ। ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି। ଆପଣ ରୋଜଗାରର ସୁଯୋଗ ପାଇପାରିବେ।




**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ। ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ। ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ।



**ତୁଳା:** ଆଜି ଆପଣଙ୍କୁ ଆରାମ ଏବଂ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ। ନୂତନ ଚିନ୍ତାଧାରା ଯାଞ୍ଚ କରିବାର ଉତ୍ତମ ସମୟ।



**ବିଛା:** ଆପଣ ଆରାମ ଅନୁଭବ କରିବେ। ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ। ତୁମର ଯାତ୍ରା ଲାଭଦାୟକ ହେବ। ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇ ପାରିବେ। ଛାତ୍ରମାନେ ସେମାନଙ୍କ ଅଧ୍ୟୟନରେ ଆଗ୍ରହ ବଢାଇ ପାରିବେ।




**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ । ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଶୀଘ୍ର ଟଙ୍କା ରୋଜଗାର କରିବାକୁ ଆପଣଙ୍କର ପ୍ରବଳ ଇଚ୍ଛା ଅଛି । ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ । ବୋଧହୁଏ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକି ଯାଇପାରେ। ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ। ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ। ଯଦି ଆପଣ ଆଜି ପ୍ରକୃତରେ ଲାଭ ଚାହୁଁଛନ୍ତି ତେବେ ଅନ୍ୟମାନଙ୍କ ମତାମତକୁ ଭଲଭାବେ ଶୁଣନ୍ତୁ।



ଗ୍ରହ ଚିନ୍ତା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋରାପୁଟ/ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବିକଶିତ ହେଲେ ଓଡ଼ିଶା ବିକଶିତ ହେବ ।ତେଣୁ କୋରାପୁଟ ଜିଲ୍ଲାର ବୁଦ୍ଧିଜୀବୀ,ସାମ୍ବାଦିକ,ଡାକ୍ତର,ସାମାଜିକ କର୍ମୀମାନଙ୍କୁ ନେଇ ପରାମର୍ଶ କର୍ମଶାଳା ଆୟୋଜନ କରାଯାଇଥିଲା ।ସମାଜର ସବୁବର୍ଗର ଲୋକଙ୍କ ମତକୁ ନେଇ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା,କୋରାପୁଟ ଏସପି ରୋହିତ ବର୍ମା,ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ,କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, କୋଟପାଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏମ ଶଙ୍କର ରାଓ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପାରମ୍ପରିକ ସୁଭଦ୍ରା ଖାଦ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ସମ୍ବଳ ଅଧିକାରର ଶିରୋନାମା ବଣ୍ଟନ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୩ ଶ୍ରମିକଙ୍କୁ ସହାୟତା ଅର୍ଥ ରାଶି ପ୍ରଦାନ, ପିଏମ ବିଶ୍ୱକର୍ମା ଯୋଜନାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯିବା ସହ ନୂତନ ହିତାଧିକାରୀଙ୍କୁ ପେନସନ ବଣ୍ଟନ କରାଯାଇଥିଲା ।କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। କୋରାପୁଟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା,କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ,କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତିଶ୍ରୁତି ପରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହାର



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌର ପରିଷଦର ସଫେଇ କର୍ମଚାରୀଙ୍କ ଗତ ୫ ଦିନ ହେଲା ଦରମା ବୃଦ୍ଧି ଓ ଅନ୍ୟ କିଛି ଦାବି କରି ସଫେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଆଜି ପ୍ରତ୍ୟାହାର କରି ନେଇଛନ୍ତି। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହର ସାରା କୁଢ଼ କୁଢ଼ ମଇଳା ଓ ଆବର୍ଜନା ଯୋଗୁ ସହର ସାରା ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷ କରି ପୁରୁଣା ବସଷ୍ଟାଣ୍ଡ ଠାରେ ପଡ଼ିଥିବା ମଇଳା ଆବର୍ଜନା ଯୋଗୁ ସ୍ଥାନୀୟ ବାସିନ୍ଦା ଓ ଦୂରଦୂରାନ୍ତରୁ ଆସିଥିବା ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଓଡ଼ିଶାରେ ଧୀରେ ଧୀରେ କଲେରା ରୋଗ ବ୍ୟାପି ଚାଲିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି କାଉନସିଲର ତପନ କୁମାର ଦେବନାଥ, ମୁନା ପାଢ଼ୀ, ଚିତ୍ତ ରଞ୍ଜନ ପାତ୍ର ଓ ନିର୍ବାହୀ ଅଧିକାରୀ ଆଲୋକ ଚନ୍ଦ୍ର ଅନୁଗୁଳିଆ ପୌର ପରିଷଦ କାର୍ଯ୍ୟାଳୟ ଠାରେ ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ସଫେଇ କର୍ମଚାରୀଙ୍କ ପକ୍ଷରୁ ୫୦ ଜଣ ମହିଳା ଓ ପୁରୁଷ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ଆସନ୍ତା ୨୩ ତାରିଖ ଦିନ ସଫେଇ କର୍ମଚାରୀଙ୍କ ୨ ଜଣ ପ୍ରତିନିଧି, କିଛି କାଉନସିଲର ଓ ନିର୍ବାହୀ ଅଧିକାରୀ ଭୁବନେଶ୍ୱର ଯାଇ ସେଠାରେ ଗୃହ ଓ ନଗର ଉନ୍ନୟନ ବିଭାଗର ଉଚ୍ଚ ପଦସ୍ତ ଅଧିକାରୀଙ୍କ ସହ ଆଲୋଚନା କରି ସ୍କିଲ୍ଡ ଓ ଅନ ସ୍କିଲଡ ସଫେଇ କର୍ମଚାରୀମାନଙ୍କ ଦରମା ବୃଦ୍ଧି ନେଇ ଆଲୋଚନା କରିବେ। ଏଥିରେ ସଫେଇ କର୍ମଚାରୀ ମାନେ ରାଜି ହୋଇ ଥିଲେ। ତୁରନ୍ତ ସଫେଇ କର୍ମଚାରୀ ମାନେ କାଉନସିଲର ତପନ କୁମାର ଦେବନାଥ, ମୁନା ପାଢ଼ୀ ଓ ଚିତ୍ତ ରଞ୍ଜନ ପାତ୍ର ଓ ନିର୍ବାହୀ ଅଧିକାରୀ ଆଲୋକଚନ୍ଦ୍ର ଆନୁଗୁଳିଆଙ୍କ ଉପସ୍ଥିତିରେ ପୁରୁଣା ବସଷ୍ଟାଣ୍ଡ ଠାରେ ପଡିଥିବା ଅଳିଆ ଆବର୍ଜନାକୁ ସଫେଇ କର୍ମଚାରୀ ମାନେ ସଫା କରି ଦେଇଥିଲେ। ଆସନ୍ତାକାଲି ଠାରୁ ସମଗ୍ର ସହରରେ ସଫେଇ କାର୍ଯ୍ୟ ସ୍ୱାଭାବିକ ଆସିଯିବ ବୋଲି ନିର୍ବାହୀ ଅଧିକାରୀ ଆଲୋକ ଚନ୍ଦ୍ର ଅନୁଗୁଳିଆ ସୂଚନା ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଏହିକି ଯେ ଗତ ୫ ଦିନ ହେଲା ଉମରକୋଟ ପୌର ପରିଷଦର ସଫେଇ କର୍ମଚାରୀ ମାନେ ଦରମା ବୃଦ୍ଧି, ଦରମା ଠିକ୍ ଭାବେ ପ୍ରଦାନ କରିବା, ସଫେଇ କର୍ମଚାରୀଙ୍କୁ ଉପକରଣ ପ୍ରଦାନ ଇତ୍ୟାଦି ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ। ଫଳରେ ସହର ସାରା କୁଢ଼ କୁଢ଼ ମଇଳା ଓ ଆବର୍ଜନା ପଡ଼ିଥିବା ଯୋଗୁ ଦୁର୍ଗନ୍ଧ ହେଉଥିଲା। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହାର ପରେ ସହରବାସୀ ଆଶ୍ୱସ୍ତି ପ୍ରକଟ କରିଛନ୍ତି।

# ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କଲେ ବିଧାୟକ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବସୁନ୍ଧରା ଯୋଜନାରେ ଘରଡିହଶୂନ୍ୟ ହିତାଧିକାରୀମାନଙ୍କୁ ଜମିପଟ୍ଟା ବଣ୍ଟନ କରିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଆଜି କୋଲାବିରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅବସରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଜନା ଅନ୍ତର୍ଭୁକ୍ତ ୨୫ଜଣ ହିତାଧିକାରୀଙ୍କୁ ଚାରି ଡିସିମିଲ ଲେଖାଏଁ ଜମି ପଟ୍ଟା ବଣ୍ଟନ କରିଥିଲେ। ହିତାଧିକାରୀମାନଙ୍କ ସହ ଏହି ଅବସରରେ ବିଧାୟକ ଭାବ ବିନିମୟ କରିଥିବା ବେଳେ ଜମିପଟ୍ଟା ପାଇଥିବା ହିତାଧିକାରୀମାନେ ବିଧାୟକଙ୍କୁ କୃତଜ୍ଞତା ଜଣାଇବା ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ହିତାଧିକାରୀମାନେ ବିଧାୟକଙ୍କ ସହିତ ଫଟୋ ମଧ୍ୟ ଉଠାଇଥିଲେ।




# ଭି.କାଜଲ ଓ ଅର୍ଚ୍ଚନା ହେଲେ ରଜ ସୁନ୍ଦରୀ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ପ୍ରଥମ ଥର ପାଇଁ ରଜ ସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ସମାଜସେବୀ ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ପ୍ରଥମ କରି ବାଜି ମାରି ନେଇଛନ୍ତି କନିଷ୍ଠ ବିଭାଗରେ ଭି.କାଜଲ ଓ ବରିଷ୍ଠ ବିଭାଗରେ ଅର୍ଚ୍ଚନା ମହାନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଯୋଗ ଦେଇଥିବା ବେଳେ କୋରାପୁଟ ପୂର୍ବତନ ସାଂସଦ ଝିନ୍ନ ହିକକା,ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା,ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା,ଲକ୍ଷ୍ମୀପୁର ଭାରପ୍ରାପ୍ତ ବିଡିଓ ମିଳନ ଝାଙ୍କର ଓ ସାହିତ୍ୟ ପରିଷଦ ସଭାପତି ମହାଦେବ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ଏଥିରେ ପ୍ରୀତି ଧରା ସାମଲ,ସୁପ୍ରିୟା ମିଶ୍ର,ସସ୍ମିତା ବେହେରା ମଞ୍ଜୁଳା ରାଉତ ବିଚାରକ ଭାବେ ଯୋଗ ଦେଇ ସୂଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଭି.କାଜଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିଜ୍ଞାନୀ ଦାସ ଦ୍ୱିତୀୟ ଓ ଶ୍ରୀୟଲ ମିଶ୍ର ତୃତୀୟ ହୋଇଥିଲେ। ସେହିପରି ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅର୍ଚ୍ଚନା ମହାନ୍ତି ଦ୍ୱିତୀୟ ଗୌରୀ ରାଣୀ ତୁରୁକ୍ ଓ ଏଇସୁର୍ଯ୍ୟା ଗରଡା ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ଏହି ରଜ ସୁନ୍ଦରୀ କାର୍ଯ୍ୟକ୍ରମ ସମାଜସେବୀ ସଙ୍ଗୀତା ମିଶ୍ର ପରିଚାଳନା କରିଥିବାବେଳେ ସାମ୍ବାଦିକ ପରମେଶ୍ୱର ସାହୁ,ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀ, ସାଙ୍ଗାନ୍ନା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା, ଶିକ୍ଷକ ଏଲେଙ୍କି ରମେଶ କୁମାର, ଶିକ୍ଷକ ଗୋପୀନାଥ ସତପଥୀ, ଆଚାର୍ଯ୍ୟା ଆରତୀ ପ୍ରିୟଦର୍ଶନୀ ସାହୁ, ଅନୁପମା ତୁରୁକ, ସୌଭାଗ୍ୟ ଲକ୍ଷ୍ମୀ ନାୟକ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିଥିଲେ। ଏନେଇ ଗତ ତିନି ତାରିଖ ଦିନ ଏହାର ଅଡିସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରୁ ୩୦ ଜଣ ରଜ ସୁନ୍ଦରୀ ପାଇଁ ସିଲେକ୍ସନ ହୋଇଥିଲେ।

# ବଦଳୁଛି ପାରମ୍ପରିକ ବାଉଁଶ କାରିଗରୀ କଳାକୃତି



## ନୂଆ ରୂପ ନେଉଛି କୌଳିକ ବୃତ୍ତି

ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ବଦଳୁଛି ଯୁଗ। ତା' ସାଙ୍ଗକୁ ବଦଳୁଛି ଜୀବନଶୈଳୀ। ପାରମ୍ପରିକ କୌଳିକ ବୃତ୍ତି ଛାଡ଼ି ସମସ୍ତେ ଏବେ ପାଶ୍ଚାତ୍ୟ ଢାଞ୍ଚା ଆପଣାଇବାକୁ ପସନ୍ଦ କରୁଛନ୍ତି। ଏହିକ୍ରମରେ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ଘରକରଣା ସାମଗ୍ରୀ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ଏଥିପାଇଁ ମାଟି, ବାଉଁଶ ଓ ପିତଳ ଭଳି ଅନ୍ୟାନ୍ୟ ପାରମ୍ପରିକ ସାମଗ୍ରୀର ଚାହିଦା କମିବାରେ ଲାଗିଛି। ଅନେକ ପାରମ୍ପରିକ କୌଳିକ ବୃତ୍ତି ଛାଡ଼ି ସାରିଛନ୍ତି। ତେବେ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ୨ ନମ୍ବର ୱାର୍ଡ ଗୋଡିଗୁଡା ଠାରେ ୨୦ ରୁ ଅଧିକ ପରିବାର ନିଜ ପାରମ୍ପରିକ କୌଳିକ ବୃତ୍ତିକୁ ନଛାଡ଼ି ଏହାକୁ ଅଭିନବ ଉପାୟରେ ତଥା ନୂଆ ଢଙ୍ଗରେ କାମରେ ଲଗାଇ ନିଜର ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିବା ସହ ରୋଜଗାରକ୍ଷମ ହୋଇ ପାରିଛନ୍ତି। ବାଉଁଶପାତିଆରେ ପାରମ୍ପରିକ କୁଣ୍ଡି, ଚାଙ୍ଗୁଡ଼ି, ଟାଟ, ଚାଞ୍ଚ, କୁଲା ଓ ପାଛିଆ ସହ ଘର ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କୁ ଏଥିରେ ସାମିଲ କରିଛନ୍ତି। ସେହିପରି ବେତରେ ବି ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ଆସୁଛନ୍ତି। ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ରାତି ପାହିଲେ କାମରେ ଲାଗି ପଡ଼ନ୍ତି ପୁରା ପରିବାର । ଖରା ହେଉ କି ବର୍ଷା ବୁଲି ବୁଲି ବାଉଁଶ କିଣନ୍ତି ଓ ତାକୁ କଟୁରିରେ ଚିରି ପତଳା କରି ଶୁଖାଇଥାଆନ୍ତି । ଶୁଖିଯିବା ପରେ ବାଉଁଶ ପାତିଆରେ ରଙ୍ଗ ଦେଇ ବିଭିନ୍ନ ସାମଗ୍ରୀ ତିଆରି କରାଯାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ହେତୁ ବାଉଁଶ ତିଆରି ସାମଗ୍ରୀର ଚାହିଦା କମିଯାଉଛି। ବର୍ତ୍ତମାନ କେବଳ ପୂଜା ପାର୍ବଣ ଓ ବାହାଘର ବ୍ରତଘରକୁ ଛାଡ଼ିଦେଲେ ଅନ୍ୟ ଦିନରେ କେହି ବି ବାଉଁଶ ସାମଗ୍ରୀ ବ୍ୟବହାର କରୁନାହାଁନ୍ତି । ବାଉଁଶ ସାମଗ୍ରୀ ଧରି କାରିଗରମାନଙ୍କୁ ଏ ହାଟରୁ ସେ ହାଟ ଓ ଘର ଘର ବୁଲି ଶାଗମାଛ ଦରରେ ବିକ୍ରି କରିବାକୁ ପଡୁଛି। ପରିଶ୍ରମ ଅନୁସାରେ ପ୍ରାପ୍ୟ ମିଳୁନାହିଁ । ବାଉଁଶ କାରିଗରମାନେ ଧୀରେ ଧୀରେ କୁଳ ବେଉସାରୁ ମୁହଁ ମୋଡ଼ି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ତାଳ, ଖଜୁରି, ଶିଆଳି ଆଦି ପତ୍ରରୁ ନିର୍ମିତ ସାମଗ୍ରୀ ପାଇଁ ସରକାରଙ୍କ ପକ୍ଷରୁ ଯେପରି ବଜାର ଖୋଲି ପ୍ରୋତ୍ସାହନ ଦିଆଯାଉଛି, ବାଉଁଶ କାରିଗରଙ୍କ ପାଇଁ ସେପରି କରାଗଲେ ସେମାନେ ଉପକୃତ ହେବେ ଓ ବଞ୍ଚି ରହିବ ପରମ୍ପରା ଓ କୁଳ ବେଉସା ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ କାବ୍ୟ ସନ୍ଧ୍ୟା ଆୟୋଜିତ




ବରଗଡ଼ (ଭାସ୍କର ନ୍ୟୁଜ୍): ଭଗବାନ ମିଶ୍ର ସ୍ମୃତି ସମିତି ତରଫରୁ ସମିତି ର ସଭପତି ସର୍ଦ୍ଦାର ପ୍ରୀତମ ସିଂ ଙ୍କ ସଭାପତିତ୍ୱରେ ସ୍ଥାନୀୟ ମହିଳା ସମିତି ସମ୍ମିଳନୀ କକ୍ଷ ରେ ବହୁଭାଷୀ କାବ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି ।ଏହି କାବ୍ୟ ସନ୍ଧ୍ୟାକୁ ଅଶ୍ୱିନୀ ଷଡ଼ଙ୍ଗୀ, ବିଧାୟକ, ବରଗଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତଘାଟନ କରଥିଲେ। ବରଗଡ଼ ସହରରେ ସର୍ବସାଧାରଣଙ୍କ ପାଇଁ ଏକ ଦାତବ୍ୟ ହିନ୍ଦି ଶିକ୍ଷା କେନ୍ଦ୍ର ଖୋଲାଯିବା ନେଇ ସମିତିର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଉପସ୍ଥାପନ କରିଛନ୍ତି । ଏହା କୁ ସାକାର କରାବା ପାଇଁ ପ୍ରୟାସ ଜାରି ରଖିଛନ୍ତି ବୋଲି ସୂଚନା ଦେଇଥିଲେ ।ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଳାକାର ତଥା ପ୍ରବଚକ ଜଗଦାନନ୍ଦ ମିଶ୍ର ଯୋଗ ଦେଇ ମାନବବାଦ ଉପରେ ବକ୍ତବ୍ୟ ରଖିଥିଲେ ।ସମିତିର ଉପସଭାପତି କମଳ ଜୋଶୀ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ କରିଥିଲେ। ସ୍ୱାଗତ ସଂଗୀତ ପ୍ରସ୍ତୁତି କରିଥିଲେ ଦଧିବାମନ ଶତପଥୀ ।ଏହି ସଭାରେ ବିମାନ ଓ ହେଲିକ୍ୟାପ୍ଟର ଦୁର୍ଘଟଣା ଯୋଗୁଁ ମୃତକଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ଥିଲେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ।ଧନ୍ୟବାଦ ଜ୍ଞାପନ ନୀଳାମ୍ବର ମେହେର କରିଥିଲେ। ବିଭିନ୍ନ ଭାଷାରେ ସମୁଦାୟ ୩୮ ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବିତା ଆସରକୁ ବାଳକୃଷ୍ଣ ମିଶ୍ର ଓ ଖୁସ୍‌ବୁ ଶର୍ମା ସଂଚାଳନ କରିଥିବାବେଳ ପରିଶେଷରେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। କାବ୍ୟସନ୍ଧ୍ୟା କୁ ସଫଳ କରିବାରେ ସମିତି ର ଉପଦେଷ୍ଟା ସନ୍ତୋଷ କୁମାର ପଣ୍ଡା, ଜଗଦୀଶ ସୈନ, ସୁନୀଲ ଅଗ୍ରୱାଲ, ମହିଳା ସମିତି ସଦସ୍ୟଗଣ ସହଯୋଗ କରିଥିଲେ।

## ଅଳିଆ ଆବର୍ଜନା ଖାଇ ଗାଈ ମୃତ

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ପୌର ପରିଷଦର ସଫେଇ କର୍ମଚାରୀଙ୍କ ୫ ଦିନ ଧରି ଆନ୍ଦୋଳନ ଯୋଗୁଁ ସହରରେ ସଫେଇ କାର୍ଯ୍ୟ ବନ୍ଦ ହେଇଯାଇଥିଲା। ସହର ସାରା କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିବା ସହ ଦୁର୍ଗନ୍ଧରେ ନାକ ଫାଟି ଯାଉଥିଲା। ଫଳରେ ଉକ୍ତ ଆବର୍ଜନାକୁ ଗାଈ ଗୋରୁ ଖାଇବା ଆରମ୍ଭ କରି ଦେଇଥିଲେ। ଫଳରେ ଉମରକୋଟ ପୌରପରିଷଦ ର ୮ ନମ୍ବର ୱାର୍ଡର ପୁରୁଣା ବ୍ୟାଙ୍କ ରୋଡ ଠାରେ ଗୋଟିଏ ଗାଈ ଅଳିଆ ଆବର୍ଜନା ଖାଇ ପେଟ ଫୁଲି ଯିବା ସହ ଗୁରୁତର ହେଇ ପଡ଼ିଥିଲା। ଏହାକୁ କିଛି ସ୍ଥାନୀୟବାସୀ ଦେଖି ପଶୁ ଚିକିତ୍ସକଙ୍କୁ ଖବର ଦେଇଥିଲେ। ଖବର ପାଇବା ମାତ୍ରେ ପଶୁ ଚିକିତ୍ସକ ଡକ୍ଟର ଆଶିଷ ମହାପାତ୍ର ଓ କିଛି କର୍ମଚାରୀ ପହଞ୍ଚି ସାଲାଇନ ଓ ଇଞ୍ଜେକ୍‌ସନ ଦେବା ସହ ୩ ଘଣ୍ଟା ଅକ୍ଳାନ୍ତ ଚେଷ୍ଟା କରିବା ସତ୍ତ୍ୱେ ଗାଈଟି ମୃତ୍ୟୁବରଣ କରିଥିଲା। ଗାଈଟି କେନାଲ ସାହିର ବିଶିଷ୍ଟ ସମାଜସେବୀ ପର୍ଶୁ ନାୟକଙ୍କର ବୋଲି ଜଣାପଡ଼ିଛି।

# ମେସିନ୍ ସାଜିଛି ଶ୍ରମିକ, ବଢୁଛି ଦାଦନ ସଂଖ୍ୟା



## ଅଣଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଏମ୍‌ଜିଏନ୍‌ଆର୍‌ଜିଏ କାମ

କୋରୁକୋଣ୍ଡା( ଭାସ୍କର ନ୍ୟୁଜ୍ ) ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସରକାରଙ୍କ ବଡ ଜନ ହିତକାରୀ ଯୋଜନା। କିନ୍ତୁ କିଛି ଅଣ ଠିକାଦାର,ମେସିନ ମାଲିକ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ହେତୁ ଦିନକୁ ଦିନ ଦାଦନ ଶ୍ରମିକ କମିବା ବଦଳରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଜିଲ୍ଲାକୁ ସରକାରଙ୍କ ତରଫରୁ ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ ଆସୁଥିବା 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'କାମ ନିମନ୍ତେ ଶ୍ରମିକ ମିଳୁ ନଥିବା କହିବା ସହିତ ମେସିନ ସାହାଯ୍ୟରେ କାମ କରିବାକୁ ପ୍ରାଣ ପଣେ ଚେଷ୍ଟା କରି ଶେଷରେ ସଫଳ ମଧ୍ୟ ହୁଅନ୍ତି। ଯଦି ଶ୍ରମିକ ମିଳୁନାହିଁ ତେବେ ଉକ୍ତ ଠିକାଦାର ଓ ଅଧିକାରୀ କାହା ମାଧ୍ୟମରେ କାମ କରି ଟଙ୍କା ପାଉଛନ୍ତି ଏଥିରୁ ଜଣାପଡୁଛି । ସେ ସମସ୍ତ ଜବକାର୍ଡ ଧାରୀ ନକଲି ଯାହାର କାମ କରୁଛି ମେସିନ। ଆଉ କିଛିପାଉଣା ପାଇବା ଆଶାରେ ଟଙ୍କା ଉଠାଇ ଠିକାଦରଙ୍କୁ ଦେଉଛନ୍ତି ନକଲି ଶ୍ରମିକମାନେ। ଏପରି ଏକ ଶ୍ରମିକ ବିହିନ କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମୁଷାପଲ୍ଲି ଗ୍ରାମ ପଞ୍ଚାୟତ ଅଧୀନ ଏମଭି-୪୭ଗ୍ରାମରେ । ଗ୍ରାମରେ ଥିବା ଖେଳ ପଡିଆ ନିମନ୍ତେ ୨୦୨୩/୨୪ଆର୍ଥିକ ବର୍ଷର କାର୍ଯ୍ୟର ନାମ: ପ୍ଲେ ଫିଲ୍ଡ ଆଟ୍ ଏମ୍‌ଭି -୪୭, କାର୍ଯ୍ୟ କୋର୍ଡ ନଂ: (୨୪୩୧୦୧୩୦୨୪/ଏଲ୍ଡି/ ୧୦୭୬୪୨୪୦) ରେ ୩ଲକ୍ଷ ୬୫ହଜାର ଟଙ୍କା ବ୍ୟୟ ଅଟକଳ ସରକାରଙ୍କ ତରଫରୁ ଆନୁଦାନ ରାଶି ଆସିଥିଲା । ସରକାରୀ ତଥ୍ୟ ଅନିଯାୟୀ ଉକ୍ତ କାମ ୨୦୨୫ଫେବୃଆରୀ ମାସ ୧୯ତାରିଖରେ ଆରମ୍ଭ କରା ଯାଇଥିଲା। ହେଲେ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗ୍ରାମର ଉକ୍ତ ଖେଳ ପଡିଆରେ ପ୍ରାୟ ୬ମାସ ଭିତରେ କୌଣସି କାମ ହୋଇନାହିଁ କି ଜଣେ ମଧ୍ୟ ଶ୍ରମିକ ସେଠାରେ କାମ କରିବା ଦେଖିବାକୁ ମିଳିନାହିଁ। କିନ୍ତୁ କିଛି ଦିନ ପୂର୍ବେ ସୂଚନା ଫଳକ ନିର୍ମାଣ ହୋଇଛି। ସରକାରୀ ତଥ୍ୟରେ ଦର୍ଶାଯାଇଛି ଚଳିତ ବର୍ଷ ଫେବୃଆରୀ ମାସ ୨୦ତାରିଖ ଠାରୁ ଗତ ମେ ମାସ ୨୦ତାରିଖ ପର୍ଯ୍ୟନ୍ତ ମୋଟ ୧୦୭୩ଜଣ ଶ୍ରମିକ ଉକ୍ତ ଖେଳ ପଡିଆରେ କାମ କରିଥିବା ଦର୍ଶା ଯାଇଛି ।ସେଥିମଧ୍ୟରୁ ଗତ ମାସ ୭ତାରିଖ ଠାରୁ ୧୩ତାରିଖ ପର୍ଯ୍ୟନ୍ତ ମୋଟ ୨୩୮ଜଣ ଶ୍ରମିକ କାମ କରିଥିବା ସହିତ ଶ୍ରମ ବାବଦକୁ ସେମାନଙ୍କୁ ୬୪୯୭୪ଟଙ୍କା ଚଳିତ ମାସ ୧୩ତାରିଖରେ ପଇଠ କରାଯାଇଥିବା ସରକାରୀ ତଥ୍ୟରେ ଦର୍ଶାଅ ଯାଇଛି । ସେହିପରି ଭାବେ ଗତ ମାସ ୧୪ତାରିଖ ଠାରୁ ୨୦ତାରିଖ ପର୍ଯ୍ୟନ୍ତ ୨୦୪ଜଣ ଶ୍ରମିକ ଉକ୍ତ କାମରେ ନିଯୋଜିତ ଥିବା ଦର୍ଶା ଯାଇଥିବା ବେଳେ ଶ୍ରମ ବାବଦକୁ ୫୫୬୯୨ଟଙ୍କା ପଇଠ କରାଯାଇଥିବା ଦର୍ଶାଯାଇଛି। ଗତ ମାସରେ ସେହି ଖେଳ ପଡିଆରେ ମୋଟ ୪୪୨ଜଣ ଶ୍ରମିକ କାମ କରିଥିବା ଦର୍ଶାଯାଇଥିବା ବେଳେ ଶ୍ରମ ବାବଦକୁ୧୨୦୬୬୬ ପଇଠ କରିଥିବା ଦର୍ଶାଯାଇଛି । ହେଲେ ଗ୍ରାମବାସୀଙ୍କ କଥା ଅନୁଯାୟୀ ଉକ୍ତ ଖେଳ ପଡିଆରେ ଗତ ମାସରେ କୌଣସି ଶ୍ରମିକ କାମ କରିନାହାନ୍ତି । ଏନେଇ ଆମେ ଗତ ୩୧ତାରିଖରେ ସେହି ଖେଳ ପଡିଆକୁ ଯାଇ ଅନୁଧାନ କରିଥିଲୁକି ସେହି ଖେଳ ପଡିଆରେ ବିଭିନ୍ନ ସ୍ଥାନରେ ଘାସ ଗଛ ଉଠିଯାଇଥିବା ସହିତ ଅନାବନା ଗଛ ଉଠିଗଲାଣି। ଯାହାକି ଗତ ମାସ ୨୦ତାରିଖ ପର୍ଯ୍ୟନ୍ତ କାମ ହୋଇନଥିବାକୁ ସ୍ପଷ୍ଟ ଭାବେ ଦର୍ଶାଉଛି। କିନ୍ତୁ ଅଧିକାରୀ ମାନେ ଦୟା ପରବଶ ହୋଇ କାହାକୁ ଅନୁକମ୍ପା ଦେଖାଇଛନ୍ତିଯେ ସରକାରଙ୍କ ୧୨୦୬୬୬ଟଙ୍କା ବାଣ୍ଟିଦେଲେ । 'ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'ଏମିତି ଏକ କାର୍ଯ୍ୟ ଯାହାକୁ ଅନୁଧାନ କରିବା ନିମନ୍ତେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସମେତ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ଅଧୀନ ପ୍ରାୟ ୫ରୁ ଅଧିକ ଅଧିକାରୀ ନିୟୋଜିତ ଥିବାବେଳେ ନାମକୁ ମାତ୍ର ଅଣଠିକାଦାର ଥିବା ବ୍ୟକ୍ତି କିପରି ଭାବେ କାମ ନକରି ଏତେ ଟଙ୍କା ହାତେଇବାରେ ସକ୍ଷମ ହେଉଛି ଏବଂ ଅଞ୍ଚଳରେ ଦାଦନ ଶ୍ରମିକ ବୃଦ୍ଧିକରିବାରେ ସହାୟକ ହେଉଛନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ସରକାରଙ୍କ ତରଫରୁ ୨୦୨୩/୨୪ଆର୍ଥିକ ବର୍ଷର କାର୍ଯ୍ୟ ୨୦୨୪/୨୫ଆର୍ଥିକ ବର୍ଷ ଶେଷ ମାସରେ ଆରମ୍ଭ କରିବାର କାରଣ କଣ ବୋଲି ବୁଦ୍ଧିଜୀବିମାନେ ମତ ପ୍ରକାଶ ଦେଉଛନ୍ତି । ଏନେଇ ଆମେ ଉକ୍ତ ପଞ୍ଚାୟତ ହିସାବ ରକ୍ଷକ ତଥ୍ୟ ସୁବାସ ଗୁଡିଆଙ୍କୁ ପଚାରିବାକୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଆମ କଲ ଉଠାଇ ନଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳି ପାରି ନଥିଲା। ଏହାକୁ ନେଇ ଆମେ ଉକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରୂପକ ସିଂ ସାମାନ୍ତରାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଧିକାରୀଙ୍କ ମୋବାଇଲ ବନ୍ଦ ଥିବା କାରଣରୁ କୌଣସି ପ୍ରତିକ୍ରିୟା ମିଳିପାରି ନଥିଲା। ଏନେଇ ଆମେ କୋରୁକୋଣ୍ଡା ବ୍ଲକ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ସ୍ପଷ୍ଟ ଭାବେ କହିଥିଲେକି ମୋର ବିନା ଅନୁଧାନରେ ଯଦି ଟଙ୍କା ପଇଠ କରାଯାଉଛି ତେବେ ମୁ କରିବି କଣ ଏଣୁ ଏନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି କହିବା ପରେ ଆମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେକି ଉକ୍ତ କାମକୁ ନେଇ କୌଣସି ଖବର ନାହିଁ। ଯଦି ସେମିତି କିଛି ହୋଇଛି ତେବେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ। ଆଗାମୀ ଦିନରେ ଦେଖିବାର ବାକି ରହିଲା ପ୍ରଶାସନ ଏହା ଉପରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଯେଉଁ ଅଧିକାରୀ ମାନେ ଏଥିପାଇଁ ଦାୟୀ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ■ ସେଣ୍ଟଥୋମାସ ଫାଦର ବାସଭବନରୁ ଡକାୟତି ଘଟଣା

# ୩ ଅଭିଯୁକ୍ତ ଗିରଫ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ସଦର ଥାନା ଅନ୍ତର୍ଗତ ଚାରିଭାଟି ଗ୍ରାମର ସେଣ୍ଟ୍‌ଥୋମାସ ଫାଦର ବାସଭବନରୁ ଗତ ମଇ ମାସ ୨୨ ତାରିଖ ରାତ୍ରିରେ ଡକାୟତି ହୋଇଥିଲା। କୁଚିଣ୍ଡା ଥାନା ଭାରପ୍ରାପ୍ତ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଡକାୟତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିଲା। ସେହି ଡକାୟତି ଗ୍ୟାଙ୍ଗର ୩ଜଣଙ୍କୁ ପୋଲିସ ଗିରଫ କରି ଘଟଣାର ପର୍ଦ୍ଦା ଫାସ କରିଛି। ଗିରଫଙ୍କ ମଧ୍ୟରେ କୁଇଲେଢୁଡା ଗ୍ରାମର ଆଦିଲ କେରକେଟା (୨୫ବର୍ଷ), କୁଚିଣ୍ଡା ଏନ୍‌ଏସିର ରିଙ୍କୁ ସୋନି (୪୦) ୱାର୍ଡ ନଂ୫ର ସୁବାସ ନାଏକ (୨୮)ଙ୍କୁ ଗିରଫ କରି ସେମାନଙ୍କଠାରୁ ନଗଦ ୨୧ ହଜାର ୩୦୦ଟଙ୍କା, ତିନୋଟି କଳା ମୁଖା, ଗୋଟିଏ ମଟରସାଇକେଲ (ଓଡି ୧୫ଜେଇ୨୪୮୭) ଗୋଟିଏ କଳା ହାତ ମୋଜା, ଗୋଟିଏ ଧଳା ରଙ୍ଗର ସାର୍ଟ, ଏକ ଆଇରନ ରଡ଼ ଓ ଗୋଟିଏ ବେଟେନ ଜବତ କରିଛି ପୋଲିସ। ଏନେଇ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦିପ ଦାସ ଓ କୁଚିଣ୍ଡା ଭାରପ୍ରାପ୍ତ ଥାନା ଅଧିକାରୀ ବାମଦେବ ଶଙ୍ଖୁଆ। ଏହି ଟିମରେ କୁଚିଣ୍ଡା ଥାନା ଅଧିକାରୀ ସମେତ ସବଡ଼େଗା ଡେପୁଟି ଆରକ୍ଷୀ ନିରିକ୍ଷକ ଜଣାଇଛନ୍ତି ଯେ,ଏହି ଘଟଣାରେ ମୋଟ ୮ ଜଣ ଡ଼କାୟତ ସଂପୃକ୍ତ ଅଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଆନ୍ତଃରାଜ୍ୟ ଦୁର୍ଦ୍ଦାନ୍ତ ଡ଼କାୟତ ସଂଶ୍ଳିଷ୍ଟ ଅଛନ୍ତି। ତେଜରାଜ ସିଂହ ସମେତ ୫ଫେରାର ରହିଛନ୍ତି। ଏହି ଗ୍ରୁପ ସିମଡ଼େଗା ଅଞ୍ଚଳର ଏକ ଚର୍ଚ୍ଚରେ ମଧ୍ୟ ଇତି ପୂର୍ବରୁ ଡକାୟତ କରିଥିଲେ। ସେମାନଙ୍କୁ ଧରିବା ନିମନ୍ତେ ଯୋଜନା କରାଯାଉଛି ବୋଲି ସଂପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି। ଟିମରେ କୁଚିଣ୍ଡା ଥାନା ଅଧିକାରୀ ଶ୍ରୀ ଶଙ୍ଖୁଆଳ, ଏସ୍ଡିପିଓ ପ୍ରଦିପ ଦାସ, ଏଏସ୍‌ଆଇ ଏସ୍ ବେହେରା, ଏ, ହୋତା, ଏସ୍‌ଆଇ ଲଭଲି ପ୍ରଧାନ, ଏଏସ୍‌ଆଇ ସମନାଥ ବିଶ୍ୱାଳ, ଝାରଖଣ୍ଡ ସିମଡ଼େଗାର ଏଏସ୍‌ଆଇ ବିନାୟକ ପାଣ୍ଡେ, ସନୁ ପଟନାୟକ ଓ ଡେପୁଟି ଏସ୍ ପି ର ନଭିର ସିଂଙ୍କ ନେତୃତ୍ୱରେ ଏହି ତଦନ୍ତ ଅବ୍ୟାହତ ରହିଛି ବୋଲି ସୂଚନା ଦିଆଯାଇଛି।

# ବ୍ଲକ ଗାଁ ସାଥୀ ସଂଘର ବୈଠକ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଗାଁ ସାଥୀ ସଂଘର ଏକ ବୈଠକ ତେଲିବନ୍ଧ ହାଟପଦା ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଂଘର ସଭାପତି ମହିମାବତୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ଅଞ୍ଚଳର ଗାଁ ସାଥୀମାନେ ଯୋଗ ଦେଇଥିଲେ। ବେଆଇନ ଭାବେ ନିଯୁକ୍ତି ଦିଆ ଯାଇଥିବା ମେଟମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବହିଷ୍କାର କରାଯିବାକୁ ପ୍ରଶାସନ ନିକଟରେ ଦାବି କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରା ଯାଇଥିଲା ।



ପୁରୀ (ଭାସ୍କର ନ୍ୟୁଜ) : ତିନିରଥ ର ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ରେ ସହଯୋଗୀ ମହାରଣା ସେବକ ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକ ମାନଙ୍କ ସହଯୋଗରେ ତିନି ରଥରେ ଖପୁରୀ ସମେତ ପାରାଭାଡ଼ିକୁ ମିଶାଇ ୧୩ ପରସ୍ତ ପୋଟଳ ସେଟିଙ୍ଗ ସମ୍ପୂର୍ଣ୍ଣ ହୋଇଅଛି । ଏଥିସହ ତିନିରଥର ଚାରି କୋଣମାନଙ୍କୁ ଛାଡି ବେଦୀ ଚାରିପଟେ ପାରୁସ ପଟା ପଡ଼ିବା ଶେଷ ହୋଇଛି। ତିନିରଥକୁ ଦୁଆର ବେଢ଼ା ଉଠିବା ପରେ, ଖାଲି ଥିବା ଏହି କୋଣ ଗୁଡ଼ିକରେ ପଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବ। ବେଦିରେ ପଡ଼ିଲା ଜଗତ ପୃଷ୍ଠ ସେଣି । ତିନିରଥ ର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ରଥ ଚାରି ନାହାକା ଆଗ ଏବଂ ପଛ ଡ଼ମକ ରେ ପାଞ୍ଚ ଗୋଟି ଲେଖାଏଁ ୨୦ ଫୁଟିଆ ଜଗତ ପୃଷ୍ଠ ସେଣୀ ପଡ଼ି କଣ୍ଠା ବାଡ଼ିଆ ଶେଷ ହୋଇଛି। ବେଦୀ ଚାରି ପାର୍ଶ୍ୱରେ ପଟା ବାଡିଆ ଶେଷ ହେବା ପରେ, ବେଦୀ ପରିସରକୁ ବଢ଼ାଇବା ପାଇଁ ସେଣି ପଉନରେ ବେଦୀ ଉଭୟ ପାର୍ଶ୍ୱରେ ତିନୋଟି ଲେଖାଏଁ ୬ ଗୋଟି ବାହୁଟ ଫାଳିଆ ପଡ଼ି ପଟା ପକାଯାଇ ବେଦୀ ପ୍ରସ୍ତୁତ କରାଯିବ ।ଏଥିସହ ଆଜି ତିନିରଥ ଦୁଆର ବେଢ଼ା ଫ୍ରେମ ନିର୍ମାଣ ଶେଷ ହୋଇଛି, ଫ୍ରେମ ରେ ପଟା ପଡ଼ିବା ବାକି ରହିଛି। ରୂପକାର ସେବକ ମାନେ ତିନିରଥ ର ୩୨ ଗୋଟି ନାଟ ଗୋଡ଼ରୁ ୧୬ ଗୋଟି ନାଟ ଗୋଡ଼ ରେ ରୂପ ଖୋଦେଇ ଶେଷ କରି ଚିତ୍ରକାର ମାନଙ୍କୁ ରଙ୍ଗ କାର୍ଯ୍ୟ ପାଇଁ ଯୋଗାଇ ଦେଇଥିଲେ, ବାକି ୧୬ ଗୋଟି ନାଟ ଗୋଡ଼ରୁ ୧୩ ଗୋଟି ନାଟ ଗୋଡର ରୂପ ଖୋଦେଇ ଶେଷ ହୋଇ ରୂପଗୁଡ଼ିକର ପୋଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି, ବାକି ତିନି ଗୋଟି ନାଟ ଗୋଡ଼ରେ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଁଚିଛି।ଏଥିସହ ତିନିରଥ ରେ ପଟାଗୁଜ ଗୁଡ଼ିକରେ ସିଂହ ବିରାଳ, ଗଜ ବିରଳ ଏବଂ ନର ବିରଳ ଚିତ୍ର ଖୋଦେଇ ଜାରୀ ରଖିଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୋକୁଆ ଭୟ...

ଅନ୍ୟପକ୍ଷରେ ସେ ଆହୁରି କହିଛନ୍ତି ଯେ କେନ୍ଦ୍ରୀୟ ଟିମ୍ ଏବେ ବି ଗ୍ରାଉଣ୍ଡରେ ରହିଛନ୍ତି। ପ୍ରତିଦିନ ରାଜ୍ୟସ୍ତରରେ ସମୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ମୌସୁମୀ ବର୍ଷା ଲାଗି ରହିଥିବାରୁ ସମସ୍ତେ ସଚେତନ ରହିବାକୁ ସ୍ୱାସ୍ଥ୍ୟସଚିବ ପରାମର୍ଶ ଦେଇଛନ୍ତି। ତେବେ ମଙ୍ଗଳବାର ମଧ୍ୟ କେନ୍ଦ୍ରୀୟ ଟିମ୍ ଯାଜପୁର ଜିଲ୍ଲାର ଡାଇରିଆ ପ୍ରବଣ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଉଛି ତାହାକୁ କେନ୍ଦ୍ରୀୟ ଟିମ୍ ସନ୍ତୋଷଜନକ ବୋଲି କହିଛନ୍ତି। ପ୍ରତିଦିନ କେତେ ନୂଆ ସଂକ୍ରମିତ ରୋଗୀ ଆସୁଛନ୍ତି ସେ ନେଇ ମଧ୍ୟ ଅନୁଧ୍ୟାନ କରାଯାଉଛି। ନିୟମିତ ଭାବେ ସାବୁନରେ ହାତ ଧୋଇବା, ଫୁଟା ପାଣି ପିଇବା, ପୋଖରୀ ପାଣିରେ ନ ଗାଧୋଇବା, ପୋଖରୀ ପାଣିକୁ ବ୍ୟବହାର ନ କରିବା ସହ ଘରେ ଓଆରଏସ, ହାଲୋଜିନ ବଟିକା ଓ ବ୍ଲିଚିଂପାଉଡର ରଖିବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ମଧ୍ୟ ଘର ଘର ବୁଲି ଏଗୁଡ଼ିକୁ ବଣ୍ଟନ କରାଯାଉଛି। ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପାନୀୟଜଳକୁ ବ୍ୟବହାର ନ କରିବାପାଇଁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୯୩ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ସିଡିଏମ୍ଓ ସୂଚନା ଦେଇଛନ୍ତି।

### କ୍ରାଇମ ବ୍ରାଞ୍ଚ...

କରୁଥିବାବେଳେ ରବିବାର ଅପରାହ୍ନରେ ନିଜ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ଯାଇଥିଲେ। ପାନ୍ଥନିବାସ ପଛପଟ ବେଳାଭୂମିରେ ଉଭୟ ବସି ଗପସପ ହେଉଥିଲେ। ରାତି ପ୍ରାୟ ୮ଟାବେଳେ ୧୦ଜଣ ଯୁବକ ସେମାନଙ୍କୁ ଘେରିଯିବା ସହ ଅସଦାଚରଣ କରିଥିଲେ। ପୁରୁଷବନ୍ଧୁଙ୍କୁ କାବୁକରି ବାନ୍ଧି ଦେବାପରେ ଯୁବତୀଙ୍କୁ ଉଠାଇ ନେଇ ଏକ ଅନ୍ଧାରୁଆ ସ୍ଥାନରେ ୩ଜଣ ଦୁଷ୍କର୍ମ କରିଥିଲେ। ଅନ୍ୟମାନେ ସେଥିରେ ସହଯୋଗ କରିଥିଲେ। ସେହିଦିନ ରାତି ୧୦ଟା ସମୟରେ ପୀଡ଼ିତା ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ପୀଡ଼ିତାଙ୍କ ବନ୍ଧୁଙ୍କୁ ନେଇ ଖୋଜାଖୋଜି କରିଥିଲେ। ଏହି ସମୟରେ ଡୁରା ଓଭରବ୍ରିଜ ନିକଟରେ ୪ଜଣ ଥିବାବେଳେ ପୋଲିସ ଗାଡ଼ିଦେଖି ୨ଜଣ ଦୌଡ଼ି ପଳାଇଥିଲେ। ଅନ୍ୟ ୨ଜଣଙ୍କୁ ଆଣି ପୋଲିସ ଥାନାକୁ ଆସିଥିଲା। ସେଠାରେ ପୁରୁଷ ବନ୍ଧୁ ସେମାନଙ୍କୁ ଚିହ୍ନଟ କରିଥିଲେ। ପରେ ଅନ୍ୟ ସମସ୍ତଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଭାଷାରେ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

### ଜି-୭ ସମ୍ମିଳନୀରେ...

ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ମୋଦୀ କାନାଡ଼ାରେ ପହଞ୍ଚିବା ପରେ ଖଲିସ୍ତାନୀ ଚରମପନ୍ଥୀମାନେ ଏକ ବିକ୍ଷୋଭର ଆୟୋଜନ କରିଛନ୍ତି। ଯାହାକୁ ସେମାନେ ଆମ୍ବୁସ ବୋଲି ଅଭିହିତ କରିଛନ୍ତି। କାଲଗାଡ଼ିରେ ୧୦୦ରୁ ଅଧିକ ଖଲିସ୍ତାନୀ ସମର୍ଥକ ଏକତ୍ରିତ ହୋଇ ଖଲିସ୍ତାନ ପତାକା ଉଡ଼ାଇ ଭାରତ ଓ ହିନ୍ଦୁଙ୍କ ବିରୋଧରେ ସ୍ଲୋଗାନ ଦେଉଥିବାର ଦେଖିବାକୁ ମିଳିଥିଲା। ତେବେ ସମ୍ମିଳନୀ ଚାଲିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୈଠକ ଅଧାରୁ ଉଠି ଆମେରିକା ଫେରି ଯାଇଛନ୍ତି। ଇରାନ ଓ ଇସ୍ରାଏଲ ମଧ୍ୟରେ ଲାଗିଥିବା ଯୁଦ୍ଧ ଉପରେ ମନ୍ତବ୍ୟ ଦେଇ ଟ୍ରମ୍ପ କହିଥିଲେ ଯେ ସିଜ୍ ଫାୟାର ନୁହେଁ, ଏହାଠାରୁ ଆଉ କିଛି ବଡ଼ଧରଣର ଘଟିବାକୁ ଯାଉଛି। ପ୍ରତିରକ୍ଷା ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ ଟ୍ରମ୍ପ ଇରାନ-ଇସ୍ରାଏଲ ଯୁଦ୍ଧରେ ସାମିଲ ହୋଇପାରନ୍ତି।

### ଅପମିଶ୍ରିତ ମଦ...

ଘଟିବା। କିନ୍ତୁ ରାଜଧାନୀ ଭୁବନେଶ୍ୱରରେ ଥିବା ବିଦେଶୀ ମଦ ଦୋକାନର ମଦ ଲୋକଙ୍କ ଜୀବନ ନେଉଛି, ଏହା ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣା ଯଦି ସତ୍ୟ ହୋଇଥାଏ ତେବେ ଏହା ସାଂଘାତିକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୪ ଦିନ ପୂର୍ବରୁ ଏହି ଅପମିଶ୍ରିତ ମଦ ପିଇ ଜଣେ ଯୁବକ ଅସୁସ୍ଥ ହୋଇପଡ଼ିବା ସହ ମୃତ୍ୟୁବରଣ କରିଥିଲେ। ତେବେ ମଙ୍ଗଳବାର ଆଉ ଜଣକର ମୃତ୍ୟୁ ପରେ ସ୍ଥିତି ସଂଗୀନ ରୂପ ଧାରଣ କରିଛି।

### ଇରାନ ସିଡିଏସ୍...

ଖାଦମାନି ଇରାନୀ ଅସ୍ତ୍ରବାହିନୀର ଜରୁରିକାଳୀନ କମାଣ୍ଡ ଓ ଖାତାମ-ଅଲ-ଆନବିୟା ମୁଖ୍ୟାଳୟର କମାଣ୍ଡର ଥିଲେ, ଯାହା ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ଓ ଇରାନୀ ସେନା ଉଭୟର ନେତୃତ୍ୱ ନେଉଥିଲା। ସେ ଇସ୍ରାଏଲ ବିରୁଦ୍ଧରେ ଇରାନ ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ। ଗତ ୧୩ ତାରିଖରେ ଇସ୍ରାଏଲ ସୁରକ୍ଷାବାହିନୀ ପକ୍ଷରୁ ଅପରେସନ ରାଇଜିଂ ଲାୟନର ପ୍ରାରମ୍ଭିକ ଆକ୍ରମଣରେ ପୂର୍ବତନ ମେଜର ଜେନେରାଲ ଗୁଲାମ ଅଲ୍ଲୀ ରସିଦଙ୍କ ମୃତ୍ୟୁ ପରେ ତାଙ୍କୁ ଇରାନ ସଶସ୍ତ୍ରବାହିନୀର ମୁଖ୍ୟ କରାଯାଇଥିଲା। ତେବେ ତାଙ୍କ ମୃତ୍ୟୁ ଇରାନର ସାମରିକ କମାଣ୍ଡ ପାଇଁ ଆଉ ଏକ ଗମ୍ଭୀର ଆଘାତ ବୋଲି କୁହାଯାଇପାରେ।

### ୩ଦିନ ପ୍ରବଳ...

ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ମଙ୍ଗଳବାର ସକାଳେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା। ଦକ୍ଷିଣ-ପଶ୍ଚିମ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ- ପଶ୍ଚିମବଙ୍ଗ ଉପତ୍ୟାକା ଅଞ୍ଚଳରେ ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର ଓ ପଶ୍ଚିମ ଦିଗରେ ଗତି କରିବ ବୋଲି ବିଭାଗ ସୂଚନା ଦେଇଛି। ଫଳରେ ଓଡ଼ିଶାରେ ମୌସୁମୀ ବାୟୁ ସକ୍ରିୟ ହୋଇଛି। ଏହାର ପ୍ରଭାବରେ ୩ ଦିନ ଅର୍ଥାତ ୨୦ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗି ରହିବ। ଅନ୍ୟପକ୍ଷରେ ନିଅଣ୍ଟିଆ ବର୍ଷାକୁ ନେଇ ଓଡ଼ିଶା ଚାଷୀ ବେହାଲ ହୋଇପଡ଼ିଲେଣି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର ପ୍ରବେଶ ନେଇ ଚାଷୀ ମହଲରେ ଖୁସି ଖେଳି ଯାଇଥିଲା। ଦୀର୍ଘ ୧୬ବର୍ଷ ପରେ ମୌସୁମୀ ସଅଳ ଛୁଇଁଥିଲା। ଜୁନ୍ ୧ରୁ ୧୫ ଭିତରେ ସାରା ରାଜ୍ୟରେ ୪୨.୯ ମିମି ସ୍ୱାଭାବିକ ବର୍ଷା ହେବା କଥା। ହେଲେ ଏହି ସମୟରେ ନିଅଣ୍ଟିଆ ବର୍ଷା ହୋଇଛି। ଗଞ୍ଜାମ ଓ ଜଗତସିଂହପୁରରେ ସାମାନ୍ୟ ଅଧିକ ବର୍ଷା ହୋଇଥିବାବେଳେ ନୂଆପଡ଼ା, ଢେଙ୍କାନାଳ, ନୟାଗଡ଼ ଓ ଖୋର୍ଦ୍ଧା ଆଦି ଜିଲ୍ଲାରେ କମ୍ ବର୍ଷା ହୋଇଛି। ତେବେ ପାଣିପାଗ ବିଭାଗ କହୁଛି ଯେ ଆଗାମୀ ୩ ଦିନରେ ରାଜ୍ୟରେ ଭଲ ବର୍ଷା ହେବ। ଏପରିକି ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଜଗତସିଂହପୁର, କଟକ, କଳାହାଣ୍ଡି ସମେତ ୪ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି ହୋଇଛି। ଏପରିକି ସମୁଦ୍ର ଭିତରକୁ ମତ୍ସ୍ୟଜୀବୀଙ୍କୁ ନ ଯିବାପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ବରଗଡ଼, କେନ୍ଦୁଝର, ସମ୍ବଲପୁର ଓ ବଲାଙ୍ଗୀରରେ ନିଅଣ୍ଟିଆ ବର୍ଷା ହୋଇଥିବାରୁ ଜିଲ୍ଲାର ସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି। ବର୍ଷା ସମୟରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାପାଇଁ ବାରଣ କରାଯାଇଛି।

### କୃଷି ମାନବ...

ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମ ଦେଶ ତା'ର ଅନନ୍ୟ କୃଷି ପ୍ରଣାଳୀ ପାଇଁ ସାରା ବିଶ୍ୱରେ ପ୍ରଶଂସିତ। ଆମ ରାଜ୍ୟର ପ୍ରାୟ ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ । ମେ ମାସ ସୁଦ୍ଧା ୭୮ ହଜାର ୬୮୧ କୃଷି ଯନ୍ତ୍ରପାତି ଯୋଗାଣ କରାଯାଇ ସେ ବାବଦକୁ ଡ଼ିବିଟି ମାଧ୍ୟମରେ ୪୫୯.୬୮ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆମ ଦେଶର କୃଷକ ସମାଜକୁ ବହୁ ସମ୍ମାନ ଦିଅନ୍ତି। ସେମାନଙ୍କୁ ଅନ୍ନଦାତା ଭାବେ ସମ୍ବୋଧନ କରନ୍ତି। ସମସ୍ତଙ୍କୁ କୃଷି କ୍ଷେତ୍ରରେ ନିଜ ନିଜର ଅବଦାନ ଦେଇ କୃଷିକୁ ଦେଶର ମୁଖ୍ୟ ଆଧାର କରିବାକୁ ସେ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ କୃଷିର ବିକାଶ ପାଇଁ ଅଧିକରୁ ଅଧିକ ଚାଷୀଙ୍କ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ । ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ହେକ୍ଟର ଅଣଜଳସେଚିତ ଜମିକୁ ଆମେ ଜଳସେଚନ ଯୋଗାଇ ଦେବାର ଲକ୍ଷ୍ୟ ରଖିଛୁ । ସେ କହିଥିଲେ ଯେ ଆମ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଚାଷୀ କଲ୍ୟାଣକାରୀ ପଦକ୍ଷେପ ଗୁଡ଼ିକ କେବଳ କୃଷକଙ୍କର ଆୟବୃଦ୍ଧି କରିନାହିଁ ବରଂ ରାଜ୍ୟରେ କୃଷି ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଏବଂ ସରକାର ଏହି କ୍ଷେତ୍ରର ଏକ ସ୍ଥାୟୀ ବିକାଶ ପାଇଁ ପ୍ରୟାସ ଜାରି ରଖିଛନ୍ତି । ନିକଟରେ ମେ ମାସ ୨୯ ତାରିଖରୁ ଜୁନ ମାସ ୧୨ ତାରିଖ ପର୍ଯ୍ୟନ୍ତ ପୁରୀର ସାକ୍ଷୀଗୋପାଳଠାରୁ ଆରମ୍ଭ ହୋଇଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ଚାଲୁ ରହିଥିଲା, ଯାହା ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ କୃଷକମାନଙ୍କର ସାମୂହିକ କଲ୍ୟାଣ ସାଧନ ସହ କୃଷି କ୍ଷେତ୍ରରୁ ରୋଜଗାର ବୃଦ୍ଧି ପାଇଁ ବାସ୍ତବିକ ଏକ ଯୁଗାନ୍ତକାରୀ ପଦକ୍ଷେପ । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କୃଷି ସମ୍ବନ୍ଧୀୟ କାର୍ଯ୍ୟପ୍ରଣାଳୀର ବିବରଣୀ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ଏବଂ ପୁଷ୍ଟିଶସ୍ୟ ଆଧାରିତ କୃଷି ପ୍ରଣାଳୀ ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ରୋଜଗାରରେ ଉନ୍ନତି ଅଣାଯାଇଛି । ବର୍ତ୍ତମାନ ଆମ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି। ସିଏମ୍ କିଷାନ୍ ଯୋଜନାରେ ଚାଷୀ ଭାଇଙ୍କୁ ୪ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି । ଏଥିରେ ସହରାଞ୍ଚଳର କୃଷକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଗତ ଅକ୍ଷୟ ତୃତୀୟା ଅବସରରେ ୨,୩୮୧ ଜଣ ବିଶେଷ ଭାବେ ଅନୁନ୍ନତ ଚାଷୀ ଏବଂ ୨୫,୫୩୨ ସହରାଞ୍ଚଳ ଚାଷୀଙ୍କ ସମେତ ମୋଟ୍ ୫୦ ଲକ୍ଷ ୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧,୦୨୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସିଏମ୍ କିଷାନ୍ ସହିତ 'ପିଏମ-ସମ୍ମାନ ନିଧି' ସଂଯୁକ୍ତ ହୋଇ ଚାଷୀ ଭାଇମାନଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରୁଛି। ଆହୁରି ମଧ ଚାଷୀଙ୍କ ପରିବାରକୁ ସମ୍ପୂର୍ଣ୍ଣ ରୂପେ ସଶକ୍ତ କରିବା ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ କୃଷି ବିଦ୍ୟାନିଧି ଯୋଜନାରେ ଚାଷୀଙ୍କ ସନ୍ତାନ-ସନ୍ତତିମାନଙ୍କ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ସହାୟତା ଯୋଗାଇ ଦିଆଯାଉଛି । ଏହା ସହିତ ବଳଭଦ୍ର ଜୈବିକ ଚାଷ ମିଶନ ଯୋଗେ ରସାୟନମୁକ୍ତ ଜୈବିକ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଅମୃତ ଅନ୍ନ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ଉତ୍ପାଦିତ ରସାୟନମୁକ୍ତ ଦେଶୀ ବାସ୍ନାଯୁକ୍ତ ଚାଉଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଠଭୋଗରେ ବ୍ୟବହାର ହେଉଛି ଏବଂ ଆଗାମୀ ଦିନରେ ଏହା ସମ୍ପୂର୍ଣ୍ଣ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର କରାଯିବ । ପରିଶେଷରେ ସେ କହିଥିଲେ, ଆମ କୃଷକ ଭାଇଭଉଣୀମାନଙ୍କ ସଶକ୍ତିକରଣକୁ ଆମ ସରକାର ସର୍ବାଧିକ ଗୁରୁତ୍ୱ ଦେଇଛି ଏବଂ ଏକ ବର୍ଷ ଭିତରେ ସଫଳତା ମଧ୍ୟ ପାଇଛି। ନିର୍ବାଚନ ସମୟରେ ଆମର ଏକ ମୁଖ୍ୟ ପ୍ରତିଶ୍ରୁତି ଥିଲା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭାଇ ଭଉଣୀମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛୁ। ପ୍ରଧାନମନ୍ତ୍ରୀ ମଧ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ମଧ ଆହ୍ୱାନ ଦେଇଛନ୍ତି। ଉଭୟ ରାଜ୍ୟ ଓ ଦେଶର ଏହି ଲକ୍ଷ୍ୟ ପୂରଣ ପାଇଁ କୃଷି ଓ କୃଷକମାନଙ୍କ ବିକାଶ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଥିଲେ ଯେ କୃଷି ଓ କୃଷକର ବିକାଶ ପାଇଁ ଆମ ସରକାର ରାଜ୍ୟ ବଜେଟରେ ଚଳିତ ବର୍ଷ ଅଧିକ ଆର୍ଥିକ ପ୍ରସ୍ତାବ ଦେଇଛନ୍ତି ଏବଂ ଆଗାମୀ ଥର ବଜେଟରେ ମଧ ଅଧିକ ଆର୍ଥିକ ବଜେଟର ପ୍ରାବଧାନ ରଖିଛୁ । ଆଜି ଓଡ଼ିଶା ଭାରତ ବାହାରକୁ ମଧ ଫଳ ରପ୍ତାନି କରି ପାରୁଛି । ଏହା ହୋଇ ପାରୁଛି , ଆମର ଦୃଢ଼ ପ୍ରତିବଦ୍ଧତାର ପରିଚୟ। କିଛି ବର୍ଷ ମଧରେ ବଲାଙ୍ଗୀର ଠାରେ ଆଗ୍ରିକଲଚର କଲେଜ ପ୍ରତିଷ୍ଠା ହେବ ଏବଂ ସୋନପୁର ଠାରେ ମାଛ ଚାଷୀଙ୍କୁ ଉନ୍ନତ ଜ୍ଞାନ କୌଶଳର ଶିକ୍ଷା ଦେବା ପାଇଁ ଫିସରୀ କଲେଜ ମଧ ପ୍ରତିଷ୍ଠା କରିବାର ଯୋଜନା ଅଛି ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଯୋଗ ଦେଇ କହିଛନ୍ତି ଯେ ବଲାଙ୍ଗୀରର ଚାଷ ଓ ବଲାଙ୍ଗୀରର ଚାଷୀ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦାନ କରିବା ଆମ ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏଣୁ ଚାଷୀ ଭାଇ ଭଉଣୀଙ୍କ ସମସ୍ତ ଆବଶ୍ୟକତାକୁ ପୁରାଣ କରିବା ପାଇଁ ଆମେ ପ୍ରତିଶ୍ରୁତି ବଦ୍ଧ। ପ୍ରତ୍ୟେକ ଗାଁ ହେବ କୃଷି ସଶକ୍ତ ଗାଁ କାରଣ ଆମ ରାଜ୍ୟକୁ ବିକଶିତ କରିବାକୁ ହେଲେ ପ୍ରଥମେ ଆମ ମେରୁଦଣ୍ଡ, ଆମ ଚାଷକୁ ସମୃଦ୍ଧ କରିବାକୁ ପଡିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ସଫଳ ଚାଷୀଙ୍କୁ ପୁରସ୍କୃତ କରିବା ସହିତ ସେମାନଙ୍କୁ ସମସ୍ତ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ନିଜ ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ, ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ୍ , କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ , ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀରର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଧନ୍ୟବାଦ ଦେଇଥିଲେ।

## କୃଷି ଓ କୃଷକ ସଚେତନତା କର୍ମଶାଳା



କଟକ(ଭାସ୍କର ନ୍ୟୁଜ୍): କୃଷି ଓ କୃଷକ କଲ୍ୟାଣ କ୍ଷେତ୍ରରେ ସରକାର ନେଉଥିବା ପଦକ୍ଷେପଗୁଡିକ ସମ୍ପର୍କରେ ଜନସାଧାରଣ ଅଧିକରୁ ଅଧିକ ସଚେତନ ହୋଇ ସେସବୁର ଲାଭ ଉଠାଇବା ଆବଶ୍ୟକ । ଆଜି କଟକ ବାଲିଯାତ୍ରା ତଳ ପଡିଆଠାରେ ଚାଲିଥିବା ବିକାଶ ମେଳାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ କୃଷକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମୃତ୍ତିକା ଉର୍ବରତା ଏବଂ ରାସାୟନିକ ସାର ବ୍ୟବହାର ନ କରି ଜୈବିକ ସାର ପ୍ରୟୋଗ କରି ଉତ୍ପାଦନ ବୃଦ୍ଧି କରିବା, ମୃତ୍ତିକା ସଂରକ୍ଷଣ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ମୃତ୍ତିକା ପରୀକ୍ଷା କରି ଉପଯୁକ୍ତ ପରିମାଣରେ ଖାଦ୍ୟ ସାର ବ୍ୟବହାର କରିବା ଦ୍ୱାରା ଚାଷୀ ଅଧିକ ଅମଳ ପାଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ୧୯ ଜଣ ହିତାଧିକାରୀଙ୍କୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏଥିସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଆଦି ସମ୍ପର୍କରେ ସବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ ନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରାଜଶ୍ରୀ ବେହେରା, ନିର୍ବାହୀ ଯନ୍ତ୍ରୀ କୃଷି ପ୍ରଶାନ୍ତ କୁମାର ଜେନା, ବରିଷ୍ଠ ମୃତ୍ତିକା ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର ଡଃ. ଦିଲ୍ଲିପ କୁମାର ଷଡ଼ଙ୍ଗୀ, ସହକାରୀ ମତ୍ସ୍ୟ ଅଧିକାରୀ ଗୌରୀ ଶଙ୍କର ନନ୍ଦ, ବିଶେଷଜ୍ଞ କୃଷି ବିଜ୍ଞାନ କେନ୍ଦ୍ର ଡଃ. ପ୍ରଜ୍ଞାରଞ୍ଜନ ସାହୁ, ସହକାରୀ ପ୍ରାଣୀ ଚିକିତ୍ସକ ଡାକ୍ତର ଅମିତ ରନ ସାହୁ ପ୍ରମୁଖ ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ ।

## ବିଶ୍ୱ ରକ୍ତଦାତା ଦିବସ ପାଳିତ




କଟକ(ଭାସ୍କର ନ୍ୟୁଜ): ଏହି ଦିନ ଅବସରରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ ଅନ୍ତର୍ଗତ ରକ୍ତ ସଞ୍ଚାରଣ ବିଭାଗ ଓ ରକ୍ତ ଭଣ୍ଡାର ପକ୍ଷରୁ 'ବିଶ୍ୱ ରକ୍ତଦାତା ଦିବସ' ଉତ୍ସବ ଉତ୍ସାହର ସହିତ ହେରିଟେଜ୍ ଅଡିଟୋରିୟମରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସ୍ୱଇଚ୍ଛାରେ ରକ୍ତଦାନ କରୁଥିବା ମହାନ ଦାତାମାନଙ୍କୁ ସମ୍ମାନ ଦେବା ଓ ରକ୍ତଦାନ ଅବଶ୍ୟକତା ସମ୍ପର୍କରେ ସଚେତନତା ବୃଦ୍ଧି କରିବା।ପବିତ୍ର ଦୀପାଞ୍ଜଳି ପ୍ରଜ୍ୱଳନ ଦ୍ୱାରା କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା । ଏହା ପରେ ବିଭାଗ ଅଧକ୍ଷା ପ୍ରଫେସର ଡା. ସ୍ମିତା ମହାପାତ୍ରଙ୍କ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ପ୍ରଫେସର ଡା. ଲୁସି ଦାସ, ଅଧକ୍ଷ, ସମ୍ମାନନୀୟ ଅତିଥି ଭାବରେ ଥିଲେ ପ୍ରଫେସର ଡା. ଗୌତମ ଶତପଥୀ, ଅଧିକ୍ଷକ , ଓ ମୁଖ୍ୟ ବକ୍ତା ଭାବରେ ଉପସ୍ଥିତ ଥିଲେ ଡା. ପ୍ରଦୀପ କୁମାର ପାତ୍ର, ନିର୍ଦ୍ଦେଶକ, ବ୍ଲଡ୍ ସେଫ୍ଟି ଓ ଏସ୍‌ବିଟିସି, ଭୁବନେଶ୍ୱର। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସ୍ୱେଚ୍ଛାକୃତ ରକ୍ତ ଦାତା, ପ୍ଲେଟଲେଟ ଦାତା ଓ ରକ୍ତଦାନ ଶିବିର ଆୟୋଜକ ମାନଙ୍କୁ ସମ୍ମାନିତ କରିବା। ତାଙ୍କୁ ସ୍ମୃତିଚିହ୍ନ ଓ ମାନପତ୍ର ମାଧ୍ୟମରେ ସମ୍ମାନିତ କରାଯାଇଥିଲା, ଯାହା ତାଙ୍କର ନିଷ୍ଠା ଓ ସେବାଭାବକୁ ଅଭିବ୍ୟକ୍ତି କରେ। କାର୍ଯ୍ୟକ୍ରମ ପରେ ରକ୍ତ ଭଣ୍ଡାର କର୍ମଚାରୀ,ପ୍ଲେଟଲେଟ ଦାତା ଓ ରକ୍ତଦାନ ଶିବିର ଆୟୋଜକମାନଙ୍କ ଦ୍ୱାରା ଏକ ରାଲି ଆୟୋଜିତ ହୋଇଥିଲା, ଯାହା ରକ୍ତଦାନ ଉପରେ ସଚେତନତା ସୃଷ୍ଟି କରିବାକୁ ଉଦ୍ଦିଷ୍ଟ ଥିଲା। ରାଲି ସମୟରେ ଉପସ୍ଥିତ ଅନେକ ଜଣଙ୍କୁ ଟି-ସାର୍ଟ ବଣ୍ଟନ କରାଯାଇଥିଲା ଓ ସ୍ଲୋଗାନ୍ ମାଧ୍ୟମରେ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିଲା। ମୁଖ୍ୟ ବକ୍ତାମାନେ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରି, ଏହା କେମିତି ରୋଗୀ ସେବାକୁ ସୁନିଶ୍ଚିତ କରେ ଓ ନିୟମିତ ରକ୍ତଦାନର ଆବଶ୍ୟକତା ବଢୁଛି ବୋଲି ଉପସ୍ଥାପନ କରିଥିଲେ। ଡା. ସୁସ୍ମିତା ବେହେରା, ସହଯୋଗୀ ପ୍ରଫେସର, ରକ୍ତ ସଞ୍ଚାରଣ ବିଭାଗ, ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସେ ସମସ୍ତ ସ୍ୱେଚ୍ଛାକୃତ ରକ୍ତ ଦାତା, ପ୍ଲେଟଲେଟ୍ ଦାତା ଓ ରକ୍ତଦାନ ଶିବିର ଆୟୋଜକ ମାନଙ୍କୁ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଧନ୍ୟବାଦ ଜଣାଇଥିଲେ।

## ବ୍ଲକସ୍ତରୀୟ ମେଧା ପ୍ରତିଭା ସମ୍ମାନ

ଜଳେଶ୍ୱର (ଭାସ୍କର ନ୍ୟୁଜ) ଜଳେଶ୍ୱର ସମାଜ କଲ୍ୟାଣ ବିକାଶ ପରିଷଦ ତରଫରୁ ବ୍ଲକ ସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ମେଧା ପ୍ରତିଭା ସମ୍ମାନ ନୂଆ ବଜାର ସ୍ଥିତ ଭଞ୍ଜ ଭବନରେ ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ଡ.ରମାକାନ୍ତ ଭଞ୍ଜ ଅଧ୍ୟକ୍ଷତା କରିଥିବା ବେଳେ ଡ.ଅଜିତ କୁମାର ମହାନ୍ତି ସଭାକୁ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ରଘୁନାଥ ମହାନ୍ତି, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ସମ୍ପାଦକ ତଥା ଆଇନଜୀବୀ ରାମଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ବ୍ଲକ ରୁ ଏ-ୱାନ ରେ ଉତ୍ତିର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା।ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୁରଲୀ ମୋହନ ପ୍ରଧାନ ମଞ୍ଚ ଆହ୍ୱାନ କରିଥିବା ବେଳେ ବରିଷ୍ଠ ଅବନୀ ଚାନ୍ଦ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଲେଲିନ କୁମାର ପ୍ରଧାନ, ଆଦିକନ୍ଦ ଦାସ ଅଧିକାରୀ, ପ୍ରାକ୍ତନ ଅଧ୍ୟକ୍ଷ ସୁଧୀର କୁମାର କର, ଡ.ଅକ୍ଷୟ କୁମାର ପରିଡା ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ଶରତ ପରିଡା,ଦିଲ୍ଲୀପ କୁମାର ଗିରି,ଦୁର୍ଗା ଶଙ୍କର ଗିରି, ସତ୍ୟ ନାରାୟଣ ଦାସ, ଡା. ଜୀବନ କୃଷ୍ଣ ସାହୁ, ଇଂ ରାମଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ପଣ୍ଡା, ଗୌର ଗୋପାଳ ସେଣ ପ୍ରମୁଖ ପରିଚାଳନା କରିଥିଲେ।ଶେଷରେ ରବିନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### AFFIDAVIT

By virtue of an affidavit sworn before the Executive Magistrate, Nayagarh, dated: 02.06.2025, I Sukanti Pradhan, Address: At-Nadiali, Po-Padmadeipur, Ps- Nayagarh, Dist-Nayagarh, Odisha, PIN-752070, declare that I have changed my daughter's name from Rani Pradhan to Sushree Rani Pradhan. Henceforth, She shall be known as Sushree Rani Pradhan for all purposes.

**Sd/- Sukanti Pradhan**

### AFFIDAVIT

By virtue of an affidavit sworn before the Executive Magistrate, Basudevpur, dated: 29.05.2025, I Haramohan Panigrahi, Address: village- Gadala, Po-Rajagharpokhari, Ps-Naikanidihi, Dist-Bhadrak, Odisha, PIN-756131, declare that I have changed my name from Hari Chandana Panigrahi to Haramohan Panigrahi. Henceforth, I shall be known as Haramohan Panigrahi for all purposes.

**Sd/- Haramohan Panigrahi**

AU SMALL FINANCE BANK

**Registered Office:** 19-A Dhuleshwar Garden, Jaipur, Rajasthan, India, 302001.
**www.aubank.in**

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **23 JUNE 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 24660002456054 | **BHUBANESWAR** - 24660002207194 24660002376544 24660002472074 25660000083478 | **CUTTACK-LINK ROAD** - 24660002463661 | **KUAKHIA** - 24660001786700 24660002070030 25660000167561 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
**Manager**
**AU Small Finance Bank Limited**

A-306

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**UPPER INDRAVATI LEFT CANAL DIVISION NO-I,**
**KUSUMKHUNTI, KALAHANDI, ODISHA**
Email: eeuilcd1kusumkhunti@gmail.com

****

1. Type of Work : Improvement of canal Work.
2. Total No. of Works : 10 nos.
3. Approximate value of work : Rs. 8,38,096.11 to Rs. 13,98,270.92 (Excluding GST)
4. Tender Paper Cost : Rs. 4,000 /- to Rs. 6,000 /- (online)
5. Bid Security/E.M.D : Rs. 8,381 /- to Rs. 13,983 /- (Online)
6. Period of Completion : 09 (Nine calendar months).
7. Class of Contractor : 'C' & 'D' Class

| Procurement Officer. | e-Procurement Notice No. | Availability & Submission of bids in online. | | Date & time of opening of tender. |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, U.I. Left Canal Division No.-I, Kusumkhunti, Dist-Kalahandi. | SE, UILCD-I , 01 (01-10)/ 2025-26, DATE: 16.06.2025 | 21.06.2025 at 10.00 A.M | 30.06.2025 Upto 5.00 PM. | 01.07.2025 at 11.30A.M |

N.B: Further details can be seen from the e-procurement portal www.tendersodisha.gov.in Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Sd/-Superintending Engineer
U.I. Left Canal Division No. -I
Kusumkhunti

OIPR 32126/11/0013/2526

O-303

**OFFICE OF THE SUPERINTENDING ENGINEER,**
**RWS&S DIVISION, BHUBANESWAR.**
E-Mail: eebbsrrwss@gmail.com

**QUOTATION CALL NOTICE No. 07 of 2025-26**

Executive Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for the following work as stated below from authorised Dealer / Distributor / supplier under following terms and conditions

| | | |
|---|---|---|
| 1 | Nature of work | Repairing of Atomic Absorption Spectrophotometer (Make & Model-Perkin Elmer/ PinaAAcle-900H) |
| 2 | No. of Item: | 01(one |
| 3 | Time for completion | 15 (fifteen) days |
| 4 | Cost of bidding document : | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt. 20.06.2025 (10.00 AM) to dt. 30.06.2025 (1.00 PM) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt. 30.06.2025 up to 4.00 P.M |
| 7 | Date & time of opening of Quotation: | Dt.01.07.2025 at 11.00 A.M in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Sd/- Superintending Engineer
RWS&S Division, Bhubaneswar

OIPR 25011/11/0017/2526



# ଜାତୀୟ ଓ ଅନ୍ତର୍ଜାତୀୟ



ଇନ୍ଦୋର : ଇନ୍ଦୋରର ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀଙ୍କର ହନିମୁନ୍ ବେଳେ ମେଘାଳୟରେ କିଭଳି ଭାବେ ହତ୍ୟା କରାଗଲା ଏବଂ ତାଙ୍କର ମୃତଦେହକୁ ଗଭୀର ଖାଇରେ ଫିଙ୍ଗି ଦିଆଗଲା ଏହା ବୁଝିବା ପାଇଁ ଶିଲଂ ପୁଲିସ ମଙ୍ଗଳବାର ଏହି ଘଟଣାର କରାଇଛି ସିନରିକ୍ରିଏସନ। ହତ୍ୟାକାଣ୍ଡର ଅଭିଯୁକ୍ତ ସୋନମ ରଘୁବଂଶୀ ଓ ଆଉ ତିନି ଜଣ ଅଭିଯୁକ୍ତଙ୍କୁ ଘଟଣା ସ୍ଥଳକୁ ନେଇ ଯାଇ ପୁଲିସ ଏହା ଦେଖିଛି ଯେ, କେମିତି ସେମାନେ ୧୮ ମିନିଟ୍‌ରେ ଏତେ ବଡ଼ ଘଟଣା ଘଟାଇ ଥିଲେ। ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲ୍ଲାରେ ଚେରାପୁଞ୍ଜିରେ ମଙ୍ଗଳବାର ଭାରି ସୁରକ୍ଷା ମଧ୍ୟରେ ଅଭିଯୁକ୍ତଙ୍କୁ ଜଙ୍ଗଲ ଓ ବାଦଲ ଘେରା ସେହି ପାହାଡ଼କୁ ନିଆଗଲା , ଯେଉଁଠି ରାଜା ରଘୁବଂଶୀଙ୍କର ହତ୍ୟା କରି ତାଙ୍କର ମୃତଦେହକୁ ଖାଇରେ ଫିଙ୍ଗା ଯାଇ ଥିଲା। ଏସଡିଆରଏଫ୍ ଓ ପୁଲିସ ଟିମ୍‌ର ଉପସ୍ଥିତିରେ ପୂରା ଘଟଣାର ରିକ୍ରିଏସନ କଲା। ଏଠାକୁ ସୋନମକୁ ଅଲଗା ଏକ ଗାଡ଼ିରେ ଅଣାଯାଇ ଥିଲା, ଆଉ ତିନି ଅଭିଯୁକ୍ତଙ୍କୁ ଆଉ ଏକ ଗାଡ଼ିରେ। ହତ୍ୟାକାଣ୍ଡ ଦିନ ରାଜ ଶିଲଂରେ ନଥିଲା, ଏଥିପାଇଁ ତାକୁ ଘଟଣାସ୍ଥଳକୁ ଅଣାଯାଇ ନଥିଲା।

## ଛତିଶଗଡର ବିକାଶରେ ସେନ ସମାଜର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ଛତିଶଗଡ ବିକାଶରେ ସେନ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଏକ ପ୍ରଗତିଶୀଳ ସମାଜ ଓ ଏହାର ଗୌରବଶାଳୀ ଇତିହାସ ମଧ୍ୟ ରହିଛି। ଛତିଶଗଡର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ କ୍ଷେତ୍ରରେ ଏହି ସମାଜର ଯୋଗଦାନ ଅତୁଳନୀୟ। ମଙ୍ଗଳବାର ରାଜଧାନୀ ରାୟପୁରରେ ଆୟୋଜିତ ସେନ ସମାଜର ମହିଳା ଜିଲ୍ଲା ଅଧ୍ୟକ୍ଷ ଏବଂ ପ୍ରତିଭା ସମ୍ମାନ ସମାରୋହରେ ସମ୍ବୋଧିତ କରିବା ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ। ସେ କହିଥିଲେ ବାଲୋଦ ନଗରରେ ସେନ ସମାଜର ସାମାଜିକ ଭବନ ପାଇଁ ୨୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ସେନ ମହାରାଜଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ଜାଳି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶ୍ରୀ ସାଏ ଆହୁରି କହିଥିଲେ ଯେ, ଆଜିର ସମାଜର ପରିବର୍ତ୍ତନ ପାଇଁ ଶିକ୍ଷାର ଜରୁରୀ ଆବଶ୍ୟକତା ରହିଛି। ବିଶେଷ କରି ମହିଳାମାନଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ମହିଳାମାନେ ଶିକ୍ଷିତ ହେଲେ ସାମଜ ଏବଂ ରାଷ୍ଟ୍ର ନିର୍ମାଣ ସମ୍ଭବ ହୋଇପାରିବ। ସେ କହିଛନ୍ତି ମହିଳାମାନେ ହେଉଛନ୍ତି ସମାଜର ଆଧାରଶୀଳା। ବିଭିନ୍ନ କ୍ଷେତ୍ରରେ ସେନ ସମାଜର ପ୍ରତିଭାମାନେ ସେମାନଙ୍କୁ ପ୍ରତିଭା ପ୍ରଦର୍ଶନ କରିଯାଇଛନ୍ତି। ଏହି ଅବସରରେ ସେ ସ୍ୱର୍ଗୀୟ କର୍ପୁରୀ ଠାକୁରଙ୍କ ଯୋଗଦାନକୁ ମନେ ପକାଇଥିଲେ। ଆମ ସରକାର ରାଜ୍ୟର ଅନ୍ନଦାତାଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେହିପରି ମହିଳାଙ୍କ ବିକାଶ ପାଇଁ ସହାୟତା ଯୋଗାଇ ଦିଆଯାଉଛି। ମହିଳାଙ୍କୁ ମହତରୀ ବନ୍ଦନ ଯୋଜନାରେ ପ୍ରତ୍ୟେକ ମାସ ୧ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ୭୦ଲକ୍ଷ ମହିଳାଙ୍କୁ ଏହି ଯୋଜନାରେ ସ୍ୱାବଲମ୍ବି କରିବା ପାଇଁ ଶ୍ରୀ ସାଏ କହିଥିଲେ।

## ଗୋଟିଏ ଦିନରେ ୭ ବିମାନ ଉଡ଼ାଣ ରଦ୍ଦ କଲା ଏୟାର ଇଣ୍ଡିଆ




ନୂଆଦିଲ୍ଲୀ: ଅହମଦାବାଦ-ଲଣ୍ଡନ ଏୟାର ଇଣ୍ଡିଆ ବିମାନ କ୍ରାସ୍ ହେବା ପରେ ଏୟାର ଇଣ୍ଡିଆ ପୂରା ସତର୍କ ହୋଇଯାଇଥିବା ଜଣାପଡ଼ିଛି। ବିମାନରେ ସାମାନ୍ୟ ତ୍ରୁଟି ହେଲେ ବି କମ୍ପାନୀ ବିମାନ ଉଡ଼ାଣ ରଦ୍ଦ କରୁଛି। ମଙ୍ଗଳବାର ବିଭିନ୍ନ କାରଣରୁ ଏୟାରଇଣ୍ଡିଆ ୭ଟି ଅନ୍ତର୍ଜାତୀୟ ବିମାନର ଉଡ଼ାଣ ରଦ୍ଦ କରିଛି। ବୈଷୟିକ ସମସ୍ୟା ଓ ବିମାନ ଅଭାବ ଆଦି କାରଣରୁ ଉଡ଼ାଣ ରଦ୍ଦ କରାଯାଇଛି। ବାତିଲ ହୋଇଥିବା ଉଡ଼ାଣ ମଧ୍ୟରୁ ୬ଟି ବିମାନ ବୋଇଂ ୭୮୭-୮ ଡ୍ରିମଲାଇନର୍ସର ଥିଲା। ଅହମଦାବାଦ ଦୁର୍ଘଟଣାରେ ଏହି ମଡେଲ୍‌ର ବିମାନ ହିଁ କ୍ରାସ ହୋଇଥିଲା। ଯେଉଁଥିରେ ୨୭୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପରେ ବୋଇଂର ଏହି ମଡେଲ୍ ବିମାନ ଉପରେ ସମସ୍ତଙ୍କ ନଜର ରହିଛି। ରଦ୍ଦ ହୋଇଥିବା ବିମାନକୁ ନେଇ ଏୟାର ଇଣ୍ଡିଆ ପକ୍ଷରୁ ଭିନ୍ନ ଭିନ୍ନ କାରଣ ଦର୍ଶାଇଯାଇଛି। ବିଶେଷ କରି ଟେକ୍ନିକାଲ ସମସ୍ୟା ଓ ବିମାନର ଏଭେଲେବିଲିଟିର ସମସ୍ୟା ଆଦି ଦର୍ଶାଇଛି। ସେପଟେ ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ବୈଠକ ହୋଇଥିଲା। ବୈଠକରେ ବିମାନ ଚଳାଚଳ ସଂସ୍ଥା ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାରଲାଇନ୍ସକୁ ସମୟାନୁସାରେ ପ୍ରସ୍ଥାନ ସୁନିଶ୍ଚିତ କରିବା ସହିତ ବିମାନର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦେବାକୁ କହିଥିବା ଜଣାପଡ଼ିଛି।

## ମଲ୍‌ଟି-ମୋଡାଲ କାର୍ଗୋ ଟର୍ମିନାଲ ଉଦ୍‌ଘାଟନ କଲେ କେନ୍ଦ୍ର ରେଳମନ୍ତ୍ରୀ



ନୂଆଦିଲ୍ଲୀ: କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ହରିୟାଣାର ମାନେସରଠାରେ ଥିବା ମାରୁତି ସୁଜୁକୀ ଇଣ୍ଡିଆ ଲିମିଟେଡଠାରେ ଦେଶରେ ବୃହତ୍ତମ ଅଟୋମୋବାଇଲ ଗତି ଶକ୍ତି ମଲଟି-ମୋଡାଲ କାର୍ଗୋ ଟର୍ମିନାଲର ଉଦଘାଟନ କରିଛନ୍ତି। ମାରୁତି ସୁଜୁକିର ମାନେସର ପ୍ଲାଣ୍ଟରେ ଗତି ଶକ୍ତି କାର୍ଗୋ ଟର୍ମିନାଲ ଅଟୋମୋବାଇଲ ପରିବହନର ଲଜିଷ୍ଟିକ୍ସ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ଏହି ସମାବେଶକୁ ସମ୍ବୋଧିତ କରି ରେଳମନ୍ତ୍ରୀ ଗତ ଦଶନ୍ଧିରେ ଭାରତୀୟ ରେଳବାଇରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, '୨୦୧୪ ପୂର୍ବରୁ, ରେଳବାଇର ବାର୍ଷିକ ବଜେଟ୍ ପ୍ରାୟ ୨୪,୦୦୦ ରୁ ୨୫,୦୦୦ କୋଟି ଟଙ୍କା ଥିଲା, ଏବେ ଏହା ୨.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ସମ୍ପ୍ରତି ଯାତ୍ରୀବାହୀ ଟ୍ରେନ୍ ସେବାକୁ ଉନ୍ନତ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ୧୦୦ ରୁ ଅଧିକ ମେମୁ ଟ୍ରେନର କ୍ଷମତା ବୃଦ୍ଧି କରାଯିବ – ସେଗୁଡ଼ିକରେ ଥିବା କୋଚ ସଂଖ୍ୟା ୮ ରୁ ୧୨ରୁ ବୃଦ୍ଧି କରି ୧୬ ରୁ ୨୦ କୋଚ କରାଯିବ - ଯାହାକୁ କମ ଦୂରତା ଯାଉଥିବା ଯାତ୍ରୀମାନଙ୍କୁ ବହୁତ ଲାଭ ଦେବ। ୧୦୦ ରୁ ଅଧିକ ମେମୁ ଟ୍ରେନ୍ ନିର୍ମାଣ ପାଇଁ ଆନ୍ଧ୍ରପ୍ରଦେଶର କାଜିପେଟରେ ଏକ ନୂତନ କାରଖାନା ସ୍ଥାପନ କରାଯାଇଛି। ନମୋ ଭାରତ ଟ୍ରେନର ସଫଳ ଶୁଭାରମ୍ଭ ବିଷୟରେ ସେ କହିଛନ୍ତି, 'ଏବେ ଚାଲୁଥିବା ଦୁଇଟି ନମୋ ଭାରତ ଟ୍ରେନ ପ୍ରତି ଜନସାଧାରଣଙ୍କ ସକାରାତ୍ମକ ପ୍ରତିକ୍ରିୟା ଦ୍ୱାରା ଉତ୍ସାହିତ ହୋଇ, ଆମେ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ୫୦ଟି ନୂତନ ନମୋ ଭାରତ ଟ୍ରେନ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛୁ।' ଯାତ୍ରୀ ସୁବିଧା ବିଷୟରେ ଉଲ୍ଲେଖ କରି ଶ୍ରୀ ବୈଷ୍ଣବ ତତ୍କାଳ ଟିକେଟ ବୁକିଂରେ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଘୋଷଣା କରିଛନ୍ତି, ଯାହା ୧ ଜୁଲାଇ ୨୦୨୫ରୁ କାର୍ଯ୍ୟକାରୀ ହେବ। ସେ କହିଛନ୍ତି, 'ନୂତନ ନିୟମ ଅନୁଯାୟୀ, ବୁକିଂ ୱିଣ୍ଡୋର ପ୍ରଥମ ୩୦ ମିନିଟ୍ ମଧ୍ୟରେ କେବଳ ଆଧାର-ପ୍ରମାଣିତ ଏବଂ କେୱାଇସି-ଯାଞ୍ଚ ହୋଇଥିବା ବ୍ୟବହାରକାରୀଙ୍କୁ ତତ୍କାଳ ଟିକେଟ ବୁକ୍ କରିବାକୁ ଅନୁମତି ଦିଆଯିବ। ଏହି ପଦକ୍ଷେପ ନିଶ୍ଚିତ କରିବ ଯେ ଟିକେଟ କେବଳ ପ୍ରକୃତ ଯାତ୍ରୀଙ୍କ ପାଇଁ ଉପଲବ୍ଧ। ହରିୟାଣାର ବିକାଶ ବିଷୟରେ ଆଲୋଚନା କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ ୨୦୧୪ ପୂର୍ବରୁ, ରାଜ୍ୟ ପାଇଁ ବାର୍ଷିକ ରେଳ ବଜେଟ ଆବଣ୍ଟନ ମାତ୍ର ୩୦୦ କୋଟି ଟଙ୍କା ଥିଲା। ସେ କହିଛନ୍ତି, 'ଏହି ବର୍ଷ, ହରିୟାଣାକୁ ୩୪୧୬ କୋଟି ଟଙ୍କାର ରେକର୍ଡ ଆବଣ୍ଟନ ମିଳିଛି। ଗତ ୧୧ ବର୍ଷ ମଧ୍ୟରେ, ରାଜ୍ୟରେ ୮୨୩ କିଲୋମିଟର ନୂତନ ରେଳ ଲାଇନ ବିଛାଯାଇଛି ଏବଂ ହରିୟାଣାର ୧୦୦ ପ୍ରତିଶତ ରେଳ ନେଟୱାର୍କ ବର୍ତ୍ତମାନ ବିଦ୍ୟୁତୀକରଣ କରାଯାଇଛି।' ଏହି କାର୍ଯ୍ୟକ୍ରମରେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି, ରାଜ୍ୟ ଶିଳ୍ପ ମନ୍ତ୍ରୀ ଶ୍ରୀ ରାଓ ନରବୀର ସିଂହ, ବିଧାୟକ ମୁକେଶ ଶର୍ମା ଏବଂ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ହିସାଶି ଟାକେଉଚି ପ୍ରମୁଖ ଉପସ୍ଥିତ ଥିଲେ।

## ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନ ପରିଚାଳନା କାର୍ଯ୍ୟ ସମୀକ୍ଷା କଲା ଡିଜିସିଏ

ନୂଆଦିଲ୍ଲୀ: ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ମେସର୍ସ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନ ଚଳାଚଳ ସମୀକ୍ଷା କରିଛି । ବୈଠକରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ଏହି ଦୁଇଟି ସଂସ୍ଥା ଘରୋଇ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ୧,୦୦୦ରୁ ଅଧିକ ବିମାନ ଚଳାଚଳ କରୁଛନ୍ତି। ବୈଠକରେ ବିମାନ ଚଳାଚଳ ସଂସ୍ଥା ଦ୍ୱୟର ବିମାନ ପରିଚାଳନାଗତ ଦୃଢ଼ତା ସମୀକ୍ଷା କରାଯାଇଥିଲା। ଯାତ୍ରୀଙ୍କ ସୁରକ୍ଷା ଏବଂ ସେବା ନିୟାମକର ଅନୁପାଳନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ନିକଟରେ ବିଭିନ୍ନ ଦେଶରେ ବିମାନ ଉଡ଼ାଣ କ୍ଷେତ୍ର ଉପରେ ଲାଗୁ ହୋଇଥିବା କଟକଣା, ବିଶେଷ କରି ଇରାନ୍‌ରେ ଏୟାରସ୍ପେସ୍ ବନ୍ଦକୁ ନେଇ ବୈଠକରେ ସମୀକ୍ଷା କରାଯାଇଥିଲା। ବିଳମ୍ବ ଏବଂ ବାତିଲକରଣ ସମ୍ପର୍କରେ ଯାତ୍ରୀମାନଙ୍କୁ ପୂର୍ବରୁ ସୂଚନା ଦେବା ପାଇଁ ପ୍ରଯୁଜ୍ୟ ବେସାମରିକ ବିମାନ ଚଳାଚଳ ଆବଶ୍ୟକତା ଧାରା ୩ ସିରିଜ୍ ଏମ ଭାଗ ୪ ଏବଂ ୫ ଅଧୀନରେ ଅପରେଟରମାନଙ୍କୁ ସେମାନଙ୍କର ଦାୟିତ୍ୱ ମନେ ପକାଇ ଦିଆଯାଇଥିଲା। ୩୩ଟି ବିମାନକୁ ନେଇ ଗଠିତ ଏୟାର ଇଣ୍ଡିଆର ବି ୭୮୭-୮/୯ ବିମାନଗୁଡ଼ିକ ଉପରେ 'ପରିବର୍ଦ୍ଧିତ ସୁରକ୍ଷା ନିରୀକ୍ଷଣ' ଆଦେଶ ପାରା ୧ ଲାଗୁ ହୋଇଛି। ଏଥିମଧ୍ୟରୁ ୪ଟି ବିମାନର ବର୍ତ୍ତମାନ ବିଭିନ୍ନ ଏମଆରଏଓ ଫେସିଲିଟିରେ ପ୍ରମୁଖ ଯାଞ୍ଚ କରାଯାଉଛି। ୧୭ ଜୁନ୍ ୨୦୨୫ ଅପରାହ୍ଣ ୩ଟା ସୁଦ୍ଧା ୨୪ଟି ବିମାନର ଯାଞ୍ଚ ସଫଳତାପୂର୍ବକ ସମ୍ପୂର୍ଣ୍ଣ କରାଯାଇଛି। ଡିଜିସିଏ ଏୟାର ଇଣ୍ଡିଆର ୱାଇଡ-ବଡି ଅପରେସନ୍ ପାଇଁ ସାମ୍ପ୍ରତିକ କାର୍ଯ୍ୟକ୍ଷମ ତଥ୍ୟ ସମୀକ୍ଷା କରିଥିଲା, ବିଶେଷ ଭାବରେ ବୋଇଂ ୭୮୭ ବିମାନଗୁଡ଼ିକ ଉପରେ ଧ୍ୟାନ ଦେଇଥିଲା। ଯାତ୍ରୀ ସୁରକ୍ଷା, ପରିଚାଳନାଗତ ଭରସାଯୋଗ୍ୟତା ଏବଂ ନିୟାମକ ଅନୁପାଳନ ପ୍ରତି ଡିଜିସିଏ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି ଏବଂ ଏହା ସମସ୍ତ ସୂଚୀବଦ୍ଧ ଅପରେଟରଙ୍କ କାର୍ଯ୍ୟଦକ୍ଷତାକୁ ନିକଟରୁ ତଦାରଖ କରିବ।

## ଇସ୍ରାଏଲୀ ସେନା ଗୁଳିରେ ୫୧ ମୃତ, ୨୦୦ ଆହତ

ନୂଆଦିଲ୍ଲୀ: ଦକ୍ଷିଣ ଗାଜାରେ ଏକ ସହାୟତା ବଣ୍ଟନ ସ୍ଥଳ ନିକଟରେ ଇସ୍ରାଏଲୀ ସେନା ଗୁଳି ଚଳାଇବାରୁ ୫୧ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୦୦ ଜଣ ଆହତ ହୋଇଥିବା ଜଣାପଡ଼ିଛି। ହମାସ ପରିଚାଳିତ ନାଗରିକ ପ୍ରତିରକ୍ଷା ସଂସ୍ଥା ଦାବି କରିଛି ଯେ ଖାନ ୟୁନିସରେ ସହାୟତା ସ୍ଥଳ ନିକଟରେ ଇସ୍ରାଏଲୀ ସେନା ଭିଡ଼ ଉପରେ ଗୁଳି ଚଳାଇଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଲୋକମାନେ ବାନି ସୁହେଇଲା ସହରକୁ ଯାଉଥିବା ଏକ ପ୍ରମୁଖ ରାସ୍ତା ନିକଟରେ ଏକତ୍ରିତ ହୋଇଥିଲେ, ଯେଉଁଠାରେ ସପ୍ତାହ ଧରି ଇସ୍ରାଏଲୀ ସାମରିକ କାର୍ଯ୍ୟାନୁଷ୍ଠାନ ଚାଲିଆସିଛି। ଇସ୍ରାଏଲୀ ସେନା କହିଛି ଯେ ଏହା ଘଟଣାର ତଦନ୍ତ ଆରମ୍ଭ କରିଛି।

# ବାଣିଜ୍ୟ



ମୁମ୍ବାଇ: ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ରୂପାର ମୂଲ୍ୟ ପ୍ରଥମ ଥର ପାଇଁ କିଲୋଗ୍ରାମ ପିଛା ୧,୦୯ ଲକ୍ଷ ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଜୁଲାଇ ଫ୍ୟୁଚର କଣ୍ଟ୍ରାକ୍ଟ ମୂଲ୍ୟ ୧,୦୯,୦୦୦ ଏବଂ ଅଗଷ୍ଟ ଓ ସେପ୍ଟେମ୍ବର କଣ୍ଟ୍ରାକ୍ଟ ଯଥାକ୍ରମେ ୧,୦୯,୨୫୦ ଓ ୧,୧୦,୪୨୦ ପର୍ଯ୍ୟନ୍ତ ପହଞ୍ଚିଛି। ଏହି ଉଚ୍ଚତା ଦେଶୀୟ ବଜାରରେ ୧.୧୦ ଲକ୍ଷ ପ୍ରତି କିଲୋଗ୍ରାମ ହାରାହାରି ମୂଲ୍ୟକୁ ଛୁଇଁଛି। ରୂପାର ମୂଲ୍ୟ ବୃଦ୍ଧି ପଛରେ ଅନେକ କାରଣ ରହିଛି। ବିଶେଷଜ୍ଞଙ୍କ ମତରେ, ଇସ୍ରାଏଲ-ଇରାନ ମଧ୍ୟରେ ଚାଲିଥିବା ଭୂ-ରାଜନୈତିକ ଉତ୍ତେଜନା, ମାର୍କିନ ଫେଡେରାଲ ରିଜର୍ଭର ସମ୍ଭାବ୍ୟ ସୁଧ ହାର ହ୍ରାସ ଆଶା, ଏବଂ ଇଲେକ୍ଟ୍ରିକ ଯାନ ଓ ସୌର ଶକ୍ତି କ୍ଷେତ୍ରରେ ରୂପାର ବଢୁଥିବା ଚାହିଦା ଏହି ଉଚ୍ଛାଳର ମୁଖ୍ୟ ଚାଳକ। ଏହା ସହିତ, ମାର୍କିନ ଡଲାରର ଦୁର୍ବଳତା ଓ ବିଶ୍ୱବ୍ୟାପୀ ଅନିଶ୍ଚିତତା ମଧ୍ୟ ରୂପାକୁ ଏକ ସୁରକ୍ଷିତ ନିବେଶ ଭାବେ ପରିଗଣିତ କରିଛି। ଗତ ସପ୍ତାହରେ ରୂପାର ମୂଲ୍ୟ ୧.୦୭ ଲକ୍ଷ ପ୍ରତି କିଲୋଗ୍ରାମ ଅତିକ୍ରମ କରିଥିଲା, ଯାହା ଜୁନ୍ ୯, ୨୦୨୫ରେ ୧,୦୮,୧୦୦ ପର୍ଯ୍ୟନ୍ତ ପହଞ୍ଚିଥିଲା।

## ଟାଟା ପାୱାର ପକ୍ଷରୁ ସୋଲାର୍ ରୁଫ୍‌ଟପ୍ ସମାଧାନର ଶୁଭାରମ୍ଭ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାରର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ତଥା ଭାରତର ଅଗ୍ରଣୀ ରୁଫ୍‌ଟପ୍ ସୋଲାର କମ୍ପାନି ଟାଟା ପାୱାର ରିନ୍ୟୁଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆରଇଏଲ୍) ପକ୍ଷରୁ ଏହାର 'ଘର ଘର ସୋଲାର' ଅଭିଯାନ ଅଧୀନରେ ଓଡ଼ିଶାର ଭୁବନେଶ୍ୱରରେ ଭାରତର ସବୁଠୁ ସୁଲଭ ରୁଫଟପ୍ ସୋଲାର ସମାଧାନର ଶୁଭାରମ୍ଭ କରାଯାଇଛି। କମ୍ପାନିର ଗ୍ରାହକ କୈନ୍ଦ୍ରିକ ଫାଇନାନ୍ସ ମଡେଲ୍ ଓଡ଼ିଶା ଜନସଂଖ୍ୟାର ବ୍ୟାପକ ବର୍ଗ ପାଇଁ ରୁଫ୍‌ଟପ୍ ସୋଲାରକୁ ସୁଲଭ କରିପାରିଛି। ରାଜ୍ୟର ବାସିନ୍ଦାମାନେ ୧ କିଲୋୱାଟ୍ ପାଇଁ ୨୪୯୯ ଟଙ୍କା, ୨ କିଲୋୱାଟ୍ ପାଇଁ ୪,୯୯୯ ଟଙ୍କା ଓ ୩ କିଲୋୱାଟ୍ ପାଇଁ ୭୯୯୯ ଟଙ୍କାର ସର୍ବନିମ୍ନ ଅପଫ୍ରଂଟ୍ ନିବେଶ ରାଶି ପ୍ରଦାନ କରି ସୋଲାର ବ୍ୟବସ୍ଥା ସ୍ଥାପନ କରିପାରିବେ। ଏହି ଅଭିଯାନ ସୋଲାର ଗ୍ରହଣୀୟତାକୁ ଏକ ଆକାଂକ୍ଷାରୁ ଅର୍ଥନୈତିକ ଦୃଷ୍ଟିରୁ ହାସଲଯୋଗ୍ୟ ବିକଳ୍ପରେ ପରିଣତ କରିପାରିଛି। ଏହି ଅଭିଯାନରେ ଗ୍ରାହକମାନଙ୍କୁ ମୋଟ ରାଶିର ମାତ୍ର ଏକ ତୃତୀୟାଂଶ ପ୍ରଦାନ କରିବାକୁ ପଡୁଥିବାରୁ ଏହା ଆବାସିକ ରୁଫଟପ ସୋଲାର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ସହିତ, ସୌର ଶକ୍ତିକୁ ସୁଲଭ ମୂଲ୍ୟରେ ଲୋକମାନଙ୍କ ପାଖରେ ପହଂଚାଇବ। ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା ଜରିଆରେ ଓଡ଼ିଶାର ଗ୍ରାହକମାନେ ଉଲ୍ଲେଖନୀୟ ଆର୍ଥିକ ସୁବିଧା ପାଇପାରିବେ। ଏଥିରେ ୩ କିଲୋୱାଟ୍ ପର୍ଯ୍ୟନ୍ତ ସୋଲାର ବ୍ୟବସ୍ଥା ପାଇଁ ୭୮,୦୦୦ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରାଯାଉଛି ଯାହା ସ୍ଥାପନା ଖର୍ଚ୍ଚର ପ୍ରାୟ ୪୦ ପ୍ରତିଶତ ଭରଣା କରୁଛି। ଏଥି ସହିତ ୧ କିଲୋୱାଟ୍ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପ୍ରଦାନ କରୁଥିବା ଅତିରିକ୍ତ ୨୫ ହଜାର ଟଙ୍କାର ସବ୍‌ସିଡି, ୨ କିଲୋୱାଟ୍ ବ୍ୟବସ୍ଥା ପାଇଁ ୫୦୦୦୦ ଟଙ୍କା ଓ ୩ କିଲୋୱାଟ୍ କିମ୍ବା ତା'ଠାରୁ ଅଧିକ ବ୍ୟବସ୍ଥା ପାଇଁ ୬୦ ହଜାର ଟଙ୍କାର ସବ୍‌ସିଡି ଏହି ଅଭିଯାନକୁ ଆହୁରି ଦୃଢ଼ କରିପାରିଛି। ଏହି ଆର୍ଥିକ ସହାୟତା ରୁଫଟପ୍ ସୋଲାର ଗ୍ରହଣୀୟତାକୁ ଉଲ୍ଲେଖନୀୟ ଭାବେ ସମର୍ଥନ କରିବା ସହ ରାଜ୍ୟର ପ୍ରତି ପରିବାର ପାଖରେ ସ୍ୱଚ୍ଛ ଶକ୍ତି ସମାଧାନକୁ ପହଂଚାଇପାରିଛି। ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଟାଟା ପାୱାର ପକ୍ଷରୁ ଆବାସିକ ଗ୍ରାହକମାନଙ୍କ ପାଇଁ ଦୁଇଟି ଜୀବନଶୈଳୀ ସମାଧାନର ଶୁଭାରମ୍ଭ କରାଯାଇଛି। ମୋଟ ଗ୍ରାହକ ସଂଖ୍ୟା ଚାରି ଗୁଣା ବୃଦ୍ଧି ପାଇ ୪୩୦ରୁ ୧୭୫୯ରେ ପହଂଚିଛି ଯାହା ଉଭୟ ଆବାସିକ ଓ ବାଣିଜ୍ୟିକ ଗ୍ରାହକ ବର୍ଗଙ୍କ ମଧ୍ୟରେ ସୌର ଶକ୍ତି ଗ୍ରହଣୀୟ ହେଉଥିବାକୁ ଦର୍ଶାଉଛି। କେବଳ ୨୦୨୪-୨୫ରେ କମ୍ପାନି ରାଜ୍ୟରେ ୧୦୩୩ ନୂଆ ରୁଫଟପ ଗ୍ରାହକଙ୍କୁ ସାମିଲ କରିଛି ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୧୦ ଗୁଣା ଅଧିକ। ଓଡ଼ିଶାରେ ବାଣିଜ୍ୟିକ ଓ ଶିଳ୍ପ (ସିଆଣ୍ଡଆଇ) ବର୍ଗରେ ମଧ୍ୟ ନିରନ୍ତର ବୃଦ୍ଧି ଘଟିଛି, ଯେଉଁଥିରେ ୨୦୨୩-୨୪ରେ ୫୬ ଗ୍ରାହକ ସାମିଲ ହୋଇଥିବା ବେଳେ ୨୦୨୪-୨୫ରେ ୭୬ ଗ୍ରାହକ ସାମିଲ ହୋଇଛନ୍ତି।

## ଭାରତରେ ବେକାରୀ ହାର ବୃଦ୍ଧି

ନୂଆଦିଲ୍ଲୀ: ଭାରତର ବେକାରୀ ହାର ୨୦୨୫ ମେ' ମାସରେ ୫.୬%କୁ ବୃଦ୍ଧି ପାଇଛି। ଯାହା ଏପ୍ରିଲ୍ ୨୦୨୫ରେ ୫.୧% ଥିଲା। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟ ଦ୍ୱାରା ପ୍ରକାଶିତ ଦ୍ୱିତୀୟ ମାସିକ ପିରିଓଡିକ୍ ଲେବର ଫୋର୍ସ ସର୍ଭେ (ପିଏଲ୍‌ଏଫ୍‌ଏସ୍) ଅନୁଯାୟୀ, ଫସଲ ସଂଗ୍ରହ ପରେ ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟରେ ହ୍ରାସ ଏହି ବୃଦ୍ଧିର ମୁଖ୍ୟ କାରଣ। ଏହା ଦେଶରେ ଶ୍ରମ ବଜାରର ମୌସୁମୀ ପ୍ରକୃତିକୁ ପ୍ରତିଫଳିତ କରୁଛି। ମେ' ୨୦୨୫ରେ ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ କାମର ଅଭାବ ଦେଖାଦେଇଥିଲା, ଯେଉଁଥିରେ କୃଷକମାନେ ଫସଲ ସଂଗ୍ରହ ପରେ ଅନ୍ୟ କାମ ଖୋଜୁଥିଲେ। ସର୍ଭେ ଅନୁଯାୟୀ, କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଅଂଶ ଏପ୍ରିଲ୍ ?ରେ ୪୫.୯% ଥିବାବେଳେ ମେ'ରେ ୪୩.୫%କୁ ହ୍ରାସ ପାଇଛି। ଏହା ପରିବର୍ତ୍ତେ ଶ୍ରମିକମାନେ ଉତ୍ପାଦନ ଓ ସେବା କ୍ଷେତ୍ରକୁ ମୁହାଁଇଛନ୍ତି। ଗ୍ରାମାଞ୍ଚଳରେ ଯୁବକମାନଙ୍କ (୧୫-୨୯ ବର୍ଷ) ବେକାରୀ ହାର ୧୨.୩%ରୁ ବୃଦ୍ଧି ପାଇ ୧୩.୭%କୁ ପହଞ୍ଚିଛି।

## ସୁପରଟର୍ମ ପ୍ଲାନର ଶୁଭାରମ୍ଭ

ନଆଦିଲ୍ଲୀ: ଆଦିତ୍ୟ ବିର୍ଲା କ୍ୟାପିଟାଲର ବୀମା କମ୍ପାନି ଆଦିତ୍ୟ ବିର୍ଲାସନ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଏବିଏସଏଲଆଇ ସୁପରଟର୍ମ ପ୍ଲାନ ଉନ୍ମୋଚନ କରାଯାଇଛି। ଲକ୍ଷ୍ୟ ସହ ଯୋଡ଼ି ହୋଇଥିବା ଆର୍ଥିକ ସୁରକ୍ଷା ସହିତ ସ୍ୱାସ୍ଥ୍ୟ ପରିଚାଳନା ସେବାକୁ ମିଶାଇ ଏହି ଏକକ ଶୁଦ୍ଧ ସୁରକ୍ଷା ଟର୍ମ ପ୍ଲାନ ପ୍ରଦାନ କରିବାଲାଗି ଏହାକୁ ପ୍ରସ୍ତୁତ କରାଯାଇଛି। ଏହା କମ୍ପାନିର ଗ୍ରାହକ ପ୍ରଥମ ଆଭିମୁଖ୍ୟ ଓ ପଲିସିଧାରକଙ୍କ ସାମଗ୍ରିକ କଲ୍ୟାଣକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏବିଏସଏଲଆଇ ସୁପରଟର୍ମ ପ୍ଲାନରେ ତିନି ପ୍ରକାର ବୀମା ସୁରକ୍ଷା ବିକଳ୍ପ ରହିଛି। ଜୀବନ ବୀମା ସୁରକ୍ଷା ସହିତଏହି ପ୍ଲାନରେ ସ୍ୱାସ୍ଥ୍ୟ ପରିଚାଳନା ସେବା ମଧ୍ୟ ରହିଛି ଯାହା ପଲିସି ଅବଧି ସାରା ମିଳିବ। ଏହା ପଲିସିଧାରକଙ୍କୁ ପରିବାରର ଆର୍ଥିକ ଭବିଷ୍ୟତ ସୁରକ୍ଷିତ ରଖିବା ସହ ନିଜ ସ୍ୱାସ୍ଥ୍ୟକୁ ପ୍ରତ୍ୟକ୍ଷ ଭାବେ ନିରୀକ୍ଷଣ କରିବା ଏବଂ ବଜାୟ ରଖିବାରେ ସଶକ୍ତ କରିବ। ଆଦିତ୍ୟ ବିର୍ଲା ସନଲାଇଫ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡର ଏମଡି ଓ ସିଇଓ କମଲେଶ ରାଓ କହିଛନ୍ତି ଯେ, 'ଏବିଏସଏଲଆଇରେ ଆମେ ଲୋକ ଓ ପରିବାରଗୁଡ଼ିକୁ ବୀମା ସମାଧାନ ଜରିଆରେ ସଶକ୍ତ କରିବାକୁ ପ୍ରତିବଦ୍ଧ ରହିଛୁ ଯାହା ଦୀର୍ଘକାଳୀନ ସୁରକ୍ଷା ଓ ମାନସିକ ଶାନ୍ତି ପ୍ରଦାନ କରିବ। ନମନୀୟ ସୁରକ୍ଷା, ଇନ-ବିଲଟ ସ୍ୱାସ୍ଥ୍ୟ ପରିଚାଳନା ସେବା ଏବଂ ଜଟିଳ ଅସୁସ୍ଥତା ଓ ଦିବ୍ୟାଙ୍ଗଭଳି ଜୀବନର ଅନିଶ୍ଚିତତା ବିରୋଧରେ ସୁରକ୍ଷା ଜରିଆରେ ବ୍ୟାପକ ଆର୍ଥିକ ସୁରକ୍ଷା ପ୍ରଦାନ କରିବାକୁ ଏବିଏସଏଲଆଇ ସୁପର ଟର୍ମ ପ୍ଲାନକୁ ପ୍ରସ୍ତୁତ କରାଯାଇଛି।' ଏବିଏସଏଲଆଇ ସୁପରଟର୍ମ ପ୍ଲାନ ଦାବି ଅବଗତ ସୁବିଧାରେ ତତ୍କାଳ ପେମେଂଟ ପ୍ରଦାନ କରୁଛି, ଯେଉଁଥିରେ ନିର୍ଦ୍ଦିଷ୍ଟ ପରିମାଣର ରାଶି ଦାବି ପଞ୍ଜୀକରଣ ହେବାର ଗୋଟିଏ ଦିନରେ ପ୍ରଦାନ କରାଯିବ। ମୃତ୍ୟୁକାଳୀନ ସୁବିଧା ବଂଟନରେଏହି ପ୍ଲାନ ଉନ୍ନତ ନମନୀୟତା ପ୍ରଦାନ କରିବ। ଶୁଭାରମ୍ଭ ସମୟରେ ପଲିସିଧାରକମାନେ ଏକକାଳୀନ, ସମାନ ମାସିକ ଆୟ କିମ୍ବା ଉଭୟର ବିକଳ୍ପ ଭଳି ତିନି ପ୍ରକାର ବିକଳ୍ପରୁ ଚୟନ କରିପାରିବେ। ଏଥି ସହିତ ଷ୍ଟାଗରଡଡେଥ ବିନିଫିଟ ଅଧୀନରେ ନୋମିନି ପାଞ୍ଚବର୍ଷ ପର୍ଯ୍ୟନ୍ତ ମାସିକ କିସ୍ତି ପାଇପାରିବେ। ଏହା ବ୍ୟତୀତ ଏହି ପ୍ଲାନରେ ଆୟ ଲାଭ ହିସାବ ରହିଛି। ଯାହା ନୋମିନି ମାନଙ୍କୁ ସେମାନଙ୍କ ମାସିକ ଆୟକୁ ଆୟ ସୁବିଧା ଅବଧିରେଏକକାଳୀନ ଲାଭକୁ ରୂପାନ୍ତରୀତ କରି ହେବ।

## ଏଲ୍‌ଭିପିଇଆଇ ପକ୍ଷରୁ ଆଇଆର୍‌ଡି କ୍ଲିନିକ୍ ଆରମ୍ଭ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମିଠୁ ତୁଳସୀ ଚନରାଇ (ଏମଟିସି) କ୍ୟାମ୍ପସରେ ଅବସ୍ଥିତ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ) ଆନୁବଂଶିକ ରେଟିନା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରିବା ପାଇଁ ଏକ ଉତ୍ସର୍ଗୀକୃତ ଇନହେରିଟେଡ୍ ରେଟିନାଲ୍ ଡିଷ୍ଟ୍ରୋଫି (ଆଇଆରଡି) କ୍ଲିନିକ୍ ଆରମ୍ଭ କରିଛି । ଏହି ଆଇଆରଡି କ୍ଲିନିକ୍ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ଲୋକଙ୍କ ପାଇଁ ଉନ୍ନତ ଭାବେ ରୋଗ ନିର୍ଣ୍ଣୟକୁ ଅଧିକ ସୁଲଭ କରି ଇନ୍-ହାଉସ୍ ଜେନେଟିକ୍ ପରୀକ୍ଷଣ ସୁବିଧା ପ୍ରଦାନ କରିବ । ଏହା ରାଜ୍ୟରେ ବଂଶାନୁକ୍ରମିକ ଜେନେଟିକ୍ ଚକ୍ଷୁ ରୋଗର ପ୍ରାରମ୍ଭିକ ନିର୍ଣ୍ଣୟ ଏବଂ ଚିକିତ୍ସାରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ। ଆଇଆରଡି ହେଉଛି ଜେନେଟିକ୍ ଅବସ୍ଥାର ଏକ ଗୋଷ୍ଠୀ ଯାହା ରେଟିନାକୁ ପ୍ରଭାବିତ କରେ, ଏହା ଫଳରେ ଛୋଟ ପିଲା ଏବଂ ଯୁବକମାନଙ୍କ ମଧ୍ୟରେ ଦୃଷ୍ଟିଶକ୍ତି ହ୍ରାସ ପାଏ, ଏପରିକି ଅନ୍ଧତ୍ୱ ମଧ୍ୟ ହୋଇପାରେ । ଏଥିରେ ରେଟିନାଇଟିସ୍ ପିଗମେଣ୍ଟୋସା, ଲେବର୍ କଞ୍ଜେନିଟାଲ୍ ଏମୋରୋସିସ୍, ଷ୍ଟାରଗାର୍ଡ ରୋଗ ଏବଂ କୋନ୍-ରଡ୍ ଡିଷ୍ଟ୍ରୋଫି ଭଳି ରୋଗ ଅନ୍ତର୍ଭୁକ୍ତ । ଅନେକ କ୍ଷେତ୍ରରେ ସଚେତନତା ଏବଂ ସ୍ୱତନ୍ତ୍ର ସୁବିଧା ଅଭାବରୁ ଏସବୁ ରୋଗ ଭୁଲ ଭାବରେ ନିର୍ଣ୍ଣୟ କରାଯାଏ କିମ୍ବା ବହୁତ ବିଳମ୍ବରେ ଚିହ୍ନଟ କରାଯାଏ। ଅନେକ ପରିବାର ନିରୂପଣ ହୋଇନଥିବା ବଂଶାନୁକ୍ରମିକ ଅନ୍ଧତ୍ୱ ସହିତ ବଞ୍ଚନ୍ତି କାରଣ ସେମାନେ ମୂଳ ଜିନଗତ କାରଣ ବିଷୟରେ ଜାଣି ନ ଥାନ୍ତି । ଜେନେଟିକ୍ ପରୀକ୍ଷଣ କେବଳ ରୋଗ ନିର୍ଣ୍ଣୟକୁ ନିଶ୍ଚିତ କରେ ନାହିଁ ବରଂ ନିର୍ଦ୍ଦିଷ୍ଟ ଚିକିତ୍ସା, ନୈଦାନିକ ପରୀକ୍ଷଣରେ ଅଂଶଗ୍ରହଣ ଏବଂ ସୂଚନା ମିଳିବା ଯୋଗୁଁ ପାରିବାରିକ ଯୋଜନା ପାଇଁ ମଧ୍ୟ ପଥ ଉନ୍ମୁକ୍ତ କରିଥାଏ । ଆମର ଲକ୍ଷ୍ୟ ହେଉଛି ଓଡ଼ିଶାରେ ବ୍ୟାପକ, ସହାନୁଭୂତିପୂର୍ଣ୍ଣ ଏବଂ ବିଜ୍ଞାନ-ଭିତ୍ତିକ ଚିକିତ୍ସା ପ୍ରଦାନ କରିବ ବୋଲି ଏଲଭିପିଇଆଇ ଭୁବନେଶ୍ୱରରର ରେଟିନା ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ କୁମାର ପାଢ଼ୀ କହିଛନ୍ତି। ଏହି କ୍ଲିନିକ୍ ସମାଜର ସମସ୍ତ ବର୍ଗ ପାଇଁ ବିଶ୍ୱସ୍ତରୀୟ ଚକ୍ଷୁ ଚିକିତ୍ସା ପହଞ୍ଚାଇବାକୁ ପ୍ରତିବଦ୍ଧ, ଯେଉଁଥିରେ ବିରଳ ଏବଂ ଜେନେଟିକ୍ ଚକ୍ଷୁ ରୋଗ ଉପରେ ବିଶେଷ ଧ୍ୟାନ ଦିଆଯାଏ ।

## ପିତୃ ଦିବସ ଉପଲକ୍ଷେ ଏସବିଆଇ ଲାଇଫର ସ୍ୱତନ୍ତ୍ର ଅଭିଯାନ

25 YEARS Protecting Lives, Securing Future | SBI Life Apne liye. Apno ke liye.

ନୂଆଦିଲ୍ଲୀ: ପିତୃ ଦିବସ ଅବସରରେ ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଏହାର ପାପା ହେିନା ଡିଜିଟାଲ ପ୍ରପର୍ଟି ଅଧୀନରେ 'ପାପା ବୋଲତେ ହୈ ନା'ଅଭିଯାନକୁ ଉପସ୍ଥାପନ କରାଯାଇଛି। ଏହା ହେଉଛି ଏକ ଡିଜିଟାଲ ବିଜ୍ଞାପନ ସିନେମା ଯେଉଁଥିରେ ପିତୃତ୍ୱର ଶାନ୍ତ ଦୃଢ଼ତା ଓ ଦୀର୍ଘସ୍ଥାୟୀ ପ୍ରତିଶ୍ରୁତିକୁ ଉପସ୍ଥାପନ କରାଯାଇଛି। ଏଠାରେ ବାର୍ତ୍ତା ସ୍ପଷ୍ଟ 'ଯିଏ ନିଜ ଉଦ୍ଦେଶ୍ୟ ଓ ନିଜ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେବେ ଭୁଲନ୍ତି ନାହିଁ, ସେ ହେଉଛନ୍ତି ବାପା।' ଏ ସମ୍ପର୍କରେ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ବ୍ରାଣ୍ଡ, କର୍ପୋରେଟ ଯୋଗାଯୋଗ ଓ ସିଏସଆର ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, 'ପାପା ଭୁଲତେ ନେହିଁ' ହେଉଛି ଏସବିଆଇ ଲାଇଫର 'ପାପା ହୈ ନା' ଡିଜିଟାଲ୍ ପ୍ରପର୍ଟି ଅଧୀନରେ ଆମର ନୂତନ ଡିଜିଟାଲ୍ ଫିଲ୍ମ ଯାହା ପିତାଙ୍କ ପ୍ରତି ଏକ ଶ୍ରଦ୍ଧାଳି, ସେହି ପିତାମାନଙ୍କ ପାଇଁ ଯେଉଁମାନେ ନିଜ ଜୀବନକୁ ଦାୟିତ୍ୱ ଏବଂ ସମ୍ପର୍କ ସହିତ ସନ୍ତୁଳନ ରକ୍ଷା କରନ୍ତି। ଡେନସୁ କ୍ରିଏଟିଭ୍ ଇସୋବାରର ସଭାପତି ସାହିଲ୍ ଶାହା କହିଛନ୍ତି ଯେ, 'ଡେନସୁ କ୍ରିଏଟିଭ୍ ଇସୋବାରରେ ଆମେ ଏସବିଆଇ ଲାଇଫ୍ ସହିତ ପୁନର୍ବାର ସହଯୋଗୀ ହୋଇ 'ପାପା ହୈ ନା'ର ସାରମର୍ମକୁ ଆମର ପ୍ରେରଣାଦାୟକ ପିତୃ ଦିବସ ଅଭିଯାନ 'ପାପା ଭୁଲତେ ନେହିଁ' ସହିତ ଗଭୀର ଅର୍ଥ ଯୋଡି ଗୌରବାନ୍ୱିତ ମନେ କରୁଛୁ।'

## ବ୍ରାଭିଆ ୮-୨ କ୍ୟୁଡିଓଏଲ ଇଡି ସିରିଜ ଉନ୍ମୋଚିତ

SONY

ନୂଆଦିଲ୍ଲୀ: ସୋନି ଇଣ୍ଡିଆ ପକ୍ଷରୁ ନୂଆ ବ୍ରାଭିଆ ୮-୨ ସିରିଜ ଉନ୍ମୋଚନ କରାଯାଇଛି। ଏହି ନୂଆ ସିରିଜରେ କ୍ୟୁଡି-ଓଏଲଇଡି ପ୍ରଯୁକ୍ତି ସହିତ ଅତ୍ୟାଧୁନିକ ଏଆଇ ପ୍ରୋସେସରଏକ୍ସଆର ରହିଛି। ଯାହା ଜୀବନ୍ତ ଅଡିଓ ଓ ଅତୁଳନୀୟ ଛବିମାନ ପ୍ରଦାନ କରିବ। ଆଧୁନିକ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଏହି ସିରିଜରେ ଅକୋଷ୍ଟିକ ସରଫେସ ଅଡିଓ ଓ ଡଲବିଭିଜନ ଆଟମସ ଏବଂ ବିଭିନ୍ନ ଷ୍ଟୁଡିଓ କାଲିବ୍ରେଟେଡ ମୋଡ ରହିଛି। ଯାହାକୁ ଅଗ୍ରଣୀ ଷ୍ଟ୍ରିମିଂ ସେବା ପ୍ରଦାନକାରୀଙ୍କ ସହଯୋଗରେ ପ୍ରସ୍ତୁତ କରାଯାଇଛି ।ଏଥିରେ ଏକ୍ସଆର ପ୍ରୋସେସର ରହିଛି, ଯେଉଁଥିରେ ଏଆଇ ଦୃଶ୍ୟ ଚିହ୍ନଟ ବ୍ୟବସ୍ଥା ରହିଛି। ତାହା ସଠିକତାର ସହ ଚିହ୍ନଟ ଓ ଅନୁଶୀଳନ କରି ଛବିରେ ଉନ୍ନତି ଆଣିପାରିବ। ବ୍ରାଭିଆ ୮-୨ ସିରିଜରେ ରହିଛି ଷ୍ଟୁଡିଓ କାଲିବ୍ରେଟେଡମୋଡ ଯାହା ଘର ଅନୁସାରେ ଛବିକୁ ପୁନଃ ପ୍ରସ୍ତୁତ କରିବାର କ୍ଷମତା ରଖିଛି। ବ୍ରାଭିଆ ୮-୨ ସିରିଜରେ ହାଇଲୁମିନାନ୍ସ ପ୍ୟାନେଲ ଓ ତାପମାତ୍ରା ସେନସର ରହିଛି। ଯାହା ଏକ୍ସଆର କଂଟ୍ରାଷ୍ଟ ବୁଷ୍ଟରକୁ ୨୫ ପ୍ରକାର ନିର୍ଦ୍ଦିଷ୍ଟ ଆଲୋକ ସେଟିଂ ପ୍ରଦାନ କରିବ। ଏହି ପ୍ରଯୁକ୍ତି ଦ୍ୱାରା ଗାଢ଼ କଳା ଓ ଉଜ୍ଜ୍ୱଳ ଧଳା ରଙ୍ଗ ମିଳିବ। କ୍ୟୁଡି-ଓଏଲଇଡି ପ୍ୟାନେଲରଙ୍ଗକୁ ନିରନ୍ତର ରଖିବ। ଡଲବିଭିଜନ ଓ ଡଲବି ଆଟମସ ସ୍ୱଚ୍ଛ ସାଉଣ୍ଡ ପ୍ରଦାନ କରିବ। ଏଥିରେ ରହିଛି ସୋନି ପିକଚର କୋର ଯାହା ସୋନି ପିକଚର୍ସର ଲାଇବ୍ରେରି ପ୍ରଦାନ କରିବ। ଏଥିରେ ୪କେ ଏଚଡିଆର ଓ ଆଇମ୍ୟାକ୍ସ ସିନେମା ରହିଛି। ଯାହା ଉନ୍ନତ ସିନେମା ଦେଖା ଅନୁଭୂତି ପ୍ରଦାନ କରିବ। ୨୪ ମାସ ପାଇଁ ମାଗଣାରେ ୧୦ଟି ସିନେମାଷ୍ଟ୍ରିମିଂ କରିବାର କ୍ରେଡିଟ ମିଳିବ। ଏହାର ୱାନ ସ୍ଲେଟ ଡିଜାଇନ ବେଶ ଆକର୍ଷଣୀୟ ରହିଛି। ନୂଆଟିଭିର କେ-୬୫ଏକ୍ସଆର୮୦ଏମ୨ର ଦାମ ୩,୪୧,୯୯୦ଟଙ୍କା ଏବଂ କେ-୫୫ଏକ୍ସଆର ୮୦ଏମ୨ର ଦାମ ୨,୪୬,୯୯୦ ଟଙ୍କା ରହିଛି। ସେଗୁଡ଼ିକ ୨୦୨୫ ଜୁନ ୧୭ରୁ ଉପଲବ୍ଧ ହେବ। ଗ୍ରାହକମାନେ ସୋନି ସେଂଟର, ସୋନିଏକ୍ସକ୍ଲୁସିଭ ଷ୍ଟୋର, ସପଆଟଏସସି ଡଟ କମ, ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଦୋକାନ ଓ ଇ-କମର୍ସ ପୋର୍ଟାଲରେ ତାହା ଉପଲବ୍ଧ ହେବ।



ମୁମ୍ବାଇ: ବାପା ହେଲେ କ୍ରିକେଟର ନୀତିଶ ରାଣା । ତାଙ୍କ ପତ୍ନୀ ସଚି ମାରୱାହ ଯାଆଁଳା ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ଏନେଇ ନୀତିଶ ରାଣା ନିଜେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଏହାସହ ସେମାନେ ଦୁଇ ଯାଆଁଳା ଛୁଆଙ୍କ ହାତ ଫଟୋ ସେୟାର କରିଛନ୍ତି। ନୀତିଶ ଏବଂ ସଚି ୨୦୧୯ ଫେବୃଆରୀରେ ବିବାହ କରିଥିଲେ। ସଚି ଜଣେ ଇଣ୍ଟେରିଅର ଡିଜାଇନର୍ ଓ ହାସ୍ୟ ଅଭିନେତା କ୍ରିଷ୍ଣା ଅଭିଷେକଙ୍କ ସମ୍ପର୍କୀୟ। ଏ ନେଇ ସୋସିଆଲ ମିଡିଆରେ ତାଙ୍କର ଭିଡିଓ ଭାଇରାଲ ହେବାରେ ଲାଗିଛି। ବହୁତ ୟୁଜର୍ସ ଶିଶୁ ଦ୍ୱୟଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏନେଇ ଖବର ଭାଇରାଲ ହେବା ପରେ ରିଷଭ ପନ୍ତଙ୍କ ଭଉଣୀ ସମେତ ଅନେକ ଖେଳାଳି ନୀତିଶ ରାଣାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭେଙ୍କଟେଶ ଆୟର, ପୀୟୁଷ ଚାୱଲା, ରାହୁଲ ତେୱାଟିଆ, ରମନଦୀପ ସିଂହଙ୍କ ସମେତ ଅନେକ କ୍ରିକେଟର ନୀତିଶଙ୍କୁ ପିତା ହେବା ପାଇଁ ଇନଷ୍ଟାରେ କମେଣ୍ଟ କରିଛନ୍ତି। ନୀତିଶ ୨୦୧୬ ମସିହାରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳି ତାଙ୍କର ଆଇପିଏଲ କ୍ୟାରିୟର ଆରମ୍ଭ କରିଥିଲେ। ମୁମ୍ବାଇ ପାଇଁ ୨ଟି ସିଜିନ୍ ଖେଳିବା ପରେ ସେ ୭ଟି ସିଜିନ କୋଲକତା ପାଇଁ ଖେଳିଥିଲେ। ୨୦୨୫ ମେଗା ଅକ୍ସନ ପୂର୍ବରୁ କେକେଆର ତାଙ୍କୁ ରିଲିଜ୍ କରିଦେଇଥିଲା। ଏହାପରେ ରାଜସ୍ଥାନ ତାଙ୍କୁ ଦଳରେ ସାମିଲ କରିଥିଲା । ସେ ୨୦୨୫ ଆଇପିଏଲରେ ରାଜସ୍ଥାନ ପାଇଁ ୧୧ଟି ମ୍ୟାଚ ଖେଳି ୨୧୭ ରନ କରିଛନ୍ତି ।

### ଆଇସିସିର ଅଭିନବ ପ୍ରୟାସ

# ନୂଆ ଫର୍ମାଟରେ ଖେଳାଯିବ ଟେଷ୍ଟ ମ୍ୟାଚ୍



ଲଣ୍ଡନ: ବଦଳିବ ଟେଷ୍ଟ କ୍ରିକେଟର ଫର୍ମାଟ। ଏଣିକି ୫ଦିନ ବଦଳରେ ୪ଦିନ ଖେଳାଯିବ ମ୍ୟାଚ୍। ଏ ନେଇ ଆନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୨୦୨୭-୨୯ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଚକ୍ରରେ ଛୋଟ କ୍ରିକେଟ ଖେଳୁଥିବା ଦେଶମାନଙ୍କ ପାଇଁ ୪ ଦିନିଆ ଟେଷ୍ଟ ମ୍ୟାଚ୍‌କୁ ଅନୁମୋଦନ ଦେବାକୁ ପ୍ରସ୍ତୁତ ହେଉଛି। ତେବେ, ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପାରମ୍ପରିକ ୫ ଦିନିଆ ଟେଷ୍ଟ ମ୍ୟାଚ ଖେଳିବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ଏହି ପରିବର୍ତ୍ତନ ଛୋଟ ଦେଶମାନଙ୍କୁ ଅଧିକ ଟେଷ୍ଟ ମ୍ୟାଚ ଓ ଲମ୍ବା ସିରିଜ ଖେଳିବାରେ ସାହାଯ୍ୟ କରିବ। 'ଦି ଗାର୍ଡିଆନ' ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ଲର୍ଡସରେ ଅନୁଷ୍ଠିତ ଡବ୍ଲ୍ୟୁଟିସି ଫାଇନାଲ ସମୟରେ ଆଇସିସି ଅଧ୍ୟକ୍ଷ ଜୟ ଶାହା ୪ ଦିନିଆ ଟେଷ୍ଟ ମ୍ୟାଚକୁ ସମର୍ଥନ କରିଥିବା ଜଣାପଡ଼ିଛି। ଏହି ନିୟମ ୨୦୨୭-୨୯ ଚକ୍ରରେ କାର୍ଯ୍ୟକାରୀ ହେବ। ତେବେ, ଆଶେସ, ବର୍ଡର-ଗାଭାସ୍କର ଟ୍ରଫି ଏବଂ ନୂଆ ନାମକରଣ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ପାଇଁ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ୫ ଦିନିଆ ଟେଷ୍ଟ ସିରିଜ ଖେଳିବେ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିମ୍ନ-ସ୍ଥାନ ପାଉଥିବା ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କ୍ରିକେଟ ବୋର୍ଡଗୁଡ଼ିକୁ ଟେଷ୍ଟ ମ୍ୟାଚ ଆୟୋଜନରେ ସହାୟତା କରିବା। ୫ ଦିନିଆ ଟେଷ୍ଟ ମ୍ୟାଚ ଆୟୋଜନ ପାଇଁ ଅଧିକ ସମୟ ଓ ଖର୍ଚ୍ଚ ଆବଶ୍ୟକ ହେଉଥିବାରୁ ଅନେକ ଛୋଟ ଦେଶ ଏହାକୁ ଏଡ଼ାଇ ଚାଲିଛନ୍ତି। ୪ ଦିନିଆ ଟେଷ୍ଟ ମ୍ୟାଚ ଏକ ତିନି ମ୍ୟାଚ ବିଶିଷ୍ଟ ସିରିଜକୁ ତିନି ସପ୍ତାହରୁ କମ ସମୟରେ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ଏହା ଦ୍ୱାରା ଦେଶମାନେ ଯେପରିକି ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଅଧିକ ଟେଷ୍ଟ ମ୍ୟାଚ ଖେଳିପାରିବେ। ୪ ଦିନିଆ ଟେଷ୍ଟ ମ୍ୟାଚରେ ସମୟ ହ୍ରାସକୁ ପୂରଣ କରିବା ପାଇଁ ଦୈନିକ ନ୍ୟୁନତମ ୯୮ ଓଭର ଖେଳାଯିବ, ଯାହା ୫ ଦିନିଆ ଟେଷ୍ଟରେ ୯୦ ଓଭର ଥାଏ। ଏହା ପୂର୍ବରୁ ୨୦୧୭ରେ ଆଇସିସି ଦ୍ୱାରା ଦ୍ୱିପାକ୍ଷିକ ମ୍ୟାଚ ପାଇଁ ୪ ଦିନିଆ ଟେଷ୍ଟକୁ ଅନୁମୋଦନ ଦିଆଯାଇଥିଲା। ଇଂଲଣ୍ଡ ୨୦୧୯ ଓ ୨୦୨୩ରେ ଆୟରଲାଣ୍ଡ ବିପକ୍ଷରେ ଏବଂ ଗତ ମାସରେ ଜିମ୍ବାୱେ ବିପକ୍ଷରେ ଟ୍ରେଣ୍ଟ ବ୍ରିଜରେ ୪ ଦିନିଆ ଟେଷ୍ଟ ଖେଳିଥିଲା। ଦକ୍ଷିଣ ଆଫ୍ରିକା ଗତ ସପ୍ତାହରେ ଲର୍ଡସରେ ଅଷ୍ଟ୍ରେଲିଆକୁ ହରାଇ ୨୦୨୩-୨୫ ଡବ୍ଲ୍ୟୁଟିସି ଚାମ୍ପିୟନ ହୋଇଥିଲେ। ତେବେ, ସେମାନଙ୍କର ସୀମିତ ଟେଷ୍ଟ ସିରିଜ ସୂଚୀ ଟେଷ୍ଟ କ୍ରିକେଟରେ ଛୋଟ ଦେଶମାନଙ୍କ ଆଗ୍ରହ ଓ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇଛି। ଏହି ୪ ଦିନିଆ ଟେଷ୍ଟ ପ୍ରସ୍ତାବ ଏହି ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି। ୨୦୨୫-୨୭ ଡବ୍ଲ୍ୟୁଟିସି ଚକ୍ରରେ ସମସ୍ତ ୨୭ଟି ସିରିଜ ୫ ଦିନିଆ ଫର୍ମାଟରେ ହିଁ ଖେଳାଯିବ, ଯେଉଁଥିରେ ୧୭ଟି ସିରିଜରେ ୨ଟି ମ୍ୟାଚ ଓ ୬ଟି ସିରିଜରେ ୩ଟି ମ୍ୟାଚ ରହିବ। ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରସ୍ପର ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବେ। ଏହି ଚକ୍ର ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଗାଲେରେ ଆରମ୍ଭ ହୋଇଛି। ଟେଷ୍ଟ କ୍ରିକେଟ୍‌ର ଇତିହାସ ଉପରେ ନଜର ପକାଇଲେ ୧୯୭୦ ମସିହା ପର୍ଯ୍ୟନ୍ତ ଛଅ ଦିନିଆ ଟେଷ୍ଟ ମ୍ୟାଚ୍ ନିୟମିତ ଭାବେ ଖେଳା ଯାଉଥିଲା। ଏହା ପରେ ଆରମ୍ଭ ହେଲା ୫ ଦିନିଆ ଟେଷ୍ଟ ମ୍ୟାଚ୍। ଏବେ ୪ ଦିନିଆ ଟେଷ୍ଟ ମ୍ୟାଚ୍ ପାଇଁ ଆଇସିସି ଆରମ୍ଭ କରିଛି ଅଭିନବ ପ୍ରୟାସ।

**ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ ପାଇଁ ବଦଳିବନି ନିୟମ**

### ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

# ଅଧିନାୟକ ଗିଲ୍ ଓ ପନ୍ତଙ୍କୁ ଗୁରୁମନ୍ତ୍ର ଦେଲେ କୋହଲି



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇ ସାରିଛନ୍ତି। ଅନ୍ୟପକ୍ଷରେ ଅଶ୍ୱିନ, ରୋହିତ ଶର୍ମା ଓ କୋହଲି ତିନି ବରିଷ୍ଠ କ୍ରିକେଟରଙ୍କୁ ଆଉ ଧଳା ଜର୍ସିରେ ଦେଖିବାକୁ ମିଳିବେ ନାହିଁ। ଏହି ତିନି ଖେଳାଳି କ୍ରିକେଟ୍‌ର ଲମ୍ବା ଫର୍ମାଟ୍‌ରୁ ଅବସର ନେଇ ସାରିଛନ୍ତି। ଇଂଲଣ୍ଡ ଗସ୍ତ କରିଥିବା ଯୁବ ଭାରତୀୟ ଦଳର ନେତୃତ୍ୱ ଦାୟିତ୍ୱ ଶୁଭମନ ଗିଲ୍‌ଙ୍କୁ ଦିଆଯାଇଛି। ଗିଲ୍‌ଙ୍କ ପାଖରେ ଅଧିକ ଅନୁଭବ ନାହିଁ, ଯେଉଁ କାରଣରୁ ତାଙ୍କୁ ଇଂଲଣ୍ଡ ବିପକ୍ଷରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିପାରେ। ମିଡିଆ ରିପୋର୍ଟ ଅନୁଯାୟୀ, ଟେଷ୍ଟ ସିରିଜ୍ ଆରମ୍ଭ ହେବାର କିଛି ଦିନ ପୂର୍ବରୁ ବିରାଟ କୋହଲି ଶୁଭମନ ଗିଲ୍ ଓ ରଷଭ ପନ୍ତଙ୍କୁ ନିଜ ଘରକୁ ଡକାଇଥିଲେ। ଏଠାରେ ଦୁଇ ଖେଳାଳି କୋହଲିଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ହେଣ୍ଡିଗ୍ଲେରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିବ। ତେବେ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ୍ ପରେ ସୋମବାର ଖେଳାଳିଙ୍କୁ ବିରତି ମିଳିଥିଲା। ଏହା ପରେ ଗିଲ୍ ଓ ପନ୍ତ କୋହଲିଙ୍କୁ ତାଙ୍କୁ ଘରେ ଭେଟିଥିଲେ। ତେବେ କୋହଲି ଏହି ଦୁଇ ଖେଳାଳିଙ୍କୁ କଣ ଗୁରୁ ମନ୍ତ୍ର ଦେଲେ ତାହା ଜଣା ପଡ଼ିନି। ଭାରତୀୟ ଦଳ ମଙ୍ଗଳବାର ଲିଡ୍ସ ପହଞ୍ଚି ପାରନ୍ତି। ଏଠାରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଭାରତୀୟ ଦଳ ସହ ଯୋଗ ଦେବେ। ତାଙ୍କ ମା'ଙ୍କ ଦେହ ଅସୁସ୍ଥ ହେବାରୁ ସେ ଇଂଲଣ୍ଡ ଛାଡ଼ି ସ୍ୱଦେଶ ଫେରିଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ୍ ରେୟାନ ଟେନ ଡୋଏଶେ, ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ଓ ବୋଲିଂ କୋଚ୍ ମୋର୍ନେ ମୋର୍କେଲ୍ ଖେଳାଳିଙ୍କ ପ୍ରଦର୍ଶନ ଏବଂ ଦଳର ପ୍ରସ୍ତୁତି ଉପରେ ନଜର ରଖିଥିଲେ। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୦୭ରେ ପ୍ରଥମ ଥର ଇଂଲଣ୍ଡରେ ନିଜର ପ୍ରଥମ ଟେଷ୍ଟ ସିରିଜ୍ ଜିତିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ।

### ଶ୍ରୀଲଙ୍କା-ବାଂଲାଦେଶ ଟେଷ୍ଟ ସିରିଜ୍

# ପ୍ରଥମ ଦିନରେ ବାଂଲାଦେଶ ୨୯୨/୩



**ନଜମୁଲ, ମୁସଫିକରଙ୍କ ଶତକ**

ନୂଆଦିଲ୍ଲୀ: ବାଂଲାଦେଶ ଶ୍ରୀଲଙ୍କ ଗସ୍ତରେ ଯାଇ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳୁଛି। ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବାଂଲାଦେଶ ପ୍ରଥମେ ବ୍ୟାଟିଂ ବିପର୍ଯ୍ୟ ଘଟି ୩ୱିକେଟ ହରାଇ ୪୫ରନ୍ କରିଥିବା ବେଳେ ନଜମୁଲ ହୋସେନ ଓ ଅଭିଜ୍ଞ ମୁସଫିକର ରାହୁମ ଦୃଢ଼ତାର ସହ ବ୍ୟାଟିଂ କରିଥିଲେ। ଆଉ ୱିକେଟ ପତନ ଘଟିବାକୁ ଦେଇନଥିଲେ। ଯାହାଫଳରେ ବାଂଲାଦେଶ ପ୍ରଥମ ଦିନରେ ୩ୱିକେଟ ହରାଇ ୨୯୨ରନ୍ ସଂଗ୍ରହ କରି ନେଇଛି। ହୋସେନ ଶାଣ୍ଟୋ ୧୩୬ରନ୍ ଓ ମୁସଫିକର ରାହୁମ ୧୦୫ରନ୍ କରି ଅପରାଜିତ ରହିଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଆସିଥା ଫରାନେଡୋ ୧ୱିକେଟ ଓ ଥାରିନିଡା ରତ୍ନାକେ ୨ ୱିକେଟ ଅକ୍ତିଆର କରିଥିଲେ।

# ରଗ୍‌ବୀ ପ୍ରିମିୟର ଲିଗ୍: କଳିଙ୍ଗ ବ୍ଲାକ୍ ଟାଇଗର୍ସର ଦ୍ୱିତୀୟ ପରାଜୟ



ମୁମ୍ବାଇ: ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍)ରେ ସୋମବାର କଳିଙ୍ଗ ବ୍ଲାକ ଟାଇଗର୍ସ ଏକତରଫା ଭାବେ ୧୦-୩୫ ପଏଣ୍ଟରେ ବେଙ୍ଗାଲୁରୁ ବ୍ରେଭହାର୍ଟସଠାରୁ ପରାସ୍ତ ହୋଇଛି। ଓଡ଼ିଶା ପାଇଁ ଏଥାନ ଟର୍ନର ଓ ଲୁକାସ ଲାକାମ୍ପ ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଫିଲିପ ୱକୋରଚ ଦୁଇଟି ଟ୍ରାଇ ସ୍କୋର କରିଥିବା ବେଳେ ଆକୁଲିଆ ରୋକୋଲିସୋଆ, ଲୋୱାନେ ତେବା ଓ ମୋହିତ ଖତ୍ରି ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ଏହା ବ୍ଲାକ ଟାଇଗର୍ସ ଦଳ ପାଇଁ ଲଗାତର ଦ୍ୱିତୀୟ ପରାଜୟ। ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ ହିରୋଜଠାରୁ ପରାସ୍ତ ହୋଇଥିଲା। ଆଜି ଦିନର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ବୁଲ୍ସ ୩୧-୧୭ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସଙ୍କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଭାଫୌସେ ମାଲିକୋ ଓ ଜୋସେଭା ଟାଲାକୋଲୋ ଦୁଇଟି ଲେଖାଏ ଏବଂ ଫିଲିପ ସୌଟୁରାଗା ଗୋଟିଏ ସ୍କୋର କରିଥିଲେ। ମୁମ୍ବାଇ ପାଇଁ ୱେସାୟା ନକୁକୁ, ଜେମ୍ସ ଟର୍ନର ଓ ବ୍ରିଆର ବାରୋନ ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ଲଗାତର ଦ୍ୱିତୀୟ ବିଜୟ ସହ ଚେନ୍ନାଇ ବୁଲ୍ସ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଖାତା ଖୋଲିପାରିନଥିବା କଳିଙ୍ଗ ବ୍ଲାକ ଟାଇଗର୍ସ ପଏଣ୍ଟ ଟେବୁଲର ସର୍ବନିମ୍ନରେ ରହିଛି।

# ଅଧିନାୟକ ନହେବା ନେଇ ମୁହଁ ଖୋଲିଲେ ବୁମ୍‌ରା



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା କ୍ୟାପ୍‌ଟେନ ନହେବା ଉପରେ ଶେଷରେ ମୁହଁ ଖୋଲିଛନ୍ତି । ୱାର୍କଲୋଡକୁ ଦେଖି ଇଂଲଣ୍ଡ ଗସ୍ତ ବେଳେ କ୍ୟାପ୍ଟେନ ହେବା ପ୍ରସ୍ତାବକୁ ନିଜେ ମନା କରିଥିଲେ ବୋଲି ବୁମ୍‌ରା କହିଛନ୍ତି । ସେ ମନା କରିବା ପରେ ହିଁ ବିସିସିଆଇ ଷ୍ଟାର୍ ବ୍ୟାଟର ଶୁଭମନ ଗିଲଙ୍କୁ ନୂଆ କ୍ୟାପ୍ଟେନ ନିଯୁକ୍ତ କରିଥିଲା। ଜୁନ୍ ୨୦ରୁ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ କ୍ୟାପ୍‌ଟେନ ନହେବା ନିଷ୍ପତ୍ତି ଉପରେ ନିଜ ପ୍ରତିକ୍ରିୟା ଦେଇଛନ୍ତି। ରୋହିତ୍ ଶର୍ମାଙ୍କ ଅବସର ପରେ ବୁମ୍‌ରା କ୍ୟାପ୍ଟେନ ହେବା ପାଇଁ ସବୁଠୁ ବଡ଼ ଦାବିଦାର ଥିଲେ, କାରଣ ସେ ଦଳର ଉପଅଧିନାୟକ ଥିଲେ। ୩୧ ବର୍ଷୀୟ ବୁମ୍‌ରା ସ୍କାଇ ସ୍ପୋର୍ଟ୍ସକୁ କହିଛନ୍ତି, 'ରୋହିତ୍ ଓ ବିରାଟଙ୍କ ଅବସର ପୂର୍ବରୁ ମୁଁ ବିସିସିଆଇ ସହ ପାଞ୍ଚ ଟେଷ୍ଟ ମ୍ୟାଚ୍ ସିରିଜରେ ନିଜର ୱାର୍କଲୋଡ୍ ଉପରେ କଥା ହୋଇଥିଲି । ମୋ ପିଠିର ଚିକିତ୍ସା କରିଥିବା ସର୍ଜନଙ୍କ ସହ କଥା ହୋଇଥିଲି। ସତର୍କ ହୋଇ କାମ କରିବା ପାଇଁ ସେ ମୋତେ ପରାମର୍ଶ ଦେଇଥିଲେ । ତେଣୁ ମୁଁ ନେତୃତ୍ୱ ନେବାକୁ ଚାହୁଁନି ବୋଲି ବିସିସିଆଇକୁ ଜଣାଇଥିଲି ।' ବୁମ୍‌ରା କହିଛନ୍ତି, ହଁ, କ୍ୟାପ୍ଟେନ୍ସି ପାଇଁ ବିସିସିଆଇ ମୋ ସହ କଥା ହୋଇଥିଲା । କିନ୍ତୁ ଏହା ଟିମ୍ ପାଇଁ ଉଚିତ ହେବନି ବୋଲି ମୁଁ କହିଥିଲି । ପାଞ୍ଚ ମ୍ୟାଚ୍ ଟେଷ୍ଟ ସିରିଜରେ ତିନି ମ୍ୟାଚ୍‌ରେ ଜଣେ କ୍ୟାପ୍ଟେନ ଓ ବଳକା ଦୁଇ ମ୍ୟାଚ ପାଇଁ ଅନ୍ୟ ଜଣେ, ଏହା ଠିକ୍ ନୁହେଁ । ଆଉ ମୁଁ ସବୁବେଳେ ଟିମ୍‌କୁ ଆଗରେ ରଖେ।' ଉଲ୍ଲେଖଯୋଗ୍ୟ ଯେ ଅଷ୍ଟ୍ରେଲିଆ ଗସ୍ତରେ ପଞ୍ଚମ ଟେଷ୍ଟରେ ବୁମ୍‌ରା ଆହତ ହୋଇଥିଲେ। ପିଠିରେ ଆଘାତ କାରଣରୁ ଆଇସିସି ଚାମ୍ପିଅନ୍ସ ଟ୍ରଫି ଖେଳିପାରି ନଥିଲେ । ପ୍ରାୟ ତିନି ମାସ ପରେ ଆଇପିଏଲ୍ ୨୦୨୫ ଜରିଆରେ ସେ ମୈଦାନକୁ ଫେରିଥିଲେ । ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୧୨ ମ୍ୟାଚ୍‌ରେ ୧୮ ୱିକେଟ୍ ନେଇଥିଲେ।


**OFFICE OF THE EXECUTIVE ENGINEER**
**Road Construction Department, Road Division, Daltonganj**

**e-Procurement Tender Notice**

**e-Tender Ref No-3/RCD/Daltonganj/2025-26/537 Dated:16.06.2025**

| | | |
|---|---|---|
| 1. | Name of Work | IRQP Work of Hutar To Chainpur Road (Total Length - 32.05) for the year 2025-26. |
| 2. | Estimated Cost | Rs. 18,18,54,600.00 (Rupees Eighteen Crore Eighteen Lacs Fifty Four Thousand Six Hundred Rupees) Only. |
| 3. | Bid Security (Amount) | Rs. 18,18,600.00 (Rupees Eighteen Lacs Eighteen Thousand Six Hundred) Only. |
| 4. | Time of Completion | 06 Months |
| 5. | Date of Publication of Tender on Website | 25.06.2025, 10:30 AM |
| 6. | Last Date/Time of Online Bid Submission | 16.07.2025, 12:00 Noon |
| 7. | Date and Time of Bid opening | 17.07.2025, 12:30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj. 06562-225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number ofe-Procurement cell | 0651-2401010 |

**Note : Estimated amount may vary.**
For further details can be seen on website http://jharkhandtenders.gov.in.

**Executive Engineer**
Road Construction Department
Road Division, Daltonganj

PR 355212 Road (25-26)_D



**OFFICE OF THE EXECUTIVE ENGINEER. MINOR IRRIGATION DIVISION, GARHWA**

**e-Procurement Tender Notice**
**Two Envelope System**
**Tender Reference No:- WRD/MID/GARHWA/B.D./S.L.I.-03/2025-26**
**Letter No:- 397 Date:-16.06.2025**

| | | |
|---|---|---|
| 1 | Name of Work: | Construction of Tewali Solar Lift Irrigation Scheme, Village- Tewali, Panchyat- Janeva, Block- Bhandariya, Distirct- Garhwa |
| 2 | Estimated Cost (Rs.) | 1,09,47,667.73 |
| 3 | Cost of tender document (Rs) | **Rs. 10,000=00** only (non-refundable). |
| 4 | Earnest Money Deposit (Rs.) | **Rs. 1,09,500.00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 02.07.2025, Time- 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:- 09.07.2025, Time:- 04.00 PM |
| 9 | Submission of Tender Fee and EMD | Start Date:- 02.07.2025, Time- 4.00 PM Last Date:- 09.07.2025, Time:- 4.00 PM |
| 10 | Technical Bid Opening Date | Date:- 11.07.2025, Time:-04.00 PM |
| 11 | Officer Inviting Bids | Executive Engineer Minor Irrigation Division Garhwa |
| 12 | (a) Contact No. of e-Procurement Officer ( (b) E-mail of e-Procurement Officer | 8789558294 eemidgarh-cemr-jhr@nic.in |
| 13 | Help line No. of e-Procurement Cell | 0651-2214784 |

Note:- Estimated Cost may Decrease or Increase
➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps (**AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ **Only e-Tender will be accepted.**
Further details can be seen on website http://jharkhandtenders.gov.in

**PR 355309 Minor Irrigation(25-26).D**

**Executive Engineer, Minor Irrigation Division,Garhwa**



**E-Procurement cell**
**Office of the Executive Officer**
**Nagar Parishad Mihijam, Jharkhand,Urban Development & Housing Department**

**NIT No. - 01/2025-26**
**e-procurement very short notice (Double Bid- F2) Date:-17.06.2025**

| SL. NO | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | NPM/F2/25-26/01 | CONSTRUCTION OF PCC ROAD , RCC CULVERT, RCC DRAIN, STREET LIGHT AND PAVER BLOCK FROM HOUSE OF YASAR NAWAJ TO NEAR VIA BENJIMIN TUDU HOUSE UNDER WARD NO - 02 | Rs. 2,12,76,890.00 (Rupees TWO CRORE TWELVE LAKH SEVENTY SIX EIGHT HUNDRED NINTY only) | 9 months | Rs. 4,25,600 (FOUR LAKH TWENTY FIVE THOUSAND SIX HUNDRED ONLY ) | Rs. 10,000.00 (Rupees TEN Thousand Only) |
| 2 | NPM/F2/25-26/02 | CONSTRUCTION OF RCC DRAIN FROM THANA MORE VIA HOUSE OF VINOD TANTI TO GYM CENTRE OF MAHESH YADAV UNDER WARD NO-(02 & 03) | RS- 2,11,97,658.00 RUPEES TWO CRORE ELEVEN LAKH NINTY SEVEN THOUSAND SIX HUNDRED FIFTY EIGHT ONLY) | 9 months | Rs. 4,24,000 (FOUR LAKH TWENTY FOUR THOUSAND ONLY ) | Rs. 10,000.00 (Rupees TEN Thousand Only) |
| 03 | NPM/F2/25-26/03 | CONSTRUCTION OF PCC ROAD , RCC CULVERT, RCC DRAIN , RETAINING WALL AND STREET LIGHT ARVIND COLONY UNDER WARD NO-02 | RS- 2,18,17,012.00 RUPEES TWO CRORE EIGHTEEN LAKH SEVENTEEN THOUSAND TWELVE ONLY) | 9 months | Rs. 4,36,400 (FOUR LAKH THIRTY SIX THOUSAND FOUR HUNDRED ONLY ) | Rs. 10,000.00 (Rupees TEN Thousand Only) |
| 2 | Date of Publication of tender on website | | | 20.06.2025 | | |
| 3 | Closing date and time for receipt of tender on website | | | 28.06.2025 at 17.00 hours | | |
| 4 | Opening date and time of opening of technical bid | | | 01.07.2025 at 16.00 hours | | |
| 6 | Name and address of office inviting tender | | | Office of Executive Officer, Nagar Parishad Mihijam | | |
| 7 | Contact no of procurement officer | | | +91 7261817234 | | |
| 8 | Helpline number of e-procurement cell | | | +91 7995890850 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT SIGHTING ANY REASON THEREOF. FURTHER DETAILS CAN BE SEEN ON WEBSITE HTTP://jharkhandtenders.gov.in

**Executive Officer**
**Nagar Parishad Mihijam**

**PR 355262 Urban Development and Housing(25-26).D**



**OFFICE OF THE EXECUTIVE ENGINEER**
**WATER WAYS DIVISION NO.2, HAZARIBAG**

**Short e-Procurement Tender**
**Tender Reference No. :- WRD/WWD2/HAZARIBAG/F2-01/2025-26**

| Group No | Scheme Name | Estimated Cost (In Rs.) | Time of Completion |
|---|---|---|---|
| 1. | Anti Erosion work with Edge Crated Boulder & Slope Boulder Pitching on bank of Sakri River in Manjhane Under Gawan Block of Giridih District. | 2,41,71,000.00 | 6 Months |

| | | |
|---|---|---|
| 1. | Date of Publication of e-Tender on website | 23.06.2025 at 3:00 P.M |
| 2. | Last date/Time for Submission of e-Tender bids Online | 14.07.2025 up to 4:00 P.M (e-Procurement Portal- http://jharkhandtenders.gov.in) |
| 3. | Last Date for Online Submission of Tender Fee and EMD | 14.07.2025 up to 4:00 P.M |
| 4. | Date of opening of e-Tender | 15.07.2025 at 05:00 P.M |
| 5. | Name & address of office Inviting tender | Executive Engineer, Water Ways Division No.2 , Hazaribag |
| 6. | Contact no. of e-Procurement officer | 06546-298163, 7903709450 |
| 7. | E-mail of e- Procurement officer | eewwdchak2-cer-jhr@nic.in |

**Note:- 1.) Only e-Tender will be accepted.**
**2.) Published Estimated Cost may be increase or decrease.**
**3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in**

**Executive Engineer,**
**Water Ways Division No.2, Hazaribag**

PR 355278 Water Resource (25-26)_D



**e-Procurement Cell**
**JHARKHAND STATE BUILDING CONSTRUCTION CORPORATION LTD., RANCHI**
**Short Term e-Procurement Notice**
Date : 17.06.2025

| Sl. No | Tender Reference No. | Work Name | Amount in (Rs) | Completion Time | Call | PR No |
|---|---|---|---|---|---|---|
| 1 | JSBCCL/22/2025-26 | Construction and Renovation work of New Building at Government Polytechnic, Jagannathpur for Developing it as a State of the Art Institution | 73,55,83,770/- | 24 Months | 2nd | 340588 |

| | | |
|---|---|---|
| 2 | Date of Publication of Tender on Website | 24.06.2025 at 11:00 AM |
| 3 | Date of Pre Bid Meeting | 01.07.2025 at 11:00 AM |
| 4 | Venue of Pre Bid Meeting | J.S.B.C.C.L. Office, 3rd Floor |
| 5 | Reply of queries of Pre Bid Meeting | 08.07.2025 at 11:00 AM |
| 6 | Start Date of Submission of Bids | 24.06.2025 at 11:00 AM |
| 7 | Last Date/Time of Submission of Bids | 16.07.2025 at 05:00 PM |
| 8 | Date/Time of opening of Bid | 17.07.2025 at 05:00 PM |
| 9 | Name & Address of office Inviting tender | e-Procurement Cell, Jharkhand State Building Construction Corporation Ltd., Ranchi. |
| 10 | Helpline Number of e-procurement Cell | 0651-2446259 |
| 11 | e-mail ID | jsbccljharkhand@gmail.com |

**Note:- Cost of bidding document for a non-refundable fee & Bid Security (EMD) shall be payable online through http:// Jharkhandtenders.gov.in.**
Any change can be seen on Website **http:// Jharkhandtenders.gov.in.**
Any other information can be seen on **http:// Jharkhandtenders.gov.in.**

Nodal Officer e-Procurement Cell
Jharkhand State Building Construction Corporation Ltd., Ranchi.

**PR 355323 Jharkhand State Building Construction Corp. ltd.(25-26)D**



ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନୁସନ୍ଧାନ ଅନୁଯାୟୀ ପିଲାଦିନରେ ନିଦ୍ରାର ଅଭାବ ହେତୁ ଅଧିକାଂଶ ପିଲାମାନଙ୍କର ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ବିଶେଷକରି ସାଇକୋସିସ୍ ହେବାର ଆଶଙ୍କା ଅଧିକ ରହିଥାଏ। ବ୍ରିଟେନର ଏକ ବିଶ୍ୱବିଦ୍ୟାଳୟରେ ୧୨ହଜାର ପିଲାଙ୍କୁ ନେଇ ଏକ ରିସର୍ଚ୍ଚ କରାଯାଇଥିଲା। ଅନୁସନ୍ଧାନ ବେଳେ ସେମାନଙ୍କ ଶୋଇବା ଅବଧି ଉପରେ ନଜର ରଖାଯାଇଥିଲା। ଏହି ସବୁ ପିଲାଙ୍କ ଶୋଇବା ଅବଧି ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଏହାପରେ ୨୪ବର୍ଷ ପରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ କଣ ସବୁ ପ୍ରଭାବ ପଡିଛି ତାହାର ମୂଲ୍ୟାଙ୍କନ କରାଯାଇଥିଲା। ଏହି ଗବେଷଣାର ଫଳାଫଳ ଆଶ୍ଚର୍ଯ୍ୟଜନକ ହୋଇଥିଲା। ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ଯେ ଯେଉଁ ପିଲାମାନେ କ୍ରମାଗତ ଭାବରେ କମ୍ ଶୋଇଥାନ୍ତି। ସେମାନେ ବଡ ହେବା ପରେ ସାଇକୋସିସ୍ ହେବାର ଆଶଙ୍କା ଚାରି ଗୁଣା ବଢିଥାଏ। ପ୍ରତିଦିନ ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ଶୋଇବାକୁ ଦିଅନ୍ତୁ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଜାଗ୍ରତ କରାନ୍ତୁ। ଶୋଇବା ପୂର୍ବରୁ ଟିଭି କିମ୍ବା ମୋବାଇଲ୍ ଦେଖାନ୍ତୁ ନାହିଁ। ଯଥାସମ୍ଭବ କମ ଇଲେକ୍ଟ୍ରୋନିକ ଉପକରଣ ବ୍ୟବହାର କରନ୍ତୁ। ଶୋଇବା ପୂର୍ବରୁ ପିଲାଙ୍କ ଚାରିପାଖରେ ଏକ ଶାନ୍ତ ପରିବେଶ ସୃଷ୍ଟି କରନ୍ତୁ ଏବଂ ପ୍ରତିଦିନ ବ୍ୟାୟମ କରନ୍ତୁ। ଭଲ ନିଦ ପାଇଁ ଏସବୁ ଅତ୍ୟନ୍ତ ଜରୁରୀ।

### ଘର କାମ ପାଇଁ ସ୍ୱାମୀଙ୍କ ଠୁ ନିଅନ୍ତି ଟଙ୍କା

# ପୋଷାକ ସଫା ପାଇଁ ୯୨ ହଜାର



*ଗୃହିଣୀମାନେ ଘରର ପ୍ରତ୍ୟେକ କାମ କରିଥାନ୍ତି। ତା'ସହ ପୂରା ଘରର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥାଏ। ଏହି କ୍ରମରେ ଜଣେ ବିଦେଶିନୀ ଘରେ କରୁଥିବା ପ୍ରତ୍ୟେକ କାର୍ଯ୍ୟ ପାଇଁ ତାଙ୍କ ସ୍ୱାମୀଙ୍କଠାରୁ ଟଙ୍କା ନିଅନ୍ତି। ଝାଡୁ, ପୋଛାଠୁ ଆରମ୍ଭ କରି ଡ୍ରେସ୍ ସଫାସଫି କରିବା ପାଇଁ ସେ ଅଲଗା ଅଲଗା ଟଙ୍କା ନେଉଥିବା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସମ୍ପୃକ୍ତ ମହିଳା ଏହି କଥା ସେୟାର୍ କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ସହ ବିତର୍କର ବିଷୟ ପାଲଟିଛି। ସମ୍ପୃକ୍ତ ମହିଳା ନିଜକୁ ଷ୍ଟେ- ଆଟ୍-ହୋମ୍- ମା ବୋଲି କହିଛନ୍ତି। ଏହି କାରଣରୁ ସେ ସ୍ୱାମୀଙ୍କଠାରୁ ଟଙ୍କା ନିଅନ୍ତି...*

ଏମିତି ସ୍ତ୍ରୀ। ପୋଷାକ ସଫା ସହ ଇସ୍ତ୍ରୀ କରିବା ଲାଗି ପ୍ରତି ମାସ ସେ ୯୨ ହଜାର ଟଙ୍କା ନେଇଥାନ୍ତି। ଝାଡୁ ପୋଛା ଲାଗି ପ୍ରତିଦିନ ହଜାରେ ଟଙ୍କା ନିଅନ୍ତି। ତେବେ ମାସକୁ ରୋଷେଇ ପାଇଁ ୩୪ ହଜାର ଟଙ୍କା ନେଉଥିବା ବେଳେ ପିଲାଙ୍କ ପାଇଁ ରୋଷେଇ କରିବାକୁ ଅତିରିକ୍ତ ୧୭ ହଜାର ଟଙ୍କା ମାସକୁ ଅଲଗା ନେଇଥାନ୍ତି। କେବଳ ସେତିକି ନୁହେଁ, ପ୍ରତିଦିନ ଧୂଳି ଝାଡ଼ିବା ପାଇଁ ୯ ହଜାର ଟଙ୍କା, ବେଡସିଟ୍ ସଫା ଓ ଏହାକୁ ବଦଳାଇବା ପାଇଁ ୨୩୦୦ ଟଙ୍କା ନିଅନ୍ତି। ଅନ୍ୟପକ୍ଷରେ କିଛି ଲୋକ ଏହାକୁ ଥଟ୍ଟା ପରିହାସ ବୋଲି କହିଥିବା ବେଳେ ଆଉ କିଛି ଏହାକୁ ମହିଳାଙ୍କର ଘର କାମକୁ ନେଇ ନୂଆ ଓ ରୋଚକୀୟ ଦୃଷ୍ଟିକୋଣ ବୋଲି କହିଛନ୍ତି।

# ରାତିରେ ଖାଆନ୍ତୁନି ଏସବୁ ଖାଦ୍ୟ



**ଫଳ:** ଫଳରେ ଅନେକ ପୋଷକତତ୍ତ୍ୱ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ।

**ତେଲ ମସଲାଯୁକ୍ତ ଖାଦ୍ୟ:** ରାତ୍ରଭୋଜନରେ ଏଭଳି ଖାଦ୍ୟ ଖାଇଲେ ହଜମ ନ ହୋଇପାରି ଏସିଡିଟି, ଗ୍ୟାସ୍ ଏବଂ ଛାତି ଜଳିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର।

**ଚା କିମ୍ବା କଫି:** ଅନେକଙ୍କର ସକାଳୁ ଉଠିଲେ ଏବଂ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅଭ୍ୟାସ ରହିଛି। ହେଲେ ଆପଣ ଜାଣନ୍ତି କି ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ।

**ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ଅନେକେ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଖାଇଲେ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହା ବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର ମଣିଷଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।



# ଛେନା ମସଲା

**ଆବଶ୍ୟକ ସାମଗ୍ରୀ:** କ୍ଷୀର, କଞ୍ଚା ଲଙ୍କା, ଟମାଟୋ କଟା, ପିଆଜ କଟା, ଅଦା ପେଷ୍ଟ, ରସୁଣ ପେଷ୍ଟ, ଗୋଟା ଜିରା, ଗରମ ମସଲା (ଡାଲଚିନି, ଗୁଜୁରାତି ଓ ଜିରାରେ ପ୍ରସ୍ତୁତ), ରିଫାଇନ୍ ତେଲ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ଲେମ୍ବୁ, ପାଣି ଓ ଧନିଆ ପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛେନା ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ କ୍ଷୀର ଢାଳି ଚୁଲିରେ ବସାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଫୁଟିଯିବା ପରେ ସେଥିରେ ଲେମ୍ବୁ ରସ ପକାନ୍ତୁ। କ୍ଷୀର ଛିଣ୍ଡି ଛେନା ପ୍ରସ୍ତୁତ ହୋଇଯିବା ପରେ ସେହି ଛେନାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ଏବେ ଚୁଲିରେ ଏକ କଡ଼େଇ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଜିରା ପକାନ୍ତୁ। ତା'ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ବାଦାମି ରଙ୍ଗ ହୋଇ ଆସିଲେ ସେଥିରେ କଞ୍ଚା ଲଙ୍କା ଓ ଟମାଟୋ ପକାଇ ଭାଜନ୍ତୁ। ଏହାପରେ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଅଦା ଓ ରସୁଣ ପେଷ୍ଟ ପକାଇ ଭଲଭାବେ କଷନ୍ତୁ। ମସଲା କଷି ହୋଇଯିବା ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ ଓ ୨ ମିନିଟ୍ ସେମିତି ଛାଡ଼ି ଦିଅନ୍ତୁ। ମସଲା କଡ଼େଇରେ ନ ଲାଗିବା ପାଇଁ ଅଳ୍ପ ପାଣି ଦେବେ। କିନ୍ତୁ ମସଲା ପାଣିଆ କରିବେନି ଶୁଖିଲା ହିଁ ରଖିବେ। ମସଲା ପ୍ରସ୍ତୁତ ହୋଇଯିବା ପରେ ସେଥିରେ ଛେନାକୁ ଗୁଣ୍ଡକରି ପକାନ୍ତୁ। ତା'ପରେ ତାକୁ ଭଲଭାବେ ଗୋଳାଇ ଦିଅନ୍ତୁ। ମସଲାରେ ଛେନା ଭଲ ଭାବେ ମିଶିଯିବା ପରେ ଚୁଲିରୁ କଡ଼େଇ ଓହ୍ଲାଇ ଦିଅନ୍ତୁ। ତା'ପରେ ତାକୁ ଏକ ପାତ୍ରରେ କାଢ଼ି ଦେଇ ଉପରେ ଅଳ୍ପ ଧନିଆ ପତ୍ର ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଛେନା ମସଲା'। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ।


# ହୀରାମଣ୍ଡି ଅଭିନେତ୍ରୀଙ୍କୁ ମିଳୁନି କାମ

୨୦୨୪ରେ ସଞ୍ଜୟଲୀଳା ଭଂସାଲୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ୱେବ୍‌ସିରିଜ୍ 'ହୀରାମଣ୍ଡି'। ଏହି ୱେବ୍‌ସିରିଜ୍‌ରେ ଏକାଧିକ ବଲିଉଡ୍ ଅଭିନେତ୍ରୀ ନିଜ ଜଲୱା ଦେଖାଇଥିଲେ। ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମ୍ ହୋଇଥିବା ଏହି ୱେବ୍‌ସିରିଜ୍‌କୁ ଖୁବ ପସନ୍ଦ କରିଥିଲେ ଦର୍ଶକ। ପ୍ରତ୍ୟେକ ଭୂମିକା ଦର୍ଶକଙ୍କ ଉପରେ ପ୍ରଭାବ ପକାଇଥିଲା। ଏହାପରେ ବି 'ହୀରାମଣ୍ଡି' ଅଭିନେତ୍ରୀଙ୍କୁ ଏବେ ଇଣ୍ଡଷ୍ଟ୍ରିରେ କାମ ମିଳିବା ମୁସ୍କିଲ ହୋଇପଡ଼ିଛି। ଏହାକୁ ନେଇ ଖୋଦ ଜଣେ ଅଭିନେତ୍ରୀ ଏକ ସାକ୍ଷାତକାର ବେଳେ ଖୁଲାସା କରିଛନ୍ତି। ସଞ୍ଜୟଲୀଳା ଭଂସାଲୀଙ୍କ ୱେବ୍‌ସିରିଜ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଥିଲେ ଅଦିତିରାଓ ହାଇଦରୀ। ନିଜ ଅଭିନୟ ବଳରେ ସେ ଦର୍ଶକଙ୍କ ମନ ଜିତିବାରେ ସଫଳ ହୋଇଥିଲେ। ସଫଳତା ସତ୍ତ୍ୱେ ତାଙ୍କ ହାତରେ ଏବେ କୌଣସି ପ୍ରୋଜେକ୍ଟ ନାହିଁ। ଏହି ସାକ୍ଷାତକାରରେ ମନୋରଞ୍ଜନ ଦୁନିଆରେ ଅଭିନେତ୍ରୀମାନଙ୍କୁ କେଉଁ ସବୁ ଚ୍ୟାଲେଞ୍ଜର ସାମ୍ନାକୁ କରିବାକୁ ପଡ଼େ ତାହାରି ଉପରେ ଆଲୋଚନା କରିଥିଲେ। ଅଦିତି କହିଛନ୍ତି, "'ହୀରାମଣ୍ଡି'ରେ ଅଭିନୟ ପାଇଁ ମୋତ ଖୁବ୍ ଭଲପାଇବା ଓ ପ୍ରଶଂସା ମିଳିଥିଲା। କିନ୍ତୁ ଏହି ସଫଳତା ପରେ ବି ମୋତେ କାମ ମିଳିବା ମୁସ୍କିଲ ହୋଇଯାଇଛି। ହାତରେ ଏବେ କୌଣସି ପ୍ରୋଜେକ୍ଟ ନାହିଁ। 'ହୀରାମଣ୍ଡି'ରୁ ବହୁତ କିଛି ପାଇଲି, କିନ୍ତୁ ଏଯାଏଁ ନୂଆ କାମ ପାଇଲି ନାହିଁ। ମୁଁ କାମ ଅପେକ୍ଷାରେ ଅଛି।" ସଞ୍ଜୟଲୀଳା ଭଂସାଲୀଙ୍କ ନିର୍ଦ୍ଦେଶିତ 'ହୀରାମଣ୍ଡି' ଦି ଡାଇମଣ୍ଡ ବଜାରରେ ମନୀଷା କୋଇରାଲା, ସୋନାକ୍ଷୀ ସିହ୍ନା, ଆଦିତ୍ୟ ରାଓ ହାଇଦରୀ, ରିଚା ଚଡ୍‌ଢା, ସଞ୍ଜୀଦା ଶେଖ, ଶର୍ମିନ୍ ସେହଗଲ ପ୍ରମୁଖ ଅଭିନୟ କରିଥିଲେ। ଏହି ୱେବ୍ ସୋ' ନେଟଫ୍ଲିକ୍ସରେ ମେ ୧, ୨୦୨୪ରେ ପ୍ରିମିୟର୍ ହୋଇଥିଲା।



# ଡନ୍-୩ର ନାୟିକା ହୋଇପାରନ୍ତି କ୍ରୀତି

ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ ତାଙ୍କ ଅପକମିଂ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ଭିତରେ ରିପୋର୍ଟ ଆସୁଛି ଯେ କ୍ରୀତି ଫିଲ୍ମ ଡନ୍-୩ରେ ନଜର ଆସିପାରନ୍ତି। ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଗଣମାଧ୍ୟମ କର୍ମଚାରୀ ତାଙ୍କୁ ଲେଡି ଡନ୍ ବୋଲି କହି ଡାକିବା ପରେ ସେ ହସି ଦେଇଥିଲେ। ଫିଙ୍କ୍ ଭିଲା ରିପୋର୍ଟ ଅନୁସାରେ, କ୍ରୀତି ସାନନ ଡନ୍-୩ ପାଇଁ ରଣବୀର ସିଂଙ୍କ ସହ କାମ କରିବାକୁ ରାଜି ହୋଇଛନ୍ତି। ହେଲେ ଏବେ ସେ ଫିଲ୍ମରେ ସାଇନ୍ କରିନାହାନ୍ତି। ଶୀଘ୍ର ସେ ସାଇନ କରିପାରନ୍ତି। ରିପୋର୍ଟରେ ଆଗକୁ କୁହାଯାଇଛି, ଫିଲ୍ମର ନିର୍ଦ୍ଦେଶକ ଫରହାନ୍ ଅଖତର ଏବଂ ତାଙ୍କ ଟିମ୍‌କୁ ଏପରି ଜଣେ ଅଭିନେତ୍ରୀ ଦରକାର ଥିଲେ ଯେ ଭଲ ଅଭିନୟ କରିବା ସହ ସ୍କ୍ରିନ୍‌ରେ ଦମ୍‌ଦାର ପ୍ରଭାବ ମଧ୍ୟ ରହିବ। ଟିମ୍‌କୁ କ୍ରୀତି ଉପଯୁକ୍ତ ଲାଗିଥିଲେ। ତେବେ ଏ ବାବଦରେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଔପଚାରିକ ଭାବେ କିଛି କୁହାଯାଇନାହିଁ। ଡନ୍-୩ରେ ରଣବୀର ସିଂ ରହିଛନ୍ତି। ଫିଲ୍ମରେ ତାଙ୍କ ବିପରୀତରେ କିଆରା ଆଡଭାନି ଅଭିନୟ କରିବାର ଥିଲା। କିନ୍ତୁ ଗର୍ଭବତୀ ଥିବା କାରଣରୁ କିଆରା ଏହି ଫିଲ୍ମ ଛାଡ଼ି ଦେଇଛନ୍ତି। ଡନ୍-୩ ୨୦୨୬ରେ ମୁକ୍ତିଲାଭ କରିବାର ଅଛି।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମିଶନ ଶକ୍ତି ଅଧୀନ ଦେମାଳ ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ ବା ଜିପିଏଲଏଫରେ ରଜ ଉତ୍ସବ ଖୁବ ଧୂମଧାମରେ ପାଳିତ ହୋଇଯାଇଛି। ଏହି ସଭାରେ ଦେମାଳ ଜିପିଏଲଏଫର ସଭାପତି ରେଖା ଜେନା ଓ ସମ୍ପାଦିକା ଅନୁପମା ଦାସ ଅଧ୍ୟକ୍ଷତା କରିଥିବା ବେଳେ ଏମ୍ବିକେ ଅନୁସୟା ସାହୁ, ସିଆରପି ଉର୍ବଶୀ ସିଂ, ସୌଦାମିନୀ ବେହେରା, ସରସ୍ୱତୀ ବିଶ୍ୱାଳ, ସ୍ୱାଗତିକା ବେହେରା, ସାଗରୀକା ସାମଲ, ମନୋରମା ସେନାପତି ଓ ରେଣୁକା ମଲିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଦିନ ତମାମ ନୃତ୍ୟ, ସଂଗୀତ, ମିଠା ଆଦାନ ପ୍ରଦାନ, ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗୀତା, ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମ ରେ ଦେମାଳ ଜିପିଏଲଏଫ ମହିଳାମାନେ ମସଗୁଲ ଥିଲେ। ଶେଷରେ ସମସ୍ତେ ଏକାଠି ହୋଇ ରଜପାନ ବଣ୍ଟନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ପ୍ରଦାନ କରିଥିଲେ। ସେମାନେ ପ୍ରତ୍ୟକ ବର୍ଷ ଏଇଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ରଜପର୍ବ ପାଳନ କରିଥାନ୍ତି ବୋଲି ସଭାପତି ରେଖା ଜେନା ଓ ସମ୍ପାଦିକା ଅନୁପମା ଦାସ ମତବ୍ୟକ୍ତ କରିଥିଲେ।

# ଅବାଧରେ ବିକ୍ରି ଚାଲିଛି ନିମ୍ନମାନର ଖାଦ୍ୟ ପଦାର୍ଥ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ୬ଟି ଜିଲ୍ଲାକୁ ଡାଇରିଆ ବ୍ୟାପିଛି। ଯାଜପୁର ଜିଲ୍ଲା ସମେତ ଢେଙ୍କାନାଳ, ଭଦ୍ରକ, କେନ୍ଦ୍ରପଡା, କେନ୍ଦୁଝର, କଟକରେ ବହୁ ଡାଇରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଡାଇରିଆରେ ୧୪ଜଣଙ୍କ ଜୀବନ ଗଲାଣି। ଡାଇରିଆ ସ୍ଥିତି ଉଦ୍‌ବେଗଜନକ ଥିବାବେଳେ ଝାଡାବାନ୍ତି ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି। ଡାଇରିଆ ସଂକ୍ରମଣକୁ ନଜରରେ ରଖି ସର୍ତକତା ପଦକ୍ଷେପ କେନ୍ଦୁଝର ଜିଲ୍ଲା ପ୍ରଶାସନ ନେବା ଆବଶ୍ୟକ। କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ଜିଲ୍ଲାର ପ୍ରାଣକେନ୍ଦ୍ର କେନ୍ଦୁଝର ସହର ମୁଖ୍ୟାଳୟଠାରେ ହୋଟେଲ, ଢାବା, ମିଠା ଦୋକାନ, ଦହିବରା, ଚାଟ ଦୋକାନ ରାସ୍ତା କଡରେ ଥିବା ଛୋଟବଡ କ୍ୟାବି ମାନଙ୍କରେ ଦୂଷିତ ଓ ବାସି ଖାଦ୍ୟ ଲୋକଙ୍କୁ ବିକ୍ରୟ କରିବା ଏକ ନୀତିଦିନିଆ ଘଟଣା ହୋଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ନଜର ଅନ୍ଦାଜ କରୁଛନ୍ତି। ରାସ୍ତାକଡ ଖାଦ୍ୟ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡାକଡି ପଦକ୍ଷେପ ନେବା ଜରୁରୀ। କେନ୍ଦୁଝର ସହରକୁ ପ୍ରତ୍ୟେକ ଦିନ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ଏହାର ସୁଯୋଗରେ ସହରରେ ବହୁଳ ମାତ୍ରାରେ ନିମ୍ନମାନର ଓ ଅପମିଶ୍ରିତ ଖାଦ୍ୟ ପଦାର୍ଥ ମୁନାଫାଖୋର ବ୍ୟବସାୟୀ ମାନଙ୍କ ଦ୍ୱାରା ଅବାଧରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ହୋଟେଲ ଏବଂ ଫାଷ୍ଟଫୁଡ ଷ୍ଟଲ ଗୁଡିକର ପରିମଳ ବ୍ୟବସ୍ଥା ବଜାୟ ରଖାଯାଉ ନାହିଁ। ନିମ୍ନମାନର ଖାଦ୍ୟ ଲୋକମାନଙ୍କୁ ପରସା ଯାଉଥିବା ଅଭିଯୋଗ ହେଉଛି। ବାସି ମାଛ, ବାସି ଚିଙ୍ଗୁଡି, ବାସି ଚିକେନ, ବାସି ମଟନ, ବାସି ଚାଉମିନ ଇତ୍ୟାଦି ବିକ୍ରୟ କରାଯାଉଛି। ଏଥିସହ ଜଳଖିଆ ହୋଟେଲ ଗୁଡିକରେ ବାସି ମିଠା ଓ ବାସି ବରା, ପିଆଜି, ଜିଲାପି, ସିଙ୍ଗଡା, ଆଳୁଚପ୍ ବିକ୍ରୟ କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ରୋକିବାକୁ କିମ୍ବା ଯାଞ୍ଚ କରିବାକୁ ପ୍ରଶାସନ ନଜର ଦେଉନାହିଁ। ଫଳରେ ଅତି ନିକୃଷ୍ଟ ଧରଣର ଖାଦ୍ୟ ସାମଗ୍ରୀ ଓ ପୋଡା ତେଲ ବ୍ୟବହାର କରି ବ୍ୟବସାୟୀ ମାନେ ଖାଦ୍ୟ ପଦାର୍ଥ ତିଆରି କରୁଛନ୍ତି। ଓଡିଶା ମ୍ୟୁନିସିପାଲ ଆକ୍ଟ ଅନୁଯାୟୀ ଜଳଖିଆ ଦୋକାନ ହୋଟେଲ ଗୁଡିକ ତଦାରଖ କରିବା ପାଇଁ ସ୍ୱାସ୍ଥ୍ୟ ନିରୀକ୍ଷକ ମଧ୍ୟ ତାଙ୍କ କାର୍ଯ୍ୟ ଠିକ୍ ଭାବେ କରୁନାହାଁନ୍ତି। ସୂଚନାଯୋଗ୍ୟ ଯେ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧିନରେ ଥିବା ଫୁଡ୍ ଇନ୍ସପେକ୍ଟର କେନ୍ଦୁଝର ସହରରେ ତାଙ୍କର କାର୍ଯ୍ୟ ନିର୍ବାହ କରୁଥିବା ଲୋକ ଲୋଚନକୁ ଆସୁନଥିବା ପରି ଜଣାପଡୁଛି। ଖାଦ୍ୟ ନିରାପତ୍ତା ଟିମ୍ ଡାଇରିଆର ପ୍ରତିରୋଧ ଓ ପ୍ରତିଷେଧମୂଳକ ପଦକ୍ଷେପ ଗୁଡିକୁ ବ୍ୟାପକ କରିବା ଜରୁରୀ। କେନ୍ଦୁଝର ସହର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଜଳଖିଆ, ଢାବା, ଟୋଟେଲ ଠାରୁ ଆରମ୍ଭ କରି ରାସ୍ତା କଡରେ ଠେଲାଗାଡି, ଗୁପଚୁପ୍, ବେନାମୀ କମ୍ପାନୀର ଆଇସକ୍ରିମ, ସାଇକେଲ ପଛରେ ଜଳଖିଆ, ଦହିବରା, ହୋଟେଲ ମାନଙ୍କରେ ଦୂଷିତ ପରିବେଶରେ ଅପମିଶ୍ରିତ ଖାଦ୍ୟପଦାର୍ଥ ଏବଂ ବାସି ଖାଦ୍ୟ ବିନା ଦ୍ୱିଧାରେ ବ୍ୟବସାୟୀମାନେ ବିକ୍ରି କରୁଛନ୍ତି। ଗ୍ରାହକମାନଙ୍କୁ ଖାଇବା ପରେ ଯେଉଁ ପାଣି ଦିଆଯାଉଛି ତାହା ମଧ୍ୟ ସଫାସୁତୁରା ରହୁ ନଥିବାରୁ ବିଭିନ୍ନ ପେଟଜନିତ ରୋଗ ହେଉଛି। ପାଟିକୁ ସୁଆଦ ଲାଗୁଥିବା ଏହି ଖାଦ୍ୟ ପଦାର୍ଥ ଖାଇ ଲୋକମାନେ ଦୂରାରୋଗ୍ୟ ରୋଗକୁ ଆମନ୍ତ୍ରଣ କରିବା ଛଡା ଅନ୍ୟ ଉପାୟ ନଥିବା କୁହାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ ଖାଦ୍ୟ ନିରୀକ୍ଷକଙ୍କୁ ଏହି ଦୂଷିତ ଓ ଅପମିଶ୍ରିତ ଖାଦ୍ୟର ସାମ୍ପୁଲ ସଂଗ୍ରହ କରି ଏହାର ମାନ ନିର୍ଦ୍ଧାରଣ କରିବା କେବେ ପରିଲକ୍ଷିତ ହେଉନାହିଁ। ଜନସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଉନଥିବା ଯୋଗୁଁ ରାସ୍ତାକଡରେ ଦୂଷିତ ପରିବେଶ ମଧ୍ୟରେ ଠେଲା ଗାଡିରେ ଖାଦ୍ୟପଦାର୍ଥ ବିକ୍ରି ବହୁଳ ଭାବରେ ହେଉଛି। ହୋଟେଲ ମାନଙ୍କରେ ସେହିଭଳି ବାସି ପଚାସଢ଼ା ପନିପରିବା, ନିମ୍ନମାନର ତେଲ ମସଲା ଦ୍ୱାରା ପ୍ରସ୍ତୁତ ଖାଦ୍ୟପଦାର୍ଥ ଖୁଲମଖୁଲ୍ଲା ବିକ୍ରି ଚାଲିଛି। ବିଶେଷ କରି ବର୍ଷାଦିନେ ଏଭଳି ଖାଦ୍ୟ ପଦାର୍ଥ ଖାଇ ବହୁ ଲୋକ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଖାଦ୍ୟ ପଦାର୍ଥରେ ଭଣଭଣ ମାଛି ବସି ଖାଦ୍ୟକୁ ଆହୁରି ଦୂଷିତ କରିପକାଉଛି। ସେହି ପ୍ରସ୍ତୁତ ଖାଦ୍ୟକୁ ଦୋକାନୀମାନେ ଲୋକମାନେ ନିର୍ଭୟରେ ବିକ୍ରି କରି ବେଶ ଦୁଇ ପଇସା ରୋଜଗାରରେ ମାତିଛନ୍ତି। କେତେକ ଜାଗାରେ ରାସ୍ତାର ଧୂଳି ଓ ବର୍ଷା ପାଣି ଜଳଖିଆ ଦୋକାନୀମାନଙ୍କ ପ୍ରସ୍ତୁତ ଖାଦ୍ୟପଦାର୍ଥ ଉପରେ ପଡୁଥିବା ବେଳେ ଗୋଟିଏ ଗୋଟିଏ ପାଣି କୁଣ୍ଡ ରଖି ସେହି ପାଣିକୁଣ୍ଡରେ ବାରମ୍ୱାର ଅଇଁଠା ବାସନ ଧୂଆ ଯାଉଥିବା ଦେଖିବାକୁ ମିଳୁଛି। ବଜାରରେ ଦୂଷିତ ଓ ପଚାସଢ଼ା ଖାଦ୍ୟ ବିକ୍ରୟ ଉପରେ ଲଗାମ ଲଗାଇବା ପାଇଁ ସରକାରୀ କଳ ଅଛି ସିନା ତାହା କିନ୍ତୁ କାମକୁ ନାହିଁ। କେନ୍ଦୁଝର ସହର ସମେତ ଆଖପାଖର ଶହ ଶହ ଜଳଖିଆ ଦୋକାନ ରେଜେଷ୍ଟ୍ରିଭୁକ୍ତ ଅଛି କି ନାହିଁ ତାହାର ଯାଞ୍ଚ ସଠିକ୍ ଭାବେ ହେଉ ନଥିବାରୁ ଅବାଧରେ ପଚାସଢ଼ା ଖାଦ୍ୟ ବିକ୍ରି ଚାଲିଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ସଜାଗ ନହେଲେ ଆଗକୁ ବର୍ଷା ଦିନ ଆସୁଥିବାରୁ ପରିସ୍ଥିତ ଅଣାୟତ ହେବ ବୋଲି ମତପ୍ରକାଶ ପାଉଛି।



# ଦୁର୍ଘଟଣାରେ ଗୁରୁତର ଚିକିତ୍ସାଧୀନ ଗୁରୁମାଙ୍କ ମୃତ୍ୟୁ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ବାଇକ ଧକ୍କାରେ ଗୁରୁତର ଆହତ ହୋଇ ବିଶାଖାପାଟଣାର ଏକ ଘେରାଇ ହସ୍ପିଟାଲେର ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ସକାଳେ ଗୁରୁମା ଭି. ସରସ୍ୱତୀଙ୍କ ମୃତ୍ୟୁ ହୋଇଛି। ସୂଚନା ଥାଉକି ଗତ ୧୨ ତାରିଖେର ବ୍ରହ୍ମପୁରରୁ ବସ ଯୋଗେ ଛତ୍ରପୁର ଫେରି ତଡ଼ୋପଲି ଜଗନ୍ନାଥ ମନ୍ଦିର ସମ୍ମୁଖ ନିଜ ଘରକୁ ଭି. ସରସ୍ୱତୀ ଓ ତାଙ୍କ ଝିଅ ଭୁବନା ଚାଲି ଚାଲି ଯାଉଥିଲେ। ସେହି ସମୟେର ସ୍ଥାନୀୟ ପୋଲିସ ପଡିଆ ସମ୍ମୁଖେର ଛତ୍ରପୁର ସ୍ଥିତ ବାରକ୍ ସାହିର ମେନାଜ ରାଓ ଦ୍ରୁତଗତିରେ ଏକ ବାଇକ୍‌ରେ ଆସି ମା ଓ ଝିଅକୁ ପଛରୁ ଧକ୍କା ଦେଇଥିଲା। ଫଳେର ଉଭୟ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଦୁର୍ଘଟଣାରେ ସରସ୍ୱତୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ଝିଅ ଭୁବନାଙ୍କ ହାତ ଭାଙ୍ଗିଯାଇଥିଲା। ପରେ ଉଭୟ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ପରବର୍ତ୍ତୀ ସମୟେର ଅପେରସନ ପାଇଁ ଉଭୟଙ୍କୁ ବିଶାଖାପାଟଣାର ଏକ ଘରୋଇ ମେଡ଼ିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀଙ୍କ ମୃତୁ ଘଟିଥିଲା। ଏହି ମୃତୁ ଖବର ଶୁଣି ଛତ୍ରପୁର ସହରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସରସ୍ୱତୀ ଜଣେ ଶିକ୍ଷୟତ୍ରୀ ଥିଲେ ଏବଂ ଛତ୍ରପୁର ସ୍ଥିତ ଶ୍ରୀରାମନଗର ସରସ୍ୱତୀ ଶିଶୁମନ୍ଦିରରେ ଶିକ୍ଷାଦାନ କରୁଥିଲେ। ଏହିଭଳି ଗୁରୁମାଙ୍କୁ ହରେଇ ସମସ୍ତ ଗୁରୁଜୀ ଓ ଗୁରୁମା ଭାଙ୍ଗି ପଡିଛନ୍ତି। ଗୁରୁମା ଜଣଙ୍କ ଛତ୍ରପୁର ସ୍ଥିତ ତଡ଼ୋପଲିର ଏମ୍ ପ୍ରକାଶଙ୍କ ସ୍ତ୍ରୀ। ମା'ଙ୍କ ମୃତୁ ଘଟିଥିବା ବେଳେ ଝିଅ ଭୁବନା ବିଶାଖାପାଟଣାର ଏକ ଘେରାଇ ମେଡ଼ିକାଲରେ ହାତ ଭାଙ୍ଗି ଚିକିତ୍ସିତ ହେଉଛନ୍ତି। ଏନେଇ ଛତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି ଏବଂ ପୋଲିସ ତଦନ୍ତ ଜାରି ରଖିଛି।

## ସାପ କାମୁଡ଼ାରେ ଛାତ୍ର ମୃତ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍):ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ସଦର ପଞ୍ଚାୟତ ଏକ ନମ୍ବର ୱାର୍ଡ ବଡ଼ଦ୍ୱାର ସାହି ସ୍ୱର୍ଗତ ସୁରେନ୍ଦ୍ର କୌଶଲ୍ୟାଙ୍କ ପୁତ୍ର ନିତିକ କୌଶଲ୍ୟାଙ୍କ ମୃତ୍ୟୁ ଖବରକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ ଗତ କାଲି ରାତିରେ ନିତିକ ଖାଇସାରି ନିଜଘରେ ଶୋଇଥିଲା। ଏତିକି ବେଳେ ହଠାତ ବିଷଧର ସର୍ପ ଟି ନିତିକକୁ ଧ୍ୱଂସନ କରିବା ଫଳରେ ଚମକି ଉଠି ଘର ଲୋକଙ୍କୁ କହିଥିଲା। ଘରଲୋକେ ଓ ସାହି ପୋଡ଼ସୀ ସାଙ୍ଗେ ସାଙ୍ଗେ ନିତିକକୁ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ସହ ସର୍ପକୁ ଖୋଜା ଖୋଜି କରିଥିଲେ କିନ୍ତୁ ସର୍ପଟି ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା। କାର୍ଯ୍ୟରତ ଡାକ୍ତର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ନିତିକର ଅବସ୍ଥା ଗୁରୁତର ଥିବାରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସା ସମୟରେ ଡାକ୍ତର ନିତିକକୁ ମୃତ୍ୟୁ ଘୋଷଣା କରିଥିଲେ।

# ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଓ ବିଶ୍ୱ ପାଣିପାଗ ବିଭାଗର ଉପାଧ୍ୟକ୍ଷ ମିଳିତ ରାଷ୍ଟ୍ରସଂଘ ଦ୍ୱାରା 'ସାସାକାୱା' ପୁରସ୍କାରରେ ପୁରସ୍କୃତ ଡ଼କ୍ଟର ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଘଣ୍ଟେଶ୍ୱର ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷିରେ ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାଗୃହରେ ଅଧ୍ୟକ୍ଷ ପ୍ରାଧ୍ୟାପକ ନିରଞ୍ଜନ ନାଥଙ୍କ ସଭାପତିତ୍ୱ ଓ ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପିକା ସଂଯୁକ୍ତା ଭାରତୀ ସ୍ୱାଗତ ଭାଷଣ ଦେଇଥିଲାବେଳେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର ଡ଼କ୍ଟର ମହାପାତ୍ରଙ୍କ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଡ. ମହାପାତ୍ର ଯୋଗ ଦେଇ ସ୍ଥାନୀୟ ଅଞ୍ଚଳର ବହୁ ଜ୍ଞାନୀଗୁଣୀ ବ୍ୟକ୍ତି ଓ ଉତ୍ସାହୀ ଛାତ୍ର ଛାତ୍ରୀଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଅତି ସୁନ୍ଦର ଭାବେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଧୀରେନ୍ଦ୍ର ବେହେରା, ଘଣ୍ଟେଶ୍ୱର ଡିଗ୍ରୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଗଙ୍ଗାଧର ଭଳ, ଘଣ୍ଟେଶ୍ୱର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ପାଣିଗ୍ରାହୀ, ଡକ୍ଟର ରାଧାପଦ ଘୋଷ, ଶିକ୍ଷାବିତ୍ ଲକ୍ଷ୍ମୀଧର ମହାପାତ୍ର, ଇଂ କାହ୍ନୁ କିଶୋର ସାହୁ, ଯୁବ ଆଇନଜୀବୀ ବିକାଶ ନାଥ, ଯୁବ ସାମ୍ବାଦିକ ନିଶିକାନ୍ତ ବେହେରା, ସମାଜସେବୀ ଦିଗମ୍ବର ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ଜଗବନ୍ଧୁ ଧନୀ, ପ୍ରକାଶ ବାରିକ, ଗ୍ରନ୍ଥଗାରିକ ପ୍ରଦୀପ କର, କ୍ରୀଡା ପ୍ରଶିକ୍ଷକ ରାଜକିଶୋର ଦାଶ, ଟୁକୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମରଣସଭା



ବ୍ରହ୍ମପୁର,(ଭାସ୍କର ନ୍ୟୁଜ୍): ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟପୂଜା ସମିତି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ତିରୋଧାନ ଦିବସ ପାଳନ ହୋଇଯାଇଛି। ସ୍ଥାନୀୟ ଗିରିରୋଡ ଗୋପବନ୍ଧୁ ଛକ ସ୍ଥିତ ପ୍ରତିମୂର୍ତ୍ତୀରେ ଯଥା ମର୍ଯ୍ୟାଦାର ସହ ସମିତି ସଭାପତି ଆର. ସତ୍ୟ ନାରାୟଣ ରାଓ ଓ ମାନବ ଅଧିକାର ସୁରକ୍ଷା ମଞ୍ଚ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ ମାଲ୍ୟାର୍ପଣ କରିଥିଲେ। ସମିତି ସମ୍ପାଦକ ଏସ. ସାମ୍ବାସିବା ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମରଣ ସଭାରେ ସହରର ଅନେକ ବୁଦ୍ଧିଜୀବୀ ଯୋଗଦେଇ ଗୋପବନ୍ଧୁଙ୍କ ବିଷୟରେ ଆଲୋଚନା କରିଥିଲେ। ସେ କହୁଥିଲେ 'ଭାଷା ହିଁ ଜାତିର ପ୍ରାଣସ୍ପନ୍ଦନ'। ହଇଜା ରୋଗୀଙ୍କ ସେବା ପାଇଁ ପୁରୀ ସେବା ସମିତି ଗଢ଼ିବା ସହ କଲିକତାରେ ପ୍ରବାସୀ ଓଡ଼ିଆଙ୍କ ସହାୟତା ପାଇଁ ଓଡ଼ିଆ ଶ୍ରମିକ ସଂଘ ଗଠନ କରିଥିଲେ। ସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। କାରାଗାରରେ ଥିବା ବେଳେ କାରା କବିତା ଓ ବନ୍ଦୀର ଆତ୍ମକଥା ରଚନା କରିଥିଲେ। ଅନ୍ୟାନ୍ୟ କୃତି ମଧ୍ୟରେ ଧର୍ମପଦ, ନଚିକେତା, ଉପାଖ୍ୟାନ, ଗୋମାହାତ୍ମ୍ୟ ଆଦି ଅନ୍ୟତମ। କଲିକତା ଠାରେ ଟାଇଫୋଏଡ ଜ୍ୱରରେ ଆକ୍ରାନ୍ତ ହୋଇ ସତ୍ୟବାଦୀକୁ ଫେରିଲା ପରେ ୧୯୨୮ ମସିହା ଜୁନ ୧୭ ତାରିଖରେ ତାଙ୍କ ଦେହାନ୍ତ ଘଟିଲା। ତାଙ୍କ ଆଦର୍ଶଗତ ରାଜନୈତିକ ଜୀବନଠୁ ବର୍ତ୍ତମାନର ରାଜନେତାମାନେ ଅନେକ କଥା ଶିଖିବାର ଆବଶ୍ୟକତା ରହିଛି। ତ୍ୟାଗ ଓ ସେବାର ପ୍ରତୀକ ଭାବେ ଗୋପବନ୍ଧୁ ଦାସ ସବୁବେଳେ ପରିଚିତ ଓ ନମସ୍ୟ ବୋଲି ଉପସ୍ଥିତ ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋଜ ତରାଇ, ହୃଷୀକେଶ ପାତ୍ର, ପ୍ରଭାକର ସାହୁ, ଶିକ୍ଷକ ସଂଗଠନ ନେତା ବିଜୟ କୁମାର ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, ପି.ନାଗେଶ୍ୱର ରାଓ, ଏମ.ଏସ.ମଲ୍ଲିକ୍, ବୀରେନ କୁମାର ବେହେରା, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରମୋଦ ମହାରଣା, ମହମ୍ମଦ ଆସଲମ୍, ଅଶୋକ ଦଳାଇ ପ୍ରମୁଖ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ



କୁଜଙ୍ଗ, (ଭାସ୍କର ନ୍ୟୁଜ୍): କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତରେ ପାରାଦୀପ ବିଧାୟକ ତଥା ଶିକ୍ଷ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ କରିଛନ୍ତି। ନୂଆଗଡ଼ ପଞ୍ଚାୟତର ମୁଖ୍ୟ ପ୍ରବେଶ ଦ୍ୱାର ଉଦଘାଟନ ସହିତ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବାଲଡ଼ିଆ ଓ ସିଙ୍ଗିଟାଳି ଗ୍ରାମରେ ଇ-ପାଠାଗାର ନିର୍ମାଣ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବାଲଡ଼ିଆରେ ଯୋଗ ଘର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗାଁ'ର ବିକାଶ ହେଲେ ସମୃଦ୍ଧ ଓଡ଼ିଶାର ପରିକଳ୍ପନା ସମ୍ଭବ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ପ୍ରତି ପଞ୍ଚାୟତରେ ସର୍ବାଙ୍ଗୀନ ଉନ୍ନତି କରିବା ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ଓ ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ବାଲଦିଆ ଗ୍ରାମରେ ବିକାଶ ବାହନ ଗାଡି 'ଏକ ବର୍ଷ ଉପଲବ୍ଧି ଅନେକ' ଉପରେ ଲୋକେ ସେମାନଙ୍କ ମତାମତ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ସରକାରଙ୍କ ୧ବର୍ଷ କାର୍ଯ୍ୟକ୍ରମର ସଫଳ ଉପଲବ୍ଧି ଓ ବିଭିନ୍ନ ବିକାଶ ମୂଳକ କାମ ବିଷୟରେ ବର୍ଣ୍ଣନା କରିଥିଲେ। ଏଥିସହିତ ଦିବ୍ୟାଙ୍ଗ ଭତ୍ତା, ବିଧବା ଭତ୍ତା ଓ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲିପ କୁମାର ବେହେରା, ପୂର୍ବତନ ମଣ୍ଡଳ ସଭାପତି ରଶ୍ମିରଞ୍ଜନ ସାମନ୍ତରାୟ, ପାରାଦୀପଗଡ଼ ମଣ୍ଡଳ ସଭାପତି ଗଗନବିହାରି ରାଉତ, ପ୍ରଭାକର ଚୌଧୁରୀ ପ୍ରମୁଖଙ୍କ ସମେତ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସମାଜସେବୀମାନେ ଉପସ୍ଥିତ ଥିଲେ। ସେହିପରି ଗରେଇ ପଞ୍ଚାୟତରେ ମଧ୍ୟ ଶିକ୍ଷ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ କରିଥିଲେ। ଏଥିରେ କୁଜଙ୍ଗ ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଦିଲିପ କୁମାର ବେହେରା, ଗରେଇ ସରପଞ୍ଚ ଦୀପ୍ତିମୟୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ପୀରହାଟ ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଇଶ୍ୱରପୁର ଗ୍ରାମର ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଧୁଷୁରୀ ଥାନା ଅଧୀନ ଦୋହରାପାଟଣା ଗ୍ରାମର ରଶ୍ମୀରଞ୍ଜନ ମଳିକ ନାମକ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ମକଦ୍ଦମା ରୁଜୁ କରି ପ୍ରେମିକ ରଶ୍ମୀରଂଜନକୁ ଗିରଫ କରିଥିବା ଜଣାପଡ଼ିଛି। ଯୁବତୀଙ୍କ ବାପା ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ ସହିତ ଦୋହରାପାଟଣା ଗ୍ରାମର ରଶ୍ମୀରଂଜନ ମଳିକଙ୍କର ପ୍ରେମ ସମ୍ପର୍କ ଥିଲା। ଯୁବକ ରଶ୍ମୀରଞ୍ଜନ ତାଙ୍କ ଝିଅକୁ ବିବାହ କରିବେ ବୋଲି ପ୍ରଲୋଭନ ଦେଖାଇ ଏକ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିଲା। ତାଙ୍କ ଝିଅ ବିବାହ ପାଇଁ କହିବାରୁ ପ୍ରେମିକ ରଶ୍ମୀରଞ୍ଜନ ରାଜି ହୋଇ ନଥିଲେ।

# ବିକାଶ ମେଳାରେ ଆଦିବାସୀ ସମାବେଶ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ତରୀୟ ବିକାଶ ମେଳା ଆଜି ଚତୁର୍ଥ ଦିବସ ପାଳନ ଅବସରରେ ସ୍ୱମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ନବରଙ୍ଗପୁର ତରଫରୁ ଆଦିବାସୀ ସମାବେଶର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ୍ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଏହି କାର୍ଯ୍ୟକ୍ରମରେ ଅନେକ ଆଦିବାସୀ ଲାଭାନ୍ୱିତଙ୍କ ସହ ଆଲୋଚନା କରିଥିଲେ, ଯେଉଁମାନେ କି ଏହି ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନାରେ ସହାୟତା ଲାଭ କରିଛନ୍ତି। ଆଇଟିଡିଏ, ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ ସମାବେଶରେ ଧରତି ଆବା ଜନ ଜାତୀୟ ଉତ୍କର୍ଷ ଗ୍ରାମୀଣ ଅଭିଯାନ କ୍ୟାମ୍ପେନ୍, ଜଙ୍ଗଲ ଅଧିକାର ନିୟମ ଶିରୋନାମା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ବିଷୟରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରକଳ୍ପ ଉପରେ ଏକ ପାୱାର ପଏଣ୍ଟ ପ୍ରସ୍ତୁତିକୁ ସମସ୍ତେ ଦେଖିଥିଲେ। ଏହି ଅବସରରେ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା ଝରିଗାଁ ବ୍ଲକର ୨୨୩ ଜଣ ବ୍ୟକ୍ତିଗତ ଲାଭାନ୍ୱିତଙ୍କୁ ଏଫ ଆର୍ ଏ ଟାଇଟେଲ୍ ବଣ୍ଟନ କରାଯିବା, ଯାହା ଆଦିବାସୀ ଲୋକଙ୍କ ଜମି ଅଧିକାର ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ସମାବେଶ ଧରତି ଆବା ଜନ ଜାତୀୟ ଉତ୍କର୍ଷ ଗ୍ରାମୀଣ ଅଭିଯାନ କ୍ୟାମ୍ପେନ୍ ସମ୍ପର୍କରେ ସଚେତନତା ବୃଦ୍ଧି କରିଥିଲା, ଯାହା ଜିଲ୍ଲାର ୫୩୬ ଗ୍ରାମରେ ଚାଲିଛି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ନିମ୍ନଲିଖିତ ଆବଶ୍ୟକ ଡକ୍ୟୁମେଣ୍ଟ ଓ ଯୋଜନା ଯଥା ଆଧାର କାର୍ଡ, ରାସନ୍ କାର୍ଡ, ଆୟୁଷ୍ମାନ କାର୍ଡ, ପିଏମ କିଶାନ୍, ଜନଧନ୍ ଆକାଉଣ୍ଟ, ଜାତି ପ୍ରମାଣପତ୍ରରେ ପରିପୂର୍ଣ୍ଣକୁ ନିଶ୍ଚିତ କରିବା ଏହି ଆଦିବାସୀ ସମାବେଶ କାର୍ଯ୍ୟକ୍ରମ ଆଦିବାସୀ ସମୁଦାୟକୁ ସଶକ୍ତିକରଣ କରିବା ଏବଂ ସରକାରୀ ଯୋଜନା ପ୍ରତି ଅବଗତ କରେଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ପ୍ରମାଣିତ ହୋଇଛି।

## ୪୦ ଲିଟର ମଦ ଓ ବାଇକ ଜବତ, ୧ ଗିରଫ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ରାମଚନ୍ଦ୍ର ପୁର ଗ୍ରାମରେ ଚଢ଼ାଉ କରି ୪୦ଲିଟର ମହୁଲି ମଦ ଓ ବାଇକ ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରାଯାଇଛି ଅବକାରୀ ଥାନା ଅଧିକାରୀ ସଞ୍ଜୟ କାଣ୍ଡି ଓ କରଞ୍ଜିଆ ଅବକାରୀ ଥାନା ଓଆଇସି ରଶ୍ମିରଞ୍ଜନ ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ବ୍ଲକର ରାମଚନ୍ଦ୍ରପୁର ଗ୍ରାମର ରାଜେନ୍ଦ୍ର ପୂର୍ତ୍ତି(୪୮)ଙ୍କ ନିକଟରୁ ୪୦ଲିଟର ମହୁଲି ମଦ ଓ ଗୋଟେ ବାଇକ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରିଛନ୍ତି। କରଞ୍ଜିଆ ଅବକାରୀ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା କରଞ୍ଜିଆ ଅବକାରୀ ଓଆଇସି ରଶ୍ମିରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଏଏସଆଇ ଫୁଲମଣୀ ନାଏକ, ଅଂଶୁମାନ ପରିଡା, ଆଲୋକ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ୍ ପକ୍ଷରୁ ଦୁର୍ଘଟଣାଗ୍ରସ୍ତଙ୍କୁ ବୀମା ପ୍ରଦାନ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଭାରତୀୟ ଡାକସେବା ପକ୍ଷରୁ ଖୋଲାଯାଇଥିବା ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ କେନ୍ଦ୍ରାପଡା ଶାଖା ପକ୍ଷରୁ ଜନୈକ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଦୁର୍ଘଟଣା ବୀମା ରାଶି ବାବଦକୁ ଏକଲକ୍ଷ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ପୌରାଞ୍ଚଳ ଅଧିନ ଚକଡାବାରଙ୍ଗ ଗ୍ରାମର ଅଧିବାସୀ ଭାବଗ୍ରାହୀ ପତି ଏହି ଅର୍ଥ କେନ୍ଦ୍ରାପଡା ମୁଖ୍ୟ ଡାକଘରସ୍ଥିତ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ଶାଖାରୁ ଗ୍ରହଣ କରିଛନ୍ତି। କେନ୍ଦ୍ରାପଡା ଡାକ ମଣ୍ଡଳର ଅଧୀକ୍ଷକ ରଞ୍ଜନ କୁମାର ସାହୁ ଏହି ଅର୍ଥ ପତିଙ୍କୁ ପ୍ରଦାନ କରିଥିବା ବେଳେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କର ଶାଖା ପରିଚାଳକ ଦୁର୍ଗାମାଧବ ପରିଡା ଓ ଟାଟା ଏଆଇଜି ବୀମା କମ୍ପାନୀର ଦେବଶ୍ରୀ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ପତି ଏକ ଦୁର୍ଘଟଣାର ଶିକାର ହୋଇ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ସେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ କେନ୍ଦ୍ରାପଡା ଶାଖାରେ ଦୁର୍ଘଟଣା ବୀମା ବାବଦକୁ ବାର୍ଷିକ ୬୯୯ଟଙ୍କା ପୈଠ କରୁଥିଲେ। ଏହି ଅବସରରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କର ଶାଖା ପରିଚାଳକ ପରିଡା କହିଛନ୍ତି ଯେ ୧୮ବର୍ଷରୁ ୬୫ବର୍ଷ ବୟସର ବ୍ୟକ୍ତି ବାର୍ଷିକ ୩୩୯ଟଙ୍କା ଦେଇ ୫ଲକ୍ଷ ଟଙ୍କା ଓ ବାର୍ଷିକ ୬୯୯ଟଙ୍କା ଦେଇ ୧୦ଲକ୍ଷ ଟଙ୍କାର ବୀମା ନିକଟସ୍ଥ ଡାକଘରେ କରିପାରିବେ।

# ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ପ୍ରଦାନ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଝାର୍ଡ଼ ପିମ୍ପଳ ଗ୍ରାମ ପଞ୍ଚାୟତ ସ୍ଥିତ ଝାର୍ଡ଼ପିମ୍ପଳ ଗ୍ରାମର ଭୂପାଳ ଚନ୍ଦ୍ର ପ୍ରଧାନ ୬୦% ଭିନ୍ନକ୍ଷମ ଥିବାରୁ ସେ ଚାଲିବୁଲି କରି ପାରନ୍ତି ନାହିଁ। ତେଣୁ ଝାର୍ଡ଼ ପିମ୍ପଳ ସରପଞ୍ଚ ଜୟକୃଷ୍ଣ ଅଣ୍ଡିଆଙ୍କ ଅନୁରୋଧ ଓ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ପରାମର୍ଶ କ୍ରମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ଭିନ୍ନକ୍ଷମ ବ୍ୟକ୍ତି ଭୂପାଳ ଚନ୍ଦ୍ର ପ୍ରଧାନଙ୍କୁ ଏକ ଟ୍ରାୟ ସାଇକେଲ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଦାନ କରିଛନ୍ତି। ପ୍ରଦାନ ସମୟରେ ବିଡିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ବିଜେପି ନେତା ବ୍ରଜ ମୋହନ ପ୍ରଧାନ, ଝାର୍ଡ଼ପିମ୍ପଳ ସରପଞ୍ଚ ଜୟକୃଷ୍ଣ ଅଣ୍ଡିଆ, ସମାଜସେବୀ ରବିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ଗ୍ରାମାଞ୍ଚଳରୁ କୋଣାର୍କ-ପୁରୀକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ପାଟପୁର ଓ ଆଖୁରୀଆ ମହାନ୍ତି ସାହି ଦେଇ ଯାଇଥିବା କାକଟପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅନ୍ତର୍ଗତ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଦୀର୍ଘ ୧୦ବର୍ଷ ତଳେ ନିର୍ମାଣ କରାଯାଇଥିବା ଏହି ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାଧିନ ରାସ୍ତାଟିର ରକ୍ଷଣାବେକ୍ଷଣ ଅଭାବରୁ ଗମନାଗମନ ପାଇଁ ଅନୁପଯୁକ୍ତ ହୋଇ ପ୍ରଶାସନିକ ବିଫଳତାକୁ ଦର୍ଶାଉଛି। କୁଣ୍ଡେଇ, ଓଥକା କାକଟପୁର, କଣ୍ଟାପଡା, ସୁହାଣପୁର, ସୋରବା ଗ୍ରାମପଞ୍ଚାୟତଗୁଡ଼ିକର ଲୋକମାନଙ୍କର ଏହି ରାସ୍ତାଟି ଏକରକମ ଜୀବନରେଖା ପାଲଟିଥିଲା। ପୁରୀ ଯିବାପାଇଁ ଏହି ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏହା ସଟକଟ୍ ରାସ୍ତା ଥିବାରୁ ପ୍ରତ୍ୟହ ବହୁ ଗାଡ଼ି ଚାଳକ ଇନ୍ଧନ ବଞ୍ଚାଇବା ପାଇଁ ଏହି ରାସ୍ତାରେ ଯାଆଆସ କରିଥାଆନ୍ତି। ଗ୍ରାମାଞ୍ଚଳର ଅର୍ଥନୈତିକ ଉନ୍ନତି ପାଇଁ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ସହ ସହରକୁ ସଂଯୋଗ କରିବା ପ୍ରକ୍ରିୟା ଜାରି ରଖିଥିବା ବେଳେ ଏପରି ଏକ ଜନଗହଳିପୂର୍ଣ୍ଣ ରାସ୍ତା ପ୍ରତି ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଏହି ରାସ୍ତାର ନବୀକରଣ କରାଯିବାପାଇଁ ସାଧାରଣରେ ଦାବି ହୋଇଛି।

# ପିପୁଲ୍ସ ଫୋରମ୍ ରଜ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ତିନିଦିନ ଧରି ସ୍ଥାନୀୟ ତୋଷାଳୀ ପ୍ଲାଜା ସମ୍ମୁଖରେ ସତ୍ୟ ନଗର ପିପୁଲ୍ସ ଫୋରମ୍ ପକ୍ଷରୁ ଆୟୋଜିତ ହେଉଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ପହିଲି ରଜରୁ ଆରମ୍ଭ ହୋଇ ଥିବା ଏହି ମହୋତ୍ସବରେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନପ୍ରକାର ନାଚ, ଗୀତ, ଖେଳ ଯଥା ମ୍ୟୁଜିକ୍ ଚେୟାର, ବେଲୁନ ଫୁଟା, ସୁଞ୍ଚି ସୂତା, ଦୌଡ଼ କୁଦ, କୁଇଜ୍ ପ୍ରତିଯୋଗିତା, ଶଙ୍ଖ ଫୁଙ୍କା, ପିତୃ ଦିବସ ଅବସରରେ ବକ୍ତୃତା ପ୍ରତିଯୋଗିତା ଏବଂ ମାଆମାନଙ୍କ ଦ୍ୱାରା ବିଭିନ୍ନପ୍ରକାର ପାରମ୍ପରିକ ପିଠାପଣା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବହୁ ଉତ୍ସାହର ସହ ସ୍ଥାନୀୟ ଅଞ୍ଚଳର ମା, ମାଉସୀ, ପିଲାଛୁଆଙ୍କ ସମେତ ଆଖପାଖ ଅଞ୍ଚଳରୁ ଅନେକ ଜନସାଧାରଣ ଏହି ଉତ୍ସବରେ ଭାଗ ନେଇ ରଜ ଉପଭୋଗ କରିଥିଲେ। ଏଥି ସହିତ ରଜରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା ପଣା ଓ ପାନ ଖାଇ ବନ୍ଧୁ ପରିଜନମାନଙ୍କ ସହିତ ମାଜାମସ୍ତି କରିଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ମହାନଗର ନିଗମର ବରିଷ୍ଠ କର୍ପୋରେଟର ଅମରେଶ ଜେନା, ବିଶିଷ୍ଟ ସମାଜସେବୀ ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ପ୍ରଭାତ ମାର୍ଥା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଭାଗ ନେଇ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସମସ୍ତେ ମିଶି ରଜ ପିଠା ଖାଇବା ସହ ରଜଗୀତରେ ତାଳେତାଳେ ନାଚ କରି ଏବର୍ଷ ପାଇଁ ରଜପର୍ବକୁ ବିଦାୟ ଜଣାଇ ଥିଲେ। ଉଲ୍ଲେଖଯୋଗ୍ୟ କି ସତ୍ୟନଗର ଅଞ୍ଚଳର କୁନିକୁନି ପିଲାମାନଙ୍କ ଉଦ୍ୟମରେ ଅଭିଲିପସା ଦାସଙ୍କ ନେତୃତ୍ୱରେ ଏହି ରଜ ମହୋତ୍ସବ ବିଗତ ତିନିବର୍ଷ ଧରି ପାଳନ କରାଯାଉଛି। ଯାହାର ମୁଖ୍ୟ ଓ ପ୍ରଧାନ ଲକ୍ଷ ହେଉଛି ଧୀରେ ଧୀରେ ସହରୀ ସଭ୍ୟତା ପ୍ରବାହ ରେ ଅବକ୍ଷୟମୁଖୀ ଏହି ମହାନ ପର୍ବକୁ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଏହା ପାଳନ କରାଯାଉ ଥିବା ଅଭିଲିପ୍ସା ଦାସ କହିଛନ୍ତି। ଏହି ଉତ୍ସବ ପରିଚାଳନାରେ ସତ୍ୟନଗରର ପୂର୍ବତନ କର୍ପୋରେଟର ଭାନୁପ୍ରିୟା ଦାସ, ସୁନୀତା ରାଉତ, ବିଦୁଲତା ପୃଷ୍ଟି, ବୁଦ୍ଧି ବାମନ ସେନାପତି ପ୍ରମୁଖ ସହଯୋଗ କରିଥିଲେ।



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଅବକାରୀ ଥାନା ଅଧୀନ ଯଦୁନାଥପୁର ପଞ୍ଚାୟତର ଚେକାମରା ଗ୍ରାମର ଚୋରା ଦେଶୀମଦ କାରଖାନାରେ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଓ ମଦ ସରଞ୍ଜାମ ନଷ୍ଟ କରିଛି ଅବକାରୀ ବିଭାଗ। ଘଟଣାରୁ ପ୍ରକାଶ ଚେକାମରା ଅଞ୍ଚଳରେ ଚୋରା ଦେଶୀମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କୁଅଁରଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ମୋବାଇଲ ଟିମ ଇନ୍ସପେକ୍ଟର ଶ୍ରୀଧର ମହାନ୍ତିଙ୍କ ନେତୃତ୍ୱରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ ସଦଳବଳେ ଚଢ଼ାଉ କରିଥିଲେ। ଚେକାମରା ଗ୍ରାମର ଏକ ଅଜ୍ଞାତ ସ୍ଥାନରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଚଢ଼ାଉ ସମୟରେ ମଦ ମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେଠାରେ ଅବକାରୀ ବିଭାଗରଟିମ ୧୭୮୦୦ କେଜି ମହୁଲପୋଚ ଓ ଚୋରା ଚାଲାଣ ନିମନ୍ତେ ପ୍ରସ୍ତୁତ କରି ରଖଯାଇଥିବା ୭୭୦ ଲିଟର ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରିଦିଆ ଯାଇଥିଲା। ଏନେଇ ମୋବାଇଲ ଟିମ ପକ୍ଷରୁ ପାଞ୍ଚଟି ପୃଥକ ମାମଲା ରୁଜୁ କରାଯାଇଛି।

# ୨୨ବର୍ଷ ପରେ ଆଶାୟୀ ପାଇଲେ ଚାକିରି

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ନିକଟସ୍ଥ କ୍ଷେତ୍ରପାଳ ଗ୍ରାମର ମୃତ ଭାଗ୍ୟଧର ସାମନ୍ତରାୟଙ୍କ ପୁଅ ମୃତ୍ୟୁଞ୍ଜୟ ସାମନ୍ତରାୟଙ୍କ ମୃତ୍ୟୁ ଜନିତ ସହାୟତା ଯୋଜନାରେ ଚାକିରୀ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ତାଙ୍କୁ ଚାକିରୀରେ ଥଇଥାନ କରାଯାଇ ନଥିଲା। ପ୍ରକାଶ ଥାଉକି ୨୦୦୩ମସିହାରେ ଭାଗ୍ୟଧର ନିକଟସ୍ଥ ଜନ କଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥଲା। ଚାକିରୀରେ କାର୍ଯ୍ୟ କରୁଥିବା ସମୟରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ହେଲେ ତାଙ୍କ ସ୍ଥାନରେ ପରିବାରର ଲୋକଙ୍କୁ ଥଇଥାନ କରିବା ସରକାରଂକ ନିୟମ ରହିଥିବା ବେଳେ ମୃତ୍ୟୁଞ୍ଜୟ ସେଥିରୁ ବଞ୍ଚିତ ହୋଇଥିଲେ। ବହୁବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆଶା ଭରସା ପାଇଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଥିଲା। ୨୦୧୬ରେ ମୃତ୍ୟୁଞ୍ଜୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରେ କେସ ରୁଜୁ କରିଥିଲେବାପାଙ୍କ ଚାକିରୀ ପାଇବା ପାଇଁ। ସେଥିରେ ମଧ ନିରାଶ ହେବାକୁ ପଡ଼ିଥିଲା। ପୁନର୍ବାର ୨୦୧୯ରେ ମୃତ୍ୟୁଞ୍ଜୟ ରିଭ୍ୟୁ ପିଟିସନ ଉଚ୍ଚ ନ୍ୟାୟାଳୟରେ ଦାୟର କରିଥିଲେ। ସେଥିରେ ହୋଇଥିବା ଆଦେଶକୁ ଜିଲ୍ଲା ଶିକ୍ଷା ଅଧିକାରୀ ମାନି ନଥିଲେ ଓ ଆଦେଶକୁ ଚାପିରଖି ପରେ ୨୦୨୧ରେ ଉଚ୍ଚ ନ୍ୟାୟାଳୟ ମୃତ୍ୟୁଞ୍ଜୟଙ୍କ କେସକୁ ବିଚାର କରି ୨୦୨୦ରେ ଓଡ଼ିଶା ସରକାରଙ୍କ ମୃତ୍ୟୁ ଜନିତ ନିଯୁକ୍ତି ନିୟମ ଅନୁସାରେ ଦରଖାସ୍ତଟିକୁ ଖାରଜ କରିଥିଲେ। ମାତ୍ର ମୃତ୍ୟୁଞ୍ଜୟ ଏଥିରେ ନିରାଶ ନ ହୋଇ ବଡଚଣା ଅଞ୍ଚଳର ଯୁବ ଆଇନଜୀବୀ ସରସ୍ୱତୀ ସେନାପତିଙ୍କ ସହାୟତା ଲୋଡିଥିଲେ। ଶେଷରେ ଗତ ୧୬ତାରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଆଦିତ୍ୟ କୁମାର ମହାପାତ୍ର ଦରଖାସ୍ତ କାରୀ ମୃତ୍ୟୁଞ୍ଜୟଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଫଳରେ ଦୀର୍ଘ ୨୨ବର୍ଷ ପରେ ମୃତ୍ୟୁଞ୍ଜୟର ଆଶା ସଫଳ ହେବାକୁ ଯାଉଛି। ମାମଲାକୁ ଯୁବ ଆଇନଜୀବୀ ସରସ୍ୱତୀ ସେନାପତି ପରିଚାଳନା କରିଥିବା ବେଳେ ତାଙ୍କୁ ସହାୟତା କରିଥିଲେ ଯୁବ ଆଇନଜୀବୀ ସତ୍ୟବ୍ରତ ପଣ୍ଡା।

# କଲେରା ସ୍ଥିତି ପରଖିଲେ ପୂର୍ବତନ ସାଂସଦ

ବଡ଼ଚଣା (ଭାସ୍କର ନ୍ୟୁଜ୍):ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ବ୍ୟାପିବାରେ ଲାଗିଲାଣି କଲେରା ରୋଗ। ଝାଡ଼ାବାନ୍ତିରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ଦୁଇ ଜଣଙ୍କ ଜୀବନ ମଧ୍ୟ ଗଲାଣି। ବଡ଼ଚଣା ବିଜେଡି ପୂର୍ବତନ ସାଂସଦ ଶରମିଷ୍ଠା ସେଠୀ, ଯାଜପୁର ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଗଣେଶ ବରାଳ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସମୀକ୍ଷା କରି ରୋଗୀମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। କଲେରା ରୋଗରେ ଦୁଇ ଜଣ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଶାଳପଡ଼ା ପଞ୍ଚାୟତ ତିଳପଦା ଗ୍ରାମର ଦିଲିପ ମଲ୍ଲିକ ଏବଂ ସମିଆ ପଞ୍ଚାୟତର କଳକଳା ଗ୍ରାମର ମଦନ ମୋହନ ନାୟକ। ଏହି ଦୁଇ ଜଣ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଥିବା ଅବସ୍ଥାରେ ସଙ୍କଟାପନ୍ନ ହେବାରୁ ତାଙ୍କୁ



କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସମଗ୍ର ବଡ଼ଚଣା ଅଞ୍ଚଳରେ କଲେରା ରୋଗ ୪୦ ବର୍ଷ ପୂର୍ବେ ହୋଇଥିଲା ଏବଂ ସେଥିରେ ବହୁ ଲୋକ ମୃତ୍ୟୁବରଣ କରିଥିଲେ। ୯ ତାରିଖରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ୩୬୫ କଲେରାରେ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ମହିଳାମାନଙ୍କ ସଂଖ୍ୟା ୧୫୩ ପୁରୁଷ ୧୭୮ ଓ ଅଠର ବର୍ଷରୁ କମ୍ ଥିବା ବାଳକ ୨୦ ବାଳିକା ୧୪ ଥିଲା ବେଳେ ସେଥି ମଧ୍ୟରୁ ଦୁଇ ଜଣଙ୍କୁ ଜିଲ୍ଲା ସଦରମହକୁମା ଏବଂ ପନ୍ଦର ଜଣ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଯାଇଛି। ସମୁଦାୟ ୧୭ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଛି। ବାକି ଯାକ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ୍ ହୋଇ ଘରକୁ ପଠାଇ ଦିଆଯାଇଛି ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀକାନ୍ତ ଜେନା ଆଲୋଚନାରେ ଜଣାଇଥିଲେ। ସେହିପରି ରୋଗୀମାନଙ୍କ ଆବଶ୍ୟକ ବେଡ୍, ସ୍ୱଚ୍ଛ ପିଇବା ପାଣି ନର୍ସର ଅଭାବ ଥିବାରୁ ରୋଗୀମାନେ ଆବଶ୍ୟକ ସେବା ପାଇପାରୁ ନାହାନ୍ତି ବୋଲି ସରକାରଙ୍କ ଉପରେ ପୂର୍ବତନ ସାଂସଦ ଉଦବେଗ ପ୍ରକାଶ କରିଥିଲେ। ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ଏହି କଲେରା ରୋଗୀ ମାନଙ୍କୁ ଆମ୍ବୁଲାନ୍ସର ସେବା ଠିକ୍ କରି ମିଳୁନାହିଁ ବୋଲି ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ବ୍ଲକ ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟ, ବିଜୟ ପ୍ରଧାନ, ବୈକୁଣ୍ଠ ବରାଳ, ମିହିର ଖୁଣ୍ଟିଆ, ସ୍ମୃତିରଞ୍ଜନ ପ୍ରଧାନ, ପବିତ୍ର ଆଚାର୍ଯ୍ୟ, ସମେତ ଅନେକ ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ତିହିଡ଼ି-ମାଟିଆସାହି ରାସ୍ତା ଅବସ୍ଥା ଶୋଚନୀୟ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତିହିଡ଼ି-ମାଟିଆସାହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଯାହାଫଳରେ ପଥଚାରୀ ଦୁର୍ଦ୍ଦଶା ଭୋଗୁଥିବା ବେଳେ ମୁଖ୍ୟମନ୍ତ୍ରୀ ବସ୍ ସେବା ବାଧାପ୍ରାପ୍ତ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇ ପାଣି ଜମି ରହିଛି। ପଥଚାରୀମାନେ ରାସ୍ତାରେ ସୁରୁଖୁରୁରେ ଯାତାୟତ କରିବା ଆଦୌ ସମ୍ଭବପର ହୋଇପାରୁନାହିଁ। ଏହି ରାସ୍ତା ଅବସ୍ଥାକୁ ନେଇ ଅ□ଳବାସୀ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଯାହାଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଭାବ ସୃଷ୍ଟି ହୋଇଛି। ତିହିଡ଼ି-ମାଟିଆସାହି ରାସ୍ତା ଉପରେ ଭାଟପଡ଼ା, ସୟା, ମହରମପୁ ଓ ବାହବଲପୁର ପଞ୍ଚାୟତର ଲୋକ ନିର୍ଭର କରୁଥିବା ବେଳେ ରାସ୍ତାଟି ବାସୁଦେବପୁର ବ୍ଲକକୁ ସଂଯୋଗ ହୋଇଛି। ଯେଉଁଥିପାଇଁ ଏହି ରାସ୍ତାରେ ମଧ୍ୟ ବାସୁଦେବପୁର ବ୍ଲକର ଲୋକ ଯାତାୟତ କରିଥାନ୍ତି। ରାସ୍ତାଟି ବିଭିନ୍ନ ସମୟରେ ମରାମତି ହେଉଛି। ମାତ୍ର ନିମ୍ନମାନର କାମ ପାଇଁ ଖୁବ୍ କମ୍ ଦିନ ମଧ୍ୟରେ ରାସ୍ତା ପୁଣି ଶୋଚନୀୟ ଅବସ୍ଥା ହୋଇପଡୁଛି। ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଗାଡ଼ି ମୋଟର ଯିବା ତ ଦୂରର କଥା ଲୋକ ପାଦରେ ଚାଲି ଯିବା କଷ୍ଟସାଧ୍ୟ ହୋଇ ପଡ଼ିଛି। ସରକାର ଗ୍ରାମାଞ୍ଚଳକୁ ମୁଖ୍ୟମନ୍ତ୍ରୀ ସେବା ଯୋଜନାରେ ବସ୍ ଚଳାଇଛନ୍ତି। ଲୋକମାନେ ଏହି ବସ୍‌ରେ ଯାତାୟତ କରି ସୁବିଧା ପାଉଛନ୍ତି। ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଏକ ପ୍ରକାର ଠପ୍ ହେବା ପରି ହୋଇଛି। ଫଳରେ ଲୋକମାନେ ମଧ୍ୟ ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ହୋଇ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେବେ ତୁରନ୍ତ ରାସ୍ତାର ମରାମତି ଦିଗରେ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କାନନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାସ୍ତାର ମରାମତି ପାଇଁ ସରକାରଙ୍କୁ ପ୍ରସ୍ତାବ ଯାଇଛି, ଅନୁଦାନ ଆସିଲେ ଟେଣ୍ଡର କରାଯାଇ ମରାମତି କାର୍ଯ୍ୟ କରାଯିବ।

## ଦୁଷ୍କର୍ମ ପରେ ଯୁବତୀଙ୍କୁ ହତ୍ୟା ସନ୍ଦେହ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରଜପର୍ବରେ ବଡ଼ ଅଘଟଣ ଘଟିଯାଇଛି। ପ୍ରେମ ବ୍ୟାପାରରୁ ଜଣେ ଯୁବତୀଙ୍କୁ ହତ୍ୟା ହୋଇଥିବା ସନ୍ଦେହ କରାଯାଉଛି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପଣ୍ଡାପଡା ଥାନା ଅନ୍ତର୍ଗତ ତେନ୍ତଳାପଶି ଗ୍ରାମରେ। ଗ୍ରାମରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରାଯିବା ପରେ ମାରି ଟାଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ଏକ ସଜନା ଗଛରେ ଯୁବତୀଙ୍କ ଝୁଲନ୍ତା ମୃତଦେହ ନିଜ ଘର ପଛପାଖରେ ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ଖବର ପାଇ ପଣ୍ଡାପଡା ପୋଲିସ ଘଟଣାର ଛାନଭିନ ଚଳାଇଛି। ତେବେ ଏଭଳି କାଣ୍ଡ ଭିଆଇଥିବା ଦୁର୍ବୃତ୍ତ ବ୍ୟସ୍ତତା ଭିତରେ ନିଜ ପିନ୍ଧା ଡ୍ରେସ୍ ମଧ୍ୟ ଘଟଣା ସ୍ଥଳରେ ଛାଡ଼ି ଚାଲିଯାଇଛି। ଯୁବତୀଙ୍କ ରକ୍ତାକ୍ତ ଶରୀର ଘର ପଛପାଖରେ ଝୁଲି ରହିଛି। ଏହାକୁ ନେଇ ଗ୍ରାମର ସମସ୍ତ ଜନସାଧାରଣ ମାନେ ମୃତ୍ୟୁ ଯୁବତୀକୁ ନୁଡୁରୁ ପଡ଼ା କାଳିଆ ହତା ଜାତୀୟ ରାଜପଥ ତେନ୍ତଳା ପଶି ଛକରାସ୍ତାରେ ଅଟକ ରଖି ସମସ୍ତ ଯାନବାହନ ଚଳାଚଳ ବନ୍ଦ କରିବା ସହିତ ଯେ ପର୍ଯ୍ୟନ୍ତ ଆସାମୀକୁ ପୋଲିସ୍ ଗିରଫ ନ କରିଛି ସେ ପର୍ଯ୍ୟନ୍ତ ରାସ୍ତା ଅବରୋଧ ଉହରିବ ନାହିଁ ବୋଲି ଜିଦ୍ ଧରି ବସିଛନ୍ତି। ଶେଷ ସୂଚନା ଅନୁଯାଇ ତେଲକୋଇ ବିଧାୟକ ଡା ଫକୀର ମୋହନ ନାୟକ ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିବା ସହ ଏ ସମ୍ପର୍କରେ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକରଙ୍କୁ ଜଣାଇଥିଲେ। ପରେପରେ ଉତ୍ୟକ୍ତ ଜନସାଧାରଣ ରାସ୍ତା ଅବରୋଧରୁ ହଟିଥିଲେ।

# ରଜ ଉତ୍ସବ ଓ ଜଗତସିଂହପୁର କୁଇନ୍-୨୫

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ସଦରମହକୁମା ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ଓ ସୋନୁ ଘର ଷ୍ଟୁଡିଓର ମିଳିତ ଆୟୋଜନରେ ରଜ ଉତ୍ସବ ଓ ଜଗତସିଂହପୁର କୁଇନ୍-୨୫ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ ଏହି ଚୁଡାନ୍ତ ପ୍ରତିଯୋଗୀତା ଅବସରରେ ଜଗତସିଂହପୁରର ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୌରାଧକ୍ଷା ଅର୍ଚ୍ଚନା ସିଂ, ପୂର୍ବତନ ପୌରାଧକ୍ଷ ମଧୁସୁଦନ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଲ୍ମ ନିର୍ଦ୍ଦେଶକ ଅଶୋକ ପତି, ସଂଳାପକାର ଦେବୀଦତ୍ତ ମହାନ୍ତି, ନିର୍ଦ୍ଦେଶକ ରମେଶ ରାଉତ, ସିନେମା ତଥା ନୃତ୍ୟ ନିର୍ଦ୍ଦେଶକ ଲୁବୁନ୍ ସେନ୍, ଓଲିଉଡ୍ ହାସ୍ୟ ଅଭିନେତା ତ୍ରିଭୁବନ ପଣ୍ଡା, ଜ୍ଞାନ ରଂଜନ ବାରିକ୍, ଟୁକୁନା ଷ୍ଟାଇଲିସ୍ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ରଜ ଉତ୍ସବ ଓ ଜଗତସିଂହପୁର କୁଇନ୍-୨୫ ପାଇଁ ଅଡିସନ୍ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ



ହୋଇଥିଲା। ପ୍ରତିଯୋଗିତାରେ ଦୁଇ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଉଭୟ ସିନିୟର୍ ଓ ଜୁନିଅର୍ ବିଭାଗରେ ଭାଗ ନେଇଥିଲେ। ପ୍ରଥମ ଅଡିସନ୍ ଜୁନ୍ ୨ ତାରିଖ ସୋମବାର ଦିନ ସକାଳ ୯ଟା ସମୟରେ ଦୁଃଖିରାମ ସ୍ୱାଇଁ ଇନଷ୍ଟିଚ୍ୟୁଟରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଡିସନ୍ ଜୁନ୍ ୪ ତାରିଖ ବୁଧବାର ଦିନ ସେହି ଦୁଃଖିରାମ ସ୍ୱାଇଁ ଇନଷ୍ଟିଚ୍ୟୁଟରେ ଅନୁଷ୍ଠିତ ହୋଇଥିଲା। ସେହିପରି ଚୁଡାନ୍ତ ପର୍ଯ୍ୟାୟର ଅଡିସନ୍ ଜୁନ୍ ୧୪ ତାରିଖ ଦିନ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମ୍‌ରେ ସିଧାସଳଖ ଅନୁଷ୍ଠିତ ହେଇଥିଲା। ଚୁଡାନ୍ତ ପର୍ଯ୍ୟାୟର ଅଡିସନ୍‌ରେ ଉଭୟ ସିନିୟର୍ ଓ ଜୁନିଅର୍ ବିଭାଗରୁ ୧୨ ଜଣ ଲେଖାଏଁ ମୋଟ ୨୪ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସିନିୟର୍ ବିଭାଗରେ ସଲୋନୀ ଲେଙ୍କା ବିଜେତା, ମନୀଷା ନନ୍ଦୀ ପ୍ରଥମ ରନର୍ସ ଅପ୍, ସ୍ୱାତୀ ସ୍ୱାଗତିକା ପାତ୍ର ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ସେହିପରି ଜୁନିଅର ବିଭାଗରେ ଶ୍ରୀୟା ସ୍ୱାଇଁ ବିଜେତା, ଅମ୍ରିତା ପ୍ରିୟଦର୍ଶିନୀ ସେଠୀ ପ୍ରଥମ ରନର୍ସ ଅପ୍, କ୍ରିଷ୍ଣା ପ୍ରୀତି ସାହୁ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ବିଭିନ୍ନ ପର୍ଯ୍ୟାୟରେ ବିଚାରକ ଭାବେ ସିନେ ନିର୍ଦ୍ଦେଶକ ରମେଶ ରାଉତ, ଅଭିନେତ୍ରୀ ହିରଣ୍ମୟୀ, ଅଭିନେତା ଭକ୍ତି ପ୍ରସାଦ,ସିନେ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ସିଂ, ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, ଅଭିନେତା ସନ୍ତୁ ନିଜେ ପ୍ରମୁଖ ପ୍ରତିଭା ଚୟନ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ସୁବାଷ ଚନ୍ଦ୍ର ରାଉତ, ଆଇନଜୀବୀ ନରେଶ ଦାସ, ଦୁର୍ଗାପ୍ରସାଦ ସ୍ୱାଇଁ, ସାରଦା ପ୍ରସାଦ ଦାସ, ସୁରେଶ କୁମାର ପ୍ରଧାନ, ରୁଦ୍ର ପ୍ରସାଦ ରାଉତ, ଅନୀଲ୍ କୁମାର ଦାସ, ସରିତ ମହାପାତ୍ର, ସୁଦୀପ୍ତ ସୁନ୍ଦର ସ୍ୱାଇଁ, ଅଜୟ କୁମାର ଗୋଛାୟତ ଓ କାଳୀକିଙ୍କର ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ପୂଜା, ଶ୍ରାବଣୀ, ସାବିତ୍ରୀ, ଲିକିନା, ଅଭିଲିପ୍ସା, ପଦ୍ମଜା, ତପସ୍ୱିନୀ, ଅମିତ୍ ଅଂଶୁମାନ, ଲିପୁ, ଧନିଆ, ମଣ୍ଟୁ, ରାଜଲକ୍ଷ୍ମୀ, ମୋନାଲିସା, ପିଙ୍କୁ, ଜ୍ୟୋତି, ଅନିମେଷ୍ ପରିଚାଳନାରେ ସହଯୋଗ କରିଥିଲେ।

## ଥାନାର ଦ୍ୱାରସ୍ଥ ହେଲେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁକୁ ନେଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଉପରେ ଆକ୍ରମଣ ଏବଂ ଚିକିତ୍ସାଳୟ ପରିସରରେ ଭଙ୍ଗାରୁଜାକୁ ନେଇ ମାଲକାନଗିରି ଥାନାର ଦ୍ୱାରସ୍ଥ ହୋଇ ଆକ୍ରମଣ କରିବା ଏବଂ ଭଙ୍ଗାରୁଜା କରିବା ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଦାବିରେ ମାଲକାନଗିରି ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରିଛନ୍ତି ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ। ରବିବାର ଦିନ ଜଣେ ଶିଶୁ କନ୍ୟାର ଖେଳୁଥିବା ସମୟରେ ମୁଣ୍ଡରେ ଆଘାତ ଲାଗିବା ଫଳରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ପରିବାର ଲୋକେ ଭର୍ତ୍ତି କରିଥିଲେ ତେବେ ଚିକିତ୍ସାଳୟରେ ଡାକ୍ତର ଠିକ ସମୟରେ ଚିକିତ୍ସା ନ କରିବାରୁ କୁନି ଝିଅର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ପରେ ମୁଖ୍ୟ ଚିକିତ୍ସାଳୟରେ ଶିଶୁ କନ୍ୟାର ସମ୍ପର୍କୀୟ ଏବଂ ଅନ୍ୟ ସାଧାରଣ ଲୋକେ ଉତ୍ତେଜନା ହେବା ସହ ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟରେ ଭଙ୍ଗାରୁଜା କରିବା ସହ ଡ଼ଃ. ତପନ କୁମାର ଡିଣ୍ଡାଙ୍କୁ କିଛି ଲୋକ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ସମସ୍ତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ। ତୁରନ୍ତ ଅଭିଯୁକ୍ତ ଙ୍କୁ ଗିରଫ କରିବା ସହ ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କୁ ସୁରକ୍ଷା ଦେବା ପ୍ରତିବାଦରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀ ମଙ୍ଗଳବାର ଦିନ ମାଲକାନଗିରି ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ଏଥିରେ ସମସ୍ତ ମେଡିକାଲ ଷ୍ଟାଫ ନର୍ସ, ଫାର୍ମାସିଷ୍ଟ ଏବଂ ଜିଲ୍ଲାର ସମସ୍ତ ଡାକ୍ତର ଉପସ୍ଥିତ ଥିଲେ।

# ଝାଡ଼ାବାନ୍ତି ବ୍ୟାପୁଛି, ବାସୀଖାଦ୍ୟର ଯାଞ୍ଚ ନାହିଁ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ହଇଜା ଭୁତାଣୁ ରାଜ୍ୟରୁ ଚିହ୍ନଟ ହୋଇ ସାରିଲେଣି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବୃଦ୍ଧି ପାଇ ଚାଲିଛି ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା। ତେବେ ଆଗାମୀ ଦିନରେ ହଇଜା କିମ୍ବା ଝାଡାବାନ୍ତି ମାଡିଯିବାର ଦିଗକୁ ଏଡାଇ ଦିଆଯାଇ ନପାରେ। କାରଣ ଜିଲ୍ଲା ଫୁଡ ଇନିସ୍ପେକ୍ଟର ବା ଖାଦ୍ୟ ନିରୀକ୍ଷକଙ୍କ ଦପ୍ତର ପକ୍ଷରୁ ଏଭଳି ଘଡିସନ୍ଧୀ ମୁହୂର୍ତ୍ତରେ ଅପମିଶ୍ରିତ ବାସି ଖାଦ୍ୟ ଉପରେ ଧରପଗଡ କରାଯାଉନି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳରେ ଉଠା ଜଳଖିଆ ଦୋକାନରେ ବିକ୍ରି ହେଉଥିବା ଖାଦ୍ୟରେ ସ୍ୱଚ୍ଛତା ରହୁନାହିଁ। ଏହା ସହ ହୋଟେଲ, ଫାଷ୍ଟଫୁଡ, ଗୁପଚୁପ୍, ଚାଟ ଦୋକାନରେ ସ୍ୱଚ୍ଛତା ରହୁନାହିଁ। ନିୟମିତ ଭାବେ ନହେଲେ ସୁଦ୍ଧା ଏହି ସମୟରେ ଏସବୁ ବ୍ୟବସାୟୀକ ଅନୁଷ୍ଠାନରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟର ମାନକୁ ଫୁଡ ଇନିସ୍ପେକ୍ଟର ପକ୍ଷରୁ ଯାଞ୍ଚ କରାଯିବା କଥା, ଯାହା ନାହିଁ କହିଲେ ଚଳେ। ଦିନକୁଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ କଳେବର ବଢୁଛି। ସେହି ତୁଳନାରେ ଜନସଂଖ୍ୟା ବୃଦ୍ଧି ହେଉଛି। ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଅଞ୍ଚଳରେ ଛତୁ ଫୁଟିବା ଭଳି ହୋଟେଲ,



ରେଷ୍ଟୁରାଣ୍ଟ ଗଡି ଉଠୁଛି। ସେଠାରେ ଗ୍ରାହକଙ୍କ ଭିଡ଼ ବି ଜମୁଛି। ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରଷା ଯାଉଛି। ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ହୋଟେଲ ଓ ରେଷ୍ଟରାଣ୍ଟ କର୍ତ୍ତୃପକ୍ଷ ଖେଳୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ସମସ୍ତଙ୍କୁ ଚକିତ କରିଛି। ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରୁ ଅସ୍ତରଙ୍ଗ ପୀରଜାହାନିଆ, ଗଙ୍ଗାଦେବୀ, ପରିଦର୍ଶନ କରିବାକୁ ଆସି ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ହୋଟେଲ ରେ ଖାଦ୍ୟ ଖାଉଛନ୍ତି। ମାତ୍ର ହୋଟେଲ କର୍ତ୍ତୃପକ୍ଷ ବାହ୍ୟ ଚକାଚକ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ଖାଦ୍ୟ ପ୍ରସ୍ତୁତି ଦିଗରେ ଯତ୍ନବାନ ହେଉନାହାନ୍ତି। ଫଳସ୍ୱରୂପ ପ୍ରତିଦିନ ଗ୍ରାହକ ଟଙ୍କା ଦେଇ ବାସି ଖାଦ୍ୟ ଖାଉଛନ୍ତି। ଅସ୍ତରଙ୍ଗ ଅଞ୍ଚଳରେ ଅନେକ ହୋଟେଲ ଅଛି। ଅନେକ ହୋଟେଲ ରେ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ଅତ୍ୟନ୍ତ ନିମ୍ନ ମାନର। ସବୁଠାରୁ ବଡ଼ କଥା ହେଉଛି ସ୍ଥାନୀୟ ଅଞ୍ଚଳରେ କିଛି ନାଁ କରିଥିବା ହୋଟେଲ ଗୁଡିକରେ ପ୍ରତିଦିନ ବାସି ଖାଦ୍ୟ ଗ୍ରାହକଙ୍କୁ ପରଷୁଛନ୍ତି। ଯାହାର ପ୍ରମାଣ ସ୍ୱରୂପ ଯଦି ଖାଦ୍ୟ ନିରାପତ୍ତା ବିଭାଗ ଅଚାନକ ସକାଳୁ ଆସି ହୋଟେଲରେ ଥିବା ରେଫ୍ରିଜେଟର କିମ୍ବା ଫ୍ରିଜି ଯାଞ୍ଚ କରିବେ ସତ୍ୟାସତ୍ୟ ସାମ୍ନାକୁ ଆସିବ। ଖାଦ୍ୟ ଗ୍ରାହକଙ୍କୁ ପରସୁଛନ୍ତି, ବିଶ୍ୱାସରେ ଗ୍ରାହକ ଏହାକୁ ଖାଉଛନ୍ତି। କେବଳ ବାସି ଖାଦ୍ୟ ନୁହେଁ, ଖାଦ୍ୟ ପ୍ରସ୍ତୁତ ସ୍ଥାନ ଉପରେ ନ କହିବା ଭଲ। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି। ମାସେ କିମ୍ବା ଦୁଇ ମାସ ନୁହେଁ ବର୍ଷ ବର୍ଷ ଧରି ଏଭଳି କାର୍ଯ୍ୟ ହୋଇ ଆସୁଛି। କିନ୍ତୁ ନିୟମିତ ବ୍ୟବଧାନ ରେ ଯାଞ୍ଚ ହେଉନଥିବାରୁ ଅନେକ ହୋଟେଲରେ ଖୁଲମ ଖୁଲ୍ଲା ବାସି ଖାଦ୍ୟ ବିକ୍ରି କରୁଛନ୍ତି। ସ୍ଥାନୀୟ କିଛି ବ୍ୟକ୍ତି ବିଶେଷ ନିଜ ନାମ ଗୋପନ ରଖି କହିଛନ୍ତି, ବଡ଼ ବଡ଼ ହୋଟେଲ ମାଲିକଙ୍କ ସହ ଖାଦ୍ୟ ସୁରକ୍ଷା ବିଭାଗର ମଧୁଚନ୍ଦ୍ରିକା ରହିଛି। ଯେଉଁଥିପାଇଁ ଅଭିଯୋଗ ସତ୍ତ୍ୱେ ବିଭାଗ ସେଠାରେ ନିୟମିତ ବ୍ୟବଧାନରେ ଖାଦ୍ୟର ମାନ ଯାଞ୍ଚ ନ କରି ଚୁପ ବସିଛି। ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି ସ୍ୱତନ୍ତ୍ର ଟିମ୍ ଅଚାନକ ବିଭିନ୍ନ ହୋଟେଲ ଯାଞ୍ଚ କଲେ ବାସି ଖାଦ୍ୟର ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାନଙ୍କ ସଚେତନ କରାଯାଇଛି, ଏତଦଭିନ୍ନ ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ସ୍ଥାନ ମାନଙ୍କରେ ଚଢ଼ାଉ କରିବାକୁ ଫୁଡ ଇନ୍ସପେକ୍ଟରକୁ ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ଼ଃ ନାରାୟଣ ପ୍ରସାଦ ନନ୍ଦ ପ୍ରକାଶ କରିଛନ୍ତି।

## ହଇଜା ସଚେତନତା ରଥ ଉଦ୍‌ଘାଟିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ସମ୍ଭାବ୍ୟ ହଇଜାକୁ ଲକ୍ଷ୍ୟ କରି ସଚେତନତା ରଥ ବିଭିନ୍ନ ପଞ୍ଚାୟତ ଗ୍ରାମ ପରିକ୍ରମା କରିଛି। ମଙ୍ଗଳବାର ଏହି ସଚେତନତା ରଥକୁ ତିହିଡ଼ି ବିଡିଓ ନିରଞ୍ଜନ ବାରିକ ଉଦ୍‌ଘାଟନ କରିଥିଲେ।



ଗ୍ରାମାଞ୍ଚଳରେ ହଇଜା ନ ବ୍ୟାପିବା ପାଇଁ ଯେଉଁସବୁ ପ୍ରତିଷେଧକ ବ୍ୟବସ୍ଥା ନିଆଯିବ ସେ ସମ୍ପର୍କରେ ରଥ ମାଧ୍ୟମରେ ଲୋକ ମାନଙ୍କୁ ସଚେତନ କରାଯିବ। ଦୁଇଦିନ ଧରି ବ୍ଲକର ୩୧ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସଚେତନତା ରଥ ପରିକ୍ରମା କରିବ ବୋଲି ଜଣା ପଡ଼ିଛି। ରଥ ଉଦ୍‌ଘାଟନ ବେଳେ ଏବିଡିଓ ମାନସ କୁମାର ଜେନା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ସହକାରୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥି, ପିଇଓ ଅରୁଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


# ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧରେ ବିରାଟ ଗର୍ତ୍ତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନଦୀ ବନ୍ଧର ସୁରକ୍ଷା ନିମନ୍ତେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ନଦୀବନ୍ଧର ସୁରକ୍ଷା ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଚିତ୍ରୋତ୍ପଳା ନଦୀର ବାମପାର୍ଶ୍ୱ ବନ୍ଧରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହାର ପ୍ରତିକାର ଦିଗରେ ସ୍ଥାନୀୟ ଜଳସମ୍ପଦ ବିଭାଗ ତରଫରୁ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଇ ନଥିବା କାରଣରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ଚିତ୍ରୋତ୍ପଳା ନଦୀ ପ୍ରବାହିତ ହେଉଅଛି। ଏହି ନଦୀ ବନ୍ଧର ରକ୍ଷଣା ବେକ୍ଷଣା ଦାୟୀତ୍ୱ ସ୍ଥାନୀୟ ଓରିକଂଟା ଜଳ ସମ୍ପଦ ବିଭାଗ ଅଧିନରେ ରହିଛି। ଏହି ନଦୀ ବନ୍ଧର ବାମ ପାର୍ଶ୍ୱରେ ଥିବା ତିଳକଣା ଠାରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏପରିକି ଏହି ରାସ୍ତା ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା



ବ୍ୟୟ ବରାଦ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ଅଟକଳ ଅନୁଯାଇ ଏହି ରାସ୍ତା ନିର୍ମାଣ କରାଯାଇନଥିଲା ବେଳେ ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ ଥିବାର ଅଭିଯୋଗ ହୋଇଛି। ଫଳରେ ରାସ୍ତା ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଏହି ରାସ୍ତାର ବହୁ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ପଳରେ ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଦୀର୍ଘ ଦିନ ହେଲା ଓରିକଂଟା ଜଳ ସମ୍ପଦ ବିଭାଗରେ କୌଣସି ବିଭାଗୀୟ ଅଧିକାରୀ ନଥିବା କାରଣରୁ ନଦୀ ବନ୍ଧର ତଦାରଖ କରାଯାଉ ନଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ରାଜ୍ୟରେ ମୌସୁମୀ ସକ୍ରିୟ ହୋଇସାରିଲାଣି। ଅଳ୍ପ ଦିନ ପରେ ଚିତ୍ରୋତ୍ପଳା ନଦୀରେ ପାଣି ବୃଦ୍ଧି ପାଇବ। ଏହି ନଦୀରେ ବନ୍ୟା ଆସିଲେ ଘାଇ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଘାଇ ସୃଷ୍ଟି ହେଲେ ସ୍ଥାନୀୟ ତିଳକଣା,ବନ୍ଧ କାଟିଆ, ବାଲିଆପଦା, ନଗସପୁର, ଝାଡେଶ୍ୱରପୁର, ଦାଉଦପୁର, ନରେନ୍ଦ୍ରପୁର, ଓରତି, ଜମରା, ତରତ, କେରିଲୋ ସମେତ ଡେରାବିଶ ବ୍ଲକର ବହୁ ପଞ୍ଚାୟତ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ନିକଟ ଅତିତରେ ଏହି ନଦୀର ନାହାଳପୁର ଠାରେ ଚିତ୍ରୋତ୍ପଳା ନଦୀରେ ଏକ ବିରାଟ ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇର ଲୋମ ଟାଙ୍କୁରା ଦୃଶ୍ୟ ଏପର୍ଯ୍ୟନ୍ତ ଲୋକଙ୍କ ମନରୁ ଲିଭିନଥିଲା ବେଳେ ପୁନର୍ବାର ଘାଇ ଆଶଙ୍କା ସୃଷ୍ଟି ନେଇ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ଜଳ ସମ୍ପଦ ବିଭାଗ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ଆଳିରେ ଗୋଷ୍ଠୀ ସଂଘର୍ଷ ୬ ଆହତ, ୫ ଗୁରୁତର



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବଉଳଯୋଡ଼ି ଛକ ଠାରେ ଆଜି ସନ୍ଧ୍ୟାରେ ରାଜନୈତିକ ଶତ୍ରୁତାକୁ ନେଇ ଏକ ଭୟାଭୟ ଗୋଷ୍ଠୀ ସଂଘର୍ଷ ଘଟିଛି। ସୂଚନା ସୂତ୍ରରୁ ପ୍ରକାଶ ଯେ ଆଳି ଥାନା ଅନ୍ତର୍ଗତ ମୂଳସାହି ଗ୍ରାମର କିଛି ଯୁବକ ବଉଳଯୋଡ଼ି ଛକ ନିକଟରେ ଛିଡା ହୋଇଥିବା ବେଳେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଟୁଙ୍ଗା ଗ୍ରାମର କିଛି ଯୁବକ ସଂଘବଦ୍ଧ ଭାବେ ପ୍ରଥମେ ତାଙ୍କୁ ଗାଡି ଧକ୍କା ଦେବା ସହ ଗାଡି ଚଢାଇ ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ତରଓ୍ୱାଲ ସାହାଯ୍ୟରେ ହାଣିବାକୁ ଗୋଡ଼ାଇ ଥିଲେ। ସେମାନଙ୍କ ମଧ୍ୟରୁ ମୂଳସାହି ଗ୍ରାମର କଳିଙ୍ଗ ସେନାପତିଙ୍କ ମୁଣ୍ଡରେ ଚୋଟ ବସିଥିବାରୁ ସେ ଅତି ଗୁରୁତର ଭାବେ ଆହତ ହୋଇ ଅଚେତ ହୋଇଯାଇଥିଲେ। ଅନ୍ୟମାନଙ୍କ ଭିତରେ ଉକ୍ତ ଗ୍ରାମର ସୁବ୍ରତ ସେନାପତି, ପ୍ରକାଶ ସେନାପତି, ସମୀର ସେନାପତି, ବିପିନ ବେହେରା ଓ ଧୀରେନ୍ଦ୍ର ସାମଲ ଆକ୍ରମଣର ଶିକାର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ତାଙ୍କର ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ୪ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ଶେଷ ସୁଦ୍ଧା କଳିଙ୍ଗଙ୍କ ସ୍ୱାସ୍ଥ୍ୟ ଅତି ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣା ପଡିଛି। ଅପରପକ୍ଷେ ଅନ୍ୟ ଗୋଷ୍ଠୀଙ୍କର କୌଣସି ସୂଚନା ମିଳିପାରିନଥିବା ବେଳେ ଉତ୍ତେଜନା ସ୍ଥାନରେ ଓ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ମୁତୟନ କରାଯାଇଥିବା ନେଇ ଆଳି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସୂଚନା ଦେଇଛନ୍ତି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସିଲାଣି ବର୍ଷା । ଡ଼ରାଇଲାଣି ଡ଼େଙ୍ଗୁ । ଏଇ କିଛି ବର୍ଷ ହେଲା ବର୍ଷା ଆସିଲେ ଡ଼େଙ୍ଗୁର ହଟସ୍ପଟ ପାଲଟୁଛି ଖୋର୍ଦ୍ଧା ଜିଲ୍ଲା । ସ୍ମାର୍ଟ ସିଟି ହୋଇ ବି ରାଜଧାନୀ ଭୁବନେଶ୍ୱରରେ ଅଧିକ ସଂଖ୍ୟାରେ ରୋଗୀ ଚିହ୍ନଟ ହେଉଛନ୍ତି । ଆମେ ସମସ୍ତେ ଜାଣୁ ପରିମଳ ସ୍ଥିତି ବିଗିଡ଼ିଲେ ଡ଼େଙ୍ଗୁ ବଂଶ ବିସ୍ତାର କରିଥାନ୍ତି । ଡ଼େଙ୍ଗୁର ମୁକାବିଲାକୁ ନେଇ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ଓ ତୂଳୀରେ ଜନସଚେତନତା ଉଦ୍ଦେଶ୍ୟରେ ଆଙ୍କିଛନ୍ତି ଏକ ସୁନ୍ଦର ସୃଜନାତ୍ମକ ଶିକ୍ଷଣୀୟ ଚିତ୍ର । ଚିତ୍ରରେ ସାରା ବିଶ୍ୱକୁ ଦେଇଛନ୍ତି ବଳିଷ୍ଠ ବାର୍ତ୍ତା । ଚିତ୍ରରେ ସେ ଦର୍ଶାଇଛନ୍ତି, ଡ଼େଙ୍ଗୁ ମଶାକୁ ପ୍ରତିହତ କରିବା ପାଇଁ ଅସଲ ଚାବିକାଠି ଆମ ହାତରେ ରହିଛି । ଯେମିତିକି ଯଦି ଆମେ ନିଜ ଘର ଓ ଆଖ ପାଖ ଅ□ଳକୁ ପରିଷ୍କାର, ପରିଚ୍ଛନ୍ନ ରଖିବା, ପୁରୁଣା ପାତ୍ର, ଟାୟାର ବା ଅନ୍ୟ କୌଣସି ସାମଗ୍ରୀ ଓ ଖାଲି ପ୍ଲଟରେ ପାଣି ଜମା ହେବାକୁ ଦେବା ନାହିଁ । ଏଇଟା ମୋ କାମ ନୁହେଁ କି ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ନାହିଁ । ଏନେଇ ବ୍ୟକ୍ତିଗତ ସ୍ତରରେ ସର୍ବପ୍ରଥମେ ଉଦ୍ୟମ ଆରମ୍ଭ ହେବା ଦରକାର । ତଥ୍ୟ ଦେଖିଲେ ଜଣାପଡ଼େ, ଗ୍ରାମା□ଳ ଅପେକ୍ଷା ସହରା□ଳରେ ଡ଼େଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ । ଯାହାର ମୁଖ୍ୟ କାରଣ ହେଉଛି ଡ୍ରେନ୍ । ଡ୍ରେନେଜ୍ ବ୍ୟବସ୍ଥା ନକରି ଲୋକେ ଘରଦ୍ୱାର କରି ପକାଉଛନ୍ତି । ଯଦି ଡ୍ରେନର ପାଣି ସଠିକ୍ ରୂପେ ନିଷ୍କାସନ ନ ହୋଇପାରେ ସେଥିରେ ଅଣ୍ଡା ଦେଇ ବଂଶ ବିସ୍ତାର କରିଥାନ୍ତି ଡ଼େଙ୍ଗୁ ମଶା । ଏଣୁ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଡ୍ରେନେଜ୍ ବ୍ୟବସ୍ଥା ଓ ଉନ୍ନତୀକରଣ ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର । ନଚେତ୍ ପରିସ୍ଥିତି ଅଣଆୟ ହୋଇପଡ଼ିବ ବୋଲି ଶାନ୍ତନୁ କହିଛନ୍ତି ।

# ଭେଣ୍ଡିଂ ଜୋନ କାର୍ଯ୍ୟ ଜାରି ରଖିବାକୁ ମହଲ୍ଲା କମିଟି ପକ୍ଷରୁ ଦାବିପତ୍ର



କଟକ(ଭାସ୍କର ନ୍ୟୁଜ୍): ମଙ୍ଗଳବାର ପେନସନ ଲେନ ମହଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବେପାରି ବନ୍ଧୁ ମାନଙ୍କ ସହ ପେନସନ ଲେନ ଠାରେ ନିର୍ମାଣ ହେବାକୁ ଥିବା ଭେଣ୍ଡିଂ ଜୋନ କାମକୁ ବନ୍ଦ ନକରିବା ପାଇଁ ସଂପାଦକ ତଥା ଯୁବ ସମାଜସେବୀ ସେକ ଗୁଲାମମୋଇଦ୍ଦିନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମାନ୍ୟବର ବିଧାୟିକା ସୋଫିଆ ଫିରଦୋସ, କଟକ ମହାନଗର ନିଗମ ମେୟର ସୁବାଷ ଚନ୍ଦ୍ର ସିଂ, କଟକ ଜିଲ୍ଲାପାଳ, ଅତିରିକ୍ତ କମିସନର କଳ୍ପତରୁ ବାବୁ ଏବଂ ସ୍ଥାନୀୟ କର୍ପୋରେଟର ଏସ ଶ୍ରୀଦେବୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୩୦ ବର୍ଷ ହେଲା ସେଠାକାର ସ୍ଥାନୀୟ ଛୋଟ ବ୍ୟବସାୟୀମାନେ ବସି ବେପାର କରି ଆସୁଛନ୍ତି । ଏହି ଭେଣ୍ଡିଂ ଜୋନ ନିର୍ମାଣ ଦ୍ୱାରା ସେମାନେ ସ୍ଥାୟୀ ଭାବେ ସେଠାରେ ବେପାର କରିପାରିବେ । କିନ୍ତୁ, କିଛି ଖଳ ପ୍ରକୃତିର ଲୋକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି କାମକୁ ବିରୋଧ କରିବା ସହ ଏକ ମିଛ ଦସ୍ତଖସ୍ତ ସ୍ଥାନୀୟ ଲୋକଙ୍କର ନାମରେ କରି ବିରୋଧ କରୁଛନ୍ତି ବୋଲି ମହଲ୍ଲା କମିଟି ସଂପାଦକ ଗୁଲାମ ମୋଇଦ୍ଦିନ କହିଛନ୍ତି । ପେନସନ ଲେନ ମହଲ୍ଲା କମିଟି ଏବଂ ସ୍ଥାନୀୟ ବାସିନ୍ଦା ସହ ବେପାରି ବନ୍ଧୁମାନେ ଏହାକୁ ତୀବ୍ର ନିନ୍ଦା କରିବା ସହ ଏହି ଭେଣ୍ଡିଂ ଜୋନ କାର୍ଯ୍ୟକୁ ଯଥାଶୀଘ୍ର ଆରମ୍ଭ କରାଯାଇ ଶେଷ କରିବା ପାଇଁ ସଂପାଦକ ଗୁଲାମ ମୋଇଦ୍ଦିନ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପେନସନ ଲେନ ମହଲ୍ଲା କମିଟି ସଭାପତି ଜାବେଦ ଇକବାଲ, ଯୁଗ୍ମ ସଂପାଦକ ଅବଦୁଲ ସାହିଦ, କୋଷାଧକ୍ଷ ସେକ ଖାଲିଦ ରହେମାନ, ଉପ ସଭାପତି ଇମ୍ରାନ ଖାନ, ସେକ ଜାବିର, ମୌଷର ଅଲି,ଏସ ପଦ୍ମା, ଜି ଭାସ୍କର ରାଓ, ସେକ ସଲାମତ ଅଲ୍ଲୀ, ଏସ ଶ୍ରୀନୁ, ଏମ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁଲଭ ବିକ୍ରୟ କେନ୍ଦ୍ରରୁ ସଟର ଭାଙ୍ଗି ଚାଉଳ ଲୁଟ୍



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ଅନ୍ତର୍ଗତ ଧୁସୁରି ଥାନାର ସୂର୍ଯ୍ୟପୁରଠାରେ ଥିବା ସରକାରୀ ସୁଲଭ ବିକ୍ରୟ କେନ୍ଦ୍ରର ତାଲା ଭାଙ୍ଗି ୧୮ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ଧୁସୁରି ଥାନାରେ ଓଁ ସାଇନାଥ ସ୍ୱୟଂ ସହାୟକ ଗୋଷ୍ଠିର ସମ୍ପାଦିକା ଇତିଶ୍ରୀ ଦାସ ଅଭିଯୋଗ କରିଛନ୍ତି। ସୂଚନାଥାଉ କି ଦୁଇ ମାସ ତଳେ ସୂର୍ଯ୍ୟପୁର ଅଞ୍ଚଳର ଓଁ ସାଇନାଥ ସ୍ୱୟଂ ସହାୟକ ଗୋଷ୍ଠି ଉକ୍ତ ଅଞ୍ଚଳ ପାଇଁ ସରକାରୀ ଚାଉଳ ବଣ୍ଟନ ଦାଇତ୍ୱ ନେଇଥିଲେ । ତେବେ ଗୋଦାମରେ ଚାଉଳ ଥିବାବେଳେ ସୋମବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି କେହି ଚୋରାଇ ନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଘଟଣା ସ୍ଥଳେ ଥାନା ଏସ୍ଆଇ ବାସୁଦେବ ଓରାମ ଘଟଣାର ତଦନ୍ତ କରିଛନ୍ତି । ଏ ସଂପର୍କରେ ଥାନାରେ କେଶ ନମ୍ବର ୨୮୪/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ତେବେ ଉକ୍ତ ଗୋଦାମ ଘରଟି ଏକ ବିବାଦୀୟ ସ୍ଥାନ । ଏ ନେଇ ପୂର୍ବରୁ ଉକ୍ତ ଘରକୁ ନେଇ ଥାନାରେ ମଧ୍ୟ ଅଭିଯୋଗ ରହିଛି । ସେହି ଘର କିପରି ଭାବେ ଏଗ୍ରିମେଣ୍ଟ ହେଲା। ଏବଂ ଉକ୍ତ ଗୋଦାମ ଘରେ ନିୟମ ରହିଛି ସିସି କ୍ୟାମେରା ଲାଗିବା ପାଇଁ କିନ୍ତୁ କାହିଁକି ସେଠାରେ କ୍ୟାମେରା ଲାଗି ନଥିଲା ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଉକ୍ତ ଗୋଦାମରେ ସରକାରୀ ଚାଉଳ ଥିଲା ନା ଚୋରି ନାମରେ ଘଟଣାକୁ ଅନ୍ୟ ମୋଡ ବଦଳାଇ ଦିଆଯାଇଛି ତାହା ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଚୋରିର ରହସ୍ୟ ଜଣାପଡ଼ିବ । ତେବେ ବ୍ୟକ୍ତିଗତ ରାଗ ରଖି କେହି ଚାଉଳ ଚୋରୀ କରିଛନ୍ତି ବୋଲି ସଭାନେତ୍ରୀ କଳ୍ପନା ଦାସ କହିଚନ୍ତି। ତେବେ ଘଟଣାର ତଦନ୍ତ ଚାଲିଛି ପ୍ରକୃତ ସତ୍ୟତା ଜଣା ପଡ଼ିବ ବୋଲି ଏସଆଇ ଶ୍ରୀ ଓରାମ କହିଛନ୍ତି ।

## 'କଳ୍ପନାରୁ ଦକ୍ଷତାକୁ ଯାତ୍ରା' କର୍ମଶାଳା ଆୟୋଜିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଉଚ୍ଚ ମାଧ୍ୟମିକସ୍ତରରେ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଦକ୍ଷତାକୁ ଏକ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆଜି କୃଷି ଭବନସ୍ଥିତ ଅଡ଼ିଟୋରିୟମଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଦୁଇ ଦିନିଆ କର୍ମଶାଳାର ଆୟୋଜନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ସହଯୋଗରେ ବିଦ୍ୟାଳୟ ନବସୃଜନ ପରିଷଦକୁ କାର୍ଯ୍ୟକାରୀ କରିବା ନେଇ 'କଳ୍ପନାରୁ ଦକ୍ଷତାକୁ ଯାତ୍ରା' କର୍ମଶାଳାର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଉପସ୍ଥିତ ରହି ବିକଶିତ ଓଡ଼ିଶା ଗଠନରେ ଏହି କର୍ମଶାଳା ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ଏହି କର୍ମଶାଳାରେ ୧୬୪ ଜଣ ଅଂଶଗ୍ରହଣ କରିଛନ୍ତି, ଯେଉଁଥିରେ ପିଏମ-ଶ୍ରୀ ବିଦ୍ୟାଳୟର ୫୯ ଜଣ ଅଧକ୍ଷ, ବିଭିନ୍ନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୦ ଜଣ ସ୍ନାତକୋତର ଶିକ୍ଷକ ବା ପିଜିଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩୦ ଜଣ ସ୍ନାତକୋତର ଶିକ୍ଷକ ବା ପିଜିଟି ଭାଗ ନେଇଥିବା ବେଳେ ଓଡ଼ିଆପ୍ରେନ୍ୟୁର ୧.୦ ଏବଂ ୨.୦ ରେ କୃତିତ୍ୱ ହାସିଲ କରିଥିବା ୧୫ ଜଣ ଛାତ୍ରଛାତ୍ରୀ ମଧ ଏହି କର୍ମଶାଳାରେ ଭାଗ ନେଇଛନ୍ତି । କର୍ମଶାଳାର ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ସ୍ମିତା ରାଉତ, କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ ର ଆସିସଟାଂଟ ଇନୋଭେସନ୍ ନିର୍ଦ୍ଦେଶକ ଡ. ଏଲାନଗୋଭନ୍ କାରିଆପ୍ପାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀ ଡ଼ ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ଆୟର୍ ଓଡ଼ିଶା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅପାର ସମ୍ଭାବନା ସମ୍ପର୍କରେ ସୂଚନା ଦେଇ ଓଡ଼ିଆ ପ୍ରେନ୍ୟୁର ୧.୦ ଏବଂ ୨.୦ର ସଫଳତା ବିଷୟରେ ସୂଚିତ କରିଥିଲେ । ଶେଷରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀ ଡ଼ ଜ୍ୟୋତି ପ୍ରକାଶ ରଥ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ୨୯ରେ ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା

କଟକ(ଭାସ୍କର ନ୍ୟୁଜ୍): କଟକ ସହରାଞ୍ଚଳରେ ଖାଲି ପଡିଥିବା ମୋଟ୍ ୨୦୯ଟି ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଆସନ୍ତା ୨୯ ତାରିଖ ଦିନ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ଏହି ପରୀକ୍ଷା ପାଇଁ ବୈଧ ଆବେଦନପତ୍ରର ଆବେଦନକାରୀମାନଙ୍କ ପାଇଁ କଟକ ସହରାଂଚଳ ଗୃହରକ୍ଷୀ କାର୍ଯ୍ୟାଳୟ, ବକ୍ସିବଜାରଠାରେ ଆସନ୍ତା ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଆଡମିଟ କାର୍ଡ (ପ୍ରବେଶ ପତ୍ର) ଉପଲବଧ ହେବ । ଆଡମିଟ୍ କାର୍ଡ ନେବା ସମୟରେ ପ୍ରାର୍ଥୀମାନେ ନିଜ ପରିଚୟ ପ୍ରମାଣ ପତ୍ର (ଆଧାର କାର୍ଡ) ଦାଖଲ କରିବା ବାଧ୍ୟତାମୂଳକ । ଅବୈଧ ଆବେଦନପତ୍ରଗୁଡିକର ତାଲିକା କଟକ ସହରାଞ୍ଚଳର ସମସ୍ତ ଥାନା ତଥା ସମାଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ, କଟକ ସହରାଞ୍ଚଳ, ବକ୍ସିବଜାର, ରିଜର୍ଭଲାଇନ୍ର ସୂଚନା ଫଳକ ଏବଂ କାନ୍ଥରେ ପ୍ରକାଶ କରାଯାଇଛି । ପରୀକ୍ଷା କେନ୍ଦ୍ର ଓ ସମୟ ସମ୍ପର୍କରେ ପ୍ରାର୍ଥୀମାନଙ୍କ ଆଡମିଟ କାର୍ଡରେ ଉଲ୍ଲେଖ ରହିବ ।

## ସଙ୍କୁଚିତ ହେବ ଜମି କିସମ ଓ ସତ୍ତ୍ୱ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜସ୍ୱ ଆଇନ ମୂଳତଃ ବ୍ରିଟିଶ ଅମଳରୁ ଚାଲି ଆସିଛି। ଓଡ଼ିଶାରେ ଜମିର କିସମ ୭ ହଜାରରୁ ଅଧିକ ଅଛି। ଆମେ ଏହାକୁ ସଙ୍କୁଚିତ କରି ୨୭ ଟି କିସମ କରିବାକୁ ଯାଉଛୁ। ସତ୍ୱ ବା ମାଲିକାନା ମଧ୍ୟ ୩ ହଜାର ପ୍ରକାର ଅଛି। ଯାହାର କିଛି ଆବଶ୍ୟକତା ନାହିଁ। ରାଜସ୍ୱ ଅଧିକାରୀ ଓ ଲୋକେ ଉଭୟ ଦ୍ୱନ୍ଦରେ ରହୁଛନ୍ତି। ଏହାକୁ ୩ ହଜାର ରୁ ଦୁଇ ଅଙ୍କ କୁ ଅଣାଯିବ। ବିଶେଷଜ୍ଞ, ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଉଛି। ଗୁଡ଼ାଏ ଅଦରକାରୀ ଆଇନକୁ ରଦ୍ଦ କରିବାକୁ ବିଭାଗ ଯୋଜନା କରୁଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେହିପରି ସମସ୍ତ ପଞ୍ଚାୟତ ଅଫିସକୁ ଯିବେ ତହସିଲ୍ ଦାର କିମ୍ବା ଅତିରିକ୍ତ ତହସିଲଦାର। ଦୁଇ ମାସରେ ଥରେ ପଞ୍ଚାୟତ ଅଫିସକୁ ରାଜସ୍ୱ ଅଫିସରେ ରୂପାନ୍ତରିତ କରାଯିବ। ଲୋକଙ୍କ ଅଭିଯୋଗ ଶୁଣିବେ ରାଜସ୍ୱ ଅଧିକାରୀ। ମୋ ପଞ୍ଚାୟତ, ମୋ ତହସିଲ୍ ମୋବାଇଲ ଆପ୍ ସେବା ଯୋଗାଇ ଦିଆଯିବ। ଏହାର ଲକ୍ଷ୍ୟ ଗୋଟିଏ ଯେ ଲୋକେ ଅଫିସ୍ ଦୌଡିବେ ନାହିଁ। ସରକାର ଲୋକଙ୍କ ପାଖକୁ ଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

## ଚୋରା ମଦ ବିକ୍ରିକୁ ଗ୍ରାମବାସୀଙ୍କ ବିରୋଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚୋରା ମଦ ବିକ୍ରିକୁ ବିରୋଧ କରିବାକୁ ବନମାଳୀପୁର ଅଞ୍ଚଳର ଗ୍ରାମବାସୀ ଶପଥ ନେଇଛନ୍ତି । ଗାଁ ମଝିରେ ଖୁଲମ ଖୁଲାରେ ଚୋରା ମଦ ବିକ୍ରି ହେଉଛି। ଏହାକୁ ପିଇ ନିଶାଡି ଉତ୍ପାତ କରୁଛନ୍ତି। ଏହି କାରଣରୁ ଚୋରି, ଲୁଟପାଟ ବୃଦ୍ଧି ପାଉଛି। ଗ୍ରାମବାସୀମାନେ ଏହାକୁ ବାରଣ କରିବାରୁ ମଦ ବେପାରୀ ଗ୍ରାମବାସୀଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଉଥିବା ଅଭିଯୋଗ ହେଇଛି। ଏନେଇ ଥାନା ଓ ଫାଣ୍ଡିରେ ବାରମ୍ବାର ଅଭିଯୋଗ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଆଜି ୧୨ ରୁ ଅଧିକ ଗାଁର ଗ୍ରାମବାସୀ ମାନେ ଏକାଠି ହୋଇ ଶପଥ ପାଠ କରିଛନ୍ତି। ଯଦି ଏହା ପରେ ବି ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତେବେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି।

## ହଇଜା ପାଇଁ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ପ୍ରସ୍ତୁତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଝାଡ଼ାବାନ୍ତି ବ୍ୟାପିବା ପରେ କ୍ୟାପିଟାଲ ହସ୍ପିଟାଲର ପ୍ରସ୍ତୁତି। ରାଜ୍ୟରେ ହଇଜା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ କ୍ୟାପିଟାଲ୍ ହସ୍ପିଟାଲ୍ରେ ଏହାକୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। କ୍ୟାପିଟାଲ ହସପିଟାଲରେ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରୁ କିଛି ଡାଇରିଆ ରୋଗୀ ଚିକିତ୍ସିତ ହେଉଛନ୍ତି। କିନ୍ତୁ ବାହାରୁ ରୋଗୀ କେହି ଆସି ଚିକିତ୍ସିତ ହେଉନାହାନ୍ତି। ଡାଇରିଆ ୱାର୍ଡକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରି ରଖାଯାଇଛି। ସମସ୍ତ ବ୍ୟବସ୍ଥା କରାଯାଇଛି। ବାହାରୁ ଯଦି ରୋଗୀ ଆସନ୍ତି ତେବେ ଚିକିତ୍ସା କରିହେବ। ଏବେ ଭୁବନେଶ୍ୱରରେ ସେଭଳି ଅଣାୟତ୍ତ ପରିସ୍ଥିତି ହୋଇନାହିଁ। ଏବେ ସ୍ଥିତି ଏତେଟା ଖରାପ୍ ହୋଇନାହିଁ ବୋଲି କହିଛନ୍ତି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡ. ରୁପଭାନୁ ମିଶ୍ର । ସେ କହିଛନ୍ତି ଯେ, ଆମେ ନଜର ରଖିଛୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଏବେ ସଂକ୍ରମଣ ୱାର୍ଡରେ ମୋଟ୍ ୧୮ଟି ଶଯ୍ୟା ରହିଛି। ଗତ କାଲି ୩ରୁ ୪ ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି। ସମସ୍ତଙ୍କ ଅବସ୍ଥା ସ୍ଥିର ରହିଛି। ରୋଗୀମାନଙ୍କ ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ ରଖାଯାଇଛି। ଆବଶ୍ୟକ ପଡ଼ିଲେ ଶଯ୍ୟା ସଂଖ୍ୟା ୪୦ ଶଯ୍ୟାକୁ ବୃଦ୍ଧି କରାଯିବ । ଏହାବାଦ ଅସ୍ଥାୟୀ ଶଯ୍ୟା ମଧ ରଖାଯାଇଛି। ହଇଜା ମୁଖ୍ୟତଃ ଏକ ଜଳବାହିତ ରୋଗ। ତେଣୁ ଫୁଟା ପାଣି ନଚେତ୍ ଆକ୍ୱାଗାର୍ଡ ପାଣି ପିଅନ୍ତୁ । ପାଣି ଟାଙ୍କିକୁ ବ୍ଲିଚିଂ ପକାଇ ସଫା ରଖନ୍ତୁ। ଶୌଚ ହୋଇ ଆସିବା ପରେ ଭଲ ଭାବେ ହାତ ସଫା ରଖନ୍ତୁ। ଗରମ ଖାଦ୍ୟ ଖାଆନ୍ତୁ। ରାଜଧାନୀରେ ହଇଜା ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ତଥାପି ସତର୍କ ରହିବାକୁ ଡା ରୂପଭାନୁ ମିଶ୍ର ପରାମର୍ଶ ଦେଇଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ସେବାପୂଜା ସମ୍ପର୍କିତ ରେକର୍ଡ ଅଫ୍ ରାଇଟ୍ସର ସମୀକ୍ଷା ପାଇଁ ସମିତି ଗଠିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରରେ ନିଯୁକ୍ତ ବିଭିନ୍ନ ନିଯୋଗମାନଙ୍କ ଦ୍ୱାରା କରାଯାଉଥିବା ସେବାପୂଜ ସମ୍ପର୍କିତ ରେକର୍ଡ ଅଫ୍ ରାଇଟ୍ସର ସମୀକ୍ଷା କରିବା ସହ ଅନ୍ତିମ ରୂପ ଦେବା ପାଇଁ ରାଜ୍ୟ ସରକାର, ଓଡ଼ିଶା ଉଚ୍ଚ ନ୍ୟାୟଳୟର ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଡଃ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ଦୁଇ-ସଦସ୍ୟ ବିଶିଷ୍ଟ ସମିତି ଗଠନ କରିଛନ୍ତି । ଏହି ସମିତିର ଗଠନ ସନ୍ଦର୍ଭରେ ବିଧି ବିଭାଗର ପତ୍ର ସଂଖ୍ୟା ୭୭୧୪/ଏଲ୍ ତାରିଖ ୦୮.୦୫.୨୦୨୫ ମାଧ୍ୟମରେ ବିଜ୍ଞପ୍ତି ଜାରି କରାଯାଇଛି । ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ସମିତିର କାର୍ଯ୍ୟାଳୟ ସମିତିର ଅଧକ୍ଷ ନ୍ୟାୟମୂର୍ତ୍ତି ଡଃ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ସମିତିର ଅଧକ୍ଷଙ୍କ ସମେତ ସଦସ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ବିଧି ବିଭାଗର, ବିଧି ଚେତକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଦ୍ୱିତୀୟ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ,ଅରୁଣ କୁମାର ସାହୁ ଏବଂ ଅତିରିକ୍ତ ଶାସନ ସଚିବ (ନ୍ୟାୟିକ) ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତି ରହି କମିଟିର କାର୍ଯ୍ୟପଦ୍ଧତି ବିଷୟରେ ଆଲୋଚନା କରିଥିଲେ । ଏହି ସମିତି ଲିଙ୍ଗରାଜ ମନ୍ଦିରର ବିଭିନ୍ନ ସେବାପୂଜା, ନିଯୋଗମାନଙ୍କ ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଦୈନନ୍ଦିନ ନିୟମିତ ନୀତି ବିଧି ସମ୍ପର୍କିତ ଦଲିଲପତ୍ର ପ୍ରଦାନ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି ।

## ଓଡ଼ିଶା ଯାତ୍ରୀ ଆପ୍‌ରେ ଯୋଡ଼ିହେବ ଆମ୍ବୁଲାନ୍ସ ସେବା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଘରୋଇ ଆମ୍ବୁଲାନ୍ସ ଗୁଡ଼ିକ ଓଡ଼ିଶା ଯାତ୍ରୀ ସହ ଯୋଡ଼ି ହେବେ ଏବଂ ଯାତ୍ରୀ ଅନଲାଇନ୍ ରେ ଆମ୍ବୁଲାନ୍ସ ବୁକ୍ କରିପାରିବେ। ଏହାର ସଂରକ୍ଷଣ ଦାୟିତ୍ୱ ପରିବହନ ବିଭାଗ ନେଇଛି ଏବଂ କ୍ରୁଟ ସହାୟତା ରେ ଏହାକୁ ଚଳାଯିବ। ଏନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଟୋ, ଟ୍ୟାକ୍ସି ପରେ ଘରୋଇ ଆମ୍ବୁଲାନ୍ସକୁ ଓଡ଼ିଶା ଯାତ୍ରୀ ସହ ଯୋଡ଼ା ଯିବ। ଏହାର ରେଟ ସରକାର ନିର୍ଦ୍ଧାରିତ କରିବେ। ସାଧାରଣ ଲୋକେ ସରକାରୀ ଆମ୍ବୁଲାନ୍ସ ସହ ଘରୋଇ ଆମ୍ବୁଲାନ୍ସ ସେବା ପାଇପାରିବେ। ଏନେଇ ପରିବହନ ବିଭାଗ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଥିବା କହିଛନ୍ତି ପରିବହନ ମନ୍ତ୍ରୀ।

# ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନିୟମିତତା : ରୋଗୀଙ୍କୁ ମିଳୁନି ମେଡ଼ିସିନ




ନିଆଳି(ଭାସ୍କର ନ୍ୟୁଜ): ଉପାନ୍ତ ଅଞ୍ଚଳର କଥା ଛାଡ଼ନ୍ତୁ ରାଜଧାନୀ ଉପକଣ୍ଠ ତଥା କଟକ ଜିଲ୍ଲା ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ମିଳୁନାହିଁ ମାଗଣା ମେଡ଼ିସିନ । ଫଳରେ ରୋଗୀ ମାନେ ଖର୍ଚ୍ଚାନ୍ତ ହୋଇ ବାହାରୁ ମେଡ଼ିସିନ କିଣିବା ପାଇଁ ବାଧ ହେଉଛନ୍ତି । ଗତ ୬ ମାସରୁ ଉର୍ଦ୍ଧ୍ୱ ହେବ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାଗଣାରେ ମେଡ଼ିସିନ ପାଇବାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ହୋଇଛି । ବିପି ବଟିକା, ଗ୍ୟାସ, ଥଣ୍ଡା ଜନିତ ବଟିକା, ମଣ୍ଟେକ ଏଲିପସି ମେଡ଼ିସିନ, ଭିଟାମିନ, କୃମି, କାଶ ଔଷଧ ଠାରୁ ଆରମ୍ଭ କରି ଇଞ୍ଜେକ୍ସନ, କିଟ ୫, କିଟ ୬ ଅଭାବ ଦେଖା ଦେଇଛି। କିନ୍ତୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ କଟକ ସିଡିଏମଓଙ୍କ ଆନ୍ତରିକତା ନଥିଲା ପରି ମନେ ହେଉଛି । ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡ଼ିସିନ ସରିବା ପୂର୍ବରୁ ମାଗଣା ମେଡ଼ିସିନ ଯୋଗାଇଦେବା କଥା କିନ୍ତୁ ଦୂର୍ଭାଗ୍ୟର କଥା ଗତ ୬ ମାସରୁ ଉର୍ଦ୍ଧ୍ୱ ହେବ ରୋଗୀଙ୍କୁ ମାଗଣା ମେଡ଼ିସିନ ମିଳୁନଥିବା ଅଭିଯୋଗ ହୋଇଛି। ବିଶେଷ କରି ଗ୍ରାମାଞ୍ଚଳରେ ଗରିବ ଏବଂ ରାସନ କାର୍ଡ ଧାରୀ ଅଭାବି ଲୋକମାନେ ବସବାସ କରୁଥିବା କାରଣରୁ ଏମାନଙ୍କ ପାଇଁ ମାଗଣା ମେଡ଼ିସିନ ଅପରିହାର୍ଯ୍ୟ ହୋଇପଡିଛି । ଏହାର ଫାଇଦା ନେଇ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିଛି ଡାକ୍ତର ଘରୋଇ ମେଡିସିନ କମ୍ପାନୀ ସହିତ ଭିତିରିଆ ବୁଝାମଣା କରି ନିର୍ଦ୍ଦିଷ୍ଟ କମ୍ପାନୀର ମେଡ଼ିସିନ ରୋଗୀଙ୍କୁ କିଣିବା ପାଇଁ ବାଧ କରୁଥିବା ନେଇ ଅଭିଯୋଗ ହୋଇଛି । ମାଗଣା ମେଡ଼ିସିନ ଅଭାବ ଯୋଗୁଁ ଏପରି ଅବସ୍ଥା ଉପୁଜୁଥିବା ନେଇ ଅଭିଯୋଗ ହୋଇଛି । ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ନିଆଳି ବିଧାୟକ ଓ କଟକ ଜିଲ୍ଲାପାଳ ଦୃଷ୍ଟି ଦେଇ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମାଗଣା ମେଡ଼ିସିନ ଯୋଗାଇଦେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

**କଟକ ସହରରେ ଝାଡାବାନ୍ତି ଆକ୍ରାନ୍ତକୁ ଆଶଙ୍କା**

## ସିଏମ୍‌ସି ପକ୍ଷରୁ ବିଭିନ୍ନ ହୋଟେଲର ଖାଦ୍ୟ ଯାଞ୍ଚ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ଝାଡାବାନ୍ତିର ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ କଟକ ଜିଲ୍ଲାରେ ମଧ୍ୟ ସଂକ୍ରମଣ ବଢୁଛି । ସାରା ଜିଲ୍ଲାରେ ଶହେରୁ ଅଧିକ ଆକ୍ରାନ୍ତ ହେଲେଣି । ବୟାଳିଶମୌଜା, ବାଙ୍କୀ ପରେ ଟାଙ୍ଗୀ ଓ ନରସିଂହପୁର ବ୍ଲକ୍‌ରେ ଝାଡ଼ାବାନ୍ତି ବ୍ୟାପି ସହ ଜଣଙ୍କର ମୃତ୍ୟୁ ହୋଇଛି। କଟକ ସହରରେ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ଦୋକାନ ଉପରେ ଚଢ଼ାଉ ଆରମ୍ଭ ହୋଇଛି। ବିଭିନ୍ନ ହୋଟେଲ୍‌ରେ ସିଏମ୍‌ସି ଏବଂ ଖାଦ୍ୟ ସୁରକ୍ଷା ବିଭାଗ ଟିମ୍‌ର ଚଢାଉ କରାଯାଇଛି। ସିଏମ୍‌ସିର ଖାଦ୍ୟ ସୁରକ୍ଷା ବିଭାଗ ଦ୍ୱାରା ମଙ୍ଗଳବାର କଟକ ରେଳ ଷ୍ଟେସନ ନିକଟରେ ଥିବା ବିଭିନ୍ନ ହୋଟେଲରେ ଚଢ଼ଉ କରାଯାଇଛି। ଏଥିରେ ପାଖାପାଖି ୨୦କେଜିରୁ ଅଧିକ ବାସି ଖାଦ୍ୟ ନଷ୍ଟ କରାଯାଇଛି। ଏଥି ସହିତ ଗୋଟିଏ ହୋଟେଲ୍ ବିନା ଲାଇସେନ୍ସରେ ଚାଲୁଥିବା ନେଇ ସିଲ୍ କରାଯାଇଛି। ପୂର୍ବରୁ ବକ୍ସି ବଜାର, ଦୋଳ ମୁଣ୍ଡାଇ, ରାଣୀହାଟ ଆଦି ସ୍ଥାନରେ ଯାଞ୍ଚ କରାଯାଇଥିଲା। ସହରରେ ବିକ୍ରି ହେଉଥିବା କଟକ ସହରରେ ଥିବା ଫାଷ୍ଟ ଫୁଡ୍ ଦୋକାନ ଉପରେ ନଜର ରଖାଯିବ ସହିତ ସବୁ ସ୍ଥାନରେ ମାଇକ ପ୍ରଚାର କରାଯାଇ ଲୋକଙ୍କୁ ଡାଇରିଆ ସମ୍ପର୍କରେ ସଚେତନ କରାଯାଉଛି। ଏନେଇ କଟକ ମହାନଗର ନିଗମ କମିଶନର ଅନାମ ଚରଣ ପାତ୍ର ସୂଚନା ଦେଉଛନ୍ତି। ଏହି ଚଢାଉରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ପ୍ରମୁଖ ଅଂଶ ଗ୍ରହଣ ରହିଥିଲେ।

## ନବ ନିର୍ମିତ ପ୍ରସ୍ଥାନ କନକୋର୍ସ ଟିକେଟ କାଉଣ୍ଟର ସ୍ଥାନାନ୍ତର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନର ଚାଲୁରହିଥିବା ପୁନର୍ବିକାଶ କାର୍ଯ୍ୟର ଏକ ଅଂଶ ଭାବରେ, ଭୁବନେଶ୍ୱର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ଉନ୍ନୀତ କରିବା ଲକ୍ଷ୍ୟରେ ଯାତ୍ରୀ ସୁବିଧା ଏବଂ ଭିତିଭୂମିକୁ ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ବିଦ୍ୟମାନ ଅସ୍ଥାୟୀ ସେଡ୍ ରେ ନିର୍ମାଣ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି, ଅସ୍ଥାୟୀ ସେଡ୍ ରୁ ପୂର୍ବରୁ କାର୍ଯ୍ୟ କରୁଥିବା ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ପିଆରଏସ) ଏବଂ ଅଣସଂରକ୍ଷିତ ଟିକେଟିଂ ପ୍ରଣାଳୀ (ୟୁଟିଏସ) କାଉଣ୍ଟରଗୁଡ଼ିକୁ ବର୍ତମାନ ଅସ୍ଥାୟୀ ଭାବରେ ନବନିର୍ମିତ ନୂତନ ନିର୍ମିତ ଭୂମିସ୍ତରୀୟ ପ୍ରସ୍ଥାନ କନକୋର୍ସକୁ ସ୍ଥାନାନ୍ତରିତ କରାଯାଇଛି। ଏହି ବ୍ୟବସ୍ଥା ଅସ୍ଥାୟୀ ସେଡ୍ ସ୍ଥାନରେ ନିର୍ମାଣ କାର୍ଯ୍ୟ ସୁଗମ ଭାବରେ ଆଗକୁ ବଢ଼ିବା ସହିତ ଟିକେଟିଂ ସେବାର ନିରବଚ୍ଛିନ୍ନ ଉପଲବ୍ଧତାକୁ ସୁନିଶ୍ଚିତ କରିବ। ଯାତ୍ରୀଙ୍କ ଗତିବିଧିକୁ ଆହୁରି ସହଜ କରିବା ପାଇଁ ଟାଉନ୍ ବସ୍ ଷ୍ଟାଣ୍ଡ/ମନ୍ଦିର ପାର୍ଶ୍ୱରୁ ଏକ ନୂତନ ନିର୍ମିତ ଆପ୍ରୋଚ୍ ରୋଡ୍ ଖୋଲାଯାଇଛି ଯାହା ଷ୍ଟେସନକୁ ଉନ୍ନତ ସଂଯୋଗ ଏବଂ ଅସୁବିଧାମୁକ୍ତ ପ୍ରବେଶକୁ ସକ୍ଷମ କରିବ । ଏହି ପୁନର୍ବିକାଶ ପ୍ରୟାସରେ ଏକ ପ୍ରମୁଖ ମାଇଲଖୁଣ୍ଟି ହେଉଛି ଏକ ନୂତନ ନିର୍ମିତ ଭୂମିସ୍ତରୀୟ ପ୍ରସ୍ଥାନ କନକୋର୍ସ ମାଧ୍ୟମରେ ପ୍ଲାଟଫର୍ମ ନମ୍ବର ୧ କୁ ସିଧାସଳଖ ପ୍ରବେଶର ସୁଯୋଗ ଖୋଲିବା ଯାହା ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ବୋଲି ଆଶା କରାଯାଉଛି । ଚାଲୁଥିବା ଷ୍ଟେସନ ଭବନରେ ସ୍ଥାନାନ୍ତରିତ ୟୁଟିଏସ ଏବଂ ପିଆରଏସ କାଉଣ୍ଟରଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ଅଧିକ ସ୍ଥାନ ଉପଲବ୍ଧ କରାଇବା ସହ ଯାତ୍ରୀ ମାନଙ୍କ ଯାତାୟାତ ପାଇଁ ସୁବିଧା ପ୍ରଦାନ କରିବ ।

# ବିଏମ୍‌ସି ପକ୍ଷରୁ ଡ୍ରାଇଭର ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୂନ ଦୁର୍ଘଟଣା ଦିବସ ବା ଜିରୋ ଆକ୍ସିଡେଂଟ ଡେ ପାଳନ ଅବସରରେ ଡ୍ରାଇଭରମାନଙ୍କୁ ସଚେତନତା ସହ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଠ ନମ୍ବର କମ୍ୟୁନିଟ୍ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସମୀତା ମହାନ୍ତି, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ବିଏମ୍ ସିର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ । ଆମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତଥା ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ ରୋଡ୍ ସେଫ୍ଟି, ଆଇଆଇଟି ମାଡ୍ରାସର ପ୍ରମୁଖ ପ୍ରକଳ୍ପ ଅଧିକାରୀ ଗଙ୍ଗାଧର ସାହୁ ଯୋଗଦେଇଥିଲେ । ସଡ଼କ ସୁରକ୍ଷା ସଚେତନତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବିଏମ୍‌ସି ପକ୍ଷରୁ ଡ୍ରାଇଭର ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୁନ୍ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି । ସଡ଼କ ସୁରକ୍ଷା ହେଉଛି ଏକ ସାମୂହିକ ଦାୟିତ୍ୱ । ନିରାପଦ ସଡ଼କ ସୁନିଶ୍ଚିତ କରିବା ପ୍ରତ୍ୟେକ ବ୍ୟକ୍ତିର ପ୍ରୟାସ ହେବା ଆବଶ୍ୟକ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ରତ୍ନାକର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଠିକାଦାରଙ୍କ ଭରସାରେ ଚାଲିଛି ଗ୍ରାମ୍ୟ ଉନ୍ନୟନ ସଂସ୍ଥା



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ସରକାର ବହୁ ଜନହିତ କାରୀ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ଗୁଡିକୁ ସହର ସହିତ ସନଯୋଗୀ କାରଣ କରିବା ନିମନ୍ତେ ବିଭିନ୍ନ ରାସ୍ତା ନିର୍ମାଣ ସହିତ ବିଭିନ୍ନ ସ୍ଥାନରେ ପୋଲ ନିର୍ମାଣ କରାଯାଉଛି । ହେଲେ ଭିନ୍ନ ଭିନ୍ନ ରାସ୍ତା ନିର୍ମାଣ ସମୟରେ ନିମ୍ନ ମାନର କାମକୁ ନେଇ ଅଭିଯୋଗ ଆସିବା ପରେ ଯାଇ ଅଧିକାରୀ ମାନେ ରାସ୍ତାକୁ ଧାନ୍ୟ ଦେବା ସହିତ ଠିକା ଦାରଙ୍କୁ ସୁହାଇଲା ଭଳି ମତ ପ୍ରକାଶ କରଥିବାର ବହୁ ନଜିର ରହିଛି । ସେହି ଭଳି ଏକ ନିମ୍ନ ମାନର କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିତା ପାରି ଠାରୁ ଏମଭି-୧୦୮ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଉକ୍ତ ରାସ୍ତା ରେ ଏକ ପୋଲ ନିର୍ମାଣ କାର୍ଯ୍ୟ ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ଚାଲୁ ରହିଥିବା ବେଳେ ପୋଲ କାର୍ଯ୍ୟ ସେସ ଅବସ୍ଥାରେ ରହିଛି । ପୋଲର ଉଭୟ ପାର୍ଶ୍ୱରେ ଗାର୍ଡ ୱାଲ କାର୍ଯ୍ୟ ଚାଲୁ ରହିଛି । ସରକାରଙ୍କ ନିୟମ ଅନୁଯାଇ ପ୍ରତେକ କଂକ୍ରିଟ କାମରେ ମେଣ୍ଟାଲ,ବାଲି ସହିତ ସିମେଣ୍ଟ ମିଶାଇ କଂକ୍ରିଟ କରିବାକୁ ରହିଥିବା ବେଳେ ଉକ୍ତ ଗାର୍ଡ ୱାଲ କାମରେ ମେଣ୍ଟାଲ,ବାଲି ବଦଳରେ ପଥର ଗୁଣ୍ଡା ଏବଂ ଗଜପତି ସିମେଣ୍ଟ ମାଧ୍ୟମରେ କାମ ହେଉଥିବା ଦେଖିବାକୁ ମିଳିଥିଲା । ଏନେଇ ଉକ୍ତ କାମରେ ନିୟଜିତ ଥିବା କର୍ମ ଚାରୀଙ୍କୁ ପଚାରିବାରୁ ସେ ମଧ ବାଲି ବଦଳରେ ପଥର ଗୁଣ୍ଡା ମିଶାଇ କଂକ୍ରିଟ କାମ ହେଉଛି ବୋଲି କହିଥିଲେ । ଏନେଇ ଆମେ ଦାଇତ୍ୟରେ ଥିବା କନିଷ୍ଠ ଯନ୍ତ୍ରି ବଲରାମ ମାଝିଙ୍କୁ ଯୋଗା ଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ଯୋଗା ଯୋଗ ସମ୍ଭବ ପର ହୋଇନଥିବା କାରଣରୁ ଅଧିକାରୀଙ୍କର କୌଣସି ପ୍ରତିକ୍ରିୟା ମିଳି ପାରି ନଥିଲା । ଏଣୁ ଆମେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏସଡ଼ିଓ ଭୋଳା ନାଥ ସେଠୀଙ୍କୁ ଯୋଗା ଯୋଗ କରି ଉକ୍ତ କାମ ସମ୍ପାରେ ଅବଗତ କରାଇବାରୁ ସେ କହିଥିଲେକି ଉକ୍ତ କାମ ୨୦ଲକ୍ଷ ବ୍ୟୟ ଅଟକଳରେ କାର୍ଯ୍ୟେ ଠିକା ଦାରଙ୍କୁ ହସ୍ତାନ୍ତର କରାଯାଇଛି । କିନ୍ତୁ କୌଣସି କଂକ୍ରିଟ କାମ ବାଲି ବିନା ହୋଇପାରିବ ନାହିଁ ବୋଲି ଶ୍ରୀ ସେଠି କହିଥିଲେ । ହେଲେ ଠିକାଦାର କିପରି ଭାବେ ଏପରି କାମ କରୁଛନ୍ତି ଅନୁଧ୍ୟାନ କାରିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏବେ ଆଗକୁ ଦେଖିବାର ବାକି ରହିଲା ଅଧିକାରୀ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏବଂ ପୂର୍ବରୁ ବାଲି ନମିସାଇ କରିଥିବା କାମକୁ ପୁନର୍ବାର କରିବାକୁ ନିର୍ଦ୍ଦେଶ ଦେଉଛନ୍ତି ନା ତା ଉପରେ ପୁଣି କାମ କରୁଛନ୍ତି ଦେଖିବାର ବାକି ରହିଲା ।



# ଆମ କଳାହାଣ୍ଡି





# ପୌରାଞ୍ଚଳରେ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଶାସନର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ବ୍ୟାପୀ ବିକାଶ ଉତ୍ସବ ପାଳିତ ହେଉଥିଲା ବେଳେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ପୌରାଞ୍ଚଳରେ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଯାତ୍ରା ଆସନ୍ତା ତା. ୨୧.୬.୨୫ ପର୍ଯ୍ୟନ୍ତ ଚାଲିବ ବୋଲି ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ବିକାଶ ବାହନ ଯାତ୍ରାର ପ୍ରଥମ ପର୍ଯ୍ୟାୟ ଯାତ୍ରାକୁ ୧୨ତାରିଖ ଦିନ କଳାହାଣ୍ଡି ଲୋକସଭା ସଦସ୍ୟ ମାଳବିକା ଦେବୀ ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଯୋଷୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶ, କଳାହାଣ୍ଡି ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମୁନିନ୍ଦ୍ର ହନ୍ନାଗା, ଭବାନୀପାଟଣା ପୌରପାଳିକା, ନିର୍ବାହୀ ଅଧିକାରୀ ପ୍ରତୀକ




ରଥ, ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ପୌରପାଳିକାର ସମସ୍ତ କର୍ମଚାରୀ ଓ ବହୁ ନିମନ୍ତ୍ରିତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ପୌରପାଳିକାର ୱାର୍ଡ ନଂ.୦୧ ରୁ ୱାର୍ଡ ନଂ. ୦୫ ପର୍ଯ୍ୟନ୍ତ ପାଞ୍ଚ ଗୋଟି ୱାର୍ଡ ମଧ୍ୟରେ ପରିକ୍ରମା କରିବା ସହ ସହରବାସୀଙ୍କୁ ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତିର ସମସ୍ତ ଉପଲବ୍ଧି ଓ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।ଏହି ଶୁଭ ମୁହୂର୍ତ୍ତରେ ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ପ୍ରଧାନ, ନିର୍ବାହୀ ଅଧିକାରୀ ଶ୍ରୀ ରଥ, କର୍ମଚାରୀ ବୃନ୍ଦ, ଅଙ୍ଗନୱାଡି କର୍ମୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର, ସଂପୃକ୍ତ ୱାର୍ଡର ବାସିନ୍ଦା ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଆସନ୍ତା ତା.୧୯.୬.୨୫ ଠାରୁ ତା.୨୧.୬.୨୫ ପର୍ଯ୍ୟନ୍ତ ଏହି ବିକାଶ ବାହନ ଦ୍ୱିତୀୟ ପର୍ଯ୍ୟାୟରେ ପୌରାଞ୍ଚଳର ଅବଶିଷ୍ଟ ୱାର୍ଡ ନଂ. ୬ ରୁ ୱାର୍ଡ ନଂ. ୨୦ ପର୍ଯ୍ୟନ୍ତ ୧୫ ଗୋଟି ୱାର୍ଡ ମଧ୍ୟରେ ରଥ ପରିକ୍ରମା କରିବ ବୋଲି ପୌରସଂସ୍ଥା ପକ୍ଷରୁ ସୂଚନା ମିଳିଛି।

## ଟ୍ରକ ଧକ୍କାରେ ବାଇକ ଆରୋହି ମୃତ

# ବୁଝାମଣା ପରେ ରାସ୍ତା ଅବରୋଧ ହଟିଲା

ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ରେଳ ଷ୍ଟେସନ ତଥା ଓରିଆନ ହୋଟେଲ ଟ୍ରାଫିକ ଛକରେ ଏକ ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜାତୀୟ ରାଜପଥ ୨୬ରେ ଏକ ଟ୍ରକ ଓଆର୍୨୩ଇ ୮୭୭୬ ଜୁନାଗଡ଼ରୁ ଭବାନୀପାଟଣା ପଟକୁ ଯାଉଥିବା ବେଳେ ସାମ୍ନା ପଟେ ଛିଡ଼ା ହୋଇଥିବା ଅଟୋ ଓଡି୨୬ଡି୪୮୩୦ ଓ ୨ ଗୋଟି ବାଇକକୁ ଧକ୍କା ଦେବା ଫଳରେ ଜଣେ ବାଇକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଜୁନାଗଡ଼ ଥାନା ଅନ୍ତର୍ଗତ ଏକନା ଗୁଡା ଗ୍ରାମର ଜଗଦୀଶ ଧଙ୍ଗଡାମାଝୀ (୪୦) ହୋଇଥିବା ଜଣାପଡିଛି। ଅନ୍ୟ ଜଣେ ବାଇକ ଆରୋହୀ ଜୁନାଗଡ଼ ଥାନା ଅନ୍ତର୍ଗତ ବଳଦିଆମାଳ ଗ୍ରାମର ରାଜକୁମାର ମେହେରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ଫଳରେ ତାଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଅଟୋ ଡ୍ରାଇଭର ତେତେଲପଡା ଗ୍ରାମର ମଞ୍ଜନ ଭୋଇ ଅଟୋ



ରଖି ନିକଟରେ ଥିବା ଦୋକାନକୁ ଯାଇଥିବା ବେଳେ ତାଙ୍କ ଭେଣେଇ ଦେବଦତ୍ତ ମାଝୀ ଅଟୋରେ ବସିଥିଲେ ଯେମିତି ଟ୍ରକ ଅଟୋକୁ ଧକ୍କା ଦେଲା ସେ ଅଟୋରୁ ଡେଇଁ ପଡିବା ଫଳରେ ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟ ପକ୍ଷରେ ଟ୍ରକ ଡ୍ରାଇଭର ଫେରାର ଥିବା ବେଳେ ପୋଲିସ ଦୁର୍ଘଟଣା ଘଟେଇଥିବା ଟ୍ରକକୁ ଜବତ କରିଛି। ଟ୍ରକଟି ଜୁନାଗଡ଼ର ହୋଇଥିବା ଜଣା ପଡିଛି। ଆଜି ଶବ ବ୍ୟବଚ୍ଛେଦ ହେବା ପରେ ଜୁନାଗଡ଼ ପୋଲିସ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିବା ପରେ ପରିବାର ଲୋକେ ଶବକୁ ଧରି ସନ୍ଧ୍ୟା ୫ଟାରେ ଜୁନାଗଡ଼ ଥାନା ସମ୍ମୁଖରେ କ୍ଷତି ପୂରଣ ଦାବିରେ ଜାତୀୟ ରାଜପଥରେ ରାସ୍ତା ରୋକ କରିଥିଲେ। ଟ୍ରକ ମାଲିକକୁ କ୍ଷତିପୂରଣ ଦେବା ପାଇଁ ଜିଦ ଧରିଥିଲେ। ବହୁତ ବିଳମ୍ବରେ ଜିଲ୍ଲା ପ୍ରଶାସନ ପହଂଚି ବୁଝାମଣା କରିବା ପରେ ଅବରୋଧକାରି ରାତି ୧୨ଟା ୨୫ରେ ଅବରୋଧରୁ ହଟିଥିଲେ। ଜାତୀୟ ରାଜ ପଥ ଅବରୋଧ ଯୋଗୁଁ ଉଭୟ ପଟେ ଶହ ଶହ ଯାନବାହାନ ଅଟକି ରହିଥିବା ବେଳେ ଅନେକ ଯାତ୍ରୀ ହଇରାଣ ହରକତ ହେବା ସହ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା।

# ଧଅରପୁର ପଞ୍ଚାୟତରେ ବିକାଶ ବାହନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ ଧଅରପୁର ପଞ୍ଚାୟତ ପରିସରରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲବ୍ଧି ଓ ବିକାଶ ବାହନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବ୍ଲକ ଜିପିଡିଓ ଦେବୀ ପ୍ରସାଦ ମେହେର, ବିଜେପି



ପ୍ରଭାରୀ ଟଙ୍କଧର ଅଟି, ଧଅରପୁର ପଞ୍ଚାୟତ ବିଜେପି ସଭାପତି ଟିକେଶ୍ୱର ନାଏକ, ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ମହେନ୍ଦ୍ର ମାଝୀ, ପୂର୍ବତନ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ସମାଜ ସେବୀ ଧର୍ମାନନ୍ଦ ସେଠିଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ଦଣ୍ଡସେନା, ଏଡିଇଓ-ଗୌତମ ଦଳପତି, ଜିଏସ୍-ରିତାଞ୍ଜଳି ସେଠିଆ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ଅନେକ ଉପଲବ୍ଧି ବିଷୟରେ ଅଭିଭାଷଣ ରଖିଥିଲେ। ନୂତନ ସରକାର ଗଠନ ହେବା ପରେ ଏକ ବର୍ଷ ପୂର୍ତ୍ତିରେ ୯ଟି ବିଭିନ୍ନ ଯୋଜନାର ଉପଲବ୍ଧି ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ସୁଭଦ୍ରା, ଖଡ଼ିଛୁଆ, ଅନ୍ତ୍ୟୋଦୟଗୃହ, ଆୟୁଷମାନ ଭାରତ, ସିନିୟରସିଟି ଭତ୍ତା, ପିଏମ୍ ଜନମନ, ଲକ୍ଷପତି ଦିଦି ଓ ପିଏମ୍ ସୌର ଘର ଆଦି ରହିଥିବା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପଦଧିକାରୀ, ଏସ୍‌ଏସ୍‌ଜି ମହିଳା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ସମେତ ସାଧାରଣ ଜନତାଙ୍କ ସମାଗମ ରହିଥିବା ଜଣାପଡିଛି।

## କଥା ଦେଇ କଥା ରଖିଲେ ବିଡ଼ିଓ

# ଦମ୍ପତିଙ୍କୁ ମିଳିଲା ସରକାରୀ ସୁବିଧା

ଓଡ଼ିଶା ଭାସ୍କର ପ୍ରଭାବ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଜଣେ କର୍ମନିଷ୍ଠା ଦକ୍ଷ ପ୍ରଶାସନ ଅଧିକାରୀ ପାଲଟିଛନ୍ତି ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ। ଦୀର୍ଘ ବର୍ଷ ଧରି ପ୍ରଶାସନ ଅବହେଳାର ଶିକାର ସାଜିଥିବା ଦମ୍ପତିଙ୍କ କରୁଣ କାହାଣୀ ଓଡ଼ିଶା ଭାସ୍କରରେ ପ୍ରସାରଣ ପରେ ତତ୍ପରତା ଭାବେ ସହାୟତାର ହାତ ବଢ଼େଇ ଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ। ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ପଞ୍ଚାୟତ ଘଣ୍ଟିଗୁଡା -ତେଲିପଡ଼ା ଗ୍ରାମର ଦମ୍ପତି ହରି ଗହୀର( ୮୨ ) ଓ ମାଳତୀ ଗହୀର(୮୦) ଦୋଦୋ ମାନ ସ୍ଥିତିରେ ଦୀର୍ଘଦିନରୁ ଜୀବନ କାଟୁଥିଲେ। ଭିକ୍ଷା ବୃତ୍ତିରେ ନିଜ ପ୍ରତିପୋଷଣ କରୁଥିବା ବେଳେ କେବେ ଚୁଲିରେ ନିଆଁ ଲାଗୁଥିଲା ତ କେବେ ଉପବାସରେ ଦିନ କାଟୁ ଥିଲେ। ଏକ ନିଛାଟିଆ ସ୍ଥାନରେ ଝାଟି କୁଡ଼ିଆଟେ କରି ରହି ଆସୁଛନ୍ତି। ଏପରିକି ୮୦ବର୍ଷ ଅତିକ୍ରମ କରିଥିଲେ ହିଁ ବାର୍ଦ୍ଧକ୍ୟ ଭତ୍ତା ଖଣ୍ଡକ ଦୂରର



କଥା ଖାଦ୍ୟ ସୁରକ୍ଷା ଆଇନ ବ୍ୟବସ୍ଥାରୁ ବଞ୍ଚିତ ରହି ଆସୁଛନ୍ତି। ଦୁର୍ଦ୍ଦିନ ଜୀବନ ଭିତରେ କାଳ କାଟୁଥିବା କଥା ଓଡ଼ିଶା ଭାସ୍କର ଖବର କାଗଜରେ ପ୍ରସାରଣ ହେବା ପରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦମ୍ପତିଙ୍କ ସ୍ଥିତି ପରଖିବାକୁ ଦ୍ୱାର ମୁହଁରେ ପହଞ୍ଚି ଥିଲେ। ଉଭୟ ଦମ୍ପତି ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ସବୁଠି ବଡ଼ କଥା ଦମ୍ପତି ଦୁହିଁଙ୍କ ଆଧାର କାର୍ଡ କିମ୍ବା ଭୋଟ ପରିଚୟ କାର୍ଡ ନ ଥିବା ଯୋଗୁଁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ତଦାରଖରୁ ଜାଣି ପାରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତତ୍‌କ୍ଷଣି ଦ୍ୱାର ମୁହଁରେ ସେବା ଯୋଗାଇ ଦେଇ ଆଧାର କାର୍ଡ ନିର୍ମାଣ କରିଥିଲେ। ଆଧାର କାର୍ଡ ପରେ ଗତ ଏପ୍ରିଲ ମାସରେ ହରି ଗହୀରଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଥମ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ବୃଦ୍ଧା ମାଳତୀ ଗହୀରଙ୍କୁ ଭତ୍ତା ଯୋଗାଇ ଦେବାକୁ କଥା ଦେଇଥିଲେ। ତେବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେଇଥିବା ପ୍ରତିଶ୍ରୁତି ଏବେ ସତରେ ପରିଣତ ହୋଇଛି। ସୋମବାର ଦିନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଦମୟନ୍ତି ନାଏକ, ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ, ଜିପିଡିଓ-ଦେବୀ ଚରଣ ମେହେର, ବିଆର୍‌ସି -ସୁଚିସ୍ମିତା ମୁଣ୍ଡ, ବିଜେପି ସାଂସଦ ପ୍ରତିନିଧି ଘନଶ୍ୟାମ ପଟେଲ, ବିଜେପି ପର୍ଲା ମଣ୍ଡଳ ସଭାପତି ଅକ୍ଷୟ ମେହେର, ଅମୃତ ବାଗ ପ୍ରମୁଖ ଭତ୍ତା ଟଙ୍କା ଦେଇଥିଲେ। ଏଥିସହ ଅନ୍ତ୍ୟୋଦୟ ଘର, ଘର ଡିହ, ରାସନ କାର୍ଡ଼ ଯୋଗାଇ ଦେଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ପ୍ରକାଶ କରିଛନ୍ତି। ତେବେ ବିଡ଼ିଓଙ୍କ ଏଭଳି ପଦକ୍ଷେପକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

# ଡ୍ରାଇଭର ମହାସଂଘର ପ୍ରସ୍ତୁତି ବୈଠକ

ନର୍ଲା (ଭାସ୍କର ନ୍ୟୁଜ୍) : ଡ୍ରାଇଭର୍ ମାନଙ୍କ ବିଭିନ୍ନ ଦାବିକୁ ନେଇ ଅଲ୍ ଓଡିଶା ଡ୍ରାଇଭର୍ ମହାସଂଘ ଜୁଲାଇ ମାସର ଆଠ ତାରିଖରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ଡାକରା ଦେଇଥିବା ବେଳେ ତାକୁ ସମର୍ଥନ କରିବା ପାଇଁ ନର୍ଲା ଡ୍ରାଇଭର୍ ମହାସଂଘ ତରଫରୁ ମଧ୍ୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ଡ୍ରାଇଭର୍ ମହାସଂଘର କୋଷାଧ୍ୟକ୍ଷ ଓ ତାଙ୍କ ସହଯୋଗୀଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ବୈଠକରେ କଳାହାଣ୍ଡି ଜିଲ୍ଲା ଡ୍ରାଇଭର୍ ମହାସଂଘର କୋଷାଧ୍ୟକ୍ଷ ଦାଶରଥି ସାହୁଙ୍କ ସହିତ ଶତାଧିକ ଡ୍ରାଇଭର ଭାଇ ଉପସ୍ଥିତ ଥିଲେ। ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ନର୍ଲା ଡ୍ରାଇଭର୍ ମହାସଂଘ ଭାଗନେବା ପାଇଁ ପ୍ରସ୍ତୁତ ହେବା ପାଇଁ ବୈଠକରେ ଆଲୋଚନା କରିବା ସହିତ ସ୍ଥାନୀୟ ପୋଲିସ୍ ପ୍ରଶାସନକୁ ଲିଖିତ ଅବଗତ କରୁଥିବା ସୂଚନା ମିଳିଛି। ପୁରୁଣା ସରକାର୍ ଡ୍ରାଇଭର୍ ମାନଙ୍କ କେବଳ ଗୋଟିଏ ମାତ୍ର ଦାବି ପୂରଣ କରିଛି। ବର୍ତ୍ତମାନ ସରକାର୍ ପରିବର୍ତ୍ତନ ହୋଇଛି ନୂତନ ସରକାର୍ ଏମାନଙ୍କ ବାକି ଥିବା ଦାବି ଗୁଡ଼ିକ ପୂରଣ କରୁ ନ ହେଲେ ତାହା ଆନ୍ଦୋଳନ ରୂପ ନେବ ବୋଲି ନର୍ଲା ଡ୍ରାଇଭର ସଂଘର କର୍ମକର୍ତ୍ତା ଜଣାଇଛନ୍ତି।

# ଶଙ୍କର ହେଲେ ଯାଦବ ସମିତିର ସଭାପତି ଓ ଅରକ୍ଷିତ ସମ୍ପାଦକ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ ଶେଷ ହୋଇ ଯାଇଛି। ବେହେରା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଯାଦବ ପୂଜକ ତୁଳସୀରାମ ଯୁଆଡ ଓ ଭବାନୀ ଶଙ୍କର ଖଡ଼ିକାର ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। ବ୍ଲକ ସଭାପତି ଶଙ୍କର ପ୍ରସାଦ ଯୁଆଡଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌସଧି ବାଗ ସମ୍ମାନିତ ଅତିଥି ଜିଲ୍ଲା ଯାଦବ ସଭାପତି ନୃପରାଜ ଯାଦବ, ଅଭ୍ୟର୍ଥନା ସଭାପତି ଗିରିଧାରୀ ଗୌଡ଼, ପର୍ଯ୍ୟବେକ୍ଷକ ଲିଙ୍ଗରାଜ ଗହୀର, ଜିଲ୍ଲା ସଭାନେତ୍ରୀ ରଶ୍ମିରେଖା ରାଉତ, ଧର୍ମଗଡ଼ ଏନ୍‌ଏସି ସଭାପତି ଅନିରୁଦ୍ଧ ଲହଜଳ, ଯୁବ ସଭାପତି ଲବଣି ରାଉତ, ଜିଲ୍ଲା ପରିଷଦ ପ୍ରଣବ ଭଇସାଲ,ଜଗଦିଶ ନାଗ, ପ୍ରମୋଦ ହଂସ, ହୃଷିକେଶ ବାଗ, ତୁଳସୀରାମ ବାରିକ, ଟିକମନ ଯାଦବ,ଭବାନୀପାଟଣା ସମ୍ପାଦକ ସତ୍ୟନାରାୟଣ ବିଶି, ନଳିନୀ ରାଉତଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ଶଙ୍କର ପ୍ରସାଦ ଯୁଆଡଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିବା ବେଳେ ସମ୍ପାଦକ ଭାବେ ଅରକ୍ଷିତ ଭଇସାଲ, ଉପସଭାପତି ତୁଳସୀରାମ ଯୁଏଡ, ଭବାନୀ ଖଡ଼ିକାର, ସହସମ୍ପାଦକ ଗୌତମ ବାଗ, କୋଷାଧ୍ୟକ୍ଷ ଜଗଦିଶ ନାଗଙ୍କୁ ମନୋନୀତ କରାଯାଇଛି। ମହିଳା ସଭାନେତ୍ରୀ ଭାବରେ କାଞ୍ଚନ ମାଳା ଗୋପାଳ ଓ ଯୁବ ଯାଦବ ସଭାପତି ଭାବରେ ପ୍ରଣବ ଭଇସାଲ, ସମ୍ପାଦକ ନିର୍ମଳ ଗୋପାଳ, ଉପସଭାପତି ମଧୁସୂଦନ ଗୋପାଳ, ସହସମ୍ପାଦକ ଟଙ୍କଧର କାଣ୍ଡ, କୋଷାଧ୍ୟକ୍ଷ ବଂଶୀ ଗୋପାଳଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମକୁ ନିରାକାର ଗୋପାଳ ପରିଚାଳନା କରିଥିବା ବେଳେ ପତିରାମ ହଂସ ସ୍ୱାଗତ ଭାଷଣ ପ୍ରଦାନ କରଥିବା ବେଳେ ଅରକ୍ଷିତ ଭଇସାଲ ଧନ୍ୟବାଦ ପ୍ରଦାନ କରିଥିଲେ। ଅଞ୍ଚଳ ସଭାପତି ନରୋତ୍ତମ ବାଗ, ଅରକ୍ଷିତ ନାଗ, କାର୍ତ୍ତିକ ଛତ୍ରିଆ, ଗଣେଶ ଗୋପାଳ, ଧନିରାମ ଗୋପାଳ, ରିକ୍ଷୀରାମ ବାରିକ, ଗୌର ବାଗ, ସୁରେନ୍ଦ୍ର ଯୁଆଡ, ବୈକୁଣ୍ଠ କାଣ୍ଡ, ଉଛବ ହଂସ, ଜଗନ୍ନାଥ ନାଏକ, ଗୌରାଙ୍ଗ ଭଇସାଲ, ଦୁଃଶାସନ ଗୋପାଳ, ଶଶୀଧର ନାଗ, ଚୌବନ କଟା, ହୀରାଲାଲ ହଂସ, ଶତ୍ରୁଘନ ଲହଜଳ, ସୁରେଶ ଭଇସାଲ ପ୍ରମୁଖ ସହଯୋଗ କରିଥିଲେ।

# ଶୋଷ ମେଣ୍ଟାଇ ପାରୁନି ସୌର ଚାଳିତ ଜଳ ପ୍ରକଳ୍ପ



କୋକସରା, (ଭାସ୍କର ନ୍ୟୁଜ୍) : ଖରା, ବର୍ଷା, ଶୀତ ବର୍ଷର ୧୨ ମାସ, ସବୁବେଳେ ଗାଁରେ ଦେଖା ଦେଇଥାଏ ଜଳ ସମସ୍ୟା। ଯାହା ଫଳରେ ପାନୀୟ ଜଳ ଟିକକ ପାଇଁ ନିଇତି ଦୁର୍ଦ୍ଦଶା ଭୋଗୁଛନ୍ତି ଗାଁ ଲୋକେ। ଏମିତିରେ ଗାଁରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଲୋକଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। ଏମିତି ଏକ ଚିତ୍ର ଦେଖିବାକୁ ମିଳୁଛି କୋକସରା ବ୍ଲକ ମଙ୍ଗଳପୁର ଗ୍ରାମରେ। ଏହି ଗାଁରେ ପାଖାପାଖି ୫ ଶହ ଜନସଂଖ୍ୟା ରହିଛି। ଏ ମାନଙ୍କ ପାନୀୟ ଜଳ ବ୍ୟବହାର ନିମନ୍ତେ ୨ଟି ନଳକୂପ ସହ ଗୋଟିଏ ସୌର ଚାଳିତ ଜଳ ପ୍ରକଳ୍ପ ରହିଛି। ତନ୍ମଧ୍ୟରୁ ଗୋଟିଏ ନଳକୂପରୁ କେବେ କେମିତି ପାଣି ବାହୁଥିବାବେଳେ ଗାଁ ବାହାରେ ଥିବା ଅନ୍ୟ ଏକ ନଳକୂପରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନାହିଁ। ଏମିତି କି ସୌର ଚାଳିତ ଜଳ ପ୍ରକଳ୍ପରୁ ମଧ୍ୟ ଠିକ୍ ହିସାବରେ ପାଣି ଆସୁନାହିଁ। ଏବଂ ମଟର ମଧ୍ୟ ପ୍ରୋବ୍ଲେମ ରହିଛି। ଗତ କିଛି ମାସ ଆଗରୁ ପାନୀୟ ଜଳ ପ୍ରକଳ୍ପରୁ ପାଇପ୍ ଯୋଗେ ମଙ୍ଗଳପୁର ବସ୍ତିକୁ ପାଣି ଯୋଗାଣ ହେଉଥିଲା। ହେଲେ ପାଇପ୍ ଲାଇନରେ କୌଣସି ତୃଟି କାରଣରୁ ଏବେ ଆଉ ପାଣି ଆସୁନାହିଁ। ଯାହା ଫଳରେ ଗାଁରେ ଘୋର ଜଳ ସମସ୍ୟା ଦେଖାଦେଇଛି। ପୂର୍ବରୁ ଏହି ଗାଁରେ ପାନୀୟ ଜଳ ନିମନ୍ତେ ପ୍ରଶାସନ ପକ୍ଷରୁ ନଳକୂପ ଖୋଲିବା ପାଇଁ ଅନେକ ଚେଷ୍ଟା କରାଯାଇଛି। ହେଲେ ନଳକୂପ ଖନନ କଲେ ସଫଳ ହେଉ ନାହିଁ। ଏହା ପରଠାରୁ ଗାଁରେ ନଳକୂପ ଖୋଲିବା ପାଇଁ ପ୍ରଶାସନ ଚେଷ୍ଟା କରି ନାହିଁ। କିମ୍ବା ପାନୀୟ ଜଳ ପାଇଁ କୌଣସି ବ୍ୟବସ୍ଥା କରିବାକୁ ଚେଷ୍ଟାକରା ଯାଇ ନଥିବା ଗ୍ରାମର ମଙ୍ଗରାଜ ନାଗ, ସତ୍ୟାନନ୍ଦ ନାଏକ, ଅଙ୍ଗଦ ନାଗ, ରିଖିରାମ ପୋଟା, ଇଶରାମ ନାଏକ, ବେଣୁଧର ନାଏକ, ସନୁରାମ ପୋଟା, ଶୁଭମ କୁମାର ନାଗ, କୈଳାଶ ନାଏକ, ରିଖିରାମ ନାଏକ ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜଳ ସମସ୍ୟାକୁ ନେଇ ଗାଁ ଲୋକେ ବହୁବାର ପ୍ରଶାସନକୁ ଜଣାଇଛନ୍ତି। କିନ୍ତୁ ଏଥିପ୍ରତି ଦୃଷ୍ଟି ପଡୁ ନାହିଁ। ଲୋକେ ଜଳ ସମସ୍ୟା କଥା ପଚାରିଲେ ମେଗା ପାନୀୟ ଜଳ ପ୍ରକଳ୍ପ କୁ ଆଳ ଦେଖାଇ ଜଳ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ଧ୍ୟାନ ଦେଉ ନାହିଁ। ଯାହା ଫଳରେ ଗାଁରେ ବର୍ଷର ୧୨ ମାସ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଜଳ ସମସ୍ୟା ଦୂର କରିବାକୁ ଗାଁ ବାହାରେ ଆଉ ଏକ ଡିପ୍ ବୋରୱେଲ ଖୋଲି ପାଇପ୍ ଯୋଗେ ପାଣି ଯୋଗାଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏବଂ ବର୍ତ୍ତମାନ ପରିସ୍ଥିତିରେ ଗାଁରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପକୁ ଠିକ୍ କରିବା ସହ ସିଘ୍ର ପାଇପ୍ ବିଛାଇ ଜଳ ଯୋଗାଣ କରିବା ପାଇଁ ଦାବି ହୋଇଛି। ଏନେଇ କୋକସରା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କୁ ପଚାରିବାରୁ ଗାଁରେ ପାଇପ୍ ନିଆଯାଇଛି, ସିଘ୍ର ପାଇପ୍ ବିଛାଇବା ପାଇଁ ବ୍ୟବସ୍ଥା କରୁଛୁ ବୋଲି କହିଛନ୍ତି। ସେହିପରେ ସାନପୋଡାଗୁଡା ସରପଞ୍ଚ ଜୟରାମ ନାଗଙ୍କୁ ପଚାରିବାରୁ ସେ ମଧ୍ୟ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ କହିଛନ୍ତି।

# କେସିଙ୍ଗାରେ ସିଟିଜନ ଫୋରମ୍‌ର ମାସିକ ବୈଠକ

କେସିଙ୍ଗା, (ଭାସ୍କର ନ୍ୟୁଜ୍) :କଳାହାଣ୍ଡି ଜିଲ୍ଲା କେସିଙ୍ଗା ସିଟିଜନ ଫୋରମ୍ ର ମାସିକ ବୈଠକ ଫୋରମ୍ ସଭାପତି ଡ. ହେମସାଗର ସାହାଙ୍କ ଅଧକ୍ଷତା ରେ ସ୍ଥାନୀୟ ବିଦ୍ୟାପୀଠ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସମ୍ପାଦକ ବିସିଏସ୍ ଆଚାରି ପୂର୍ବ ବୈଠକର ବିବରଣୀ ପଠନ ପରେ ଦୃଢ଼ୀକରଣ କରାଯାଇଥିଲା। ଉକ୍ତ ବୈଠକରେ ଡ. ସାହା କେସିଙ୍ଗା ସହରର ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ଏଥିରେ ପୋଲିସ ବିଭାଗର ନିଷ୍କ୍ରିୟତା ଯୋଗୁଁ ବେଆଇନ ମଦ ବିକ୍ରି ପ୍ରସଙ୍ଗ ଓ ପୋଲିସ ବିଭାଗ ପକ୍ଷରୁ କେସିଙ୍ଗାରେ କମ୍ ପୋଲିସ କର୍ମୀ ନିଯୁକ୍ତି ଥିବାରୁ ଜନସାଧାରଣଙ୍କ ସେବାରେ ବାଧା ଉପୁଜୁଥିବା ଫଳରେ କେସିଙ୍ଗା ଥାନାରେ ଅଧିକ ପୋଲିସ୍ କର୍ମୀ ନିଯୁକ୍ତି, କେସିଙ୍ଗା ସରକାରୀ ଚିକିତ୍ସାଳୟରେ ଦୀର୍ଘ ୧୫ ବର୍ଷ ହେଲା ମେଡ଼ିସିନ୍ ବିଶେଷଜ୍ଞ ଖାଲି ଥିବା ଯୋଗୁଁ ତୁରନ୍ତ ନିଯୁକ୍ତି, ପ୍ରସୂତି ବିଭାଗରେ ଅନେକ ଗର୍ଭବତୀ ମହିଳା ଆସୁଥିବାବେଳେ ଚିକିତ୍ସାଳୟରେ ଜଣେ ପ୍ରସୂତି ବିଶେଷଜ୍ଞ ଥିବାରୁ ଆଉ ଏକ ବିଶେଷଜ୍ଞଙ୍କର ଆବଶ୍ୟକ ଦୁଇ ଜଣ ପ୍ରସୂତି ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଚିକିତ୍ସାଳୟରେ ପୂର୍ବରୁ ରକ୍ତ ଭଣ୍ଡାର ଥିବାବେଳେ ବର୍ତ୍ତମାନ ତାହା ବନ୍ଦ ହୋଇଥିବାରୁ ତାହାକୁ ପୁଣିଥରେ ଆରମ୍ଭ କରିବା, ନିଦାନ ସ୍କିମ ତରଫରୁ ରକ୍ତ ସଂଗ୍ରହ କରିବା, ରୋଗୀ ସଂଖ୍ୟା ବୃଦ୍ଧି ଯୋଗୁଁ ସେମାନଙ୍କ ପାଇଁ ଶଯ୍ୟା ଅଭାବ ଥିବାରୁ ଆଉ କେତେ ଶଯ୍ୟା ଆବଶ୍ୟକ ପୁରଣ କରିବା, ବାଲସି, ସିରୋଲ୍ ଓ ପରଲସିଙ୍ଗା ପଞ୍ଚାୟତକୁ ନେଇ ଏକ ସ୍ୱତନ୍ତ୍ର ମେଗା ପ୍ରୋଜେକ୍ଟ ସ୍ଥାପନ କରାଯାଇ କେସିଙ୍ଗା ତେଲ ନଦୀରୁ ଜଳ ସଂଯୋଗ କରିବା ପାଇଁ ଦାବି ହୋଇଛି। ଏପରି ଭବାନୀପାଟଣାରୁ କେସିଙ୍ଗା ଦେଇ ବ୍ରହ୍ମପୁରକୁ ଏକ ସରକାରୀ ବସ୍ ଚଳାଚଳ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିବା ବେଳେ ଇସ୍ପାତ ଟ୍ରେନ ସପ୍ତାହରେ ଦୁଇ ଦିନ ରାୟଗଡ଼ା କୋରାପୁଟ ଭାୟା ଟିଟିଲାଗଡ ଦେଇ ଚଳାଇବା, ଧର୍ମଗଡରୁ କେସିଙ୍ଗା ଦେଇ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହା ଜେଡ୍ ଆର୍‌ୟୁସିସି ବୈଠକରେ ଉପସ୍ଥାପନା କରିବାପାଇଁ ସଭାପତି ଡ ସାହାଙ୍କୁ କ୍ଷମତା ଅର୍ପଣ କରାଗଲା। ଶେଷରେ ସିଟିଜନ ଫୋରମର ପରାମର୍ଶ ଦାତା ବିନୟ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଫୋରମ ପକ୍ଷରୁ ହରିଶଙ୍କର ଭୋଇ ରଞ୍ଜନ କୁମାର ପଣ୍ଡା , ରମେଶ କୁମାର ଜେନା , ବି ମୁରଲୀଧର ଆଚାରି, ଉମାଶଙ୍କର ସାହୁ ,ବୈଷ୍ଣବ ଚରଣ ସାହା, ଶତ୍ରୁଘନ ନାଏକ, ହରିଶଙ୍କର ପୁଟେଲ , ବିଦ୍ୟାଧର ସାହୁ , ବେଣୁଧର ମହଲା,ଡମ୍ବରୁଧର ଭୋଇ,ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଶିଫଳ

ବୁଧବାର, ୧୮ ଜୁନ୍ ୨୦୨୫




**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। କେତେକଙ୍କ ପାଇଁ ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ଆପଣଙ୍କ ମନରେ କାର୍ଯ୍ୟର ଚାପ ସତ୍ତ୍ୱେ, ଆପଣଙ୍କର ପ୍ରିୟ ଖୁସିର ମୁହୂର୍ତ୍ତ ଆଣିଦେବେ।



**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ।



**ମିଥୁନ:** ଧର୍ଯ୍ୟବାନ ହୁଅ, କାରଣ ଆପଣଙ୍କର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ । ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ। କୌଣସି ପ୍ରକାରର ବିନିଯୋଗ କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରନ୍ତୁ ।



**କର୍କଟ:** ଆପଣ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତାର ଅଭାବ ଆପଣଙ୍କୁ ଚାପ ଦେଇପାରେ। ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ । ତାଙ୍କୁ ଆଶ୍ଚର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ତାଙ୍କ ପାଇଁ ଏକ ସୁନ୍ଦର ଦିନରେ ପରିଣତ କରିବାକୁ ଚିନ୍ତା କରନ୍ତୁ।



**ସିଂହ:** ଘରର ପରିବେଶ ସୁଖଦ ହେବ। ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣଙ୍କର ବ୍ୟକ୍ତିତ୍ୱର ଉନ୍ନତି ହୋଇପାରେ। ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି। ଆପଣ ରୋଜଗାରର ସୁଯୋଗ ପାଇପାରିବେ।



**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ। ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ। ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ।



**ତୁଳା:** ଆଜି ଆପଣଙ୍କୁ ଆରାମ ଏବଂ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ। ନୂତନ ଚିନ୍ତାଧାରା ଯାଞ୍ଚ କରିବାର ଉତ୍ତମ ସମୟ।



**ବିଛା:** ଆପଣ ଆରାମ ଅନୁଭବ କରିବେ। ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ। ତୁମର ଯାତ୍ରା ଲାଭଦାୟକ ହେବ। ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇ ପାରିବେ। ଛାତ୍ରମାନେ ସେମାନଙ୍କ ଅଧ୍ୟୟନରେ ଆଗ୍ରହ ବଢାଇ ପାରିବେ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ, ଆଜି ଆପଣଙ୍କ ପ୍ରିୟ ଲୋକଙ୍କଠାରୁ ଉପକୃତ ହେବ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ । ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଶୀଘ୍ର ଟଙ୍କା ରୋଜଗାର କରିବାକୁ ଆପଣଙ୍କର ପ୍ରବଳ ଇଚ୍ଛା ଅଛି । ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ । ବୋଧହୁଏ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକି ଯାଇପାରେ। ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ। ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ। ଯଦି ଆପଣ ଆଜି ପ୍ରକୃତରେ ଲାଭ ଚାହୁଁଛନ୍ତି ତେବେ ଅନ୍ୟମାନଙ୍କ ମତାମତକୁ ଭଲଭାବେ ଶୁଣନ୍ତୁ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯